# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅକ୍ଟୋବର ୮/୨୦୨୦ (୧୬ ପୃଷ୍ଠା) | Sambalpur, Thursday, October 8/2020 | ★★

୧୬ଶ ଭାଗ ୨୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ନର୍ଗିସଙ୍କ ଫଟୋକୁ ନେଇ ଚର୍ଚ୍ଚା

ଅଭିନେତ୍ରୀ ନର୍ଗିସ ଫକ୍ରି ବିକିନି ପିନ୍ଧି ରୋଷେଇ କରୁଥିବାର ଫଟୋ ଚର୍ଚ୍ଚାକୁ ଆସିଛି। ତାଙ୍କ ଫିଟ୍‌ନେସକୁ ନେଇ ଲୋକେ ଖୁବ୍ ଇମ୍ପ୍ରେସ୍ ହୋଇଛନ୍ତି।

୧୧

୧୪

## କ୍ୱିଟୋଭା ସେମିଫାଇନାଲରେ

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଚେକ୍‌ରିପବ୍ଲିକର ପେଟ୍ରା କ୍ୱିଟୋଭା।



# ପେଟ୍ରୋଲ ପମ୍ପରେ ବିସ୍ଫୋରଣ

- ଫାଟିଲା ଏଲ୍‌ପିଜି ଟାଙ୍କି
- ଦେଢ଼ କିଲୋମିଟର ଭୂମିକମ୍ପ ଭଳି ଅନୁଭବ
- ୧୦ ଆହତ,୨ ଗୁରୁତର
- ଆହତଙ୍କ ମାଗଣା ଚିକିତ୍ସା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ରାଜଭବନ ନିକଟରେ ଥିବା ପେଟ୍ରୋଲ ପମ୍ପରେ ବୁଧବାର ମଧ୍ୟାହ୍ନରେ ଭୟଙ୍କର ବିସ୍ଫୋରଣ ଘଟିଛି। ପମ୍ପ ନିକଟରେ ଥିବା ଏକ ଏଲ୍‌ପିଜି ଟାଙ୍କିରେ ନିଆଁ ଲାଗି ଯାଇଥିଲା। ବିସ୍ଫୋରଣର ଭୟାବହତା ଏତେ ଥିଲା ଯେ, ମାତ୍ର କେଇ ସେକେଣ୍ଡରେ ଉକ୍ତ ଅଞ୍ଚଳକୁ ଛାରଖାର କରି ଦେଇଥିଲା। ଏପରି କି ପ୍ରାୟ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ଭୂକମ୍ପ ଭଳି ଅନୁଭୂତ ହୋଇଥିଲା। ବିସ୍ଫୋରଣ ଯୋଗୁ ୩ଶହ ଫୁଟ ଉଚ୍ଚର ନିଆଁ ଜଳିଥିଲା। ଏପରି କି ଆକାଶରୁ ଯେମିତି ନିଆଁ ସହ ବାଲି, ମାଟି ଏବଂ ପଥର ବର୍ଷା ହୋଇଥିଲା।




ଭୁବନେଶ୍ୱର ରାଜଭବନ ନିକଟ ପେଟ୍ରୋଲ ପମ୍ପର ଏଲ୍‌ପିଜି ଟାଙ୍କିରେ ବିସ୍ଫୋରଣ ଘଟି ଲାଗିଥିବା ନିଆଁ ।

ଟାଙ୍କି ପରିସରରେ ଥିବା ଅନେକ ଲୋକ ଗାଡ଼ି ମୋଟର ଛାଡି ଜୀବନ ବଞ୍ଚାଇବାକୁ ଦୌଡ଼ିଥିଲେ। ପେଟ୍ରୋଲ ଟାଙ୍କିରେ ଥିବା ୨୫ଜଣଙ୍କ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। କେତେଜଣ ଆହତଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ବାଇକରେ ନେଇଯାଇଥିବା ବେଳେ ପରେ ଆମ୍ବୁଲାନ୍ସ ଆସି ଅନ୍ୟମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ଗୁରୁତର ୨ ଆହତଙ୍କୁ କଟକ ବଡ଼ ☞ପୃଷ୍ଠା–୪

# ୨ଜଣଙ୍କୁ ରସାୟନ ବିଜ୍ଞାନରେ ନୋବେଲ



ଇମାନୁଏଲ ଚାର୍ପେଣ୍ଟିୟର୍, ଜେନିଫର୍ ଏ. ଡୁଡନା

- ବିକଶିତ କରିଛନ୍ତି ଜିନ୍ ଏଡିଟିଂ ଟେକ୍‌ନିକ୍

ଷ୍ଟକହୋମ୍, ୭।୧୦

'ଜିନ୍ ଏଡିଟିଂ ଟେକ୍‌ନିକ୍ ବା ଗୁଣସୂତ୍ର ସଂଶୋଧନ କୌଶଳ' ବିକଶିତ କରିଥିବା ଦୁଇ ବୈଜ୍ଞାନିକ ବୁଧବାର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଜିତିଛନ୍ତି। ସେମାନେ ହେଲେ ଫ୍ରାନ୍ସର ଇମାନୁଏଲ ଚାର୍ପେଣ୍ଟିୟର୍ ଏବଂ ଆମେରିକାର ଜେନିଫର୍ ଏ. ଡୁଡନା। ସେମାନଙ୍କ ଉକ୍ତ କୌଶଳ 'ସିଆର୍‌ଆଇଏସ୍‌ପିଆର୍–ସିଏଏସ୍୯ ଡିଏନ୍‌ଏ ସ୍ନିପିଂ ଟୁଲ୍ ବା ମଲିକ୍ୟୁଲାର ସିଜର୍ସ( ଆଣବିକ କଇଁଚି)' ଭାବେ ଜଣାଶୁଣା। ଏହାଦ୍ୱାରା ଗବେଷକମାନେ ପ୍ରାଣୀ, ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ପ୍ରାଣୀ ହିଂସାର ନିଚ୍ଛକ ଛବି

# କାମ ଦେଉନି ଅକ୍ଷୟ ଶକ୍ତି ନୀତି

- ନିରୁତ୍ସାହଜନକ ଶକ୍ତି ଉତ୍ପାଦନ
- ଓରେଡା, ଜେଡ୍‌କଲ ଉଦାସୀନତାକୁ ଦାୟୀ କଲେ ସିଏଜି
- ଜମି ଯୋଗୁ ବନ୍ଦ ରହିଛି ଅଲଟ୍ରା ସୌର ପ୍ରକଳ୍ପ
- ଓଡ଼ିଶାରେ ରହିଛି ୨୭ ହଜାର ମେଗାୱାଟ୍ ଉତ୍ପାଦନ ସୁଯୋଗ

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ଦେଶ ତଥା ରାଜ୍ୟରେ ଶକ୍ତି ଚାହିଦା ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ପାରମ୍ପରିକ ଶକ୍ତିଗୁଡ଼ିକ ଉପରେ ଚାପ ବୃଦ୍ଧି ପାଇବା ସହ ଉତ୍ପାଦନ ଖର୍ଚ୍ଚ ବଢୁଥିବାରୁ ବିକଳ୍ପ ଭାବେ କ୍ଷୁଦ୍ର ଜଳ ବିଦ୍ୟୁତ୍ ଶକ୍ତି, ସୌର, ପବନ, ବାୟୋଗ୍ୟାସ୍ ଭଳି ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ମଧ୍ୟ ଏଭଳି ଶକ୍ତି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ହେଲେ ବିଭାଗୀୟ ଉଦାସୀନତା ଯୋଗୁ ଏହି ଶକ୍ତି ଉତ୍ପାଦନ ବାଟବଣା ହୋଇଛି। କେବଳ ସେତିକି ନୁହେଁ ପ୍ରକଳ୍ପ ପାଇଁ ସମ୍ପୂର୍ଣ୍ଣ ରିପୋର୍ଟ (ଡିପିଆର୍)ପ୍ରସ୍ତୁତ କରିବା ଏବଂ ଜମି ଯୋଗାଡ଼ କରିବାରେ ଅକ୍ଷମତା ଯୋଗୁ କେନ୍ଦ୍ରୀୟ ସହାୟତା ମଧ୍ୟ ହରାଇବାକୁ ପଡିଛି। ଦୀର୍ଘ ବର୍ଷ ଧରି ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ରାଜ୍ୟ ସରକାର ଅକ୍ଷୟ ଶକ୍ତିର ବିକାଶ ପାଇଁ ଅକ୍ଷୟ ଶକ୍ତି ବିକାଶ ନୀତି–୨୦୧୬ କାର୍ଯ୍ୟକାରୀ କରିଥିଲେ ମଧ୍ୟ ତାହା ଫଳପ୍ରଦ ହେଉ ନାହିଁ। ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ଏବଂ ସବୁଜ ଶକ୍ତି ନିଗମ(ଜେଡ୍‌କଲ)ର ଉଦାସୀନତା ଯୋଗୁ ରାଜ୍ୟରେ ଅଣପାରମ୍ପରିକ ଶକ୍ତିର ବିକାଶ ହେଉ ନ ଥିବା ☞ପୃଷ୍ଠା–୪



## ଜେଲରୁ ମୁକୁଳିଲେ ରିଆ

☞ପୃଷ୍ଠା–୨




INAUGURAL CEREMONY
OF
ODISHA GRINDING UNIT
THE RAMCO CEMENTS LIMITED
HARIDASPUR, JAJPUR DISTRICT
BY
Sri Naveen Patnaik
Hon'ble Chief Minister of Odisha
on 8th October 2020 at 5 PM

In Presence of
Smt. Sarmistha Sethy, Hon'ble M.P., Jajpur
Shri. Pranab Kumar Balabantaray, Hon'ble MLA, Dharmasala
and
Shri. P.R. Venketrama Raja,
Chairman & Managing Director,
Shri. A.V. Dharmakrishnan,
Chief Executive Officer

THE RAMCO CEMENTS LIMITED
RAMCO

MAKE IN ODISHA

**ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ**

ଦକ୍ଷିଣ କଶ୍ମୀରର ସୋପିଆନ୍ ଜିଲା ସଗୁନ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତ୍ମସମର୍ପଣ ଲାଗି ପ୍ରଥମେ ପୋଲିସ କହିଥିଲା। ହେଲେ ସେମାନେ ଆଖିବୁଜା ଗୁଳିମାଡ଼ କରିବା ପରେ ସେନା ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ମଙ୍ଗଳବାର ରାତିରେ ୨ ଜଣ ଆତଙ୍କବାଦୀ ନିହତ ହୋଇଥିବାବେଳେ ବୁଧବାର ଆଉ ଜଣେ ନିହତ ହୋଇଛନ୍ତି।



ହାଥ୍‌ରସ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ବିରୋଧ କରି କୋଲକାତାରେ ତୃଣମୂଳ ମହିଳା କଂଗ୍ରେସ କର୍ମକର୍ତ୍ତାଙ୍କ ବିକ୍ଷୋଭ।

## ପାକିସ୍ତାନରେ ଗହମ କିଲୋ ୬୦ ଟପିଲା

**ଇସଲାମାବାଦ, ୭।୧୦**

ଆଗକୁ ପାକିସ୍ତାନରେ ଲୋକଙ୍କୁ ଖାଇବାକୁ ରୁଟି ମିଳିବନି। ଏନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ଦେଶରେ ଇତିମଧ୍ୟରେ ଗହମ କିଲୋ ପିଛା ଦାମ ୬୦ ଟଙ୍କା ଟପିଛି। ଗହମ ଦାମ ଅତୀତର ସମସ୍ତ ରେକର୍ଡ ଭାଙ୍ଗିଥିବା କୁହାଯାଉଛି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ସରକାର ଗହମ ଦାମ କିଲୋ ପିଛା ୪୦ ଟଙ୍କା ମଧ୍ୟରେ ସୀମିତ ରଖିବାକୁ ପ୍ରୟାସ କରିଥିଲେ ବି ଏହା ବିଫଳ ହୋଇଛି। ଏନେଇ ଲୋକଙ୍କ ମଧ୍ୟରେ ସରକାରଙ୍କ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। ଗହମ ଦର ବୃଦ୍ଧି ନେଇ ଖାଦ୍ୟଶସ୍ୟ ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପାଣ୍ଠି ଯୋଗାଇଦେବାର ଦାବି ହୋଇଛି।

# ରିଆ ଚକ୍ରବର୍ତ୍ତୀଙ୍କୁ ଜାମିନ

**ମୁମ୍ବାଇ, ୭।୧୦**



■ଡ୍ରଗ୍ସ ଲିଙ୍କ୍ ମାମଲାରେ ହୋଇଥିଲେ ଗିରଫ
■୨୯ଦିନ ପରେ ଜେଲରୁ ମୁକୁଳିଲେ
■ଭାଇ ସୌଭିକ ନିରାଶ

ଡ୍ରଗ୍ସ ଲିଙ୍କ୍ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଦ୍ୱାରା ଗିରଫ ହୋଇଥିବା ବଲିଉଡ୍ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ବମ୍ବେ ହାଇକୋର୍ଟ ବୁଧବାର ଜାମିନ ପ୍ରଦାନ କରିଛନ୍ତି। ୧ଲକ୍ଷ ଟଙ୍କାର ବଣ୍ଡ ଏବଂ ପାସ୍‌ପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜାମିନରେ ମୁକୁଳିବା ପରେ ୧୦ଦିନ ପର୍ଯ୍ୟନ୍ତ ନିକଟସ୍ଥ ପୋଲିସ ଷ୍ଟେଶନରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରିଆ ତଳକୋର୍ଟରେ ୧ଲକ୍ଷ ଟଙ୍କାର ବଣ୍ଡ ଦାଖଲ କରି ଦୀର୍ଘ ୨୯ଦିନ ପରେ ଜାମିନରେ ମୁକୁଳିଛନ୍ତି। ଅପରପକ୍ଷରେ ରିଆଙ୍କ ଭାଇ ସୌଭିକ ଚକ୍ରବର୍ତ୍ତୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ସୌଭିକଙ୍କୁ ଜାମିନ ପ୍ରଦାନ କରାଗଲେ ତଦନ୍ତରେ ବାଧା ସୃଷ୍ଟି ହେବା ସମ୍ଭାବନା ଥିବାରୁ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି।

ରିଆ ତାଙ୍କ ଜାମିନ ଆବେଦନରେ ଦର୍ଶାଇଥିଲେ ଯେ, ସୁଶାନ୍ତଙ୍କ ସହ ଯେଉଁମାନେ ଘନିଷ୍ଠ ଥିଲେ ସେମାନେ ଡ୍ରଗ୍ସ ଯୋଗାଉଥିଲେ। ହେଲେ ଏବେ ତାଙ୍କୁ ଏବଂ ତାଙ୍କ ଭାଇକୁ ଟାର୍ଗେଟ କରାଯାଇ ଫସାଇ ଦିଆଯାଇଛି। ଡ୍ରଗ୍ସ ଲିଙ୍କ୍ ଘଟଣାରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି ଆବେଦନରେ ଦର୍ଶାଇଥିଲେ। ଅପରପକ୍ଷରେ ଆବେଦନର ଶୁଣାଣି ପରେ ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ, ରିଆ ଡ୍ରଗ୍ସ ଡିଲରଙ୍କ ସହ ସାମିଲ ଥିବା ନେଇ କୌଣସି ପ୍ରମାଣ ମିଳୁନାହିଁ କିମ୍ବା ସେ କୌଣସି ଆର୍ଥିକ କାରବାର ଉଦ୍ଦେଶ୍ୟରେ କାହାକୁ ଡ୍ରଗ୍ସ ଚାଲାଣ କରିନାହାନ୍ତି। ଏପରି କି ପୂର୍ବରୁ ତାଙ୍କର କୌଣସି ଆପରାଧିକ ରେକର୍ଡ ନ ଥିବାରୁ ଜାମିନରେ ଥିବା ସମୟରେ କୌଣସି ଅପରାଧ ଘଟାଇବାର ସମ୍ଭାବନା ରହୁ ନାହିଁ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି। କୋର୍ଟଙ୍କ ଏହି ରାୟ ପରେ ସତ୍ୟ ଓ ନ୍ୟାୟର ବିଜୟ ହୋଇଛି ବୋଲି ରିଆଙ୍କ ଓକିଲ ସତୀଶ ମାନସିନ୍ଦେ କହିଛନ୍ତି। ରିଆଙ୍କ ଗିରଫ ସମ୍ପୂର୍ଣ୍ଣ ନିୟମ ବିରୋଧୀ। ତେଣୁ ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ଏନ୍‌ସିବି ଏବେ ମାମଲାକୁ ବନ୍ଦ କରିବାର ଆବଶ୍ୟକ ରହିଛି ବୋଲି ମାନସିନ୍ଦେ କହିଛନ୍ତି।

ଜୁନ୍ ୧୪ରେ ସୁଶାନ୍ତ ସିଂ ରାଜପୁତଙ୍କ ମୃତଦେହ ମୁମ୍ବାଇସ୍ଥିତ ତାଙ୍କ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାର ତଦନ୍ତ ସମୟରେ ତାଙ୍କ ବାନ୍ଧବୀ ରିଆଙ୍କୁ ଜେରା କରାଯାଇଥିଲା। ସୁଶାନ୍ତଙ୍କ ମୃତ୍ୟୁ ଘଟଣାରେ ଡ୍ରଗ୍ସ ଲିଙ୍କ୍ କାରବାରରେ ସମ୍ପୃକ୍ତ ଥିବା ଜଣାପଡ଼ିବାପରେ ଏନ୍‌ସିବି ଖୋଳତାଡ଼ କରିଥିଲା। ଏପରି କି ସୁଶାନ୍ତଙ୍କ ବାନ୍ଧବୀ ରିଆଙ୍କୁ ଲଗାତର ୩ଦିନ ପର୍ଯ୍ୟନ୍ତ ଜେରା କରାଯାଇଥିଲା। ତଦନ୍ତ ସମୟରେ ସୁଶାନ୍ତଙ୍କୁ ଡ୍ରଗ୍ସ ଯୋଗାଇବାରେ ରିଆଙ୍କ ଭୂମିକା ଥିବା ଜଣାପଡ଼ିବା ପରେ ତାଙ୍କୁ ସେପ୍ଟେମ୍ବର ୮ତାରିଖରେ ଗିରଫ କରାଯାଇଥିଲା। ଏଥିସହ ତାଙ୍କ ଭାଇ ସୌଭିକଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ରିଆ ଏବଂ ସୌଭିକଙ୍କ ବିଚାରବିଭାଗୀୟ ହାଜତ ମିଆଦକୁ ମଙ୍ଗଳବାର ତଳ କୋର୍ଟ ବୃଦ୍ଧି କରିଥିଲେ। ଡ୍ରଗ୍ସ ଲିଙ୍କ୍ ମାମଲାରେ ଏନ୍‌ସିବି ଏଯାବତ୍ ବଲିଉଡ୍ ଆଗଧାଡ଼ିର ଅଭିନେତ୍ରୀ ଦୀପିକା ପାଦୁକୋନ, ସାରା ଅଲ୍ଲୀ ଖାନ୍, ଶ୍ରଦ୍ଧା କାପୁର ପ୍ରମୁଖଙ୍କ ସମେତ ବହୁ ତାରକାଙ୍କୁ ଜେରା କରିବା ସହ ୧୨ ଜଣଙ୍କୁ ଗିରଫ କରିଛି।

# ଉତ୍ତରପ୍ରଦେଶରେ ଅନର କିଲିଂ

**ଶାହାଜାହାନ୍‌ପୁର,୭।୧୦**

■ଗର୍ଭବତୀ ନାବାଳିକାଙ୍କୁ ନିର୍ମମ ହତ୍ୟା
■ବାପା ଗିରଫ, ଭାଇ ଫେରାର
■ବଳାତ୍କାରୀଙ୍କ ଟେର୍ ମିଳିନି

ହାଥ୍‌ରସ ଗଣବଳାତ୍କାର ଓ ହତ୍ୟା ଘଟଣା ପରେ ପୁଣି ଉତ୍ତରପ୍ରଦେଶରେ ଏକ ଲଜ୍ଜାକର ଘଟଣା ଘଟିଛି। ରାଜ୍ୟର ଶାହାଜାହାନ୍‌ପୁର ଜିଲାରେ ଜଣେ ଦଳିତ ଗର୍ଭବତୀ ନାବାଳିକା(୧୬)ଙ୍କୁ ତାଙ୍କ ବାପା ଓ ଭାଇ ମିଶି ମାଡ଼ମାରିବା ସହ ମାରିଦେଇଛନ୍ତି। ଏମିତିକି ନାବାଳିକାଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଛି। ଏହି ନିର୍ମମ ଘଟଣାଟି ମଙ୍ଗଳବାର ଘଟିଥିବାବେଳେ ପୋଲିସ ମୃତା ଯୁବତୀଙ୍କ ବାପାଙ୍କୁ ଗିରଫ କରିଥିବାବେଳେ ଅଭିଯୁକ୍ତ ଭାଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ନାବାଳିକା ଜଣକ ଗତ ୨୩ ତାରିଖରୁ ନିଖୋଜ ଥିବାବେଳେ ପରିବାର ପକ୍ଷରୁ ଥାନାରେ କୌଣସି ରିପୋର୍ଟ ଦାଖଲ କରାଯାଇ ନ ଥିବା ପୋଲିସ କହିଛି। ନାବାଳିକା ଜଣକ ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ ଓ ସେଠାରୁ ନିଖୋଜ ହୋଇଯାଇଥିଲେ। କିଏ ଗର୍ଭବତୀ କଲା, ସେନେଇ ପରିବାର ଲୋକଙ୍କୁ ସେ ଫେରିବା ପରେ ଲୁଚାଇଥିଲେ। ଘଟଣାର ପୋଲିସ ତଦନ୍ତ ଜାରି ରହିଛି।

ରିପୋର୍ଟ ମୁତାବକ ନିଖୋଜ ନାବାଳିକା ଫେରିବା ପରେ ଗର୍ଭବତୀ ଥିବାରୁ ଲୋକମାନେ ପରିବାର ସଦସ୍ୟଙ୍କୁ ଟାହିଟାପରା କରିଥିଲେ। ଏଥିରୁ ମୁକ୍ତି ପାଇବା ଲାଗି ବାପା ଓ ବଡ଼ଭାଇ ମିଶି ଯୁବତୀ ଜଣକୁ ପିଟି ପିଟି ହତ୍ୟା କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ନାବାଳିକାଙ୍କ ବାପା ଏହା ସ୍ୱୀକାର ମଧ୍ୟ କରିଛନ୍ତି। ପୋଲିସ ବାପା ଓ ଭାଇଙ୍କ ବିରୋଧରେ ଆଇପିସିର ଦଫା ୩୦୨, ୨୦୧ ଲଗାଇ ମାମଲା ରୁଜୁକରିଛି। ଅନ୍ୟ ପରିବାର ସଦସ୍ୟଙ୍କୁ ପୋଲିସ ଜେରା କରିଥିବାବେଳେ ହତ୍ୟାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ନ ଥିବା କହିଛି। ନାବାଳିକାଙ୍କୁ କିଏ ଗର୍ଭବତୀ କରିଛି, ସେନେଇ ପୋଲିସ ତନାଘନା ଚଳାଇଛି।

## ଅଶ୍ୱିନୀ କୁମାରଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ,୭।୧୦**

ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ କୁମାର (୬୯) ବୁଧବାର ଶିମ୍‌ଲାସ୍ଥିତ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ହିମାଚଳ ପ୍ରଦେଶ କ୍ୟାଡର୍‌ର ଅବସରପ୍ରାପ୍ତ ଆଇପିଏସ୍ ଅଫିସର କୁମାର ୨୦୦୬ରୁ ୨୦୦୮ ମଧ୍ୟରେ ରାଜ୍ୟ ଡିଜିପି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଅବସାଦ ଭିତରେ ଥିଲେ ବୋଲି ଶିମ୍‌ଲା ଏସ୍‌ପି ମୋହିତ୍ ଚାୱ୍‌ଲା ପ୍ରକାଶ କରିଛନ୍ତି। ପୋଲିସ କୁମାରଙ୍କ ଘରୁ ଏନେଇ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ୨୦୧୩-୧୪ରେ କୁମାର ନାଗାଲାଣ୍ଡର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



# ୧୫ ମିନିଟ୍‌ରେ ଚାଇନା ସୈନ୍ୟଙ୍କୁ ହଟାଇଥାନ୍ତି

**ସୀମା ବିବାଦକୁ ନେଇ ବର୍ଷିଲେ ରାହୁଲ**



**କୁରୁକ୍ଷେତ୍ର,୭।୧୦**

କଂଗ୍ରେସ କ୍ଷମତାରେ ଥିଲେ ମାତ୍ର ୧୫ ମିନିଟ୍‌ରେ ଭାରତୀୟ ଅଞ୍ଚଳରୁ ଚାଇନା ସୈନ୍ୟ (ପିଏଲ୍‌ଏ)ଙ୍କୁ ହଟାଇଥାନ୍ତା ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର କହିଛନ୍ତି। ସୀମା ବିବାଦ ଲାଗିରହିବା ଓ ସମାଧାନର ରାସ୍ତା ନ ବାହାରିବା, ଭାରତୀୟ ଅଞ୍ଚଳକୁ ଜବରଦଖଲ କରାଯିବା ଦୁର୍ବଳ ନେତୃତ୍ୱ ଯୋଗୁ ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରି ସେ କହିଛନ୍ତି। 'କ୍ଷେତି ବଚାଓ' ଆନ୍ଦୋଳନର ନେତୃତ୍ୱ ନେଉଥିବା ରାହୁଲ ପଞ୍ଜାବ ପରେ ହରିୟାଣାରେ ତାଙ୍କ ସ୍ୱରକୁ ଶାଣିତ କରିଛନ୍ତି। କୁରୁକ୍ଷେତ୍ରର ଅନାଜ ମଣ୍ଡିରେ ଜନତାଙ୍କୁ ସମ୍ବୋଧନ କରି ସେ କହିଛନ୍ତି, ଭଡ଼ାରୁ ପ୍ରଧାନମନ୍ତ୍ରୀ ଆମ ଜାଗାକୁ କେହି ଜବରଦଖଲ କରି ନ ଥିବା କହୁଛନ୍ତି। ହେଲେ ଅନ୍ୟ ଦେଶ ଏଠାରୁ ୧,୨୦୦ ସ୍କୋୟାର କି.ମି. ଭୂମି ହଡ଼ପ କରିଛି। ବିଶ୍ୱରେ କେବଳ ଭାରତରେ ହିଁ ଏଭଳି ଘଟଣା ଘଟିଛି। ଦେଶବାସୀ ଜାଣିଛନ୍ତି ଚାଇନା ସୈନ୍ୟ ଆମ ଭୂଖଣ୍ଡକୁ ଜବରଦଖଲ କରିଛନ୍ତି। ଦେଶଭକ୍ତ ବୋଲାଉଥିବା ମୋଦି ଏଭଳି ମିଛ କଥା କହିବା ଅନୁଚିତ ବୋଲି ରାହୁଲ ସମାଲୋଚନା କରି କହିଛନ୍ତି। କଂଗ୍ରେସ କ୍ଷମତାକୁ ଫେରିଲେ ଚାଇନା ଗୋଟେ ପାଦ ଜାଗା ନେବାକୁ ସାହସ କରିବ ନାହିଁ ବୋଲି ରାହୁଲ ପ୍ରକାଶ କରିଛନ୍ତି।

## ଶଶିକଳାଙ୍କ ୨୦୦୦ କୋଟି ଟଙ୍କାର ସମ୍ପତ୍ତି ଜବତ



ଭି.କେ. ଶଶିକଳା

ଚେନ୍ନାଇ,୭।୧୦: ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ସହଯୋଗୀ ଭି.କେ. ଶଶିକଳାଙ୍କର ୨୦୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ଆୟକର ବିଭାଗ। ସିରୁଥାଭୁର ଓ କୋଡାନାଡୁରୁ ଏହି ସମ୍ପତ୍ତିଗୁଡିକ ରହିଛି। ବେନାମୀ ସମ୍ପତ୍ତି ଆଇନ ଅନୁଯାୟୀ ବୁଧବାର ଶଶିକଳାଙ୍କ ଏହି ସମ୍ପତ୍ତିକୁ ଜବତ କରାଯାଇଛି। ଜବତ ସମସ୍ତ ସମ୍ପତ୍ତି ଶଶିକଳା ଏବଂ ତାଙ୍କ ଦୁଇ ସମ୍ପର୍କୀୟଙ୍କ ନାମରେ ପଞ୍ଜୀକୃତ ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶଥାଉ କି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଶଶିକଳା, ଇଲାଭରାସି ଓ ସୁଧାକରନ୍‌ଙ୍କୁ ୨୦୧୭ ଫେବୃୟାରୀରେ ୪ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା। ୨୦୨୧ ଜାନୁୟାରୀରେ ସେ ଜେଲ୍‌ରୁ ମୁକୁଳିବାର ସମ୍ଭାବନା ଥିବାବେଳେ ପୁଣି ୨୦୦୦ କୋଟିର ସମ୍ପତ୍ତି ଜବତ କରାଯିବା ତାଙ୍କ ଅଡୁଆ ବଢ଼ାଇଦେଇଛି।

# ପାଲାନିସାମୀ ହେବେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

**ଚେନ୍ନାଇ, ୭।୧୦(ପି.ଟି.)**



୨୦୨୧ ତାମିଲନାଡୁ ବିଧାନସଭା ନିର୍ବାଚନ ଲାଗି କେ. ପାଲାନିସାମୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ଓ. ପନିରସେଲ୍‌ଭାମ୍ ଚେନ୍ନାଇସ୍ଥିତ ଦଳୀୟ କାର୍ଯ୍ୟାଳୟରେ ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

■ଏଆଇଏଡିଏମ୍‌କେ ନେତୃତ୍ୱ ବିବାଦର ଅନ୍ତ ଘଟିଲା
■ପନିରସେଲ୍‌ଭମ୍ ଘୋଷଣା କଲେ ନାମ, ଦଳ ଭିତରେ ଖୁସିର ଲହରି

ତାମିଲନାଡୁ ବିଧାନସଭା ପାଇଁ ୨୦୨୧ରେ ହେବାକୁ ଥିବା ନିର୍ବାଚନ ସକାଶେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଥିବା କେ. ପାଲାନିସାମୀ ଏଆଇଏଡିଏମ୍‌କେରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ବୁଧବାର ପାର୍ଟି ପକ୍ଷରୁ ଘୋଷଣା କରାଯାଇଛି। ପାଲାନିସାମୀଙ୍କ ନାମ ଉପମୁଖ୍ୟମନ୍ତ୍ରୀ ତଥା ଦଳର ଅନ୍ୟତମ ତୁଙ୍ଗ ନେତା ଓ. ପନିର୍‌ସେଲଭମ୍ ଉଚ୍ଚାରଣ କରିବା ପରେ ଉଭୟ ନେତାଙ୍କ ମଧ୍ୟରେ ନେତୃତ୍ୱ ନେବା ନେଇ ଉଠିଥିବା ବିବାଦର ଅନ୍ତ ଘଟିଛି।

ଦୁଇ ନେତାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ହେବା ପରେ ଏଆଇଏଡିଏମ୍‌କେ ସଂଯୋଜକ ପନିରସେଲ୍‌ଭମ୍ ନିଜେ ପାଲାନିସାମୀଙ୍କ ନାମ ଉଠାଇଥିଲେ। ଏହା ପରେ ପାଲାନିସାମୀ ୧୧ ଜଣିଆ ଷ୍ଟିୟରିଂ କମିଟି ଗଠନ ବିଷୟ ଘୋଷଣା କରିଥିଲେ, ଯାହା ପନିରସେଲ୍‌ଭମ୍‌ଙ୍କ ଦୀର୍ଘଦିନର ଦାବି ଥିଲା। ଆସନ୍ତା ବର୍ଷ ଏପ୍ରିଲ-ମେ'ରେ ତାମିଲନାଡୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏକ ସପ୍ତାହ ଧରି ମନ୍ତ୍ରୀ ଓ ଦଳୀୟ ନେତାମାନଙ୍କ ମଧ୍ୟରେ ଏ ନେଇ ଆଲୋଚନା ହେବା ପରେ ବରିଷ୍ଠ ନେତାଦ୍ୱୟ କରିଥିବା ଘୋଷଣା ଦଳ ଭିତରେ ଅନ୍ତଃପାର୍ଟି ସମସ୍ୟାର ସମାଧାନ ଆଣିଥିବା କୁହାଯାଉଛି। ପାର୍ଟି ମୁଖ୍ୟାଳୟରେ ପନିରସେଲ୍‌ଭମ୍ କହିଥିଲେ ଯେ, ଆମ ଭାଇ ପାଲାନିସାମୀ ଆସନ୍ତା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇ ବିଜୟୀ ହେବେ। ପାର୍ଟିର ପ୍ରେସିଡିୟମ୍ ଚେୟାରମ୍ୟାନ୍ ଇ. ମଧୁସୂଦନଙ୍କ ସହ ବିଚାରବିମର୍ଶ ହୋଇଥିବା ବିଷୟ ପନିରସେଲ୍‌ଭମ୍ କହିବା ପରେ ସେଠାରେ ଉପସ୍ଥିତ ଥିବା ନେତାମାନେ ତାହାକୁ ସମର୍ଥନ କରିଥିଲେ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ଆତସବାଜି ସହ ପରସ୍ପର ମଧ୍ୟରେ ମିଠା ବଣ୍ଟାଯାଇଥିବା ଦେଖିବାକୁ ମିଳିଥିଲା। ଏହା ପରେ ମନ୍ତ୍ରୀ, ଦଳୀୟ ନେତାଙ୍କ ସହ ପାଲାନିସାମୀ ଓ ପନିରସେଲ୍‌ଭମ ମାରିନା ବିଚ୍‌ଫ୍ରଣ୍ଟଠାରେ ଥିବା ଏଆଇଏଡିଏମ୍‌କେ ଆଇକନ୍ ଏମ୍‌ଜି ରାମଚନ୍ଦ୍ରନ୍ ଓ ଜେ. ଜୟଲଳିଥାଙ୍କ ସମାଧିସ୍ଥଳକୁ ଯାଇ ପୁଷ୍ପାର୍ଘ୍ୟ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ପାର୍ଟି ସୁପ୍ରିମୋ ଜୟଲଳିଥାଙ୍କ ମୃତ୍ୟୁର ବହୁ ମାସ ପରେ ପାଲାନିସାମୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ପାଲାନିସାମୀ ଓ ପୂର୍ବରୁ ମୁଖ୍ୟମନ୍ତ୍ରୀ ଥିବା ପନିରସେଲଭମଙ୍କ ମଧ୍ୟରେ ନେତୃତ୍ୱ ନେଇ ସଙ୍କଟ ଦେଖାଦେଇଥିଲା। ଅବଶ୍ୟ ପରବର୍ତ୍ତୀ ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବୁଝାମଣା ହୋଇଥିଲା। ଅଗଷ୍ଟ ୨୦୧୭ରେ ଜୟଲଳିଥାଙ୍କ ବାନ୍ଧବୀ ଭି. କେ. ଶଶୀକଳା ଓ ତାଙ୍କ ସହଯୋଗୀଙ୍କୁ ଏହି ଦୁଇ ନେତା ଅଲଗା କରିବା ପରେ ପରସ୍ପର ମିଶିଯାଇଥିଲେ। ତଥାପି ୨୦୨୧ ବିଧାନସଭା ନିର୍ବାଚନରେ କିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ତାହାକୁ ନେଇ କିଛି ମାସ ହେବ ଦଳ ଭିତରେ ଲାଗି ରହିଥିବା ଉତ୍କଣ୍ଠାର ଅବସାନ ଘଟିଛି।

# 'ବିକ୍ଷୋଭ ଲାଗି ରାସ୍ତା ଅବରୋଧ କରାଯାଇପାରିବନି'

**ନୂଆଦିଲ୍ଲୀ, ୭।୧୦**



ଦିଲ୍ଲୀର ଶାହିନବାଗ୍ ମାମଲା ନେଇ ସୁପ୍ରିମକୋର୍ଟ ବୁଧବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସରକାରଙ୍କୁ ବିରୋଧ କରି ସର୍ବସାଧାରଣ ରାସ୍ତାରେ ଧାରଣା ଦେବା ଅନ୍ୟାୟ ଏବଂ ଭୁଲ୍। ଦୀର୍ଘଦିନ ଧରି ସର୍ବସାଧାରଣ ସ୍ଥଳକୁ ଅବରୋଧ କରିବା ଠିକ୍ ନୁହେଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏହା ଦ୍ୱାରା ସାଧାରଣ ଲୋକଙ୍କ ଅଧିକାରରେ ବାଧା ସୃଷ୍ଟି ହୋଇଥାଏ। ସର୍ବସାଧାରଣ ସ୍ଥଳକୁ ବନ୍ଦ କରି ରଖିବା କୌଣସି ବ୍ୟକ୍ତି ଅବା ସଂଗଠନ ପାଇଁ ଦୋଷାବହ। ସୂଚନାଯୋଗ୍ୟ, ସିଏଏ ବିରୋଧରେ ଶାହିନବାଗରେ ୯୦ରୁ ଅଧିକ ଦିନ ଧରି ଧାରଣା ଜାରି ରହିଥିଲା। ଏହାଯୋଗୁ ଯାତାୟାତରେ ଘୋର ଅସୁବିଧା ଦେଖାଦେଇଥିଲା। କରୋନା ମହାମାରୀ ସଂକ୍ରମଣ ଯୋଗୁ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ଲକ୍‌ଡାଉନ୍ ଯୋଗୁ ଏଠାରୁ ପରବର୍ତ୍ତୀ ସମୟରେ ଲୋକଙ୍କୁ ହଟାଇ ଦିଆଯାଇଥିଲା। ଏଭଳି ଧାରଣାରେ ବସି ରହିବା ଆଇନ ଅନୁସାରେ ଭୁଲ୍ ବୋଲି କୋର୍ଟ କହିଛନ୍ତି।

# ଦିନକୁ ଘଟୁଛି ୮୮ ବଳାତ୍କାର, ଦୋଷୀ ହାର ୩୦%ରୁ କମ୍

**ନୂଆଦିଲ୍ଲୀ,୭।୧୦**

**ଶୀର୍ଷରେ ଉତ୍ତରପ୍ରଦେଶ**



ଦେଶରେ ମହିଳାଙ୍କ ପ୍ରତି ଅସଦାଚରଣ ବଢ଼ିବାରେ ଲାଗିଛି। ବଳାତ୍କାର ସହ ନାନାଦି ପ୍ରକାର ଅକଥନୀୟ ଅତ୍ୟାଚାର କରାଯାଉଛି। ଗତ ସେପ୍ଟେମ୍ବର ୧୪ରେ ଉତ୍ତରପ୍ରଦେଶର ହାଥ୍‌ରସ ଜିଲାରେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା କରାଯାଇଥିଲା। ଏହାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ପ୍ରତିବାଦ ଜାରି ରହିଛି। ରାତି ଅଧରେ ପରିବାର ଲୋକଙ୍କ ବିନା ଉପସ୍ଥିତିରେ ପୀଡ଼ିତାଙ୍କ ମୃତଦେହ ପୋଡ଼ାଯିବା ଓ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଯାଇଛି। ଏମିତିକି ସୁପ୍ରିମକୋର୍ଟ ମଧ୍ୟ ଏଭଳି ଘଟଣା ଭୟାନକ ବୋଲି କହିଛନ୍ତି। ମାମଲାର ଏସ୍‌ଆଇଟି ତଦନ୍ତ କରାଯାଉଥିବାବେଳେ ସିବିଆଇ ତଦନ୍ତ ଲାଗି ରାଜ୍ୟ ସରକାର ସୁପାରିସ କରିଛନ୍ତି। ଏଭଳି ଅନେକ ବଳାତ୍କାର ଘଟଣା ଦିନକୁଦିନ ଘଟୁଛି ଓ ମହିଳାଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର କରାଯାଉଛି। ୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣା, ୨୦୧୭ ଉନ୍ନାଓ ବଳାତ୍କାର ଘଟଣା, ୨୦୧୮ କାଠୁଆ ବଳାତ୍କାର ଘଟଣା, ୨୦୧୯ ହାଇଦ୍ରାବାଦ ଗଣବଳାତ୍କାର ଓ ହତ୍ୟା ଘଟଣା ମହିଳାଙ୍କ ପ୍ରତି ବଢ଼ିଚାଲିଥିବା ଅତ୍ୟାଚାରକୁ ଦର୍ଶାଉଛି।

ଥୋମାସ ରଏଟର୍ସ ଫାଉଣ୍ଡେଶନ ପକ୍ଷରୁ ୨୦୧୮ରେ କରାଯାଇଥିବା ଏକ ସର୍ଭେରୁ ଭାରତ ମହିଳାଙ୍କ ଲାଗି ବିପଦପୂର୍ଣ୍ଣ ଦେଶ ଭାବେ ଉଭା ହୋଇଥିବା ଦର୍ଶାଯାଇଛି। ଏନ୍‌ସିଆର୍‌ବି ରିପୋର୍ଟ ମୁତାବକ ୨୦୧୯ରେ ମହିଳାଙ୍କ ପ୍ରତି ଏଭଳି ଅସଦାଚରଣ ମାମଲା ୪ ଲକ୍ଷରୁ ଊର୍ଦ୍ଧ୍ୱ ଦେଖିବାକୁ ମିଳିଥିଲା। ଏହା ୨୦୧୮ରେ ୩.୭୮ ଲକ୍ଷ, ୨୦୧୭ରେ ୩.୫୯ ଲକ୍ଷ ଥିଲା। ଏସବୁ ମଧ୍ୟରେ ଦିନକୁ ୮୮ ବଳାତ୍କାର ଘଟଣା ଘଟୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହି ବଳାତ୍କାର ମାମଲାରେ ଦୋଷୀ ହାର ମାତ୍ର ୩୦%ରୁ କମ୍ ରହିଥିବା କୁହାଯାଇଛି। ଏଭଳି ଅନେକ ଘଟଣା ଆଖିଆଗକୁ ଆସୁ ନ ଥିବାବେଳେ ବହୁ ଘଟଣାକୁ ଚପାଇ ଦିଆଯାଉଥିବା ବିଶେଷଜ୍ଞମାନେ ଦର୍ଶାଇଛନ୍ତି। ଦେଶର ଉତ୍ତରପ୍ରଦେଶରେ ସବୁଠାରୁ ସ୍ଥିତି ଖରାପ ରହିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ୨୦୧୯ରେ ଏହି ରାଜ୍ୟରେ ମହିଳାଙ୍କ ପ୍ରତି ସବୁଠାରୁ ଅଧିକ ଅପରାଧ ଘଟିଛି। ଏଠାରେ ୫୯,୮୫୩ ଅପରାଧ ମାମଲା କରାଯାଇଥିବାବେଳେ ରାଜସ୍ଥାନରେ ୪୧,୫୫୦ ଓ ମହାରାଷ୍ଟ୍ରରେ ୩୭,୧୪୪ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ଏଲ୍‌ଜେପିରେ ଉଷା



ଚିରାଗ ପାଶ୍ୱାନଙ୍କ ସହ ଉଷା ବିଦ୍ୟାର୍ଥୀ

**ନୂଆଦିଲ୍ଲୀ, ୭।୧୦**

ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାକୁ ଗୋଟିଏ ପରେ ଗୋଟିଏ ଝଟ୍‌କା ମିଳିବାରେ ଲାଗିଛି। ଗତ ଦୁଇଦିନ ମଧ୍ୟରେ ଦଳର ୨ ବରିଷ୍ଠ ନେତା ଏଲ୍‌ଜେପିରେ ଯୋଗ ଦେଇଛନ୍ତି। ମଙ୍ଗଳବାର ରାଜେନ୍ଦ୍ର ସିଂ ଏଲ୍‌ଜେପିରେ ଯୋଗଦେଇଥିଲେ। ବୁଧବାର ଭାଜପାର ବରିଷ୍ଠ ସଦସ୍ୟ ଉଷା ବିଦ୍ୟାର୍ଥୀ ନୂଆଦିଲ୍ଲୀଠାରେ ଏଲ୍‌ଜେପି ଅଧ୍ୟକ୍ଷ ଚିରାଗ ପାଶ୍ୱାନଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଛନ୍ତି। ଏହାଦ୍ୱାରା ନିର୍ବାଚନରେ ଭାଜପା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଥିବା ରାଜନୈତିକ ସମୀକ୍ଷକ ମତପୋଷଣ କରିଛନ୍ତି।




ବିହାର ବିଧାନସଭା ନିର୍ବାଚନ ଲାଗି ଆସନ ବୁଝାମଣାକୁ ବିରୋଧକରି ପାଟନାସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ସାମ୍ନାରେ ଜେହାନାବାଦ ଆଶାୟୀଙ୍କ ବିକ୍ଷୋଭ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୬୧,୬୪,୪୨୫ | ୧୦,୫୬,୪୯୧ | ୨,୭୨,୨୨,୭୫୩ |
| ଭାରତ | ୬୭,୬୪,୬୧୦ | ୧,୦୪,୬୫୧ | ୫୭,୫୦,୪୦୩ |
| ଓଡ଼ିଶା | ୨,୪୦,୯୯୮ | ୯୫୮(+୫୩) | ୨,୧୩,୬୭୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଅଧଘଣ୍ଟା ପୂର୍ବରୁ କରିହେବ ରିଜର୍ଭେଶନ ଟିକେଟ

**ଭୁବନେଶ୍ୱର, ୭।୧୦ (ବ୍ୟୁରୋ)**

ରେଳ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଟିକେଟ ସଂରକ୍ଷଣ ନିୟମରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ସାଧାରଣତଃ ଟ୍ରେନ୍ ଷ୍ଟେଶନ ଛାଡ଼ିବାର ୪ ଘଣ୍ଟା ପୂର୍ବରୁ ସିଟ୍ ରିଜର୍ଭେଶନର ପ୍ରଥମ ଚାର୍ଟ ପ୍ରକାଶ ପାଇଥାଏ। ବର୍ତ୍ତମାନ ଅଧଘଣ୍ଟା ପୂର୍ବରୁ ଦ୍ୱିତୀୟ ଚାର୍ଟ ପ୍ରକାଶ ପାଇବ। ଆସନ୍ତା ୧୦ ତାରିଖରୁ ସଂରକ୍ଷଣ ଚାର୍ଟ ପ୍ରକାଶନ କ୍ଷେତ୍ରରେ ଏହି ନୂଆ ନିୟମ ଲାଗୁ ହେବ। ଏ ନେଇ ଭାରତୀୟ ରେଳପଥ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଜୋନାଲ ରେଳପଥର ଅନୁରୋଧକ୍ରମେ ଭାରତୀୟ ରେଳପଥ ଏହି ନିଷ୍ପତ୍ତି ନେଇଛି। ଏଥିଯୋଗୁ ଅଧିକ ସଂଖ୍ୟାରେ ଯାତ୍ରୀ ଆଉ ନିରାଶ ହେବେ ନାହିଁ। ପ୍ରଥମ ରିଜର୍ଭେଶନ ଚାର୍ଟରେ ଥିବା ଖାଲି ସିଟ୍ ପାଇଁ କିପରି ଯାତ୍ରୀମାନେ ଅନଲାଇନ୍ କିମ୍ବା କାଉଣ୍ଟରରୁ ଟିକେଟ୍ ବୁକିଂ କରିପାରିବେ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ଅପେକ୍ଷା ତାଲିକା(ୱେଟିଂ ଲିଷ୍ଟ)ରେ ଥିବା ଯାତ୍ରୀମାନେ ଶେଷ ମୁହୂର୍ତ୍ତ (ଟ୍ରେନ୍ ଛାଡ଼ିବାର ଅଧଘଣ୍ଟା ପୂର୍ବରୁ) ପର୍ଯ୍ୟନ୍ତ ସୁଯୋଗ ପାଇପାରିବେ। ଜରୁରୀ ଯାତ୍ରା କରିବାକୁ ଚାହୁଁଥିବା ଯାତ୍ରୀମାନେ ମଧ୍ୟ ଉପକୃତ ହେବେ। ଏହାସହ ଟ୍ରେନ୍‌ରେ ଟିଟିଇଙ୍କ ଚତୁରତା ମଧ୍ୟ ଶେଷ ହେବ।

ଏହାବ୍ୟତୀତ ଭାରତୀୟ ରେଳପଥ ବର୍ତ୍ତମାନ ଟ୍ରେନ୍ ଚଳାଇବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ସାହାଯ୍ୟ ନେବାକୁ ଯାଉଛି। ଉତ୍ସବ ବା ପର୍ବପର୍ବାଣି ଋତୁରେ ଆରମ୍ଭ ହେବାକୁ ଥିବା ଟ୍ରେନ୍ ଚୟନ ଏହି ଆଧୁନିକ ଡିଜିଟାଲ ପ୍ରଣାଳୀରେ କରାଯିବ। ଏହା ଅଧୀନରେ ଏକ ନିର୍ଦ୍ଦିଷ୍ଟ ମାର୍ଗର ଟ୍ରେନ୍‌ରେ ଅପେକ୍ଷା ତାଲିକା ନିର୍ଦ୍ଦିଷ୍ଟ ସଂଖ୍ୟାକୁ ଅତିକ୍ରମ କରିବା ମାତ୍ରେ ସେହି ମାର୍ଗରେ ଏକ ନୂତନ ଟ୍ରେନ୍ ଯୋଡାଯିବ। ଏହାଦ୍ୱାରା ଯାତ୍ରୀମାନେ ସଂରକ୍ଷଣ ସିଟ୍ ପାଇବା ସହ ଗନ୍ତବ୍ୟସ୍ଥଳକୁ ସୁରୁଖୁରୁରେ ଯାତ୍ରା କରିପାରିବେ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।



**ବଡ଼ ପରିବର୍ତ୍ତନ ଆଣିଲା ଭାରତୀୟ ରେଲ୍‌ୱେ**

- ଆସନ୍ତା ୧୦ ତାରିଖରୁ ଚାର୍ଟ ଦୁଇଥର ପ୍ରକାଶ ପାଇବ
- ପର୍ବପର୍ବାଣି ଓ ସ୍ୱତନ୍ତ୍ର ଦିନରେ ଯାତ୍ରୀ ସେବାକୁ ଗୁରୁତ୍ୱ
- ୱେଟିଂ ଲିଷ୍ଟ ନିର୍ଦ୍ଦିଷ୍ଟ ସଂଖ୍ୟା ଅତିକ୍ରମ କଲେ ଚାଲିବ ନୂଆ ଟ୍ରେନ୍

# ଦିନକରେ ସର୍ବାଧିକ ୧୮ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର,୭।୧୦(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ହେବ ଦୈନିକ କରୋନା ସଂକ୍ରମିତ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ହେଲେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚିନ୍ତା ବଢ଼ିଯାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୧୮ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି।

**ଦେବଗଡ଼ରେ ପ୍ରଥମ, ୭ଦିନରେ ଗଲାଣି ୧୧୬ ଜୀବନ**

ଏମାନଙ୍କ ମଧ୍ୟରେ ବାଲେଶ୍ୱରରୁ ୪ଜଣ ଥିବାବେଳେ ପୁରୀ, ସୁନ୍ଦରଗଡ଼ ଓ ନୟାଗଡ଼ରୁ ୨ଜଣ ଲେଖାଏ, ବୌଦ୍ଧ, ଦେବଗଡ଼, ଯାଜପୁର, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ଦେବଗଡ଼ରେ ପ୍ରଥମ କରୋନା ମୃତ୍ୟୁ ଘଟିଛି। ରାଜ୍ୟର ସବୁ ଜିଲାରେ କରୋନା ମୃତ୍ୟୁ ହୋଇଯାଇଛି। ତେବେ ଗତ ୭ଦିନରେ ରାଜ୍ୟରେ କରୋନା ୧୧୬ଜଣଙ୍କ ଜୀବନ ନେଲାଣି। ସେପ୍ଟେମ୍ବର ୩୦ ସୁଦ୍ଧା ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁସଂଖ୍ୟା ୮୪୨ ଥିବାବେଳେ ବର୍ତ୍ତମାନ ଏହା ୯୫୮କୁ ବୃଦ୍ଧି ପାଇଛି।

# ଉତ୍କଟ ଦାରିଦ୍ର୍ୟକୁ ସାମ୍ନା କରିବେ ୧୫ କୋଟି ଲୋକ

**ନୂଆଦିଲ୍ଲୀ,୭।୧୦**

କରୋନା ମହାମାରୀ ଯୋଗୁ ସାରା ବିଶ୍ୱ ବର୍ତ୍ତମାନ ସଙ୍କଟ ସମୟ ଦେଇ ଗତି କରୁଛି। ଏଭଳି ସ୍ଥିତିରେ ୨୦୨୧ ସୁଦ୍ଧା ବିଶ୍ୱର ପ୍ରାୟ ୧୫ କୋଟି ଲୋକ ଉତ୍କଟ ଦାରିଦ୍ର୍ୟ ସ୍ଥିତିକୁ ଚାଲିଯିବା ଆଶଙ୍କା ଉପୁଜିଛି। ବିଶ୍ୱବ୍ୟାଙ୍କ ବୁଧବାର ଏ ନେଇ ଚେତବନୀ ଦେଇଛି। ବିଶ୍ୱବ୍ୟାଙ୍କ କହିଛି ଯେ, ମହାମାରୀ ପରବର୍ତ୍ତୀ ସ୍ଥିତିକୁ ସମ୍ଭାଳିବା ଲାଗି ଦେଶଗୁଡିକ ପ୍ରସ୍ତୁତ ହେବାକୁ ପଡିବ। ଏଥିରେ ପୁଞ୍ଜି, ଶ୍ରମ, କୌଶଳ ଏବଂ ନୂଆ ବିଚାର, ନୂତନ କ୍ଷେତ୍ର ଏବଂ ବ୍ୟବସ୍ଥାକୁ ଆପଣାଇବାକୁ ଗୁରୁତ୍ୱ ଦେବାକୁ ହେବ। ମହାମାରୀ ଯୋଗୁ ଚଳିତ ବର୍ଷ ୮.୫ କୋଟିରୁ ୧୧ କୋଟି ଲୋକ ଉତ୍କଟ ଦାରିଦ୍ର୍ୟକୁ ସାମ୍ନା କରିବେ ବୋଲି ବିଶ୍ୱବ୍ୟାଙ୍କ ପୂର୍ବାନୁମାନରେ କହିଛି। ୨୦୨୧ ବେଳକୁ ଏହି ସଂଖ୍ୟା ୧୫ କୋଟିରେ ପହଞ୍ଚିପାରେ। ତେବେ ଅର୍ଥ ବ୍ୟବସ୍ଥାଗୁଡିକର ସ୍ଥିତି ଉପରେ ଦାରିଦ୍ର୍ୟର ସ୍ଥିତି ନିର୍ଭର କରୁଛି। ଅର୍ଥାତ୍ ଦେଶଗୁଡିକର ବିକାଶ ନ ହେଲେ ଦାରିଦ୍ର୍ୟ ବଢ଼ିବା ଆଶଙ୍କା ବେଶି ରହିଛି।

ବିଶ୍ୱବ୍ୟାଙ୍କର ଅଧ୍ୟକ୍ଷ ଡେଭିଡ୍ ପାଲ୍‌ପାସ୍ କହିଛନ୍ତି ଯେ, ମହାମାରୀ ଏବଂ ବିଶ୍ୱ ମାନ୍ଦାବସ୍ଥା କାରଣରୁ ବର୍ତ୍ତମାନ ସ୍ଥିତି ବିଗିଡ଼ିଯାଇଛି। ସାରା ବିଶ୍ୱର ମୋଟ ଜନସଂଖ୍ୟାର ୧.୪%ରୁ ଅଧିକ ଲୋକ ଗରିବୀରେ ଫସିଯିବା ଭଳି ସ୍ଥିତି ଏବେ ଆସିଯାଇଛି। କୋଭିଡ୍-୧୯ ପରେ ଏକ ନୂଆ ଅର୍ଥ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ବିଶ୍ୱବ୍ୟାଙ୍କ ରିପୋର୍ଟରେ କୁହାଯାଇଛି ଯେ, ପୂର୍ବରୁ ଦାରିଦ୍ର୍ୟ ସ୍ଥିତିରେ ଥିବା ଦେଶଗୁଡିକର ସମସ୍ୟା ଆହୁରି ବଢ଼ିଯିବା ଆଶଙ୍କା ଉପୁଜିଛି। ସେହିଭଳି ମଧ୍ୟମ ଆୟକାରୀ ବର୍ଗରେ ରହିଥିବା ଦେଶଗୁଡିକରେ ମଧ୍ୟ ପ୍ରଭାବ ରହିବ। ମଧ୍ୟମ ଆୟକାରୀ ଦେଶଗୁଡିକର ପ୍ରାୟ ୮୦% ବିଭିନ୍ନ ସମସ୍ୟା ସାମ୍ନା କରିପାରନ୍ତି। ମାନ୍ଦାବସ୍ଥା, ଜଳବାୟୁ ପରିବର୍ତ୍ତନ ଏବଂ କୋଭିଡ୍ ଭଳି ମହାମାରୀ ସ୍ଥିତି ଯୋଗୁ ୨୦୩୦ ସୁଦ୍ଧା ଗରିବୀ ସମାପ୍ତ କରିବା ନେଇ ରହିଥିବା ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇପଡିବ। ୨୦୩୦ ବେଳକୁ ବିଶ୍ୱର ଗରିବୀ ହାର ପ୍ରାୟ ୭% ରହିବା ନେଇ ଏଥିରେ ଆକଳନ କରାଯାଇଛି।






**ଆଜିର ମନ୍ତବ୍ୟ**

"ମିଡିଆର ସ୍ୱତନ୍ତ୍ରତା ବଜାୟ ରହିବା ଉପରେ ସରକାର ବିଶ୍ୱାସ କରନ୍ତି। କିନ୍ତୁ ଟିଆର୍‌ପି ପାଇଁ ଉତ୍ତେଜନାମୂଳକ ଖବର ପରିବେଷଣ ସାମ୍ବାଦିକତା ନୁହେଁ। **-ପ୍ରକାଶ ଜାଭେଡକର, କେନ୍ଦ୍ରମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: .....................................
ବୟସ:.....................................
ଜନ୍ମ ତାରିଖ: ...............................



ରିଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏଚ୍-୧ ବି ଭିଜା ନିୟମରେ ପରିବର୍ତ୍ତନ କଲା ଆମେରିକା

### ପ୍ରଭାବିତ ହେବେ ଭାରତୀୟ ପ୍ରଫେଶନାଲ




**ନୂଆଦିଲ୍ଲୀ,୭।୧୦**

ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏଚ୍-୧ ବି ଭିଜାକୁ ନେଇ ନୂଆ ନିୟମ ଜାରି କରାଯାଇଛି। ଏହି ନିୟମ ଅନ୍ତର୍ଗତ ୟୁଏସ୍ କର୍ମଚାରୀଙ୍କୁ ରୋଜଗାର କ୍ଷେତ୍ରରେ ଅଧିକ ସୁଯୋଗ ମିଳିବ। ଟ୍ରମ୍ପ ସରକାର ବିଦେଶରୁ ୟୁଏସ୍ ଯାଉଥିବା କର୍ମଚାରୀଙ୍କ ସଂଖ୍ୟା କମାଇବା ଏବଂ ଅପ୍ରବାସନକୁ ନିୟନ୍ତ୍ରଣ କରିବା ଲାଗି ଏଭଳି କଟକଣା ଜାରି କରିଥିବା କୁହାଯାଉଛି। ୟୁଏସ୍ ଡିମାର୍ଟମେଣ୍ଟ ଅଫ୍ ହୋମ୍‌ଲାଣ୍ଡ ସିକ୍ୟୁରିଟି ମଙ୍ଗଳବାର ଏସ୍- ବି ଭିଜାକୁ ନେଇ ନୂଆ ନିୟମ ଜାରି କରିଥିବା ଜଣାପଡ଼ିଛି। ଆମେରିକା ପ୍ରତିବର୍ଷ ପ୍ରାୟ ୮୫ ହଜାର ଏଚ୍-୧ ବି ଭିଜା ଜାରି କରୁଛି। ଏହି ଭିଜା ଲାଭକରି ବିଦେଶର କୁଶଳୀ କର୍ମଚାରୀମାନେ ସେଠାରେ ଚାକିରି ପାଇଥାନ୍ତି। ନୂଆ ନିୟମ ଲାଗୁହେବା ଦ୍ୱାରା ଭାରତୀୟ ପ୍ରଫେଶନାଲମାନେ ଅଧିକ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି। କାରଣ ଏହି ବର୍ଗର କର୍ମଚାରୀଙ୍କୁ ନିଯୁକ୍ତିଦେବା ଲାଗି ଆମେରିକା ଫାର୍ମଗୁଡ଼ିକୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। ଫଳରେ ସେମାନେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାରୁ ବିରତ ହେବେ ବୋଲି କୁହାଯାଉଛି। ୟୁଏସ୍ ଜାରି କରୁଥିବା ମୋଟ୍ ଏଚ୍-୧ ବି ଭିଜା ମଧ୍ୟରୁ ଭାରତୀୟମାନେ ପ୍ରାୟ ୭୦% ଭିଜା ଲାଭ କରିଥାନ୍ତି। ଭାରତ ପଛକୁ ଚାଇନା ଏହି ଭିଜା ଲାଭ କରିବାରେ ଦ୍ୱିତୀୟ ସ୍ଥାନରେ ରହିଛି। ନୂଆ ନିୟମ ଦ୍ୱାରା ନିଯୁକ୍ତି ଲାଗି ଆବେଦନ କରୁଥିବା ମୋଟ ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ବାଦ୍ ପଡ଼ିବେ ବୋଲି ଆକଳନ କରାଯାଇଛି। ଭାରତରୁ ଅଧିକାଂଶ ଆଇଟି ପ୍ରଫେଶନାଲ ଏହି ଭିଜା ଦ୍ୱାରା ଆମେରିକାରେ ଚାକିରି ଲାଗି ଯାଇଥାନ୍ତି ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଳିଆ ବାଉଁଶ କଣି;**
**ଦେଖେଇ ଶିଖେଇ ଗାଳି ଦଉଚି,**
**ନଳୀ ଗୋଡ଼ୀ ସଉତୁଣୀ।**

ଦୁଇ ସଉତୁଣୀ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାରିକୁ ଦେଖିସହି ପାରି ନ ଥାନ୍ତି। ସେମାନଙ୍କ ମଧ୍ୟରେ ସର୍ବଦା ମନୋମାଳିନ୍ୟ ଦେଖା ଦେଉଥିବା ବେଳେ ପରିବାର ମଧ୍ୟରେ ଝଡ଼ ସୃଷ୍ଟି ହୋଇଥାଏ। ଯାଉଣୁ ଆସୁଣୁ ଦେଖେଇ ଶିଖେଇ କଳି କରିବା ନିତିଦିନିଆ ଘଟଣା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଢ଼େଇଖାଇର ଗରବ ଦେଖ!**
**ବାଡ଼ି ପନ୍ଦାରରେ ମାରିଚି ଯଖା।**

ବ୍ୟକ୍ତି ଯେତେବେଳେ ଧନୀ ହୋଇଯାଏ ସେତେବେଳେ ଆଉ ସେ ଇନ୍ଦ୍ରଚନ୍ଦ୍ର ମାନି ନ ଥାଏ। ହାସଲ କରିଥିବା ବା ପାଇଥିବା ଧନକୁ ନେଇ ତା' ମନରେ ଅନେକ ଗର୍ବ ଓ ଅହଂକାର ଆସିଯାଇଥାଏ। ହଠାତ୍ ଗୁପ୍ତଧନ ପାଇ ଅହେତୁକ ଗର୍ବ କରିବସୁଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଶହୀଦ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ଅନୁକମ୍ପା ସହାୟତା

### କୋଭିଡ୍ ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ୬୦ ଜଣ ତାଲିକାରୁ ଜଣଙ୍କୁ କେନ୍ଦ୍ରର ଅନୁମୋଦନ
- କେନ୍ଦ୍ରକୁ ପୁଣି ଅବଗତ କରାଇବ ରାଜ୍ୟ
- ପାର୍ବଣ ସମୟରେ ଅଧିକ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ସଙ୍ଗରୋଧ, କୋଭିଡ୍ ହସ୍ପିଟାଲ ରୋଗୀଙ୍କ ସହ କଥା ହେବାକୁ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୭।୧୦(ବ୍ୟୁରୋ)**

୮ ମାସ ଧରି କୋଭିଡ୍ ବିରୋଧରେ ଚାଲିଥିବା ଲଢେଇରେ କାମ କରି ଶହୀଦ ହୋଇଥିବା କୋଭିଡ୍ ଯୋଦ୍ଧାମାନଙ୍କ ପରିବାରକୁ ରାଜ୍ୟ ସରକାର ଅନୁକମ୍ପା ସହାୟତା ଯୋଗାଇ ଦେବେ। ବୁଧବାର ଭିଡିଓ କନଫରେନ୍ସ ଜରିଆରେ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କରୋନା ଯୋଦ୍ଧାଙ୍କର ନିଷ୍ଠାକୁ ପ୍ରଶଂସା କରିଛନ୍ତି।

ଶହୀଦ ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ସେହି ଅନୁଯାୟୀ ରାଜ୍ୟ ସରକାର କୋଭିଡ ନିୟନ୍ତ୍ରଣ ପାଇଁ କାମ କରୁଥିବା ସମୟରେ ଶହୀଦ ହୋଇଥିବା ୬୦ ଯୋଦ୍ଧାଙ୍କ ତାଲିକା କେନ୍ଦ୍ର ସରକାରଙ୍କୁ ନିକଟକୁ ପଠାଇଥିଲେ। କିନ୍ତୁ ଭାରତ ସରକାର ମାତ୍ର ଜଣେ ଶହୀଦଙ୍କୁ ସହାୟତା ଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୁଣି ଥରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ କୋଭିଡ୍ ପ୍ରୋଟୋକଲକୁ ଅଧିକ ସୁବ୍ୟବସ୍ଥିତ କରାଯାଇଛି। ସୁସ୍ଥ ହେଉଥିବା ଲୋକମାନଙ୍କର ସ୍ୱାସ୍ଥ୍ୟର ଗୁଣାତ୍ମକ ଉନ୍ନତି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଗୃହ ସଙ୍ଗରୋଧରେ ଓ କୋଭିଡ ହସ୍ପିଟାଲରେ ରହିଥିବା ରୋଗୀମାନଙ୍କ ସହିତ ବରିଷ୍ଠ ଅଧିକାରୀମାନେ ସିଧା ଯୋଗାଯୋଗ କରି ସେମାନଙ୍କ ଭଲମନ୍ଦ ପଚାରି ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ଆଣ୍ଟି ଭାଇରାଲ ଔଷଧ ସମ୍ପର୍କରେ ବ୍ୟାପକ ସଚେତନତା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରତ୍ୱ ଦେଇଛନ୍ତି।

ରାଜ୍ୟରେ ବର୍ତ୍ତମାନ ଆରୋଗ୍ୟଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ଜାତୀୟ ଆରୋଗ୍ୟ ହାର ୮୯% ପହଞ୍ଚିଛି ବୋଲି ଜଣାପଡିଛି। ରାଜ୍ୟରେ ଗତ ୮ ମାସ ଭିତରେ ୩୬ ଲକ୍ଷ ଟେଷ୍ଟ କରାଯାଇଥିବାବେଳେ ସେଥିରୁ ୬.୬୫ ପ୍ରତିଶତ ପଜିଟିଭ ବାହାରିଛି। ଆଗକୁ ପୂଜା ଋତୁ ଆସୁଥିବାରୁ ଅଧିକ ସତର୍କ ରହିବା ସହିତ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହାଛଡ଼ା କୋଭିଡ୍ ନିୟମାବଳୀ ଏବଂ ଔଷଧ ସେବନ ସଂକ୍ରାନ୍ତରେ ନିୟମିତ ସଚେତନତା ଅଭିଯାନ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ପୋଲିସ କର୍ମଚାରୀମାନେ ଅଧିକ ସଂଖ୍ୟାରେ ପ୍ଲାଜମା ଦାନ କରିବାକୁ ଆଗେଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରଶଂସା କରିଛନ୍ତି।

ମୋ ସରକାରରେ ଲୋକଙ୍କ ଠାରୁ ନିଆଯାଇଥିବା ମତାମତ ଅଧାରରେ ଟେଷ୍ଟିଂ, ଟେଷ୍ଟିଂ ରିପୋର୍ଟ, ରୋଗୀଙ୍କୁ ସୂଚନା ଏବଂ ସେମାନଙ୍କୁ ଚିକିତ୍ସା ଯୋଗାଇ ଦେବା ବ୍ୟବସ୍ଥାକୁ ଆହୁରି ଦକ୍ଷତାର ସହ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ୍ ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗୃହ ସଙ୍ଗରୋଧରେ ଥିବା ରୋଗୀମାନଙ୍କ ତଦାରଖ ବ୍ୟବସ୍ଥାକୁ ଆହୁରି ସୁଦୃଢ କରାଯିବ। କଟକ, ପୁରୀ ଓ ଭୁବନେଶ୍ୱରରେ ୨୧ଲକ୍ଷ ଆଣ୍ଟି ଭାଇରାଲ ମେଡିସିନ ଦିଆଯାଇଛି।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ମୃତ୍ୟୁହାର ୦.୪ ପ୍ରତିଶତ ରହିଛି, ଯାହାକି ଭାରତର ସବୁ ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବୋତ୍ତମ ସୂଚକାଙ୍କ। ସେହିପରି ସୁସ୍ଥତା ହାରରେ ମଧ୍ୟ ଓଡ଼ିଶା ଦେଶର ରାଜ୍ୟଗୁଡିକ ମଧ୍ୟରେ ଷଷ୍ଠ ସ୍ଥାନରେ ରହିଛି। ସେ କହିଛନ୍ତି ଯେ, ରାଜ୍ୟରେ ଆଇସିୟୁ ଶଯ୍ୟା ଆଦି ବ୍ୟବସ୍ଥା ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଅଛି। କଟକ ଭୁବନେଶ୍ୱର ପାଇଁ ଅଧିକ ବ୍ୟବସ୍ଥା କରାଯାଇଛି। ପୋଲିସ ମହାନିର୍ଦ୍ଦେଶକ ଅଭୟ କହିଥିଲେ ଯେ, ପୋଲିସ କର୍ମଚାରୀଙ୍କ ମଧ୍ୟରେ ସଂକ୍ରମଣ କମୁଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂହ କହିଛନ୍ତି ଯେ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୃହ ସଙ୍ଗରୋଧ ଏବଂ ଆଣ୍ଟିଭାଇରାଲ ଥେରାପି ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇଛି। ବୈଠକରେ ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### କାମ ଦେଉନି ...

କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତାଙ୍କ ଅଡିଟ୍ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଅକ୍ଷୟ ଶକ୍ତି ବିକାଶ ପାଇଁ ରାଜ୍ୟ ସରକାର ଅକ୍ଷୟ ଶକ୍ତି ନୀତି -୨୦୧୬ କାର୍ଯ୍ୟକାରୀ କରିଥିଲେ । ସମଗ୍ର ଦେଶରେ ୮,୯୧,୬୦୧ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ସମ୍ଭାବନା ଥିବା ବେଳେ ଓଡ଼ିଶାରେ ୨୭, ୭୨୭ ମେଗାୱାଟ୍ ଉତ୍ପାଦନ ସୁଯୋଗ ରହିଛି। ସେଥିରୁ ରାଜ୍ୟରେ ସୌର ଶକ୍ତି ୨୫.୭୮୦, ପବନ ୧୩୮୪, କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ(ଏସ୍‌ଏଚ୍‌ଇପି) ୨୯୫, ବାୟୋମାସ ୨୪୬ ଏବଂ ବର୍ଜ୍ୟବସ୍ତୁରୁ ଶକ୍ତି(ଡବ୍ଲ୍ୟୁଟିଇ)୨୨ ମେଗାୱାଟ୍ ଉତ୍ପାଦନ ଆକଳନ କରାଯାଇଛି। ଅକ୍ଷୟ ଶକ୍ତି ନୀତି ଅନୁଯାୟୀ ୨୦୨୨ ସୁଦ୍ଧା ୨୭୫୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ୨୦୧୮ ଶେଷ ସୁଦ୍ଧା ମାତ୍ର ୧୯୫ ମେଗାୱାଟ୍ ଉତ୍ପାଦନ ହୋଇଛି। ଅର୍ଥାତ୍ ଲକ୍ଷ୍ୟର ମାତ୍ର ୭.୦୯ ପ୍ରତିଶତ ଉତ୍ପାଦନ ହୋଇପାରିଥିଲା। ଅନ୍ୟ ପକ୍ଷରେ ୨୦୧୪ରେ ଦେଶରେ ସୌର ଶକ୍ତି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାର ସୋଲାର ପାର୍କ ଓ ଅଲଟ୍ରା ସୋଲାର ପାୱାର ପ୍ରକଳ୍ପ ଆରମ୍ଭ କରିଥିଲେ। ରାଜ୍ୟରେ ଏହି ପ୍ରକଳ୍ପ ସ୍ଥାପନ କରି ରାଜ୍ୟ ସରକାର ଘରୋଇ ସଂସ୍ଥା ଜରିଆରେ ୫୦୦ ମେଗାୱାଟ୍ ସୌର ଶକ୍ତି ଉତ୍ପାଦନ କରି ଥାଆନ୍ତେ। କେନ୍ଦ୍ର ସରକାର ଏଥିପାଇଁ ପ୍ରତି ମେଗାୱାଟ୍‌କୁ ୨୦ ଲକ୍ଷ ଅର୍ଥାତ୍ ପ୍ରକଳ୍ପ ପାଇଁ ୩୦ ପ୍ରତିଶତ ଟଙ୍କା ପ୍ରଦାନ କରିଥାନ୍ତେ। ଅନୁମୋଦନ ହେବାର ୧୮ ମାସ ମଧ୍ୟରେ ପ୍ରକଳ୍ପ ଆରମ୍ଭ କରିବା କଥା। କେନ୍ଦ୍ର ସରକାର ୨୦୧୫ରେ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ୨୦୧୮ରେ ଜେଡ୍‌କଲ ୨୭୫ ମେଗାୱାଟ୍ ସୌର ଶକ୍ତି ପ୍ରକଳ୍ପ ପାଇଁ ରିପୋର୍ଟ ପ୍ରସ୍ତୁତ କରିଥିଲେ। ୩୫ ମାସ ପରେ ମଧ୍ୟ ଏହି ପ୍ରକଳ୍ପ ପାଇଁ ଜମି ଯୋଗାଡ଼ ହୋଇ ନ ଥିଲା। ଫଳରେ ରାଜ୍ୟରେ ଏହି ପ୍ରକଳ୍ପ ହୋଇ ପାରି ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

କେବଳ ସେତିକି ନୁହେଁ ଗ୍ରୀଡ୍ ସଂଯୁକ୍ତ ଅକ୍ଷୟ ଶକ୍ତି ପ୍ରୋତ୍ସାହନ ପାଇଁ ୨୦୧୫ରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ୩୮.୧୦ କୋଟି ଟଙ୍କା ପ୍ରଦାନ କରିଥିଲେ। ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ଏବଂ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍(ଓଏଚ୍‌ପିସିଏଲ୍)ର ୭ଟି ଗ୍ରୀଡ୍ ସବ୍‌ଷ୍ଟେଶନ ଓ ଶକ୍ତି ଉତ୍ପାଦନ ସ୍ଥାନରେ ୧୬.୪ ମେଗାୱାଟ୍ କ୍ଷମତାବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରକଳ୍ପର ଟେଣ୍ଡର କାର୍ଯ୍ୟ ଜେଡ୍‌କଲ ଉପରେ ନ୍ୟସ୍ତ କରାଯାଇଥିଲା। ତେବେ ଜେଡ୍‌କଲ ସୌର ପ୍ରକଳ୍ପ ସ୍ଥାପନ ପାଇଁ କୌଣସି ପଦକ୍ଷେପ ନ ନେବାରୁ ତାହା କାର୍ଯ୍ୟକାରୀ ହୋଇ ପାରି ନାହିଁ। ଫଳରେ ଗତ ୩ ବର୍ଷ ଧରି ଉକ୍ତ ଅର୍ଥ ବିନିଯୋଗ ନ ହୋଇ ପଡି ରହିଥିବା ସିଏଜି ରିପୋର୍ଟରେ କହିଛନ୍ତି। ସେହିପରି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାରେ ବିଳମ୍ବ ଯୋଗୁ ଭୁବନେଶ୍ୱରରେ ଆଦର୍ଶ ସୌର ସହର କାର୍ଯ୍ୟକ୍ରମ ଆରମ୍ଭ ହୋଇ ପାରି ନ ଥିଲା। ତାହା ସରକାରଙ୍କ ନାଲିଫିତା ତଳେ ରହିଯାଇଛି। କେବଳ ସୌର ଶକ୍ତି ନୁହେଁ ପବନ, କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ବାୟୋମାସ ପ୍ରକଳ୍ପ ମଧ୍ୟ ଅନ୍ଧକାର ଭିତରକୁ ଚାଲିଯାଇଛି। ୨୦୨୨ ସୁଦ୍ଧା ରାଜ୍ୟରେ ପବନ ଶକ୍ତିରୁ ୨୦୦ ମେଗାୱାଟ୍ , କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ୧୫୦ ଏବଂ ବାୟୋମାସରୁ ୧୬୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା । ଓରେଡା ଏବଂ ଶକ୍ତି ବିଭାଗର ଉଦାସୀନତା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ରାଜ୍ୟ ସରକାର ଅକ୍ଷୟ ଶକ୍ତି ପ୍ରକଳ୍ପର ସମୀକ୍ଷା କରବା ପାଇଁ ୨୦୧୭ ଜାନୁୟାରୀରେ ଅକ୍ଷୟ ଶକ୍ତି କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲେ। ଏହା ଗଠନ ହେବା ପରଠାରୁ ଥରୁଟିଏ ମଧ୍ୟ ବସି ନାହିଁ। ଏପରି କି ଜେଡ୍‌କଲ ଏବଂ ଓରେଡା ମଧ୍ୟ ନିଜର ଲକ୍ଷ୍ୟ ନେଇ କୌଣସି ନୀତି ନିର୍ଦ୍ଧାରଣ କରି ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି।

### ପେଟ୍ରୋଲ ପମ୍ପରେ ...

ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ଘଟଣାରେ କାହାରି ମୃତ୍ୟୁ ହୋଇ ନ ଥିବା ଡିସିପି ଉମା ଶଙ୍କର ଦାସ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିସ୍ଫୋରଣରେ ଆହତଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ଘୋଷଣା କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାଜଭବନ ନିକଟରେ ଥିବା ପେଟ୍ରୋଲ ପମ୍ପରେ ଏଲ୍‌ପିଜି ଟାଙ୍କି ଯାଞ୍ଚ ସମୟରେ ହଠାତ ବିସ୍ଫୋରଣ ହୋଇ ନିଆଁ ଲାଗି ଯାଇଥିଲା। ବିସ୍ଫୋରଣ ମାତ୍ରା ଏତେ ଶକ୍ତିଶାଳୀ ଥିଲା ଯେ, ସେଠାରେ ଉପସ୍ଥିତ କେତେଜଣ ଲୋକଙ୍କ ଶରୀରରୁ ମାଂସ ବାହାରି ଛିଟିକି ପଡ଼ିଥିଲା। ବିସ୍ଫୋରଣସ୍ଥଳରେ ଏକ ଗଭୀର ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଯାଇଥିଲା। ବିସ୍ଫୋରଣସ୍ଥଳ ଠାରୁ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ଆଖପାଖରେ ଥିବା ଅନେକଙ୍କ ଘର ଭାଙ୍ଗିରୁଜି ଯାଇଛି। ଏପରି କି ଅନେକଙ୍କ ଘରର ଛାତ ଫାଟି ଯାଇଛି, ଝରକା ଉଡ଼ିଯାଇଛି। ଅନେକ ଝରକା କାଚ ଭାଙ୍ଗି ତଳେ ପଡିଛି। ରାଜଭବନର ଏକାଧିକ ଘରର ଝରକା ଏବଂ କାନ୍ଥ ଫାଟିଯାଇଥିବା ଦେଖିବାକୁ ମିଳିଛି। ପେଟ୍ରୋଲ ଟାଙ୍କି ପଛପାର୍ଶ୍ୱରେ ରହୁଥିବା ଅନେକ ମନ୍ତ୍ରୀ, ନେତା, ଜଜ୍‌ଙ୍କ ଘର ଭାଙ୍ଗିଯାଇଛି। ଖବର ପାଇ ପ୍ରଥମେ ଅଗ୍ନିଶମ କର୍ମଚାରୀ ଏବଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ପେଟ୍ରୋଲ ଟାଙ୍କିର ଏକ କିଲୋମିଟର ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରି ଦେଇଥିଲା। ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଲିଭାଇଥିଲେ। ଖବରପାଇ ପୋଲିସ କମିଶନର (ସିପି) ସୁଧାଂଶୁ ଷଡ଼ଙ୍ଗୀ, ଡିସିପି ଉମାଶଙ୍କର ଦାଶ, ଅଗ୍ନିଶମ ଡିଜି ସତ୍ୟଜିତ୍ ମହାନ୍ତି ଏବଂ ଆଇଓସିଏଲ୍‌ର ଟେକ୍ନିକାଲ ବିଶେଷଜ୍ଞ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିସ୍ଫୋରଣ ଫଳରେ ମାଟିତଳେ କେହି ଫସିଥିବା ଆଶଙ୍କା କରାଯାଇ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ପରେ ଫରେନ୍‌ସିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ତନାଘନା କରିଥିଲେ। କୌଣସି ପ୍ରକାର ବଡ଼ ଦୁର୍ଘଟଣା ନ ଘଟିବା ଲକ୍ଷ୍ୟରେ ଉକ୍ତ ଅଞ୍ଚଳରେ ସାଧାରଣ ଗମନାଗମନକୁ ବନ୍ଦ କରିଦିଆଯାଇଥିଲା। କମିଶନରେଟ ପୋଲିସ ପକ୍ଷରୁ ଉକ୍ତ ପେଟ୍ରୋଲ ଟାଙ୍କି ମାଲିକାଣୀ ଟି.ବିଜୟଲକ୍ଷ୍ମୀଙ୍କ ନାମରେ କ୍ୟାପିଟାଲ ଥାନାରେ ଆପରାଧିକ ମାମଲା ରୁଜୁ କରାଯାଇଛି ବୋଲି ସିପି ଷଡ଼ଙ୍ଗୀ କହିଛନ୍ତି। ସୂଚନା ଅନୁଯାୟୀ, ଏଲ୍‌ପିଜି ଟାଙ୍କି ପ୍ରତି ୫ ବର୍ଷରେ ଯାଞ୍ଚ କରାଯାଇଥାଏ। ମଙ୍ଗଳବାର ତାହାକୁ ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରିଥିଲେ। ବୁଧବାର ମଧ୍ୟାହ୍ନ ପ୍ରାୟ ୧୨.୪୫ରେ ମାଟିତଳେ ଥିବା ଏଲ୍‌ପିଜି ଟାଙ୍କିକୁ ନାଇଟ୍ରୋଜେନ୍ ଗ୍ୟାସ୍ ଭର୍ତ୍ତି କରାଯାଉଥିଲା। ଏହି ସମୟରେ କୌଣସି କାରଣରୁ ଗ୍ୟାସ୍ ଲିକ୍ ହୋଇ ଟାଙ୍କିରେ ନିଆଁ ଲାଗିଯାଇଥିଲା। ଫଳରେ ମାଟିତଳେ ଥିବା ଏଲ୍‌ପିଜି ଟାଙ୍କିରେ ହଠାତ୍ ବିସ୍ଫୋରଣ ହୋଇଥିଲା। ନିକଟରେ ଥିବା ଦୋକାନ ଭାଙ୍ଗିଯିବା ସହ ପେଟ୍ରୋଲ ଟାଙ୍କିର କାନ୍ଥ ଏବଂ ଲୋକଙ୍କ ଘର ଭାଙ୍ଗିଯାଇଥିଲା। ଲୋକମାନେ ଖଣ୍ଡିଆ ଖାବରା ହୋଇ ତଳେ ପଡିଥିଲେ। ସୌଭାଗ୍ୟବଶତଃ ମାଟିତଳେ ଥିବା ଆଉ ତିନୋଟି ଟାଙ୍କିରେ ନିଆଁ ଲାଗି ନ ଥିଲା। ନ ହେଲେ ପରିସ୍ଥିତି ଭୟଙ୍କର ହୋଇଥାନ୍ତା। ଏପରିକି ସ୍ଥାନୀୟ ଲୋକଙ୍କୁ ରାତି ୬ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବା ସହ ଚୁଲି ନ ଜାଳିବାକୁ ସିପି ଷଡ଼ଙ୍ଗୀ ନିବେଦନ କରିଥିଲେ। ମାଟିତଳେ ଥିବା ସିଏନ୍‌ଜି ଟାଙ୍କିରୁ ଗ୍ୟାସ୍ କାଢ଼ିବାକୁ ବାଲେଶ୍ୱରରୁ ଏକ ଟିମ୍ ଆସିଥିଲା। ସେମାନେ ଦୀର୍ଘ ୪ଘଣ୍ଟା ପରେ କାଢିଥିଲେ। ଏହାପରେ ଅନ୍ୟ ୨ଟି ଟ୍ୟାଙ୍କିରୁ ପେଟ୍ରୋଲ ଏବଂ ଡିଜେଲ କଢାଯାଇଥିଲା। ପୋଲିସ, ଅଗ୍ନିଶମ ଏବଂ ଓଡ୍ରାଫ୍ ଅଧିକାରୀଙ୍କ ୯ଘଣ୍ଟା ପରିଶ୍ରମ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

### ୨ଜଣଙ୍କୁ ରସାୟନ ...

ଉଦ୍ଭିଦ ଏବଂ ମାଇକ୍ରୋଅର୍ଗାନିଜ୍ମର ଡିଏନ୍‌ଏ ପରିବର୍ତ୍ତନ କରିପାରିବେ। ଏହି ଟେକ୍ନିକ୍ ଜୀବବିଜ୍ଞାନ ଉପରେ ଏକ ବୈପ୍ଲବିକ ପ୍ରଭାବ ପକାଇଛି। ନୂତନ କର୍କଟ ଚିକିତ୍ସାରେ ସହାୟକ ହେବାସହ ବଂଶଗତ ରୋଗକୁ ଆରୋଗ୍ୟ କରିବାର ସ୍ୱପ୍ନକୁ ସାକାର କରିପାରେ ବୋଲି ନୋବେଲ ଜୁରି ପକ୍ଷରୁ କୁହାଯାଇଛି। ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ୫୧ ବର୍ଷୀୟ ଚାର୍ପେଣ୍ଟିୟର୍ ଏବଂ ୫୬ ବର୍ଷୀୟ ଡୁଡନା ହେଉଛନ୍ତି ଷଷ୍ଠ ଏବଂ ସପ୍ତମ ମହିଳା। ଏକ ସାଧାରଣ କ୍ଷତିକାରକ ବୀଜାଣୁ(ବ୍ୟାକ୍ଟେରିଆ) ସମ୍ପର୍କରେ ଗବେଷଣା କରିବା ବେଳେ ଚାର୍ପେଣ୍ଟିୟର୍ ପୂର୍ବର ଏକ ଅଜଣା ମଲିକ୍ୟୁଲ(ଅଣୁ) ଆବିଷ୍କାର କରିଥିଲେ, ଯାହା ବୀଜାଣୁର ପ୍ରତିରକ୍ଷା ପ୍ରଣାଳୀର ଅଂଶ ଥିଲା। ତାହା ଭୂତାଣୁଗୁଡ଼ିକର ଡିଏନ୍‌ଏର କିଛି ଅଂଶକୁ ଛେଦନ କରି ସେଗୁଡ଼ିକୁ ନିଷ୍କ୍ରିୟ କରିଥାଏ। ୨୦୧୧ରେ ତାଙ୍କ ଉକ୍ତ ଗବେଷଣାକୁ ପ୍ରକାଶ କରିବା ପରେ, ଚାର୍ପେଣ୍ଟିୟର୍ ଡୁଡନାଙ୍କ ସହ ମିଶି ବ୍ୟାକ୍ଟେରିଆର ଜେନେଟିକ୍ ସିଜର୍ସ ବା ଆନୁବଂଶିକ କଇଁଚି ପୁନଃ ସୃଷ୍ଟି ପାଇଁ କାର୍ଯ୍ୟ କରିଥିଲେ। ଫଳସ୍ୱରୂପ ଉପକରଣ ସରଳ ହୋଇଯିବା ସହ ତାହାକୁ ଅନ୍ୟ ଜେନେଟିକ ସାମଗ୍ରୀରେ ବ୍ୟବହାର କରିବା ସହଜ ହେଲା। ଏହାପରେ ସେମାନେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ କୌଣସି ଡିଏନ୍‌ଏର ଅଣୁ କାଟିବା ପାଇଁ ଉକ୍ତ ଜେନେଟିକ୍ ସିଜର୍ସ ବ୍ୟବହାର କରିଥିଲେ। ଡିଏନ୍‌ଏକୁ ଅନୁଚ୍ଛେଦନ କରି ଜୀବନର କୋଡ୍‌କୁ ପୁନର୍ଲିଖନ କରିବା ପାଇଁ ବୈଜ୍ଞାନିକମାନଙ୍କୁ ବାଟ ମିଳିଛି। ଜର୍ମାନୀର ମ୍ୟାକ୍ସ ମ୍ୟାକ୍ସ ଇନଷ୍ଟିଚ୍ୟୁଟ୍ ଫର୍ ଇନ୍‌ଫେକ୍ସନ ବାୟୋଲୋଜିର ନିର୍ଦ୍ଦେଶକ ଚାର୍ପେଣ୍ଟିୟର୍ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଥିବା ଡୁଡନା ନୋବେଲ ପୁରସ୍କାର ବାବଦରେ ୧୦ ନିୟୁତ ସ୍ୱିଡେନ କ୍ରୋନର(୧,୧୧୮,୦୦୦ ଡଲାରରୁ ଅଧିକ)ର ଅଂଶୀଦାର ହୋଇପାରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜିର ଯାତ୍ରା ମନକୁ ସାମୟିକ ଆନନ୍ଦ ପ୍ରଦାନ କରୁଥିବା ସମୟରେ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଜନିତ ବିଷୟକୁ ନେଇ ଚିନ୍ତା ବଢ଼ାଇବ। ଅଶ୍ୱିନୀ ନକ୍ଷତ୍ରର ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥା ଆପଣଙ୍କୁ ଭଲ ଲାଗିବ ନାହିଁ। ପାପଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ପରିବାରରେ ଉତ୍ଥାନ ପତନ ଲାଗିରହିବ।

**ବୃଷ** – ଆଜି ଦ୍ୱିଜା ନକ୍ଷତ୍ର କ୍ରୀଡ଼ା, କଳା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତା କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଶାରୀରିକ ଅସୁସ୍ଥତା ଜନିତ ପୀଡ଼ାରେ କଷ୍ଟ ପାଇବାର ସୂଚନା ରହିଛି। ଆର୍ଥିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ।

**ମିଥୁନ** – ବୁଧ ଓ ଶୁକ୍ରଙ୍କ ପ୍ରଭାବରୁ ବନ୍ଧୁମିଳନ ସହ ପାରିବାରିକ ଜୀବନ ମଧ୍ୟ ସୁଖରେ କଟିବ। ମୃଗଶିରା ନକ୍ଷତ୍ର ଅଫିସରେ କିଛି କଡ଼ା ଭାଷା ପ୍ରୟୋଗ କରି ଶତ୍ରୁତା ଅର୍ଜନ କରିବେ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିପାରନ୍ତି।

**କର୍କଟ** – ରାହୁ ଯୁକ୍ତ ଚନ୍ଦ୍ର ହେତୁ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଲାଗି ରହିଲେ ମଧ୍ୟ ଆପଣ କଦାପି ପଛକୁ ଫେରିବେ ନାହିଁ। ଶିଳ୍ପ,ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ । ପୁନର୍ବସୁ ନକ୍ଷତ୍ରର ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ ।

**ସିଂହ** – ନୀଚାରୋହୀ ରବିଙ୍କ ଯୋଗୁ ଶାରୀରିକ ଦୁର୍ବଳତା ଅନୁଭବ କଲେ ମଧ୍ୟ ଦୃଢ଼ ମନୋବଳ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାରଣ ନ ଥାଇ ମଧ୍ୟ ସମାଲୋଚିତ ହେବାକୁ ପଡ଼ିବ ।

**କନ୍ୟା** – ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ପଡ଼ୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିବେ । ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ତୁଳା** – ଆଜି ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଆପଣ କାହାର ମିଠା କଥାରେ ଭାସିବୁଲିଲେ ଅସୁବିଧାରେ ପଡ଼ିବେ । ଖଳ ଲୋକମାନଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** – କର୍ମସ୍ଥାନରେ ଶୁକ୍ର ଥିବାରୁ ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖାପଢ଼ାରୁ, କଳା,ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ । ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** – କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ବନ୍ଧୁଙ୍କ ପ୍ରେରଣାରେ କେତେକ ନୂତନ କାମର ପରିକଳ୍ପନା କରିପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**ମକର** – କର୍ମକ୍ଷେତ୍ରରେ କେତେକ ଅବହେଳିତ କାମ ସକାଶେ ଚିନ୍ତା କରିପାରନ୍ତି। ଯେତେ ପ୍ରକାର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇପାରିବ ନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** – କର୍ମକ୍ଷେତ୍ରରେ କିଛି ସମସ୍ୟା ଓ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାଦ୍ୱାରା ଲାଭ ବଦଳରେ କ୍ଷତି ହିଁ ହୋଇପାରେ। ଜମିଜମା,କଳକାରଖାନା,ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବାର ସୂଚନା ରହିଛି।

**ମୀନ** – ବନ୍ଧୁମାନଙ୍କ ଗହଣରେ ସାଧାରଣ କଥାରେ ଆପଣ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି । ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପରିବାରରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଗୃହ କାମରେ ବ୍ୟସ୍ତ ରହି ବନ୍ଧୁଙ୍କ କଥାକୁ ପାସୋରି ଦେଇ ପାରନ୍ତି। ଆଜିର ଯାତ୍ରା,ଆନୁଷ୍ଠାନିକ କାମ,ବ୍ୟବସାୟ ମନ୍ଦ ହେବନି।

ଆଜି ଆଶ୍ୱିନ ମଳକୃଷ୍ଣ ଷଷ୍ଠୀ, ଗୁରୁବାର, ଅକ୍ଟୋବର ୮ ତାରିଖ,ଭାରତୀୟ ବାୟୁସେନା ଦିବସ (୦୮।୧୦।୧୯୩୨ରେ ପ୍ରତିଷ୍ଠିତ),ରାଶିନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ.୦୧।୪୬ ଗତେ ମିଥୁନଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୨ ଗତେ ଘ.୦୭।୧୬ ମଧ୍ୟେ, ଘ.୦୧।୩୧ ଗତେ ଘ.୦୩।୦୪ ମଧ୍ୟେ, ସନ୍ଧ୍ୟା ଘ.୦୬।୧୪ ଗତେ ଘ.୦୯।୩୧ ମଧ୍ୟେ, ରାତ୍ରି ଘ.୧୧।୫୮ ଗତେ ଘ.୦୩।୧୫ ମଧ୍ୟେ, ଘ.୦୪।୦୪ଗତେ ଘ.୦୫।୪୩ ମଧ୍ୟେ ଅମୃତବେଳା। ଦିବା ଘ.୦୧।୦୧ ଗତେ ଘ.୦୨।୨୯ ମଧ୍ୟେ ରାହୁକାଳ।

**classifieds** Everyday 0674-2580101, 2549302




**SALE**

ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313. D-69176

ଭୁବନେଶ୍ୱର NH-16 ର ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ମିଳୁଛି। 9348444368. D-69180




Get refreshment body massage by expert therapist contact for 7205084157. D-69777

Newly open SPA centre smart therapist full body massage: 8114970372. D-59968

Get good massage for your health the best therapy SPA Station. 7655024727, 8118079281. D-69555

Rejuvenate and Ayurvedic full body massage by smart therapist. 9348123330. D-69771

Full ayurvedic body massage with refreshment expert therapist call: 7436826500. D-69774

Newly open SPA centre smart therapist full body massage: 7205187702. D-59966

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69768

Newly open full body massage SPA in Bhubaneswar. Contact: 7205058838. D-69770

Newly open SPA centre smart therapist full body massage: 7846814019. D-59967

Herbal full body massage by smart / expert therapist. Contact: 8338067247. D-69775

Swarna SPA newly open positively health benefits with expert therapist. 7873794731. D-69776

**ପିଏଚ୍.ଡି ଲାଭ**



ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ଶ୍ରୀସଦାଶିବ ପରିସର, ପୁରୀରେ ନବ୍ୟାନ୍ୟାୟ ବିଭାଗରେ ଡକ୍ଟର ମହେଶ ଝାଙ୍କ ମାର୍ଗ ନିର୍ଦ୍ଦେଶନରେ ଏବଂ ପ୍ରଫେସର କମଳେଶ ମିଶ୍ରଙ୍କ ଉପସ୍ଥିତିରେ ପରିସରସ୍ଥ ସମସ୍ତ ଅଧ୍ୟାପକଙ୍କ ସହଯୋଗରେ ସ୍ୱର୍ଗତ ଭିକାରୀ ଚରଣ ମହାପାତ୍ରଙ୍କ ସୁପୁତ୍ରୀ **ଡ. ପ୍ରଜ୍ଞାପାରମିତା ମହାପାତ୍ର** ବିଦ୍ୟାବାରିଧି (ପିଏଚ୍.ଡି.) ଉପାଧି ଲାଭ କରିଛନ୍ତି। ଧ-୧୮୫୩୧

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହାତୀ-ମଣିଷ ସଂଘର୍ଷରେ ଢେଙ୍କାନାଳ ଆଗରେ

ଢେଙ୍କାନାଳ ଅଫିସ,୭।୧୦

ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସପ୍ତାହରେ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ। କିନ୍ତୁ ସ୍ଥାୟୀ ପ୍ରତିକାର ବାହାରିପାରେ ନାହିଁ। ରାଜ୍ୟରେ ଚାଲିଥିବା ହାତୀ-ମଣିଷ ସଂଘର୍ଷରେ ପ୍ରତିବର୍ଷ ଅନେକ ହାତୀ ଓ ମଣିଷଙ୍କ ଜୀବନହାନି ହେଉଥିଲେ ମଧ୍ୟ ସମାଧାନ ଦିଗରେ ସେପରି ଦୃଢ଼ ପଦକ୍ଷେପ ନିଆଯାଉ ନାହିଁ।

ହାତୀ-ମଣିଷ ଲଢ଼େଇରେ ଢେଙ୍କାନାଳ ଜିଲା ଆଗରେ ରହିଛି। ଦିନକୁ ଦିନ ବୃଦ୍ଧି ପାଉଥିବା ହାତୀ ଉପଦ୍ରବ ବନବିଭାଗ ସମେତ ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ୨୦୧୫-୧୬ରୁ ୨୦୨୦-୨୧ ମଧ୍ୟରେ ଢେଙ୍କାନାଳରେ ବିଭିନ୍ନ ଘଟଣାରେ ୭୪ଟି ହାତୀ ମରିଛନ୍ତି। ୧୧୨ ଜଣଙ୍କ ଜୀବନହାନି ଘଟିଛି। ସେହିପରି ଜିଲାର ପରଜଙ୍ଗ ଓ ମହାବିରୋଡ ରେଞ୍ଜରେ ଅକ୍ଟୋବରରୁ ମାସିକ କୋଟିଏ ଟଙ୍କାର ଫସଲ ହାତୀ ଯୋଗୁ ନଷ୍ଟ ହେଉଛି। ଉପଦ୍ରବ ରୋକିବାକୁ ବନବିଭାଗ ପକ୍ଷରୁ ଗତ ସପ୍ତାହରେ ପ୍ରଥମକରି ୨୧ ଲକ୍ଷ ଟଙ୍କା ବ୍ୟୟରେ 'ଐରାବତ୍' ନାମକ ଏକ ବସ୍ ଢେଙ୍କାନାଳ ଜିଲା ବନଖଣ୍ଡ ପାଇଁ ଅଣାଯାଇଛି। ଏଣିକି ଏହା ହାତୀ ଘଉଡାଇବାରେ ସହାୟକ ହେବ ବୋଲି ବନ ବିଭାଗ ଭରସା ରଖିଛି। ୨୦୧୭ ଗଣନା ଅନୁଯାୟୀ ଜିଲାରେ ୧୭୪ଟି ହାତୀ ରହିଥିଲେ। ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ, ଚନ୍ଦକା, କେନ୍ଦୁଝର, ଯାଜପୁର ଆଦି ଅଞ୍ଚଳରୁ ହାତୀଙ୍କ ପ୍ରବେଶ ପରେ ଢେଙ୍କାନାଳ ଜିଲାରେ ଏହି ସଂଖ୍ୟା ୩୦୦ ଟପିଯାଇଛି। ଅକ୍ଟୋବରରେ ଧାନ ଫସଲ ହେଲେ ହାତୀପଲ ବ୍ରାହ୍ମଣୀ ନଦୀ ପାରହୋଇ ପରଜଙ୍ଗ ଓ ମହାବିରୋଡ ରେଞ୍ଜ ଅଞ୍ଚଳକୁ ଚାଲିଯାନ୍ତି। ସେଠାରେ ଡିସେମ୍ବର ଯାଏ ରହି ଫସଲ ଖାଇବା ସହ ନଷ୍ଟ କରିଥାନ୍ତି। ଜିଲାର ସଦର, ହିନ୍ଦୋଳ ଓ ପରଜଙ୍ଗ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ସ୍କ୍ୱାଡ୍‌ଙ୍କୁ ନେଇ ବନ ବିଭାଗ ଏହାର ମୁକାବିଲା କରିପାରୁ ନାହିଁ। ତେଣୁ ଫସଲ ଅମଳ ସମୟରେ ହାତୀ ଉପଦ୍ରବ ରୋକିବା ପାଇଁ ବନ ବିଭାଗକୁ ମିଳିଛି ବିଭିନ୍ନ ସରଞ୍ଜାମ ଖଚିତ ଐରାବତ୍ ବସ୍। ଏଥିରେ ୩୦ରୁ ୪୦ କର୍ମଚାରୀ ଯିବା ସହ ଜେନେରେଟର, ବଡ ଲାଇଟ୍, ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇରନ ଏବଂ ନାଲିବତୀ ଜଳିପାରିବାର ସୁବିଧା ରହିଛି। କିନ୍ତୁ ଏହି ବସ୍ ହାତୀ ଉପଦ୍ରବ କରୁଥିବା ଗ୍ରାମ ଓ ଜଙ୍ଗଲର ବିପଦସଙ୍କୁଳ ରାସ୍ତାରେ କିପରି ଗତି କରିବ ତାହାକୁ ନେଇ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି।



ଢେଙ୍କାନାଳ ଜିଲା ବନଖଣ୍ଡ ପାଇଁ ଅଣାଯାଇଥିବା ଐରାବତ ବସ୍।

- ୫ ବର୍ଷରେ ୭୪ ହାତୀ ଓ ୧୧୨ ଲୋକଙ୍କ ମୃତ୍ୟୁ
- 'ଐରାବତ୍'କୁ ଭରସା କରିଛି ବନ ବିଭାଗ

## ଏମାନେ ଯାହା କୁହନ୍ତି...

**ଛୋଟ ଗାଡ଼ି ଭଲ ହୋଇଥାନ୍ତା**

ବନ ବିଭାଗକୁ ମିଳିଥିବା 'ଐରାବତ୍' ବସ୍ ନ ହୋଇ ଅନ୍ୟ ଛୋଟ ଗାଡି ହୋଇଥିଲେ ଭଲ ହୋଇଥାନ୍ତା। ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପ୍ରତିକାର ହେଲାନାହିଁ।

**-ଅରବିନ୍ଦ ମାଝି, ବନ୍ୟପ୍ରାଣୀ ବିଶେଷଜ୍ଞ**

**ଫସଲ ନଷ୍ଟ ଭାରି ବାଧୁଛି**

ପ୍ରତିବର୍ଷ ଧାନ ଓ ଆଖୁ ଫସଲ ହାତୀ ନଷ୍ଟ କରୁଛନ୍ତି। ଖବର ଦେଲେ ମଧ୍ୟ ଘଉଡ଼ାଇବା ପରିବର୍ତ୍ତେ ବନ କର୍ମଚାରୀ ଆସି କେବଳ ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ କରୁଛନ୍ତି। ଋଣ ଅର୍ଥରେ କରିଥିବା ଫସଲ ନଷ୍ଟ ହେଉଥିବାରୁ ଭାରି ବାଧୁଛି।

**-ସର୍ବେଶ୍ୱର ବ୍ରହ୍ମ, ଚାଷୀ, ମଣ୍ଡାପାଳ**

**ସହାୟକ ହେବ ଐରାବତ**

ହାତୀପଲ ସଦର, ହିନ୍ଦୋଳ, ପରଜଙ୍ଗ, ମହାବିରୋଡ ରେଞ୍ଜରେ ଫସଲ ନଷ୍ଟ କରୁଛନ୍ତି। ଏହି ସମୟରେ ପ୍ରତି ମାସରେ ୧ କୋଟି ଟଙ୍କା ଫସଲ କ୍ଷୟକ୍ଷତି ଦିଆଯାଉଛି। ଐରାବତ୍ ହାତୀ ଘଉଡାଇବାରେ ସହାୟକ ହେବ। ଆସନ୍ତା ବର୍ଷ ସୋଲାର ଫେନ୍ସିଂ କରାଯିବ।

**-ପ୍ରକାଶଚାନ୍ଦ ଗୋଗିନେନି, ଜିଲା ବନଖଣ୍ଡ ଅଧିକାରୀ**

ଅଧିକ ରହିଥିବା ବେଳେ ଆବଶ୍ୟକଠାରୁ କମ୍ ଅର୍ଥାତ୍ ମାତ୍ର ୨୬୮ଜଣ ଏଲିଫ୍ୟାଣ୍ଟ

# ନିତ୍ୟାନନ୍ଦଙ୍କୁ ଶାରଳା ପୁରସ୍କାର


ନିତ୍ୟାନନ୍ଦ ନାୟକ

**ଭୁବନେଶ୍ୱର,୭।୧୦(ବ୍ୟୁରୋ):** ବିଶିଷ୍ଟ କବି ନିତ୍ୟାନନ୍ଦ ନାୟକ ଚଳିତ ବର୍ଷ ଶାରଳା ପୁରସ୍କାର ପାଇବେ। ତାଙ୍କ ରଚିତ କବିତା ସଂକଳନ 'ସେତେବେଳକୁ ନଥିବ' ନିମନ୍ତେ ନାୟକ ୪୧ତମ ଶାରଳା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଶାରଳା ପୁରସ୍କାର ଉପଦେଷ୍ଟା ପରିଷଦ ପକ୍ଷରୁ ବୁଧବାର ଏନେଇ ଘୋଷଣା କରାଯାଇଛି। ପୁରସ୍କାର ସ୍ୱରୂପ ନାୟକଙ୍କୁ ୫ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। ନିତ୍ୟାନନ୍ଦଙ୍କ ଏହି ପୁସ୍ତକ ୨୦୧୭ରେ ଫ୍ରେଣ୍ଡ୍‌ସ ପବ୍ଲିଶର୍ସ ଦ୍ୱାରା ପ୍ରକାଶିତ ହୋଇଛି। ଅନ୍ୟପକ୍ଷରେ ସଙ୍ଗୀତ ଏବଂ ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ରାଜ୍ୟର ଅନ୍ୟ ଦୁଇଜଣ କୃତୀ ବ୍ୟକ୍ତିତ୍ୱଙ୍କୁ ଇଲା ପଣ୍ଡା ସଙ୍ଗୀତ ସମ୍ମାନ ଏବଂ ଚିତ୍ରକଳା ସମ୍ମାନରେ ସମ୍ମାନିତ କରାଯିବ। ଚଳିତବର୍ଷ ଲାଗି ସଙ୍ଗୀତ କ୍ଷେତ୍ରରେ ରଞ୍ଜିତ କୁମାର ନାଗ ଏବଂ ଚିତ୍ରକଳା କ୍ଷେତ୍ରରେ ଶ୍ୟାମସୁନ୍ଦର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପୁରସ୍କାର ସମାରୋହ ଆୟୋଜନ କରା ନ ଯାଇ ବ୍ୟକ୍ତିଗତ ଭାବେ ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଇମ୍ପା ଗ୍ରୁପ୍ ପରିଚାଳିତ 'ଇମ୍ପାକ୍ଟ' ଆନୁକୂଲ୍ୟରେ ୧୯୭୯ରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ଅବପାତ ରୂପ ନେବ ଲଘୁଚାପ

ଭୁବନେଶ୍ୱର,୭।୧୦(ବ୍ୟୁରୋ)

- ୧୧ରେ ଉତ୍ତର ଆନ୍ଧ୍ର, ଦକ୍ଷିଣ ଓଡିଶା ଦେଇ ସ୍ଥଳ ଭାଗ ଅତିକ୍ରମ କରିବ

ଆଣ୍ଡାମାନ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୯ ତାରିଖରେ ଲଘୁଚାପରେ ପରିଣତ ହେବ। ତାହାର ୨୪ ଘଣ୍ଟା ପରେ ଏହା ଅବପାତ(ଡିପ୍ରେସନ)ର ପରିଣତ ହେବାର ସମ୍ଭାବନା ରହିଛି। ଅବପାତ ଆସନ୍ତା ୧୧ ତାରିଖ ସନ୍ଧ୍ୟାରେ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ଆସନ୍ତା ୧୧ ଓ ୧୨ ତାରିଖରେ ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ପୁରୀ, କନ୍ଧମାଳ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ଅବପାତ ଯୋଗୁ ଉପକୂଳରେ ଘଣ୍ଟାକୁ ୪୫ରୁ ୫୦ କି.ମି. ବେଗରେ ପବନ ବହିପାରେ। ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଆସନ୍ତା ୧୦ ତାରିଖ ପୂର୍ବରୁ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ୧୧ ତାରିଖରେ ସମୁଦ୍ରକୁ ନ ଯିବା ଲାଗି ମଧ୍ୟ ସତର୍କ କରାଯାଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟରେ ବର୍ଷା ହେବାର କୌଣସି ସୂଚନା ନାହିଁ।

# ବର୍ଷା ପ୍ରିୟଦର୍ଶିନୀଙ୍କୁ ନୋଟିସ

ନୂଆଦିଲ୍ଲୀ, ୭।୧୦



**ଡିସେମ୍ବର ୧୦ରେ ଦିଲ୍ଲୀ କୋର୍ଟରେ ହେବେ ହାଜର**

ଦିଲ୍ଲୀ ପଟିଆଲା ହାଉସ ଫାମିଲି କୋର୍ଟରେ ଡିସେମ୍ବର ୧୦ରେ ହାଜର ହେବାକୁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନୋଟିସ ହୋଇଛି। ସ୍ୱାମୀ ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି କରିଥିବା ଛାଡ଼ପତ୍ର ମାମଲାରେ ବର୍ଷାଙ୍କୁ ହାଜର ହେବାକୁ ଫାମିଲି କୋର୍ଟ ବିଚାରପତି ଅଞ୍ଜୁ ବାଜାଜ ଚନ୍ଦନା ଏହି ନୋଟିସ ଜାରି କରିଛନ୍ତି। ଅନୁଭବ ଏବଂ ତାଙ୍କ ପରିବାର ପ୍ରତି ବର୍ଷା ମାନସିକ ଯନ୍ତ୍ରଣା ଦେବା ଦ୍ୱାରା ଉଭୟଙ୍କ ବୈବାହିକ ଜୀବନ ସ୍ୱାଭାବିକ ହୋଇପାରୁ ନାହିଁ। ଏପରି କି ବର୍ଷା ତାଙ୍କ ସ୍ୱାମୀ ଓ ଶାଶୁଶ୍ୱଶୁରଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ବୋଲି ଅନୁଭବଙ୍କ ଓକିଲ ଅଶ୍ୱିନୀ ଦୁବେ କହିଛନ୍ତି। ଗତ ଜୁଲାଇ ୭ରେ ଅନୁଭବ ପଟିଆଲା ହାଉସ କୋର୍ଟରେ ବର୍ଷାଙ୍କ ବିରୋଧରେ ଛାଡ଼ପତ୍ର ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ୨୦୧୪ ଫେବୃୟାରୀ ୮ରେ ବର୍ଷା ଓ ଅନୁଭବଙ୍କ ମଧ୍ୟରେ ବିବାହ ହୋଇଥିଲା। ବିବାହ ପ୍ରଥମ ଦିନରୁ ଉଭୟଙ୍କ ମଧ୍ୟରେ ସମ୍ପର୍କକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ଏପରି କି ବର୍ଷା ଅଧିକାଂଶ ସମୟ ବାପଘରେ ରହିବାକୁ ପସନ୍ଦ କରୁଥିଲେ। ବର୍ଷା କେବେହେଲେ ବି ଅନୁଭବଙ୍କୁ ସ୍ୱାମୀ ବୋଲି ଭାବୁ ନ ଥିଲେ। ୨୦୧୯ ମେ' ରୁ ଉଭୟ ସ୍ତ୍ରୀସ୍ୱାମୀ ଅଲଗା ରହୁଛନ୍ତି ଏବଂ ସେମାନଙ୍କ ମଧ୍ୟରେ କୌଣସି ବୈବାହିକ ସମ୍ପର୍କ ନାହିଁ ବୋଲି ଅନୁଭବ ଆବେଦନରେ ଦର୍ଶାଇ ଛାଡ଼ପତ୍ର ପାଇଁ ନିବେଦନ କରିଛନ୍ତି। ଅପରପକ୍ଷରେ ଅନୁଭବ ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ କରିଥିବା ମାମଲାକୁ କଟକ ସ୍ଥାନାନ୍ତର କରିବାକୁ ବର୍ଷା ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି, ଯାହାକି ବିଚାରାଧୀନ ରହିଛି।


LIC HFL
LIC HOUSING FINANCE LTD

**LIC HOUSING FINANCE LTD.**

**NOTICE**

**LIC Housing Finance Ltd** hereby brings to the notice of its employees, general public and customers that from **01.11.2020 all Regional Offices, Back offices, Marketing Offices and Customer Service Centers** of the Company shall remain closed on the **second and fourth Saturday of every month**. All **Saturdays** except **second and fourth Saturday** will be full working days for the above mentioned offices.

**Date : 08.10.2020**

***Regional Manager***
*East Central Regional Office*

DSPL-74



ODISHA
NEW OPPORTUNITIES




**ODISHA The New Manufacturing Hub of India**

**Odisha has emerged as the #1 investment destination in India, with 18% share of all investments nationally during April-September, 2019**

**Despite industrial disruption and global economic slowdown due to Covid-19 pandemic, Odisha could garner more than ₹ 12,000 crores worth of investments in the lockdown period due to the investor friendly policies and governance framework.**

After 9 phases of ground-breaking/inauguration of various industrial projects, Industries Department, Govt. of Odisha is pleased to announce...

**10th PHASE**

**Ground-breaking/Inauguration**

**12 New Industrial Projects* across 7 Districts**

by

**Shri Naveen Patnaik**

Hon'ble Chief Minister

**on 8th October, 2020 at 5PM**

**Inauguration**

Aditya Birla Renewables, Bijepur, Bargarh
Ramco Cements, Haridaspur, Jajpur

**Ground-breaking**

B-One Business House, Khordha | Baidyabooti Pharmacy, Khordha
Diversified Energy Solution, Cuttack | Mehan Industries, Khordha
Omm Eco Build Tech, Cuttack | Rungta Mines, Dhenkanal
Shyam Metalics and Energy, Sambalpur | Swagath Urethane, Cuttack
Swosti Ecowares, Balangir | UBN Software Solution, Khordha

***Investment of ₹ 8,797.03 crore with potential employment for 7,090**

OIPR-14005/13/0002/2021

#Source: Center for Monitoring Indian Economy (CMIE)

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Invest Odisha Mobile app Google Play App Store Windows Store
Follow us on @investInOdisha /InvestOdisha

> ବର୍ତ୍ତମାନ ପର୍ଯ୍ୟନ୍ତ ଯାହା ଓ ଯେତିକି ହୋଇଛି- ଏବଂ ଭବିଷ୍ୟତରେ ଯାହା ଓ ଯେତିକି ହେବ- ଏହି ଦୁଇଟିର ମଧ୍ୟବର୍ତ୍ତୀ ଶୂନ୍ୟସ୍ଥାନରେ ମଣିଷକୁ ଏକ ସେତୁ ରୂପେ ପକାଯାଇଛି। -ଶ୍ରୀମା

# ପ୍ରାଣୀ ହିଂସାର ନିଛକ ଛବି

ମାନେକା ଗାନ୍ଧୀ

ଇୟାନ କ୍ରଫ୍ଟନ୍‌ଙ୍କ 'ଏ କ୍ୟୁରିୟସ୍ ହିଷ୍ଟ୍ରି ଅଫ୍ ଫୁଡ୍ ଆଣ୍ଡ୍ ଡ୍ରିଙ୍କ୍' ବହି ମୁଁ ପଢୁଛି। ଏହାକୁ ଯେତେ ଅଧିକ ପଢୁଛି ମୋ ମନ ସେତେ ଦୁଃଖ ପାଉଛି। ବିନାଶ ଲାଗି ଭୟଙ୍କର କ୍ରୂରତା, ଅତିଲୋଭ ଏବଂ ଅସମ୍ବେଦନଶୀଳତାର ଏହା ଏକ ନିଛକ ସଙ୍କଳନ। ବିଭିନ୍ନ ଦେଶରେ ପ୍ରାଣୀମାନଙ୍କ ପ୍ରତି ମଣିଷର ବର୍ବରତା ସମ୍ପର୍କରେ ଭିନ୍ନ ଧରଣର ବର୍ଣ୍ଣନା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଉଛି।

୧୯୯୦ରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ଦକ୍ଷିଣ ଫ୍ରାନ୍ସରେ ନେଔଣ୍ଡର୍ଥାଲ (ଆଦିମାନବ) ରହୁଥିବା ଅଞ୍ଚଳରେ ଅନୁଧ୍ୟାନ କରି ଖ୍ରୀ.ପୂ.୧୦୦,୦୦୦ର ମାନବ ଅସ୍ଥି ପାଇଛନ୍ତି। ସେମାନେ ମୃଗଗୁଡିକୁ ଖାଇଲା ଭଳି ମଣିଷମାନଙ୍କୁ ବି ଖାଉଥିଲେ। କାରଣ ମାନବ ଅସ୍ଥିଗୁଡ଼ିକ ନିକଟରେ ମୃଗଅସ୍ଥି ମଧ୍ୟ ପଡିଥିବା ଦେଖିବାକୁ ମିଳିଥିଲା। ଏଣୁ ଏଥିରୁ ସ୍ପଷ୍ଟ ଯେ, ସେତେବେଳେ ମଣିଷ ନରଭକ୍ଷୀ( କାନିବାଲ) ଥିଲେ। କିନ୍ତୁ ବିବର୍ତ୍ତନ ଚକ୍ରରେ ସେମାନେ ପରିବର୍ତ୍ତନ ହେଲେ କି? ୨୦୦୯ରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ଜର୍ମାନୀର ରାଇନ୍‌ଲ୍ୟାଣ୍ଡରେ ଖ୍ରୀ.ପୂ. ୫,୦୦୦ ଅର୍ଥାତ୍ ୭୦୦୦ ବର୍ଷ ପୂର୍ବର ଆଧୁନିକ ମଣିଷଙ୍କ ଅସ୍ଥି ପାଇଥିଲେ। ଏହି ସମୟରେ ରାଜାମାନେ ଭାରତକୁ ଶାସନ କରୁଥିଲେ। ଏଠାରେ ମୁଦ୍ରା ପ୍ରଚଳନ ଓ ଦେବଦେବୀଙ୍କୁ ପୂଜା କରାଯିବା ସହ ଆଧ୍ୟାତ୍ମିକ ଗ୍ରନ୍ଥ ମଧ୍ୟ ପ୍ରଚଳନ ଥିଲା। ମିଳିଥିବା ମଣିଷ ହାଡ଼ରୁ ଜଣାପଡୁଛି ଯେ, ସେତେବେଳେ ମଣିଷକୁ ମାରି ତା' ମାଂସକୁ ମଣିଷ ଖାଉଥିଲା (କାନିବାଲିଜମ)। ଅର୍ଥାତ ସେବେଯାଏ ନରଭକ୍ଷୀ ମଣିଷ ପୃଥିବୀରେ ରହୁଥିଲେ। କିନ୍ତୁ ଅନ୍ୟ ସବୁ ପ୍ରାଣୀ ଆମ ଭଳି ସମ୍ବେଦନଶୀଳ ହୋଇଥିବାବେଳେ ସେମାନଙ୍କୁ ହତ୍ୟାକରି ମାଂସ ଖାଉଥିବାରୁ ଆମେ ଏବେ ବି ନରଭକ୍ଷୀଙ୍କଠାରୁ କିଛି କମ୍ ନୋହୁଁ। ବ୍ୟବସାୟିକ ଉଦ୍ଦେଶ୍ୟରେ ତିଆରି କରାଯାଉଥିବା ବିସ୍କୁଟ ଏବଂ ପାଉରୁଟିରେ ମଣିଷ କେଶରୁ ପ୍ରସ୍ତୁତ ଏଲ୍- ସିଷ୍ଟିନ ଉପଯୋଗ କରାଯାଉଛି। ପରୋକ୍ଷରେ ମଣିଷ ଅଙ୍ଗକୁ ଖିଆଯାଉଛି। ଏହା କ'ଣ ରାକ୍ଷସପଣ ବା ନରଭକ୍ଷିତା ପ୍ରବୃତ୍ତି ନୁହେଁ କି? ଖ୍ରୀ.ପୂ. ୬୦୦୦ରେ ସର୍ବପ୍ରଥମେ ଜଳହସ୍ତୀରୁ ସୁପ୍ ପ୍ରସ୍ତୁତ କରାଯାଇଥିଲା। ଜଳହସ୍ତୀର ମୁଣ୍ଡକୁ ଭିନେଗାର ଓ କଟା ପିଆଜ ସହ ସିଝାଇ ସୁପ କରାଯାଉଥିବା ବିଷୟରେ ୧୮୬୪ରେ ଇଂଲଣ୍ଡର ଅନ୍ୱେଷକ ସାମୁଏଲ ବେକର ମଧ୍ୟ ଉଲ୍ଲେଖ କରିଛନ୍ତି।

ହଜାର ହଜାର ବର୍ଷ ତଳେ ଲୋକେ ଗର୍ଭବତୀ ଗାଈ ଓ ଘୁଷୁରିର ଚିରକୁ ଖାଉଥିଲେ। ଆମେ ଏବେ ମଧ୍ୟ ଗର୍ଭବତୀ ଓ ଛୁଆ ଜନ୍ମ କରିଥିବା ମଇଁଷିର ମାଂସ ମଧ୍ୟପ୍ରାଚ୍ୟକୁ ରପ୍ତାନି କରୁଛୁ। ଯେଉଁ କମ୍ପାନୀ ବେଆଇନ ଭାବେ ଏହି ମଇଁଷିମାନଙ୍କୁ ମାରନ୍ତି ସେମାନେ ତା'ମାଂସ ସହ ଚିରଗୁଡ଼ିକୁ ରଖନ୍ତି, ଯାହାଦ୍ୱାରା ସେହି ମାଂସ ଗର୍ଭବତୀ ମଇଁଷିର ବୋଲି ଜଣାପଡେ। ମୁମ୍ବାଇର ଡେଓନାର କଂସେଇଖାନା ମଇଁଷିଗୁଡ଼ିକୁ ଦୁହିଁବା ସମୟର ଫଟୋ ନେବା ପରେ ସେମାନଙ୍କୁ କାଟିଥାଏ ଓ ସେହି ଫଟୋକୁ ବି ରପ୍ତାନି କରାଯାଉଥିବା ମାଂସ ସହ ରଖାଯାଏ। ଏଣୁ ଚିନ୍ତା କରନ୍ତୁ ତ ଆମେ ଆଧୁନିକ ମଣିଷ ହିସାବରେ କେତେ ପରିବର୍ତ୍ତନ ହୋଇପାରିଛେ? ଆଜ୍‌ଟେକମାନେ( ମେକ୍ସିକୋରେ ରହୁଥିବା ଲୋକ) ଚକୋଲେଟକୁ ପିବିତ୍ର ଔଷଧ ଭାବେ ଗ୍ରହଣ କରୁଥିଲେ। ପାଶ୍ଚାତ୍ୟରେ ୧୫୦୦ ମସିହାରେ ଚକୋଲେଟ ଆବିଷ୍କାର କରାଯାଇଥିଲା। ସେତେବେଳେ ସିକାଡାସ କୀଟ ସହ ଏହାକୁ ଖାଇବାକୁ ସେମାନେ ଭାରି ଭଲ ପାଉଥିଲେ। ଭାରତର କେତେକ ଅଞ୍ଚଳରେ ଏହି ଘୃଣିତ ପରମ୍ପରା ବି ଚାଲିଛି। ଦୃଷ୍ଟାନ୍ତ ସ୍ୱରୂପ,ଉଜ୍ଜ୍ୱଳ ଆଲୋକ ତଳେ ଏକ କୁଣ୍ଡରେ ତେଲ ଫୁଟୁଥିବାବେଳେ ସେହି ଆଲୋକ ଆଡ଼କୁ ଯାଉଥିବା କୀଟ ସେଥିରେ ପଡି ମରନ୍ତି ଏବଂ ଆମେ ତାହାକୁ ଖାଉ। ଜାପାନରେ ଚକୋଲେଟ ବିସ୍କୁଟ ଭିତରେ ଭଅଁର ରଖାଯାଏ।

ରୋମ ସଭ୍ୟତା ନିଜ ସୁଖ ଲାଗି ବିଶ୍ୱର ବହୁତ କିଛି ନଷ୍ଟ କରିଦେଇଥିଲା। ସେ ସମୟରେ କ୍ରୀତଦାସ ଓ ହିଂସ୍ରପ୍ରାଣୀମାନଙ୍କୁ ସର୍ବସମ୍ମୁଖରେ ଏକାଠି ଲଢ଼ାଯାଉଥିଲା। ସାରା ବିଶ୍ୱରେ ପ୍ରାଣୀଙ୍କୁ ନେଇ ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା। ମଦରେ ନ ମରିବା ଯାଏ ମାଛକୁ ପହଁରାଯାଉଥିଲ। ବାଦୁଡି ପାଦରୁ ଜେଲି ଓ ବେଙ୍ଗ ପ୍ଲିହାରୁ ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା। କୋଚିଆକୁ ତା'ରକ୍ତରେ ହିଁ ରାନ୍ଧୁଥିଲେ ସେମାନେ। ଆମେ ଏବେ ସେମାନଙ୍କଠାରୁ କି ଭଲ କାମ କରିଛେ? ଆମେରିକାରେ ର୍ୟାଟେଲସ୍ନେକ୍‌କୁ ଅଣ୍ଡା,ଅଟା ଓ ରୁଟିଖଣ୍ଡ ସହ ଫ୍ରାଏ କରି ଖାଆନ୍ତି। ଭିଏତ୍‌ନାମରେ ଦୁର୍ବଳ କୋବ୍ରାକୁ ତୁମ ସାମ୍‌ନାରେ କାଟି ସାପର ହାର୍ଟକୁ ଗ୍ଲାସରେ ଥିବା ତା'ରକ୍ତରେ ରଖନ୍ତି। ପଶ୍ଚିମବଙ୍ଗ ଓ କେରଳରେ ଜିଅନ୍ତା କଇଁଛକୁ ଓଲଟାଇ ଦେଇ ତା ପେଟକୁ କାଟି ତାହାକୁ ଗ୍ଲାସରେ ଥିବା ରକ୍ତରେ ବୁଡାଇ ରଖନ୍ତି। ନାମ୍ବିଆରେ ୱାରଥୋଗ( ବଣଘୁଷୁରି)ର ଅନ୍ତନାଡିକୁ ମଳଦ୍ୱାର ବାଟେ ବାହାର କରି ଆଣନ୍ତି ଓ ଏହା ସହ ମଳ ବି ବାହାରକୁ ବାହାରି ଆସେ। ପରେ ସେମାନେ ଏହାକୁ ସଫା ନ କରି ଭାଜି ଖାଇଥାନ୍ତି। ଦ୍ୱାଓ୍ୱେଜି ମ୍ୟାକ୍‌ଚାଙ୍ଗ ଡିଶ୍ କୋରିଆବାସୀଙ୍କ ଭାରି ପ୍ରିୟ। ଏହା ଘୁଷୁରି ମଳାଶୟରୁ ପ୍ରସ୍ତୁତ କରାଯାଏ। ସିଙ୍ଗାପୁରରେ ଲୋକେ ଘୁଷୁରିର ଗର୍ଭାଶୟ ଓ ଫାଲୋପେନ ଟ୍ୟୁବ (ଡିମ୍ବାଣୁବାହୀ ନଳିକା)କୁ ଫ୍ରାଏ କରି ଖାଆନ୍ତି। କାନାଡ଼ାରେ ଏସ୍କିମୋମାନେ ଶିଲ୍‌ମାଛ ମାରିବା ପରେ ତା'ତାଜା ଆଖିକୁ ଖାଇଥାନ୍ତି। ଜାପାନରେ ଟୁନା ମାଛର ଡୋଳା ବି ସୁପର୍ ମାର୍କେଟରେ ବିକ୍ରି କରାଯାଏ ଓ ତାହାକୁ ରସୁଣ ସହ ଲୋକେ ଖାଆନ୍ତି। ଆଲାସ୍କାବାସୀ ମୁସ୍( ଏକ ପ୍ରକାର ହରିଣ)ର ନାକକୁ କାଟି ସିଝାଇ ଖାଆନ୍ତି। ଫ୍ରାନ୍ସରେ ଷ୍ଟୁରଜେଓନ ମାଛ ବଞ୍ଚିଥିବାବେଳେ ତା'ପେଟ କାଟି ଅଣ୍ଡା ବାହାର କରି ଖାଇଥାନ୍ତି। ଏହାକୁ କାଭିୟାର କୁହାଯାଏ। ମେକ୍ସିକୋରେ ପିମ୍ପୁଡିର ଲାର୍ଭା ଓ ପ୍ୟୁପାରୁ ଏସ୍କାମୋଲୋର 'ଇନ୍‌ସେକ୍ଟ କାଭିୟାର' ପ୍ରସ୍ତୁତ କରାଯାଏ।

ପୁରୁଷଙ୍କ ସ୍ପର୍ମ ବା ଶୁକ୍ରାଣୁ ଖାଇଲେ ଜଣେ ଅସୁସ୍ଥ ହୋଇଯାଏ। କିନ୍ତୁ ଜାପାନରେ ସ୍ପର୍ମ ସହ ମାଛ ସିମେନର ଷ୍ଟିମ୍ କିମ୍ବା ଫ୍ରାଏକୁ ଖାଆନ୍ତି। ମାଛର ସ୍ପର୍ମ (ମିଲ୍‌ଟ)ର ସ୍ୱାଦ ପୁରୁଷ ସ୍ପର୍ମ ଭଳି। ଏହା ରୋମାନିଆ,ରୁଷିଆ,ଇଣ୍ଡୋନେସିଆ ଓ ଜାପାନବାସୀଙ୍କ ପ୍ରିୟ। ହଂସର କ୍ୟାନ୍‌ସରସ୍ ଲିଭରରୁ ପ୍ରସ୍ତୁତ ପେଷ୍ଟ (ଫାଟେ ଡି ଫୋଇ ଗ୍ରାସ)କୁ ଖାଇବାକୁ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି। ଉତ୍ତର ୟୁରୋପୀୟ ଦେଶଗୁଡ଼ିକରେ ଗ୍ରୀନ୍‌ଲାଣ୍ଡ ସାର୍କର ମୁଣ୍ଡ କାଟି ତାହାକୁ ବାଲିରେ ତିନିମାସ ଯାଏ ପୋତି ପଚିଗଲେ ବାହାର କରି ଖାଇଥାନ୍ତି। ଏମାନେ କିଙ୍ଗ୍ ସାଲମନର ପଚାମୁଣ୍ଡକୁ ମାଟିତଳେ ପୋତି କିଛି ସପ୍ତାହ ପରେ ତାହାକୁ ଭର୍ତ୍ତା ଭଳି ଖାଇଥାନ୍ତି। ଫ୍ରାନ୍ସ ଓ ଚାଇନା ସମେତ ଅନେକ ୟୁରୋପୀୟ ଦେଶରେ ଜିଅନ୍ତା ବେଙ୍ଗର ଗୋଡ କାଟି ଖାଇଥାନ୍ତି। ଏଭଳି କ୍ରୁରତା ଦେଖିଲେ ଆମେ ଘୃଣା କରିପାରୁ। କିନ୍ତୁ ୧୯୭୭ ପର୍ଯ୍ୟନ୍ତ ଭାରତ ବେଙ୍ଗଗୋଡ ରପ୍ତାନିରେ ସବୁଠୁ ଆଗରେ ଥିଲା। ବେଙ୍ଗକୁ ବହୁଳ ଭାବେ ମରାଯାଉଥିଲା। ଏବେ ସୁଦ୍ଧା ବି ଏଥିରୁ ବର୍ତ୍ତିପାରିନାହାନ୍ତି ବେଙ୍ଗ। ୨୦୧୪ ସୁଦ୍ଧା ବିଶ୍ୱରେ ବେଙ୍ଗଗୋଡ ରପ୍ତାନିରେ ଏକ ନମ୍ବର ଥିଲା ଇଣ୍ଡୋନେସିଆ।

ରାଜସ୍ଥାନର ରାଜ ପରିବାରଗୁଡ଼ିକରେ ମଦରେ ମଲାପାରାକୁ ପକାଇ ତାହା ପଚିସଢ଼ି ଯିବା ପରେ ସେଥିରୁ ଏକ ପ୍ରକାର ମଦ ପ୍ରସ୍ତୁତ କରୁଥିଲେ,ଯାହାକୁ କୁହାଯାଉଥିଲା ଆଶା। ଏ କଥା ଭାବିଲାବେଳକୁ ଦୁଃଖ ଲାଗେ। କିନ୍ତୁ ଭାରତରେ ଲକ୍ଷ ଲକ୍ଷ ଲୋକ ମଦ ପିଉଛନ୍ତି। ଏହି ମଦ ମଲାମାଛର ବ୍ଲାଡର( ଇସିଙ୍ଗ୍ଲାସ) ମାଧ୍ୟମରେ ଫିଲ୍‌ଟର ହେଉଛି। ବିୟରକୁ ମଧ୍ୟ ମାଛ ବ୍ଲାଡର ଦେଇ ଫିଲ୍‌ଟର କରାଯାଉଛି। ଫିଲିପାଇନ୍ସରେ ବତକ ଅଣ୍ଡାକୁ ଉଷୁମାଇ ୧୮ ଦିନ ପରେ ଅଣ୍ଡାର ଧଳା ଅଂଶ, କେଶର ଓ ସେଥିରେ ବିକଶିତ ହୋଇଥିବା ଭ୍ରୁଣକୁ ଏକାଠି କରି ସେମାନଙ୍କ ଜାତୀୟ ଭୋଜନ ବାଲୁଟ ସହ ଖାଇଥାନ୍ତି। କୁକୁର ମାଂସ ଖାଇବାକୁ ଭାରତୀୟମାନେ ଘୃଣା କରନ୍ତି। ଏହାକୁ ବନ୍ଦ କରିବା ଲାଗି ମାତ୍ର ୩ ଦିନରେ ନାଗାଲାଣ୍ଡକୁ ୧.୨୭ ଲକ୍ଷରୁ ଊର୍ଦ୍ଧ୍ୱ ଇ-ମେଲ୍ ପଠାଯାଇଥିଲା। କିନ୍ତୁ ଛେଳି ଏବଂ କୁକୁଡା କ'ଣ କମ୍ ସମ୍ବେଦନଶୀଳ କି? ନା କେବେ ବି ନୁହେଁ। ମୁଁ ପ୍ରାଣୀମାନଙ୍କ ସହ ଜୀବନ ବିତାଇ ଆସିଛି। ଦେଖିଛି ଛେଳି,ଓଟ,ଗଧ ଏବଂ ବିଶେଷ କରି ବତକ ଓ କୁକୁଡାଠାରେ କୁକୁରଙ୍କ ଭଳି ବୁଦ୍ଧି ରହିଛି। ଏମାନଙ୍କୁ ଭଲପାଇ କୁକୁରଙ୍କ ଭଳି ପୋଷା ମନାଇବା ବି ସହଜ। କିନ୍ତୁ ଅନ୍ୟମାନେ ଏହି ପ୍ରାଣୀମାନଙ୍କୁ ମାରିଦେଉଛନ୍ତି। ଜଣେ ସଭ୍ୟ ମଣିଷ ହେବାକୁ ହେଲେ ଜୀବନରେ ଦୟା ଭାବ ଦରକାର। କିନ୍ତୁ ମଣିଷର କିଛି ପରିବର୍ତ୍ତନ ହୋଇନାହିଁ, ପୂର୍ବରୁ ଯେମିତି ହିଂସକ ଥିଲା ଏବେ ବି ସେମିତି ରହିଛି।

Email: gandhim@nic.in

# ସାଂଖ୍ୟ ଦର୍ଶନର ମୂଳତତ୍ତ୍ୱ

ଡା. ଗୋପାଳ ଚନ୍ଦ୍ର ଦାଶ

ସାଂଖ୍ୟ ଦର୍ଶନର ରଚୟିତା ମହର୍ଷି କପିଳ। ଭାରତୀୟ ଦର୍ଶନରେ ସାଂଖ୍ୟ ଦର୍ଶନ ସବୁଠାରୁ ପ୍ରାଚୀନତମ। କର୍ଦ୍ଦମ ମୁନୀ ଓ ଦେବହୁତିଙ୍କ ଗର୍ଭରୁ ସତ୍ୟ ଯୁଗରେ କପିଳ ମୁନୀ ଜନ୍ମଗ୍ରହଣ କରିଥିଲେ ବୋଲି ଭାଗବତରେ ପ୍ରମାଣ ମିଳେ। ଭାଗବତ ଗୀତା ଦଶମ ଅଧ୍ୟାୟରେ ତାଙ୍କୁ ଜଣେ ସିଦ୍ଧ ପୁରୁଷ ବୋଲି ବର୍ଣ୍ଣନା କରାଯାଇଛି। ସିଦ୍ଧାନାଂ କପିଳୋ ମୁନିଃ (୧୦/୧୬)। କପିଳଙ୍କ ଦ୍ୱାରା ରଚିତ ସାଂଖ୍ୟ ଦର୍ଶନ ଗ୍ରନ୍ଥଟି ଛଅ ଗୋଟି ଅଧ୍ୟାୟରେ ବିଭକ୍ତ। ଏଥିରେ ଥିବା ମୋଟ ସୂତ୍ର ସଂଖ୍ୟା ୫୨୪। ପୁରାତନ ସାଂଖ୍ୟ ବିଶ୍ୱର ଧାରାକୁ କପିଳ ମୁନି ଏକ ସୁସଙ୍ଗଠିତ ଓ ସୁବ୍ୟବସ୍ଥିତ ଭାବରେ ଏହି ଦର୍ଶନ ଶାସ୍ତ୍ରରେ ପ୍ରତିପାଦନ କରିଛନ୍ତି। ଏହା ଏକ ମନୋବିଜ୍ଞାନ ଦର୍ଶନ, କାରଣ ଜଗତର ସୂକ୍ଷ୍ମ ତତ୍ତ୍ୱକୁ ନେଇ ଏହା ରଚନା କରାଯାଇଛି। ଶ୍ରୀମଦ ଭାଗବତ ଗୀତାର ଦ୍ୱିତୀୟ ଅଧ୍ୟାୟ, (ସାଂଖ୍ୟ ଯୋଗ) ଏହି ଦର୍ଶନର ପ୍ରତିବିମ୍ବ ଅଟେ। ସାଂଖ୍ୟ ଦର୍ଶନର ତତ୍ତ୍ୱକୁ ଗୀତାରେ ନିଷ୍କାମ କର୍ମ ଯୋଗ ଭାବରେ ପ୍ରତିପାଦନ କରାଯାଇଛି। ସାଂଖ୍ୟ ଦର୍ଶନର ପ୍ରଥମ ସୂତ୍ରରେ ଦର୍ଶାଯାଇଛି ଯେ ତ୍ରିବିଧ ଦୁଃଖ (ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ)ରୁ ମୁକ୍ତି ଦ୍ୱାରା ପରମ ପୁରୁଷାର୍ଥ- ଅର୍ଥାତ୍ ମୋକ୍ଷ ପ୍ରାପ୍ତି ହୋଇଥାଏ। ସୂତ୍ରରେ କୁହାଯାଇଛି, ''ଅଥ ତ୍ରିବିଧ ଦୁଃଖାତ୍ୟନ୍ତ ନିବୃତ୍ତିରତ୍ୟନ୍ତ ପୁରୁଷାର୍ଥ'' (ସୂତ୍ର-୧)। ସାଂଖ୍ୟ ଦର୍ଶନ ବୈଦିକ ମତର ପ୍ରତିପାଦକ ଓ ଦ୍ୱୈତ୍ୟବାଦ ଉପରେ ପ୍ରତିଷ୍ଠିତ। ଏହି ଦର୍ଶନରେ କୁହାଯାଇଛି ଯେ, ମନୁଷ୍ୟର ୨୫ ଗୋଟି ତତ୍ତ୍ୱ ସମ୍ବନ୍ଧରେ ଜ୍ଞାନ ହେଲେ ଦୁଃଖ ଦୂର ହୁଏ ଓ ଜୀବ ମୁକ୍ତ ହୁଏ। ଆହୁରି ମଧ୍ୟ ଏହି ଦର୍ଶନରେ ୪ ଆଶ୍ରମ, ୨୫ ତତ୍ତ୍ୱ, ତ୍ରିବିଧ ଦୁଃଖ, ପଞ୍ଚ ତୁଷ୍ଟି ଓ ଅଷ୍ଟ ସିଦ୍ଧି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।

ଆତ୍ମା, ପରମାତ୍ମା, ସୃଷ୍ଟି ରଚନା ପ୍ରକୃତିର କ୍ରମବିକାଶ ଆଦି ମୁଖ୍ୟ ସିଦ୍ଧାନ୍ତ ଉପରେ ଏହି ଦର୍ଶନ ଦୃଷ୍ଟିପାତ କରାଯାଏ। ଏହି ଦର୍ଶନକୁ ସାଂଖ୍ୟ ଦର୍ଶନରେ ନାମିତ କରିବା ପଛରେ ଦୁଇଗୋଟି ମତ ଦର୍ଶାଯାଇଥାଏ। କେତେକ ନିର୍ଦ୍ଦିଷ୍ଟ ସଂଖ୍ୟକ ତତ୍ତ୍ୱକୁ ଆଧାର ଭାବରେ ଗ୍ରହଣ କରାଯାଇଥିବାରୁ ଏହି ଦର୍ଶନର ନାମ ସାଂଖ୍ୟ ଦର୍ଶନ। ସେହି ତତ୍ତ୍ୱଗୁଡ଼ିକର ସଂଖ୍ୟା ହେଉଛି ୨୫- ଯାହା ସୃଷ୍ଟିର ପ୍ରାରମ୍ଭ କାଳରୁ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡରେ ଅଛି ବୋଲି ଗ୍ରହଣ କରାଯାଇଛି। ଏହା ଏକ ଦ୍ୱୈତ୍ୟମୂଳକ ଦର୍ଶନ। ଦୁଇଟି ପ୍ରଧାନ ତତ୍ତ୍ୱ- ପ୍ରକୃତି ଓ ପୁରୁଷ। ପ୍ରକୃତି ଜଡ଼ ମାତ୍ର ପୁରୁଷ ଚେତନ। ଉଭୟେ ନିତ୍ୟ ଓ ସୃଷ୍ଟି ଆରମ୍ଭରୁ ବିଦ୍ୟମାନ। ପ୍ରକୃତି ତ୍ରିଗୁଣାତ୍ମକ- ସତ୍ତ୍ୱ, ରଜ ଓ ତମ ଗୁଣର ସମନ୍ୱୟ। ଏହି ତିନି ଗୁଣ ମଧ୍ୟରେ ଭାରସାମ୍ୟ ରକ୍ଷାକରି ପ୍ରକୃତି ତିଷ୍ଠି ରହିଥାଏ। ପ୍ରକୃତି ଓ ପୁରୁଷର ସଂଯୋଗରେ ଜଗତ ସୃଷ୍ଟି ହୋଇଥାଏ। ପୁରୁଷ ଅବିନାଶୀ ଓ ଅପରିବର୍ତ୍ତନୀୟ। ମାତ୍ର ବିଶ୍ୱ ବ୍ରହ୍ମାଣ୍ଡର ପରିବର୍ତ୍ତନର କାରଣ- ପ୍ରକୃତି। ସାଂଖ୍ୟର ଅର୍ଥ ସମ୍ୟକ୍ ଜ୍ଞାନ। ତେଣୁ କେତେକଙ୍କ ମତରେ ଏହି ଦର୍ଶନ ଈଶ୍ୱର ଓ ପ୍ରକୃତି ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରୁଥିବାରୁ ଏହାର ନାମ ସାଂଖ୍ୟ ଦର୍ଶନ। ଏହି ଦର୍ଶନରେ ଯେଉଁ ୨୫ ଗୋଟି ତତ୍ତ୍ୱ ସମ୍ବନ୍ଧରେ ବିଚାର କରାଯାଇଛି ତାହାର ଦୁଇଗୋଟି ମୁଖ୍ୟ ବିଭାଗ ହେଉଛି ପ୍ରକୃତି ଓ ପୁରୁଷ। ପୁରୁଷ ଅଥବା ଆତ୍ମା ଚୈତନ୍ୟ ସ୍ୱରୂପ। ସେ କୌଣସି ତତ୍ତ୍ୱରୁ ନିର୍ମିତ ହୁଅନ୍ତି ନାହିଁ। ଅନ୍ୟ ୨୪ ଗୋଟି ତତ୍ତ୍ୱ ପ୍ରକୃତିର, ଯାହାକୁ ଆଠ ବିଭାଗ ଓ ୧୬ ବିକୃତି ଭାବରେ ଦର୍ଶାଯାଇଛି। ଆଠ ବିଭାଗଗୁଡ଼ିକ ହେଲେ ମୂଳ ପ୍ରକୃତି (ସତ୍ତ୍ୱ, ରଜ, ତମ), ମହତତ୍ତ୍ୱ (ବୁଦ୍ଧି), ଅହଂକାର ଓ ପାଞ୍ଚ ତନ୍ମାତ୍ରା (ଶବ୍ଦ, ରସ, ଗନ୍ଧ, ରୂପ, ସ୍ପର୍ଶ)। ଶୋହଳ ବିକୃତିଗୁଡ଼ିକ ହେଲା- ପଞ୍ଚ ସ୍ଥୂଳ ଭୂତ(ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ), ପଞ୍ଚ ଜ୍ଞାନେନ୍ଦ୍ରିୟ (ତ୍ୱଚା, ରସନା, ନେତ୍ର, ଘ୍ରାଣ, ଶ୍ରୋତ୍ର), ପଞ୍ଚ କର୍ମେନ୍ଦ୍ରିୟ (ବାକ୍, ପାଣି, ପାଦ, ଉପସ୍ଥ, ଗୁଦା) ଓ ମନ। ଏହିପରି ଭାବରେ ପ୍ରକୃତି ୨୪ ତତ୍ତ୍ୱର ସମାବେଶ। ପ୍ରକୃତି ଓ ପୁରୁଷ ଯଥାକ୍ରମେ ଜଡ଼ ଓ ଚେତନର ସଂଯୋଗରୁ ସୃଷ୍ଟି ନିର୍ମିତ।

ପ୍ରକୃତି ଓ ପୁରୁଷ ବ୍ୟତୀତ ତୃତୀୟ ସତ୍ତା ଈଶ୍ୱର ସମ୍ବନ୍ଧରେ ଏହି ଦର୍ଶନ ନୀରବ ଥିବା ଦର୍ଶାଇ କେତେକେ ମତ ପ୍ରଦାନ କରିଛନ୍ତି ଯେ, ଏହି ଦର୍ଶନ ଅବୈଦିକ। ମାତ୍ର ଏହି ଦର୍ଶନ ଶାସ୍ତ୍ରରେ ଅଧିକାଂଶ ସ୍ଥାନରେ ଉଭୟ ଜୀବାତ୍ମା ଓ ପରମାତ୍ମାଙ୍କୁ ପୁରୁଷ ଭାବରେ ବର୍ଣ୍ଣନା କରାଯାଇଛି। ବିଭିନ୍ନ ଶରୀରରେ ଥିବା ଜୀବାତ୍ମା ପୁରୁଷ ଓ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ପରମାତ୍ମା ଭରି ରହିଥିବାରୁ ସେ ମଧ୍ୟ ପୁରୁଷ। ତେଣୁ ସାଂଖ୍ୟ ଦର୍ଶନ ଅବୈଦିକ ଓ ଅନଶ୍ୱରବାଦୀ ନୁହେଁ। ସୃଷ୍ଟି ତତ୍ତ୍ୱର ବିଚାରକୁ ନେଲେ ମହର୍ଷି କପିଳଙ୍କ ଦ୍ୱାରା ରଚିତ ସାଂଖ୍ୟ ଦର୍ଶନ ଓ ପତଞ୍ଜଳିଙ୍କ ଦ୍ୱାରା ରଚିତ ଯୋଗ ଦର୍ଶନ ସହିତ କେତେକ ସାମଞ୍ଜସ୍ୟ ମିଳିଥାଏ। ସାଂଖ୍ୟ ଦର୍ଶନରେ ବର୍ଣ୍ଣନା କରାଯାଇଥିବା ୨୪ ଗୋଟି ତତ୍ତ୍ୱକୁ ଯୋଗ ଦର୍ଶନର ସୂକ୍ଷ୍ମରୁ ସ୍ଥୂଳ କ୍ରମରେ ୪ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲେ- ଅଲିଙ୍ଗ (ମୂଳ ପ୍ରକୃତି), ଲିଙ୍ଗମାତ୍ର (ମହାତତ୍ତ୍ୱ) ଅବିଶେଷ (ଅହଂକାର ଓ ପଞ୍ଚ ତନ୍ମାତ୍ରା) ଏବଂ ବିଶେଷ (ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚତତ୍ତ୍ୱ ଓ ମନ)।

ଜଗତର ସୂକ୍ଷ୍ମ ତତ୍ତ୍ୱକୁ ନେଇ ଏହି ଦର୍ଶନ ରଚନା କରାଯାଇଥିବାରୁ ଏହାକୁ ମନୋବିଜ୍ଞାନ ଦର୍ଶନ କୁହାଯାଇଥାଏ। ସମୟ ଥିଲା ଯେତେବେଳେ ସାଂଖ୍ୟ ଦର୍ଶନର ଅଧ୍ୟୟନ ବ୍ୟାପକ ରୂପେ ହେଉଥିଲା। ସମୟକ୍ରମେ ପ୍ରାଚୀନ ପରମ୍ପରା ଲୋପ ପାଇଗଲା। ବିଦ୍ୱାନଗଣ ନ୍ୟାୟ ଓ ବୈଶେଷିକ ଦର୍ଶନରେ ବର୍ଣ୍ଣନା କରାଯାଇଥିବା ସ୍ଥୂଳ ଜଗତର ତତ୍ତ୍ୱଗୁଡ଼ିକୁ ମାନିବାରେ ଲାଗିଲେ। ଜ୍ଞାନ ପରିବର୍ତ୍ତେ ତର୍କ ଉପରେ ଗୁରୁତ୍ୱ ପ୍ରଦାନ କରାଗଲା। ତେଣୁ ଏହି ଦର୍ଶନର ଗୁରୁତ୍ୱ କମିଗଲା। ଶ୍ରୀମଦ୍ ଭାଗବତ ଗୀତାରେ ସାଂଖ୍ୟ-ନିଷ୍ଠକୁ ବହୁତ ମହତ୍ତ୍ୱ ଦିଆଯାଇଛି। ଏହାକୁ ନିଷ୍କାମ କର୍ମଯୋଗର ପରିପୂରକ ବୋଲି ମାନ୍ୟତା ଦିଆଯାଇଛି। ବୌଦ୍ଧ ଓ ଜୈନମାନଙ୍କର ଅହିଂସାବାଦ ତତ୍ତ୍ୱଗୁଡ଼ିକ ସାଂଖ୍ୟ ଦର୍ଶନରୁ ନିଆଯାଇଛି ବୋଲି ଅନୁମାନ କରାଯାଏ।

ଚିକିତ୍ସା ନିର୍ଦ୍ଦେଶକ, ପୂର୍ବତଟ ରେଲ୍‌ୱେ, ଭୁବନେଶ୍ୱର
ମୋ: ୮୪୫୫୮୮୭୫୦୧

## ଏଇ ଭାରତରେ

ମଧ୍ୟପ୍ରଦେଶ ଝାବୁଆ ଜିଲାର ଆଦିବାସୀ ଝିଅମାନେ ଏବେ ବାଉଁଶରେ ଦୀପ ତିଆରି କରି ଉଦାହରଣ ପାଲଟିଛନ୍ତି। ସେମାନେ ଦୀପାବଳି ଲାଗି ୯ ହଜାର ଦୀପ ତିଆରି କରିବାର ଲକ୍ଷ୍ୟ ରଖିଛନ୍ତି। ଏବେ ସୁଦ୍ଧା ସେ ୧ ଲକ୍ଷ ଟଙ୍କାର ଅର୍ଡର ବି ପାଇଛନ୍ତି। ସେମାନେ ରାଜଗଡାରୁ ବାଉଁଶ କିଣି ସେଥିରେ ଏହି ଦୀପ ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଜିଲାରେ ଆଦିବାସୀଙ୍କୁ ଆତ୍ମନିର୍ଭର କରିବା ଲାଗି କାର୍ଯ୍ୟକରୁଥିବା ସଂସ୍ଥା ଶିବଗଙ୍ଗା ୩୦ ଜଣ ଆଦିବାସୀ ଯୁବତୀଙ୍କୁ ପ୍ରଶିକ୍ଷଣ ଦେଇ ବାଉଁଶ ଦୀପ ତିଆରି କରୁଛି। ଏହି ସଂସ୍ଥା ଦୀପ ବିକ୍ରି କରିବାକୁ ୨ ଅକ୍ଟୋବର ଗାନ୍ଧୀଜୟନ୍ତୀରୁ ଅନ୍‌ଲାଇନ ବୁକିଂ ଆରମ୍ଭ କରିଛି। ଏବେସୁଦ୍ଧା ଦିଲ୍ଲୀ, ମୁମ୍ବାଇ, ଭୋପାଳ, ବେଙ୍ଗାଲୁରୁ, ନୋଏଡା ଆଦି ବହୁ ବଡ ସହରରୁ ୧ ଲକ୍ଷ ଟଙ୍କାର ଅର୍ଡର ମିଳିଛି। ସେମାନେ ଧନୁଷ ଓ ମହୁଆ ନାମରେ ଦୁଇ ପ୍ରକାର ଦୀପ ତିଆରି କରୁଛନ୍ତି। ସେମାନଙ୍କ ହାତ ତିଆରି ବାଉଁଶର ଲ୍ୟାମ୍ପର ଚାହିଦା ବି କିଛି କମ୍ ନାହିଁ। ଦୀପ ବିକ୍ରି କରିବାକୁ ଯେଉଁ ପ୍ରମୋ କରାଯାଇଛି ସେଥିରେ ସଂସ୍ଥା ସହ ଜଡିତ ଜଣେ ସ୍ଥାନୀୟ ଆଦିବାସୀ ମହିଳାଙ୍କୁ ନିଆଯାଇଛି। ନାମ ବାମ୍ଭୁ ଦିଆଯାଇଛି। ଏମାନେ ଏବେ ପୁଣେରୁ ବାଉଁଶ ଆଣି ଲଗାଇଛନ୍ତି। ତିନି ବର୍ଷ ପରେ ଆଉ ସେମାନଙ୍କୁ ବାଉଁଶ କିଣିବାକୁ ପଡିବନି ବୋଲି କହନ୍ତି ସଂସ୍ଥାର ସଦସ୍ୟ ମହେଶ ଶର୍ମା। ଅଧ୍ୟୟନରତ ବହୁ ଛାତ୍ରୀଛାତ୍ର ଏହି ସଂସ୍ଥା ସହ ମିଶି ବିଦେଶରେ କିଭଳି ବାଉଁଶ ଉତ୍ପାଦ ବିକ୍ରି ହୋଇପାରିବ ସେଥିପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅକ୍ଟୋବର ୧୯୯୫

- ବାଂଲାଦେଶରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇ ୨୨୪ ଜଣଙ୍କ ମୃତ୍ୟୁ।
- ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ବଡ଼ଧରଣର ଭୂମିକମ୍ପ ଘଟି ଶତାଧିକ ବ୍ୟକ୍ତି ପ୍ରାଣ ହରାଇଛନ୍ତି।
- ପଞ୍ଚରାଷ୍ଟ୍ରୀୟ ଆଣବିକ ନିରସ୍ତ୍ରୀକରଣ ସମ୍ମିଳନୀରେ ଭାରତ ଯୋଗଦେବ ନାହିଁ ବୋଲି ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ପ୍ରକାଶ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | B | 9 | | | | C | A | |
| | | | E | | | | A | | 2 | 3 | 4 | 6 | | |
| | | | | | 2 | 3 | 0 | D | | B | | | | |
| | 2 | 1 | 9 | | | | | | | 6 | | 4 | | 5 |
| | 5 | | | | 3 | | | | C | D | | 1 | B | |
| C | | | | | | | | 8 | | 9 | | 0 | | |
| | | | 4 | | D | 7 | 3 | | | | C | 9 | E | |
| | | | | 6 | | | 4 | | 3 | | | | 5 | B |
| | | | B | | A | 6 | | | 4 | | | | 8 | |
| A | 1 | | | | | | | | 0 | E | B | D | | |
| | | | 0 | 3 | E | | | | D | | | | 6 | |
| | | | | | 1 | 2 | 9 | | | 8 | 0 | | | |
| | C | | | 2 | | | | | | | | 3 | | |
| B | | | | 5 | 9 | 0 | | E | | 7 | 1 | | | C |
| D | 4 | 8 | | | | | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 7 | 1 | E | C | 6 | B | 9 | 0 | D | 2 | 5 | A | 4 | 8 |
| B | 4 | 2 | 5 | 3 | 1 | D | 6 | C | 8 | A | E | 9 | 0 | 7 |
| 8 | 5 | 0 | 4 | 2 | 9 | A | E | 1 | 3 | 7 | 6 | C | B | D |
| C | 9 | A | 7 | 8 | D | 4 | 3 | 2 | B | 1 | 0 | E | 6 | 5 |
| 6 | D | E | A | B | 0 | 5 | 7 | 8 | 9 | C | 4 | 1 | 2 | 3 |
| E | 8 | 4 | D | 7 | 3 | 2 | 1 | 9 | 6 | 5 | C | B | A | 0 |
| 9 | B | 7 | 6 | E | 2 | 8 | D | 3 | 0 | 4 | A | 5 | C | 1 |
| 1 | 3 | 5 | 8 | 0 | B | C | A | 4 | E | D | 2 | 6 | 7 | 9 |
| 0 | 2 | C | 9 | A | 5 | 7 | B | 6 | 1 | 3 | 8 | D | E | 4 |
| D | A | 6 | 1 | 4 | C | E | 0 | 5 | 7 | 9 | B | 3 | 8 | 2 |
| 5 | 1 | B | 2 | 6 | E | 0 | C | D | 4 | 8 | 3 | 7 | 9 | A |
| 7 | 0 | D | 3 | 9 | 8 | 6 | 2 | A | C | B | 1 | 4 | 5 | E |
| 4 | C | 8 | 0 | D | 7 | 3 | 5 | B | A | E | 9 | 2 | 1 | 6 |
| 2 | 6 | 3 | B | 1 | A | 9 | 4 | E | 5 | 0 | 7 | 8 | D | C |
| A | E | 9 | C | 5 | 4 | 1 | 8 | 7 | 2 | 6 | D | 0 | 3 | B |

ଗତକାଲିର ଉତ୍ତର

# କୃଷ୍ଣଗହ୍ୱର ଗବେଷଣାକୁ ନୋବେଲ

ଡ. ଗୌରୀଶଙ୍କର ସାହୁ

ଅକ୍ଟୋବର ୬ ତାରିଖରେ ରୟାଲ ସ୍ୱିଡିସ ଏକାଡେମୀ ଅଫ୍ ସାଇନ୍ସର ମହାସଚିବ ପ୍ରଫେସର ଗୋରାନ ହାନ୍‌ସନ୍ ଏ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ କେଉଁ ଗବେଷକମାନଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ ତାହା ଘୋଷଣା କରିଛନ୍ତି। ଏ ବର୍ଷ ପୁରସ୍କାର ରାଶିର ଅର୍ଦ୍ଧେକ ପାଇବେ ଇଂଲଣ୍ଡସ୍ଥିତ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର ଏମିରିଟ୍‌ସ ୮୯ ବର୍ଷ ବୟସ୍କ ଗଣିତଜ୍ଞ ସାର୍ ରୋଜର ଫେନ୍‌ରୋଜ୍। ପୁରସ୍କାର ରାଶିର ବାକି ଅର୍ଦ୍ଧେକ ସମାନ ଭାବେ ବଣ୍ଟା ହେବ ଜର୍ମାନୀର ମ୍ୟୁନିକ୍‌ସ୍ଥିତ ମାକ୍ସପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟ ଫର୍ ଏକ୍ସଟ୍ରାଟେରିଷ୍ଟିଆଲ ଫିଜିକ୍ସର ନିର୍ଦ୍ଦେଶକ ୬୮ ବର୍ଷ ବୟସ୍କ ପ୍ରଫେସର ରେନହାର୍ଡ ଜେନ୍‌ଜେଲ ଓ ଆମେରିକାର ଲସ୍ ଏଞ୍ଜେଲ୍‌ସସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ୫୫ ବର୍ଷ ବୟସ୍କ ପ୍ରଫେସର ଆଣ୍ଡ୍ରେୟା ଗେଜ୍‌ଙ୍କ ମଧ୍ୟରେ। ସାର ପେନ୍‌ରୋଜ ଓ ପ୍ରଫେସର ଷ୍ଟିଫେନ ହକିଂ ଅଙ୍କ କଷି ଦେଖାଇଥିଲେ ଯେ, ପ୍ରଫେସର ଆଲବର୍ଟ ଆଇନଷ୍ଟାଇନଙ୍କ ବିଶେଷ ଆପେକ୍ଷିକ ତତ୍ତ୍ୱର ଅନ୍ୟ ଏକ ନିଷ୍କର୍ଷ ହେଲା କୃଷ୍ଣ ଗହ୍ୱର ବା ବ୍ଲାକ ହୋଲ୍। ପ୍ରଫେସର ଜେନ୍‌ଜେଲ ଓ ପ୍ରଫେସର ଗେଜ୍ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରତିପାଦିତ କରିଥିଲେ ଯେ, ଆମ ଆକାଶଗଙ୍ଗାର କେନ୍ଦ୍ରରେ ଏକ ଅତି ଓଜନିଆ କୃଷ୍ଣ ଗହ୍ୱର ରହିଛି, ଯାହାର ନାମ ଧନୁ-କ (ସାଗିଟାରିଅସ୍-ଏ) ଓ ଆମର ସୂର୍ଯ୍ୟ ଏବଂ ଅନ୍ୟାନ୍ୟ ଅନେକ ନକ୍ଷତ୍ର ଏହି କୃଷ୍ଣ ଗହ୍ୱରକୁ ପ୍ରଦକ୍ଷିଣ କରୁଛନ୍ତି। ଏହି ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ପାଇଁ ଏ ବର୍ଷ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଫେସର ଷ୍ଟିଫେନ୍ ହକିଂ ୨୦୧୮ରେ ଆରପାରିକୁ ଚାଲିଗଲେ। ନୋବେଲ ପୁରସ୍କାର ମରଣୋତ୍ତର ଭାବେ ପ୍ରଦାନ କରାଯାଏ ନାହିଁ। ହକିଂ ବଞ୍ଚିଥିଲେ ଏ ବର୍ଷ ନୋବେଲ ପୁରସ୍କାର ପାଇଥାନ୍ତେ ବୋଲି ଅନେକ ବୁଦ୍ଧିଜୀବୀଙ୍କ ମତ।

ପ୍ରଫେସର ଆଣ୍ଡ୍ରେୟା ଗେଜ୍ ଚତୁର୍ଥ ମହିଳା ଭାବେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବେ। ତାଙ୍କ ପୂର୍ବରୁ ୧୯୦୩ ରେ ମାରି କ୍ୟୁରୀ, ୧୯୬୩ରେ ମାରିଆ ଗୋପେର୍ଟ ମେୟର ଓ ୨୦୧୮ରେ ଡୋନା ଷ୍ଟ୍ରିକ୍‌ଲ୍ୟାଣ୍ଡ ନୋବେଲ୍ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ପ୍ରଫେସର ଗେଜ୍ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି ତାଙ୍କୁ ପୁରସ୍କାର ପ୍ରଦାନ କରାଯିବା ଦ୍ୱାରା ଅନେକ ମହିଳା ପଦାର୍ଥ ବିଜ୍ଞାନରେ ଗବେଷଣା ପାଇଁ ଆଗ୍ରହୀ ହେବେ।

ଆମେ ଜାଣିଛେ ପ୍ରଫେସର ଆଲବର୍ଟ ଆଇନ୍‌ଷ୍ଟାଇନ୍ ବିଶେଷ ଆପେକ୍ଷିକ ତତ୍ତ୍ୱର ପ୍ରଣେତା। ସେ ନଭେମ୍ବର ୧୯୧୫ରେ ଏହି କାଳଜୟୀ ତତ୍ତ୍ୱ ପ୍ରଦାନ କରିଥିଲେ। ଜାନୁୟାରୀ ୧୩, ୧୯୧୬ରେ ଜର୍ମାନ ଜ୍ୟୋତିର୍ବିଜ୍ଞାନୀ କାର୍ଲ ସ୍କ୍ୱାର୍ଜଚାଇଲ୍‌ଡ ଆଇନ୍‌ଷ୍ଟାଇନ୍‌ଙ୍କ ବିଶେଷ ଆପେକ୍ଷିକ ତତ୍ତ୍ୱର ସମୀକରଣଗୁଡ଼ିକର ସମାଧାନ କରିବାକୁ ଯାଇ ଦେଖିଲେ ଏପରି ଏକ ଅବସ୍ଥା ମିଳୁଛି, ଯେଉଁଠି ଭୌତିକ ମାତ୍ରା ଗୁଡ଼ିକର ମୂଲ୍ୟ ଅସୀମ ବା ଅତିକମ୍ ହୋଇଯାଇଛି ,ଯାହାକି ସମ୍ଭବ ହୋଇ ନ ପାରେ। ଆଇନ୍‌ଷ୍ଟାଇନ୍ ମଧ୍ୟ ନିଜ ସମୀକରଣଗୁଡ଼ିକର ଏପରି ଅସ୍ୱାଭାବିକ ସମାଧାନ ଦେଖି ଭାବୁଥିଲେ, ତାଙ୍କ ସମୀକରଣଗୁଡ଼ିକ ପ୍ରମାଦଯୁକ୍ତ ନୁହେଁ ତ। ଷ୍ଟିଫେନ୍ ହକିଂ ଓ ରବର୍ଟ ପେନ୍‌ରୋଜ୍‌ଙ୍କ ଗବେଷଣା ପ୍ରମାଣିତ କଲା ଅସ୍ୱାଭାବିକ ଲାଗୁଥିବା ଏହି ସମାଧାନଗୁଡ଼ିକ ପ୍ରକୃତରେ ଭୌତିକ ଦୃଷ୍ଟିରୁ ସମ୍ଭବ। ସେମାନେ କୃଷ୍ଣଗହ୍ୱରର ତାତ୍ତ୍ୱିକ ଅବଧାରଣା ଦେଲେ ଓ ଅଙ୍କ କଷି ଦେଖାଇଲେ ଅତି ଓଜନିଆ ଅଦୃଶ୍ୟ ବସ୍ତୁ ସୃଷ୍ଟି ହେବା ଅସମ୍ଭବ ନୁହେଁ। ଏହି ଅଦୃଶ୍ୟ ବସ୍ତୁ ଏତେ ଅଧିକ ମାଧ୍ୟାକର୍ଷଣ ବଳଯୁକ୍ତ ଯେ ଏହା ଆଲୋକକୁ ମଧ୍ୟ ଆକର୍ଷିତ କରି ଧରିରଖେ। ଏଥିରୁ ଆଲୋକ ବିକିରଣ ମଧ୍ୟ ସମ୍ଭବ ନୁହେଁ। ଆପତିତ ଆଲୋକରଶ୍ମି କୃଷ୍ଣଗହ୍ୱର ସଂସ୍ପର୍ଶରେ ଆସିବା ପରେ ଲେଉଟି ନ ପାରିବା କାରଣରୁ ଆମ ଆଖିକୁ ଦିଶେ ନାହିଁ। ତାଙ୍କର ତାତ୍ତ୍ୱିକ ଅବଧାରଣା ସର୍ବଶେଷରେ ୧୯୬୫ରେ ବିଶ୍ୱର ସମ୍ଭ୍ରାନ୍ତ ଜର୍ନାଲ୍ ଫିଜିକାଲ୍ ରିଭ୍ୟୁ ଲେଟରରେ ପ୍ରକାଶିତ ହୋଇଥିଲା। ପେନ୍‌ରୋଜ୍ ଦେଖାଇଥିଲେ ଯେ, କୃଷ୍ଣଗହ୍ୱରର ସାନ୍ଦ୍ରତା ଅସୀମ। ଏହା ମଧ୍ୟରେ ସ୍ଥାନକାଳକୁ ରୂପାନ୍ତରିତ ହୋଇଯାଏ। ଏହାର ପରିସୀମାଠାରେ ସ୍ଥାନ କାଳର ସତ୍ତା ନଥାଏ। ଏହା ପଦାର୍ଥ ଓ ବିକିରଣକୁ ନିଜ ଆଡକୁ ଆକର୍ଷିତ କରିଥାଏ। ଏହାର ସଂସ୍ପର୍ଶରେ ଆସିଲେ ପଦାର୍ଥ ଓ ବିକିରଣ ଏହା ଦେହରେ ସମାହିତ ହୋଇଯାନ୍ତି, ଆଉ ଫେରି ଆସିପାରନ୍ତି ନାହିଁ। ତେଣୁ ଏହା ଅଦୃଶ୍ୟ। କୃଷ୍ଣଗହ୍ୱର ବା ବ୍ଲାକ୍ ହୋଲ୍‌ର ନାମକରଣ କରିଥିଲେ ଆମେରିକୀୟ ପଦାର୍ଥବିଜ୍ଞାନୀ ରବର୍ଟ ଡିକେ। ଏହା ୧୯୬୦ ମସିହା କଥା। ଏହାକୁ ଲୋକପ୍ରିୟ କରିଥିଲେ ଜନ୍ ହ୍ୱିଲର୍।

ଜେନ୍‌ଜେଲ ଚିଲିଠାରେ ଓ ଗେଜ୍ ହାୱାଇଠାରେ ଦୁଇଟି ଅତ୍ୟାଧୁନିକ ଦୂରବୀକ୍ଷଣ ଯନ୍ତ୍ର ନେଇ ଆମ ଆକାଶଗଙ୍ଗାର ବିଭିନ୍ନ ନକ୍ଷତ୍ରଙ୍କର ଗତିବିଧି ନିରୀକ୍ଷଣ କଲେ। ଅତିଲୋହିତ ରଶ୍ମି ଓ ରେଡିଓ ତରଙ୍ଗ ପର୍ଯ୍ୟବେକ୍ଷଣରେ ଏହି ଦୂରବୀକ୍ଷଣ ଯନ୍ତ୍ର କୁଶଳୀ ଥିଲା। ମହନାକି ପର୍ବତରେ ସ୍ଥାପିତ କେକ୍ ପର୍ଯ୍ୟବେକ୍ଷଣ କେନ୍ଦ୍ର ଯେଉଁଠାରେ ଆଣ୍ଡ୍ରେୟା ଗେଜ୍ ପର୍ଯ୍ୟବେକ୍ଷଣ କରୁଥିଲେ ତାହାର ଦର୍ପଣଗୁଡ଼ିକର ବ୍ୟାସ ୧୦ ମିଟର। ଜେନ୍‌ଜେଲ ଚିଲିର ଲା ସିଲା ପର୍ବତର ନ୍ୟୁଟେକ୍ନୋଲୋଜି ଦୂରବୀକ୍ଷଣ ଯନ୍ତ୍ରରେ ଦର୍ପଣର ବ୍ୟାସ ୮ ମିଟରରୁ ଅଧିକ। ସେମାନେ ଦେଖିଲେ ଜେନ୍‌ଜେଲଙ୍କ ଏସ୍-୨ ବା ଗେଜଙ୍କ ଏସ୍-ଓ୨ ନାମକ ଏକ ନକ୍ଷତ୍ର ଆକାଶଗଙ୍ଗାର କେନ୍ଦ୍ରକୁ ପ୍ରାୟ ୧୬ ବର୍ଷରେ ପ୍ରଦକ୍ଷିଣ କରୁଛନ୍ତି। ଆମ ସୂର୍ଯ୍ୟ ମଧ୍ୟ ଏହି କେନ୍ଦ୍ରକୁ ପ୍ରଦକ୍ଷିଣ କରୁଛି ଓ ଥରେ ବୁଲିଆସିବା ପାଇଁ ୨୦ କୋଟି ବର୍ଷ ନେଉଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଅର୍ଥାତ୍ ଆକାଶଗଙ୍ଗାର ନକ୍ଷତ୍ରଗୁଡ଼ିକ ଏହାର କେନ୍ଦ୍ରକୁ ପ୍ରଦକ୍ଷିଣ କରୁଛନ୍ତି। ଏହି କେନ୍ଦ୍ର ଯାହା ଧନୁରାଶି ଓ ବିଛାରାଶି ମଧ୍ୟରେ ଅବସ୍ଥିତ ପୃଥିବୀଠାରୁ ପ୍ରାୟ ୨୬,୦୦୦ ଆଲୋକବର୍ଷ ଦୂରରେ ଅଛି। ଏହାର ବସ୍ତୁତ୍ୱ ସୂର୍ଯ୍ୟ ବସ୍ତୁତ୍ୱର ପ୍ରାୟ ୪୦ ଲକ୍ଷ ଗୁଣ ଓ ଆୟତନ ସୌରଜଗତର ଆୟତନ ସହ ସମାନ। ଏହାକୁ ଧନୁ-କ(ସାଗିଟାରିଅସ୍-ଏ) ବୋଲି କୁହାଯାଉଛି।

ଅଧ୍ୟାପକ, ହିମାଚଳପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା
ମୋ: ୭୯୭୮୪୨୧୮୩୫

## ପାଠକ ଶ୍ରେଷ୍ଠ ବିଚାରକ

### ଅମାନବିକତା

ମହାଶୟ,

ବିଭିନ୍ନ ସମୟରେ ଗାଡି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବହୁ ଧନ ଜୀବନ ନଷ୍ଟ ହେବାରେ ଲାଗିଛି। ରାସ୍ତାଘାଟର ଅସୁବିଧା କିମ୍ବା ବେପରୁଆ ଗାଡି ଚାଳନା ପାଇଁ ଦୁର୍ଘଟଣା ଘଟୁଥିବା ନଜରକୁ ଆସେ। ବିଶେଷ କରି ମାଲବାହୀ ଯାନଗୁଡିକ ତୈଳ, ଦୁଗ୍ଧ, ଅଣ୍ଡା, ମାଛ, ଗ୍ୟାସ ଓ ପରିବା ଆଦି ପରିବହନ କରିବା ସମୟରେ କୌଣସି କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତି। ଏହି ସମୟରେ ରାସ୍ତା ଜାମ ହୋଇ ଲୋକମାନଙ୍କର ଗମନାଗମନରେ ଅସୁବିଧା ସୃଷ୍ଟି ହୋଇଥାଏ। ପରିତାପର ବିଷୟ ଏହି ଯେ, ଏପରି ମର୍ମନ୍ତୁଦ ଦୁର୍ଘଟଣା କାଳରେ ଗାଡିରେ ଥିବା ଦ୍ରବ୍ୟ ନଷ୍ଟ ହେବା ସହ ଗାଡି ଚାଳକ ଓ ଖଲାସୀ ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି। ଏହି ସମୟରେ କିଛି ଅମାନବୀୟ ବ୍ୟକ୍ତି ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ଯୋଗଦେଇ ଦୁର୍ଘଟଣାଗ୍ରସ୍ତ ଗାଡିରେ ଥିବା ଜିନିଷ ଲୁଟ୍ କରିବାରେ ତତ୍ପରତା ପ୍ରକାଶ କରିଥାନ୍ତି। ବିପଦ ଆପଦ କାଳରେ ପୀଡିତମାନଙ୍କୁ ସହାୟତା ପ୍ରଦାନ କରିବା ମଣିଷର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟକୁ ଭୁଲି ଯାଇ ଜିନିଷ ଅପହରଣ ଭଳି ନିନ୍ଦିତ କାର୍ଯ୍ୟରେ ନିୟୋଜିତ ହେବା ଅନୁଚିତ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

କୁଟୀର ଦୁଆରେ ବିଲୋକି ସୁଷମା ଶାଟୀର
ହେଲି ବାଇ
ସୁନା ପାଲଟିଲା ଶତେକ ସପନ ମାଟିର
ମନେ ନାହିଁ।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପ୍ରାକୃତିକ ବାଷ୍ପ ପ୍ରାଇସିଂରେ ଆସିବ ସୁଧାର

କେନ୍ଦ୍ର କ୍ୟାବିନେଟ ବୁଧବାର ଇ-ବିଡିଂକୁ ମଞ୍ଜୁରୀ ପ୍ରଦାନ କରିଛି। ଏହା ଦ୍ୱାରା ପ୍ରାକୃତିକ ବାଷ୍ପ ପ୍ରାଇସିଂରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଇଲେକଟ୍ରୋନିକ ବିଡିଂ ଲାଗି କେନ୍ଦ୍ର ନୂଆ ଗାଇଡଲାଇନ ପ୍ରସ୍ତୁତ କରିବ। ଲୋକଙ୍କୁ ସୁଲଭ ମୂଲ୍ୟରେ ଇନ୍ଧନ ଯୋଗାଣ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏହାବାଦ ଇଷ୍ଟ-ୱେଷ୍ଟ ମେଟ୍ରୋ କରିଡର ଲାଗି ୮,୫୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାର ଅବଧି ୧୬.୬ କିମି ରହିବ। ଏଥିରେ ୧୨ଟି ଷ୍ଟେଶନ ରହିବ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଓକେସିଏଲ୍ ପକ୍ଷରୁ 'ଡିଜିଟାଲ ସାଥୀ'

**ଭୁବନେଶ୍ୱର,୭।୧୦:** ଓକେସିଏଲ୍ ପକ୍ଷରୁ ଏକ ଅନନ୍ୟ ସହଭାଗୀ ସମୃଦ୍ଧି କାର୍ଯ୍ୟକ୍ରମ 'ଡିଜିଟାଲ ସାଥୀ'ର ଶୁଭାରମ୍ଭ କରାଯାଇଛି। ଏହି ନୂତନ ସ୍ତରର ସହଭାଗୀମାନେ ଓକେସିଏଲ୍ ନେଟ୍ୱର୍କର ସମ୍ପ୍ରସାରଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା ପ୍ରକଟ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ଭର୍ଚୁଆଲ ସଭାକୁ ଏମ୍‌କେସିଏଲ୍‌ର ପରିଚାଳନା ନିର୍ଦ୍ଦେଶିକା ବୀଣା କାମାଥ୍ ଉଦ୍‌ଘାଟନ କରିଥିଲେ। କରୋନା ମହାମାରୀ ସମୟରେ ଡିଜିଟାଲ ସାଥୀ ଘରେ ଘରେ ସେବା ପହଞ୍ଚାଇବାକୁ ସହଯୋଗୀ ହେବେ ବୋଲି ସେ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଏମ୍‌କେସିଏଲ୍‌ର ସାଧାରଣ ପରିଚାଳକ ଅତୁଲ ପାଟୋଡି ଯୋଗଦେଇ କହିଥିଲେ ଯେ ଡିଜିଟାଲ ସାଥୀ ଜନତାଙ୍କ ପାଖରେ ସୁବିଧାରେ ଆଇଟି ସାକ୍ଷର ବାର୍ତ୍ତାକୁ ପହଞ୍ଚାଇ ପାରିବେ। ସେହିଭଳି ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଗାନ୍ଧୀଙ୍କ ବିଷୟରେ ବିସ୍ତୃତ ଭାବରେ ମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓକେସିଏଲ୍‌ର ପ୍ରକଳ୍ପ ପରିଚାଳିକା ଅରୁଣା ପଟ୍ଟନାୟକ ପରିଚାଳନା କରିଥିଲେ।

### ଜେଏସ୍‌ପିଏଲ୍‌ର ସର୍ବାଧିକ ତ୍ରୈମାସିକ ବିକ୍ରି

**ଭୁବନେଶ୍ୱର,୭।୧୦:** ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ୨୦୧୯-୨୦ ତୁଳନାରେ ୨୦୨୦-୨୧ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ରେକର୍ଡ ୩୦% ଅଧିକ ଇସ୍ପାତ ବିକ୍ରି କରି ଏହାର ଅଭିବୃଦ୍ଧି ଧାରା ଜାରି ରଖିଛି। ଗତ ଆର୍ଥିକ ବର୍ଷ ୨ୟ ତ୍ରୈମାସରେ କମ୍ପାନୀ ୧.୮୫ ନିୟୁତ ଟନ କନ୍‌ସୋଲିଡେଟେଡ୍ ଇସ୍ପାତ ବିକ୍ରି କରିଥିଲା; ଯାହାକି ଚଳିତ ଆର୍ଥିକ ବର୍ଷ ୨ୟ ତ୍ରୈମାସରେ ୨.୪୧ ନିୟୁତ ଟନକୁ ବୃଦ୍ଧି ପାଇଛି। ସେହିଭଳି ଗତ ଆର୍ଥିକ ବର୍ଷ ୨ୟ ତ୍ରୈମାସରେ କମ୍ପାନୀ ୧.୯୯ ନିୟୁତ ଟନ୍ କନସୋଲିଡେଟେଡ୍ ଇସ୍ପାତ ଉତ୍ପାଦ କରିଥିବା ବେଳେ ଚଳିତ ଆର୍ଥିକବର୍ଷ ସମାନ ସମୟରେ ଏହା ୨.୩୫ ନିୟୁତ ଟନ ରହିଛି। ଘରୋଇ ଇସ୍ପାତ ଚାହିଦା ପୁନରୁତ୍ଥାନ ସହିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ଷ୍ଟାଣ୍ଡାଲୋନ ଇସ୍ପାତ ବିକ୍ରିରେ ମଧ ଗତ ବର୍ଷ ତୁଳନାରେ ୨୯% ଅଭିବୃଦ୍ଧି ରେକର୍ଡ କରିଛି। ଗତ ଆର୍ଥିକବର୍ଷ ୨ୟ ତ୍ରୈମାସରେ ଜେଏସ୍‌ପିଏଲ୍ ୧.୪୯ ନିୟୁତ ଟନ ଷ୍ଟାଣ୍ଡାଲୋନ ଇସ୍ପାତ ବିକ୍ରି କରିଥିଲା।

# ଆମାଜନର ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ

**ନୂଆଦିଲ୍ଲୀ,୭।୧୦**

ପ୍ରମୁଖ ଇ-କମର୍ସ କମ୍ପାନୀ ଆମାଜନ ପକ୍ଷରୁ ଭାରତ ବଜାର ଲାଗି ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ଚଳିତ ମାସ ୧୭ରୁ ଆରମ୍ଭ ହେଉଛି। ଏଥିରେ ଲକ୍ଷାଧିକ ସେଲର ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି। ପାର୍ବଣରେ ବିଭିନ୍ନ ପ୍ରଡକ୍ଟ ଏହି ଫେଷ୍ଟିଭାଲ ଦ୍ୱାରା ଗ୍ରାହକ ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀର ପ୍ରାଇମ ମେମ୍ବର ୨୪ ଘଣ୍ଟିଆ ପୂର୍ବ ଆକ୍‌ସେସ୍ ସୁବିଧା ପାଇବେ। ୬.୫ ଲକ୍ଷରୁ ଉର୍ଦ୍ଧ୍ୱ ସେଲର ଏଥିରେ କୋଟି କୋଟି ପ୍ରଡକ୍ଟ ଉପଲବ୍ଧ କରାଇବେ। କ୍ଷୁଦ୍ର ଏବଂ ମଧ୍ୟମ ବିଜ୍‌ନେସଗୁଡିକ ୪ କୋଟିରୁ ଉର୍ଦ୍ଧ୍ୱ ପ୍ରଡକ୍ଟ ଲୋକଙ୍କୁ ଯୋଗାଇଦେବେ। ଦେଶର ୧୦୦ ସହରରୁ ୨୦ ହଜାର ଲୋକାଲ ଶପ୍ ମଧ ଏହି ଫେଷ୍ଟିଭାଲରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି। ଏଥିରେ ୧ ଲକ୍ଷ ଲୋକାଲ ଶପ୍ ଏବଂ କିରାନା ଗ୍ରାହକଙ୍କ ନିକଟରେ ସେବା ପହଞ୍ଚାଇବେ। ଏହି ଫେଷ୍ଟିଭାଲରୁ




ସାମଗ୍ରୀ କ୍ରୟ କରି ଗ୍ରାହକ କ୍ଷୁଦ୍ର ବାଣିଜ୍ୟଗୁଡିକୁ ସହାୟତା କରିପାରିବେ।

ପ୍ରମୁଖ ବ୍ରାଣ୍ଡଗୁଡିକର ୯୦୦ରୁ ଉର୍ଦ୍ଧ୍ୱ ପ୍ରଡକ୍ଟ ଏହି ଅବସରରେ ଶୁଭାରମ୍ଭ କରାଯିବ। ଗ୍ରାହକ ସ୍ମାର୍ଟଫୋନ, ବଡ ଆପ୍ଲାଏନ୍ସ, ଟିଭି, କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ, ହୋମ୍ ଏବଂ କିଚେନ ପ୍ରଡକ୍ଟ, ଫ୍ୟାଶନ ଏବଂ ବିୟୁଟି, ଗ୍ରସେରି ସମେତ ଅନ୍ୟ ସାମଗ୍ରୀ ଲାଭ କରିବାକୁ ସକ୍ଷମ ହେବେ। ହିନ୍ଦୀ, ଇଂଲିଶ, ତାମିଲ,ତେଲୁଗୁ, ମାଲୟାଲମ ଏବଂ କନ୍ନଡ ଭଳି ୬ଟି ଭାଷାରେ ୱେବ୍‌ସାଇଟକୁ ଆକ୍‌ସେସ୍ କରିବାର ସୁବିଧା ମଧ ରହିଛି। ଆମାଜନର ବିଜ୍‌ନେସ ସେଗ୍‌ମେଣ୍ଟରୁ କ୍ରୟକରି ଏମ୍‌ଏସ୍‌ଏମ୍‌ଇ ସଞ୍ଚୟ ସୁବିଧା ପାଇପାରିବେ। ନବରାତ୍ରି, ଦୁର୍ଗାପୂଜା, ଦୀପାବଳି, ୱେଡିଂ ସିଜନ ଏବଂ ଧନତେରସ ଲାଗି ଲୋକମାନେ ଆମାଜନରୁ କ୍ରୟ ସୁବିଧା ପାଇବେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଡେବିଟ ଏବଂ କ୍ରେଡିଟ କାର୍ଡରେ ୧୦% ଇନ୍‌ଷ୍ଟାଣ୍ଟ ରିହାତି ସୁବିଧା, ଡେବିଟ ଏବଂ କ୍ରେଡିଟ କାର୍ଡରେ ନୋ କଷ୍ଟ ଇଏମ୍‌ଆଇ, ଏକ୍ସଚେଞ୍ଜ ଅଫର, ଆମାଜନ ପେ ୟୁପିଆଇ ଦ୍ୱାରା ଦୈନିକ ଶପିଂ ରିୱାର୍ଡ ଭଳି ବିଭିନ୍ନ ସୁବିଧା ଗ୍ରାହକଙ୍କ ଲାଗି ରହିଛି। ଏଭଳି ଏକ ଫେଷ୍ଟିଭାଲ ସେଲର ଏବଂ ପାର୍ଟନରଙ୍କ ଲାଗି ଏକ ସୁଯୋଗ ବୋଲି ଆମାଜନ ଇଣ୍ଡିଆର ଉପସଭାପତି ମନୀଷ ତିୱାରୀ ସୂଚନା ଦେଇଛନ୍ତି। ପାର୍ବଣ ସମୟରେ ଗ୍ରାହକ ଏହାଦ୍ୱାରା କ୍ରୟର ଏକ ଉନ୍ନତ ଅଭିଜ୍ଞତା ଲାଭ କରିପାରିବେ। ଘରେ ବସି ଲୋକମାନେ ସାମଗ୍ରୀ ଲାଭ କରିପାରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି।

- ୧୭ରୁ ଆରମ୍ଭ ହେବ
- ଉପଲବ୍ଧ ହେବ ଆକର୍ଷଣୀୟ ରିହାତି

# ସି.ଭି. ରମଣରେ ଫାକଲ୍ଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୭।୧୦**

ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ଫୋଟୋନିକ୍ସ ପଦାର୍ଥ ଉପରେ ଏକ ପଞ୍ଚଦିବସୀୟ ଅନ୍‌ଲାଇନ ଫାକଲ୍ଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ.ହିରଣ୍ମୟୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଫୋଟୋନିକ୍ସର ସଦ୍ୟତମ ଅଗ୍ରଗତି ଏବଂ ଆପ୍ଲିକେଶନ ଉପରେ ଏଠାରେ ବିଭିନ୍ନ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଆଇଟି ଦିଲ୍ଲୀର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଅଜୟ ଘାଟକ ଯୋଗଦେଇଥିଲେ। କୁଳପତି ଡ.ଭବେଶ ଭଟ୍ଟାଚାର୍ଯ୍ୟ ଏବଂ ପରାମର୍ଶଦାତା ଡ.ସୁନୀଲ କୁମାର ଷଡ଼ଙ୍ଗୀ ଏଥିରେ ଅଭିଭାଷଣ ରଖିଥିଲେ। ଅନ୍‌ଲାଇନରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ପ୍ରତିଭାଗୀ ଯୋଗଦେଇଥିଲେ। ଆଇଆଇଟି ଦିଲ୍ଲୀର ଏମ୍.ଆର୍.ସିନୋଏ, ଆଇଆଇଟି ରୁର୍କିର ଡ.ବିପୁଲ ରସ୍ତୋଗୀ, ଆଇଆଇଟି ଖଡଗପୁରର ଡ.ପାର୍ଥ ରାଏ ଚୌଧୁରୀ, ଆଇଆଇଟି ଭୁବନେଶ୍ୱରର ଡ.ରଞ୍ଜନ କୁମାର ଝା ଏବଂ ନାଇଜରର ଡ. ରିତ୍ୱିକ ଦାସ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ମାନସିକ ଚାପକୁ ସ୍ଥିର ରଖିବା ଉପରେ ଡ.ଏନ୍. ସାମନ୍ତରାୟ ଏବଂ ସହଜ ଯୋଗ ଉପରେ ଡ.ଚନ୍ଦ୍ରକାନ୍ତ ବେଜୋ ମତ ପ୍ରକାଶ କରିଥିଲେ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର,୭।୧୦**

ଛାତ୍ରୀଛାତ୍ର ସମଭାବାପନ୍ନ ବିଶ୍ୱ ଗଠନ ଲାଗି ଆଗେଇ ଆସିବାର ଆବଶ୍ୟକତା ରହିଛି। ଏକ ସ୍ଥାୟୀ ଏବଂ ସମଭାବାପନ୍ନ ବିଶ୍ୱ ଗଠନ ହେଲେ ମାନବ ସମାଜ ସଫଳତା ଲାଭ କରିବାକୁ ସକ୍ଷମ ହେବ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଅଷ୍ଟମ ସମାବର୍ତ୍ତନ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲ ଏହା କହିଛନ୍ତି। ସିୟୁଟିଏମ୍ ପକ୍ଷରୁ ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟରର

**ଛାତ୍ରୀଛାତ୍ର ସମଭାବାପନ୍ନ ବିଶ୍ୱ ଗଠନ ଲାଗି ଆଗେଇ ଆସନ୍ତୁ :ରାଜ୍ୟପାଳ**

ନିର୍ଦ୍ଦେଶକ ଡ.ଶ୍ରୀଧର ପାନିକରଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ମହାମାରୀକୁ ଧ୍ୟାନରେ ରଖି ଏହି ଉତ୍ସବ ଭର୍ଚୁଆଲ ଭାବେ ପାଳନ କରାଯାଇଥିଲା। ୩୨



ବିଭାଗର ୨୨ ଶହ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ଡିଗ୍ରୀ ପ୍ରଦାନ କରାଯାଇଛି। ୮ ଜଣଙ୍କୁ ପିଏଚ୍.ଡି. , ୪୨ଟି ମେରିଟ ସାର୍ଟିଫିକେଟ ଏବଂ ୧୦ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ୭୦%ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଯୁକ୍ତି ଲାଭ କରିବାକୁ ସକ୍ଷମ ହୋଇଥିବା ଏହି ଅବସରରେ କୁଳପତି ଡ. ସୁପ୍ରିୟା ପଟ୍ଟନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ଡ.ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡି.ଏନ୍. ରାଓ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ସାମ୍‌ସଙ୍ଗ୍‌ର ନୂଆ 'ବ୍ୟାକ୍ ଟୁ ବିଜନେସ ସଲ୍ୟୁସନ'

**ନୂଆଦିଲ୍ଲୀ,୭।୧୦**

ସାମ୍‌ସଙ୍ଗ ପକ୍ଷରୁ ରିଟେଲ ଓ କମର୍ସିଆଲ ସଂସ୍ଥାଗୁଡିକ ପାଇଁ ବ୍ୟାକ୍ ଟୁ ବିଜ୍‌ନେସ ସଲ୍ୟୁସନ ନାମରେ ଏକ ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ଏହି ନୂତନ ସମାଧାନ ଜରିଆରେ ଆଉଟଡୋର ଡିସ୍‌ପ୍ଲେ ଓ ଭିଡିଓ କନ୍‌ଫରେନ୍ସିଂ ସମାଧାନ ଆଦି ଅନ୍ତର୍ଭୁକ୍ତ ରହିଛି। ଏହା ସାହାଯ୍ୟରେ ବ୍ୟବସାୟୀମାନେ ନିଜର ସ୍ୱାଭାବିକ କାର୍ଯ୍ୟକୁ ପୁଣିଥରେ ସୁରକ୍ଷିତ ଭାବରେ ଆରମ୍ଭ କରିପାରିବେ। ଏହା ସହିତ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ସହିତ କାର୍ଯ୍ୟସ୍ଥଳରେ ଦୂରରେ ବସି ମଧ କାର୍ଯ୍ୟ କରିବାର ଆବଶ୍ୟକତାକୁ ପୂରଣ କରାଯାଇପାରିବ। ଏହି ନୂତନ ରେଞ୍ଜର ଆଉଟଡୋର ଡିସ୍‌ପ୍ଲେ ଓ ସାଇନେଜ ବୋର୍ଡକୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ। ଏହା ସହାୟତାରେ ଜନଗହଳି ଅନୁଧ୍ୟାନ, ଶରୀର ତାପମାତ୍ରା ଯାଞ୍ଚ ଓ ମାସ୍କ ଚିହ୍ନଟ ତଥା ସେହି ଦିନର ଅଫର ଆଦିକୁ କର୍ପୋରେଟ ମେସେଜରେ ମଧ ଉପସ୍ଥାପିତ କରାଯାଇପାରିବ। ଏହା ସାମାଜିକ ଦୂରତାର ସମସ୍ତ ନିୟମଗୁଡିକୁ ପାଳନ କରାଯାଉଛି ନା ନାହିଁ ତାହା ସୁନିଶ୍ଚିତ କରିଥାଏ।

# ଆକ୍ସିସ ବ୍ୟାଙ୍କ-ଭିସ୍ତାରା ସହଯୋଗିତା

**ନୂଆଦିଲ୍ଲୀ,୭।୧୦**

ବିମାନ ଯାତ୍ରୀଙ୍କ ସୁବିଧା ପାଇଁ ଆକ୍ସିସ ବ୍ୟାଙ୍କ ଓ ଭିସ୍ତାରା ବିମାନ କମ୍ପାନୀ ମଧ୍ୟରେ ଚୁକ୍ତି ହୋଇଛି। ଏହି ସହଯୋଗିତା ଫଳରେ ବ୍ୟାଙ୍କ ପକ୍ଷରୁ ଏକ କୋ-ବ୍ରାଣ୍ଡେଡ୍ ଫୋରେକ୍ସ କାର୍ଡର ବ୍ୟବହାର ପାଇଁ ଉଭୟ ସଂସ୍ଥା ମଧ୍ୟରେ ସହମତି ପ୍ରକାଶ ପାଇଛି। ଏହି କାର୍ଡର ନାମ ହେଉଛି 'ଆକ୍ସିସ ବ୍ୟାଙ୍କ କ୍ଲବ ଭିସ୍ତାର ଫୋରେକ୍ସ କାର୍ଡ' ଏହି କାର୍ଡ ଜରିଆରେ ଆନ୍ତର୍ଜାତିକ ବିମାନ ଯାତ୍ରୀମାନେ ୧୬ ପ୍ରକାର ମୁଦ୍ରା ଲୋଡ୍ କରିବା ସହ ମୁଦ୍ରା ବିନିମୟ ମୂଲ୍ୟକୁ ଲକ୍ କରିପାରିବେ।

**OFFICE OF THE PRINCIPAL**
**Ekalavya Model Residential School, Nuapada**
(Supported by Govt. of Odisha ST/SC Dev. Dept.)
(Affiliated to CBSE, Delhi, Affiliation No. 1520009
At-Sakhatara, P.O.- Maulibhatta, P.S.- Nuapada,
Dist.- Nuapada, 766105 (Odisha)
Email Id: emrs.nuapada@gmail.com
Letter No. 68/2020-21 Date:07.10.2020

**ନାମଲେଖା ବିଜ୍ଞାପନ**
**ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ନୂଆପଡ଼ା**

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ନୂଆପଡ଼ାଠାରେ ଶିକ୍ଷାବର୍ଷ ୨୦୨୦-୨୧ ପାଇଁ ଏକାଦଶ ଶ୍ରେଣୀରେ (CBSE Board Science Stream) ନାମ ଲେଖାଇବା ପାଇଁ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଆଦିବାସୀ (ST) ଛାତ୍ରଛାତ୍ରୀମାନଙ୍କଠାରୁ ତା୦୭।୧୦।୨୦୨୦ରିଖରୁ ୧୭।୧୦।୨୦୨୦ରିଖ ମଧ୍ୟରେ ଦରଖାସ୍ତ ଗ୍ରହଣ କରାଯାଉଅଛି । ଆଗ୍ରହୀ ଆଦିବାସୀ ଛାତ୍ରଛାତ୍ରୀ http://www.omtes.org ୱେବ୍‌ସାଇଟ୍‌ରୁ ଆପ୍ଲିକେସନ ଫର୍ମ ଡାଉନ୍‌ଲୋଡ ଓ ଫର୍ମ ଫିଲ୍‌ଅପ କରି ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହ ବିଦ୍ୟାଳୟ ଇ-ମେଲ୍ (emrs.nuapada@gmail.com) କିମ୍ବା ନିମ୍ନଲିଖିତ ଠିକଣାରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଦ୍ୟାଳୟକୁ ପଠାଇବେ ।

**Principal**
EKALAVYA MODEL RESIDENTIAL SCHOOL, NUAPADA
AT-SAKHATARA WARD NO. 1, PO-MAULIBHATA
VIA-NUAPADA, DIST.-NUAPADA, PIN-766105

# ଦ ଲିଙ୍କ୍ ଆଇ ହସ୍ପିଟାଲ ଶୁଭାରମ୍ଭ



**କଟକ,୭।୧୦:** କଟକ ଲିଙ୍କ୍ ରୋଡ୍‌ରେ'ଦ ଲିଙ୍କ୍ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ'ର ଉଦ୍‌ଘାଟନ ହୋଇଯାଇଛି। ସ୍ଥାନୀୟ ଲିଙ୍କ୍ ରୋଡ୍ ଟ୍ରାଫିକ ଛକ ନିକଟସ୍ଥ ଶ୍ରୀମା ଟାୱାରରେ ଏହା ପ୍ରତିଷ୍ଠା କରାଯାଇଛି। କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳଙ୍କ ଦ୍ୱାରା ଏହାର ଶୁଭ ଉଦ୍‌ଘାଟନ ହୋଇଥିଲା। ମୁଖ୍ୟଅତିଥି ଭାବରେ କଟକ-ବାରବାଟୀ ବିଧାୟକ ଇଂ ମହମ୍ମଦ ମୋକିମ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ରୋଟାରିଆନ ସୌମ୍ୟରଞ୍ଜନ ମିଶ୍ର, ଡ. କିଶନଲାଲ ଅଗ୍ରୱାଲ, ଆକବର ମେହେଫୁଜ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଏନ.ଦେବଦତ୍ତ ଏବଂ ହସ୍ପିଟାଲର ଅନ୍ୟତମ ସକ୍ରିୟ ସଭ୍ୟ ନରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ।

### ବିଓବିର ନୂତନ କ୍ଷେତ୍ରୀୟ ମୁଖ୍ୟ

**ଭୁବନେଶ୍ୱର,୭।୧୦ :** ବ୍ୟାଙ୍କ ଅଫ୍ ବରୋଦା(ବିଓବି) ଭୁବନେଶ୍ୱର କ୍ଷେତ୍ରକୁ ୨ଟି ଭାଗରେ ବିଭକ୍ତ କରାଯାଇଛି। ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ସହାୟକ ମହାପ୍ରବନ୍ଧକ ଭାବେ ଭାରତ ଭୂଷଣ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର କ୍ଷେତ୍ରର ଉପକ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ଭୁବନେଶ୍ୱର କ୍ଷେତ୍ର ୨ର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ସହାୟକ ମହାପ୍ରବନ୍ଧକ ଅନ୍ମୟ କୁମାର ମିଶ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ୩ ଦଶନ୍ଧିର ଅଭିଜ୍ଞତା ରହିଛି।

**ବିଶେଷ ସୂଚନା**

No. C-155:- ଏତଦ୍ୱାରା ସମସ୍ତ ପାନୀୟ ଜଳ ଉପଭୋକ୍ତାମାନଙ୍କୁ ଜଣାଇ ଦିଆଯାଉଅଛି କି ଚଳିତ ମାସ ତା୧୬।୧୦।୨୦୨୦ରିଖଠାରୁ ବିଭିନ୍ନ ସ୍ଥାନରେ ୱାଟ୍‌କୋ ତରଫରୁ ଖୋଲାଯାଇଥିବା ପାନୀୟ ଜଳକର ଆଦାୟ କେନ୍ଦ୍ରଗୁଡ଼ିକ ବନ୍ଦ ରହିବ। କେବଳ ସତ୍ୟନଗର ପାନୀୟ ଜଳକର ଖଜଣା ଅଫିସ୍‌ର ଆଦାୟ କେନ୍ଦ୍ର ସରକାରୀ ଛୁଟି ଦିନ ବ୍ୟତୀତ ସବୁଦିନ ଖୋଲା ରହିବ। ତେଣୁ ସମସ୍ତ ପାନୀୟ ଜଳକର ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନେ ନିଜ ନିଜର ପାନୀୟ ଜଳକର ଦେୟ ନିଜ ୱାର୍ଡର ଜଳସାଥୀ ଭଉଣୀମାନଙ୍କ ନିକଟରେ ପୈଠ କରିବେ। ଏତଦ୍‌ବ୍ୟତୀତ ଅନ୍‌ଲାଇନ୍ (www.odishaonline.gov) Cheque / DD / RTGS / NEFT ମାଧ୍ୟମରେ ମଧ ପୈଠ କରିବାର ସୁବିଧା ଅଛି । ଏଣୁ ଉପଭୋକ୍ତାଙ୍କ ଗୋଚରାର୍ଥେ ସମସ୍ତ ୱାର୍ଡର ଜଳସାଥୀ ଭଉଣୀମାନଙ୍କ ନାମ, ୱାର୍ଡ ନଂ., ମୋବାଇଲ ନଂ.ର ତାଲିକା ସମସ୍ତ ଜଳକର ଆଦାୟ କେନ୍ଦ୍ର ଓ ନିକଟସ୍ଥ ୱାଟ୍‌କୋ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହୋଇପାରିବ।
ଏଣୁ ସମସ୍ତ ପାନୀୟ ଜଳ ଉପଭୋକ୍ତାମାନଙ୍କୁ ଏଥିନିମନ୍ତେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ।

ସ୍ୱା./- ପରିଚାଳନା ନିର୍ଦ୍ଦେଶକ, ୱାଟ୍‌କୋ, ଭୁବନେଶ୍ୱର
OIPR-13083/11/0012/2021

**ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR - 751 003**
No. 26/19-20/COE/12927/UAT Dt.07.10.2020

**NOTICE FOR SUBMISSION OF FORM B (UG ADMISSION - 2020)**

Keeping in view the pandemic situation in Odisha, the University decided that Form B submission for UG Admission - 2020 with edit option would be available on the website **www.ouat.nic.in / http://ouat-lokaseba-odisha.in** from 8th October to 20th October, 2020. Candidates who have submitted Form A should download Admit Card available online till 11.10.2020 (10 A.M.) to appear the examination to be held on 11.10.2020. Procedure for Form B submission is at Annexure II in UG Prospectus-2020. Form B submission and appearing entrance examination are mandatory for admission into UG Programmes - 2020.
**Hepline Number:** (Contact during Office hour (10 A.M. to 5 P.M.) on working days only).
**Helpline: 9938838538**
Asst. Registrar (Academic) : 0674-2397970 - Extn. 111
Controller of Examination : 0674-2397970 - Extn. 187
Help Desk e-mail ID : ouat.helpline@gmail.com
**Sd./- Registrar**

**ODISHA LIVELIHOODS MISSION**
**SWAYAMSWIDHA GPLF**
GP: Khandianai, Block: Beguniapada, Dist.: Ganjam
E-mail: swayamswidhagplf@gmail.com
Letter No.:157 Date:6.10.2020

**ADVERTISEMENT**

Swayamswidha GPLF, Khandianai GP, Beguniapada Block invites applications from the eligible candidates for contractual engagement for the following posts under Centre of Excellence (CoE) Project.

| Position | Total Nos. | Qualification | Age Limit | Experience | Salary (Rs. per month) |
|---|---|---|---|---|---|
| Programme Manager | 01 | Post Graduation | 40 years | 5 years | 20,000 |
| Accountant | 01 | Graduation in Commerce | 30 years | 3 years | 12,000 |
| MIS Assistant | 01 | Graduation with PGDCA/GDCA | 30 years | 2 years | 10,000 |

**GENERAL TERMS & CONDITIONS**
1) Details of application form, eligibility criteria, roles and responsibility for each post are available for download in the Ganjam district official website i.e. www.ganjam.nic.in w.e.f. from 08.10.2020.
2) The last date for receipt of application is 22.10.2020 through registered/speed post only in the following address- The President, Swayamswidha GPLF, Khandianai GP, AT- Khandianai, PO-Beguniapada, Pin-761031, Dist.- Ganjam.

**Sd./- President, Swayamswidha GPLF**

**GOVT. OF ODISHA**
**OFFICE OF THE COLLECTOR, KANDHAMAL, PHULBANI**
(ST & SC Development and M&BC Welfare Section)
email: dwo.kandhamal@gmail.com
No. 2869/SSD/XVII/40/2020 Date. 07.10.2020

**Advertisement for Admission for Class-XI in Ekalavya Model Residential School for the Academic Session 2020-21**

**No. V-15:-** Applications are invited in prescribed format for 10th passed out ST students for admission for Class-XI in Ekalavya Model Residential School, Mahasingh of Kandhamal District for the Academic Session 2020-21. The application should reach to Ekalavya Model Residential School, Mahasingh, PO: Mahasingh, Via: Balliguda, Pin: 762103, Dist. Kandhamal on or before **17.10.2020 (5.00 P.M.)** by Regd. Post/ Speed Post.

The detail information regarding admission / application format are available in the District website **www.kandhamal.nic.in / www.omtes.org** as well as Notice Board of Collectorate, Kandhamal / District Welfare Officer, Khandhamal / EMRS, Mahasingh.

Collector, Kandhamal reserves the right to modification or cancellation of advertisement without assigning any reason thereof.

**Sd./- Collector, Kandhamal, Phulbani**
OIPR-24041/11/0002/2021

**ODISHA PUBLIC SERVICE COMMISSION**
**ADVERTISEMENT NO.05 OF 2020-2021**
**RECRUITMENT TO THE POST OF LECTURER IN GOVERNMENT COLLEGE OF PHYSICAL EDUCATION IN GROUP -B UNDER SPORTS AND YOUTH SERVICES DEPARTMENT.**
**WEBSITE-http://opsc.gov.in**

No.D-75:- Online applications are invited from the prospective candidates for recruitment to 05 (five) posts of Lecturers in Physical Education in Group-B, under Sports & Youth Services Department, in the scale of pay of Rs.9,300-34,800/- carrying grade pay of Rs.4600/- in Level-10 of pay matrix under ORSP Rules-2017, through the Proforma application to be made available on the Website: (http://opsc.gov.in).

2. **VACANCY POSITION**: As per requisition filed by the Sports & Youth Services Department, the vacancy position along with reservation thereof is given below:

| Sl.No. | Category | Total Vacancy position |
|---|---|---|
| 1 | Un-reserved | 03 |
| 2 | S.T. | 02 |
| | **TOTAL -** | **05** |

3. **AGE:** A candidate must be under 32 (Thirty two) years and above 21 (Twenty one) years of age on the 1st day of January, 2020 i.e. he/she must have been born not earlier than 2nd January, 1988 and not later than 1st January, 1999.
4. **EDUCATIONAL QUALIFICATION:**
A candidate must have possessed a Master's Degree in Physical Education (M.P.Ed.) with 55% of marks or its equivalent grade from a recognized University in India.
5. **EXAMINATION FEE:**
A candidate is required to pay a non-refundable and non-adjustable fee of Rs.500/- (Rupees five hundred) only. Candidates belonging to Scheduled Caste/Scheduled Tribe of Odisha by birth only are exempted from payment of this fee.
The link for registration / re-registration and payment of examination fee shall be available from 09.10.2020 to 09.11.2020 (Note 16.11.2020 is the last date of submission of Registered Online Application).
The candidates are advised to visit the Website of the Commission at http://opsc.gov.in for detailed information for applying to the above posts.

CUTTACK
DATE-06.10.2020
Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-12002/11/0037/2021

**ବିଦ୍ୟୁତ୍ ଖୁଣ୍ଟରୁ ଗଳି ପଡିଲେ ଲାଇନ୍ ମ୍ୟାନ୍**

ଲହୁଣୀପଡା, (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ଗଦାପାଲି ଗ୍ରାମରେ ବିଦ୍ୟୁତ ମରାମତି କାର୍ଯ୍ୟ କରିବା ବେଳେ ଅଘଟଣ ଘଟିଛି। ସେ ଅଞ୍ଚଳର ଲାଇନ୍ ମ୍ୟାନ୍ ହୃଷୀକେଶ ମାହାନ୍ତ ଖୁଣ୍ଟକୁ ଚଢ଼ିଥିବା ବେଳେ ଖସି ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ବଣାଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭ ହଜାର ଟପିଲା

**ବରଗଡ଼ ଅଫିସ୍,୭।୧୦:** ବରଗଡ଼ ଜିଲାରେ ବୁଧବାର ୯୩ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ବରଗଡ଼ ପୌରାଞ୍ଚଳର ୨୦ଜଣ ରହିଛନ୍ତି। ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୦୭୮ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୧୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୩୬୯ଜଣ ସୁସ୍ଥ ହୋଇଛନ୍ତି । ଅନ୍ୟ ୬୯୬ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ ଏବଂ ହୋମ ଆଇସୋଲେଶନରେ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି।

### ଟ୍ରକ୍ ତଳେ ଚାପି ହୋଇ ରହିଥିବା ଖଲାସୀଙ୍କ ମୃତଦେହ ଉଦ୍ଧାର

**ଲହୁଣୀପଡା, ୭।୧୦ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା କଲେଇପୋଷ ବରସୁଆଁ ପୂର୍ତ୍ତ ବିଭାଗ ରାସ୍ତା ଦଲମକୁଚାର ଘାଟି ମୋଡରେ ଦୁଇ ଦିନ ପୂର୍ବେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକ୍ ତଳୁ ଖଲାସିଙ୍କ ମୃତଦେହ ମିଳିଛି। ସେ ହେଲେ ଛତିଶଗଡ ଭିଲାଇର ସୋମେଶ ମହାନନ୍ଦ (୨୪)। ଲହୁଣୀପଡା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଗାଡି ଜବତ ହୋଇଛି। ଲୁହାପଥର ନେଇ ଏହି ୧୪ ଚକିଆ ଟ୍ରକ୍ (ସିଜି ୦୭ ଏକ୍ସ- ୮୫୮୯)ଟି ଛତିଶଗଡ ଅଭିମୁଖେ ଗଲାବେଳେ ଭାରସାମ୍ୟ ହରାଇ ଘାଟିରୁ ୩୦ ଫୁଟ ତଳକୁ ଖସି ପଡ଼ିଥିଲା । ଚାଳକ ନୱାଲ ଲାଲ ସାହୁ (୪୦)ଙ୍କୁ ସ୍ଥାନୀୟ ଲୋକେ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ଗାଡିରେ ଖଲାସି ଥିଲେ କି ନାହିଁ ତାହା ଚାଳକ ସ୍ପଷ୍ଟ ଭାବରେ କହିପାରି ନ ଥିଲେ। ୨ ଦିନ ପରେ ଲୁହା ପଥର ଗୁଣ୍ଡକୁ ଉଠାଇବାବେଳେ ଖଲାସି ଚାପି ହୋଇ ରହିଥିବା ଦେଖିବାକୁ ମିଳିଥିଲା।

### ଯୁବତୀଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା, ୭।୧୦(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧୀନ ବୀରମିତ୍ରପୁର ପୌରପାଳିକା କର୍ମଚାରୀ ଦୀପକ ବେହେରାଙ୍କ ଝିଅ ମମତା ବେହେରା (୧୮) ବୁଧବାର ସକାଳ ପ୍ରାୟ ସାଢ଼େ ୯ଟାରେ ଘରର ଆଡିରେ ଚୁନି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଖବର ପାଇ ବୀରମିତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଯାଞ୍ଚବେଳେ ଧରାପଡ଼ିଲା ନିମ୍ନମାନର ଚାଉଳ ଯୋଗାଣ

**ଖପ୍ରାଖୋଲ, ୭।୧୦ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତରେ ନିମ୍ନମାନର ପିଡିଏସ୍ ଚାଉଳ ଯୋଗାଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ସ୍ଥାନୀୟ ସରପଞ୍ଚ ତ୍ରିନାଥ ବାରିକ ଏନେଇ ଅଭିଯୋଗ କରିବା ପରେ ବ୍ଲକ ଯୋଗାଣ ଅଧିକାରୀ ରାଜାରାମ ହୋତା ପଞ୍ଚାୟତ ଗୋଦାମ ଘରକୁ ଯାଇ ଚାଉଳ ଯାଞ୍ଚ କରିଥିଲେ । ଏଥିରେ ୧୨ ବସ୍ତା ନିମ୍ନମାନର ଚାଉଳ ଥିବା ଜଣାପଡିଥିଲା । ଏହି ଚାଉଳକୁ ଫେରସ୍ତ କରାଯିବାକୁ ଯୋଗାଣ ଅଧିକାରୀ ହୋତା ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି ।

### ଅତାବିରା ବ୍ଲକ ବିଜେଡି ସଭାପତିଙ୍କ ପରଲୋକ

**ବରଗଡ଼ ଅଫିସ୍,୭।୧୦:** ବରଗଡ଼ ଜିଲା ଅତାବିରା ବ୍ଲକ ବିଜେଡ଼ି ସଭାପତି ଲମ୍ବୋଦର ମଲ୍ଲିକଙ୍କ ମଙ୍ଗଳବାର ବିଳମ୍ବିତ ରାତ୍ରି ପ୍ରାୟ ୨ଟାରେ ପରଲୋକ ହୋଇଛି । ସ୍ୱର୍ଗତ ମଲ୍ଲିକ ଉଚ୍ଚଶିକ୍ଷା ଲାଭ କରିଥିଲେ ସୁଦ୍ଧା ଚାକିରି ପଛରେ ନ ଗୋଡ଼ାଇ ଯୁବାବସ୍ଥାରୁ ଜନସେବା ପାଇଁ ରାଜନୀତିରେ ପାଦ ଥାପିଥିଲେ। ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଗରିଆଟିକ୍ରା ନିବାସୀ ସ୍ୱର୍ଗତ ମଲ୍ଲିକ ସରପଞ୍ଚ, ଜିଲା ପରିଷଦ ସଭ୍ୟ ନିର୍ବାଚିତ ହୋଇ ଅଞ୍ଚଳର ବହୁବିଧ ବିକାଶମୂଳକ କାମ କରିଥିଲେ। ଏହା ସହିତ ସେ ଜିଲା ଯାଦବ ସମାଜର ସଭାପତି ଥିଲେ । ସ୍ୱର୍ଗତ ମଲ୍ଲିକଙ୍କ ପତ୍ନୀ ରୁକ୍ମଣୀ ମଧ୍ୟ ଜିଲା ପରିଷଦ, ବ୍ଲକ ଅଧ୍ୟକ୍ଷା ନିର୍ବାଚିତ ହୋଇ ତାଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ଉନ୍ନୟନ କାର୍ଯ୍ୟ କରିଥିଲେ । ତାଙ୍କ ପରଲୋକରେ ବରଗଡ଼ ଜିଲା ଯାଦବ ସମାଜ, ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି ।

# ସହରାଞ୍ଚଳ ବାସହରା ଆଶ୍ରୟସ୍ଥଳୀ ନିର୍ମାଣ ବନ୍ଦ

- ପ୍ରଶାସନର ତ୍ରୁଟିପୂର୍ଣ୍ଣ ସ୍ଥାନ ନିରୂପଣ
- ସୁଡାର ଉପ ନିର୍ଦ୍ଦେଶକଙ୍କ ଚିଠି ପରେ ତତ୍ପରତା

**ସୋନପୁର,୭।୧୦(ନି.ପ୍ର.)**


ନିର୍ମାଣାଧୀନ ବାସହରା ଆଶ୍ରୟସ୍ଥଳୀ ଉପରେ ୧୩୩କେଭି ବିଦ୍ୟୁତ୍ ତାର ଯାଇଛି ।

ସହରାଞ୍ଚଳଗୁଡିକରେ ରାସ୍ତାକଡ ଦୋକାନ ଘର ଆଗରେ, ବସ୍‌ଷ୍ଟାଣ୍ଡରେ ଓ ଖୋଲା ପଡିଆରେ ଆଶ୍ରୟ ନେଉଥିବା ବାସହରା, ଅସହାୟମାନଙ୍କୁ ମୁଣ୍ଡ ଗୁଞ୍ଜିବାର ଟିକିଏ ସୁବିଧା ଦେବାକୁ କେନ୍ଦ୍ର ସରକାର ଜାତୀୟ ସହରୀ ଜୀବିକା ମିଶନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ସହରାଞ୍ଚଳରେ ବାସହରା ଆଶ୍ରୟସ୍ଥଳୀ (ଏସୟୁଏଚ୍) ନିର୍ମାଣ କରାଯାଉଛି । କିନ୍ତୁ ଏଭଳି ଏକ ଯୋଜନାକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରୁଥିବା ସରକାରୀ ବାବୁମାନଙ୍କ ଦୂରଦୃଷ୍ଟିରେ ଅଭାବ ଯୋଗୁ ସମସ୍ୟା ସୃଷ୍ଟି ହେଉଛି । ସୁବର୍ଣ୍ଣପୁରରେ ଏହି ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ର ନିର୍ମାଣରେ ପ୍ରଶାସନର ତ୍ରୁଟିପୂର୍ଣ୍ଣ ସ୍ଥାନ ନିରୂପଣ ଯୋଗୁ ଜିଲା ସଦର ମହକୁମାରେ ଚାଲିଥିବା ବାସହରା ଆଶ୍ରୟସ୍ଥଳୀ ନିର୍ମାଣ ଦୀର୍ଘ ଅଢେଇ ବର୍ଷ ହେଲା ବନ୍ଦ ରହିଛି । ଦୁଇ ମହଲା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସରକାର ୨୦୧୭ ସେପ୍ଟେମ୍ବରରେ ୪୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ପ୍ରଥମ ପର୍ଯ୍ୟାୟରେ ପୌର ପରିଷଦକୁ ୧୬ଲକ୍ଷ ଟଙ୍କା ମିଳିଥିଲା। କିନ୍ତୁ ଏହି ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି । ତେଣୁ ଯେଉଁ ଉଦ୍ଦେଶ୍ୟ ନେଇ ଏଭଳି ଏକ ମହତ୍ ଯୋଜନା ଆରମ୍ଭ ହୋଇଥିଲା ତାହା ବନ୍ଦ ରହିବା ସହ ଅସହାୟମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ।

ପ୍ରକାଶ ଯେ, ଜାତୀୟ ସହରୀ ଜୀବିକା ମିଶନ ଅଧୀନରେ ଏହି ସହରାଞ୍ଚଳ ବାସହରା ଆଶ୍ରୟସ୍ଥଳୀରେ ଦୈନିକ ୫୦ ଜଣ ବାସହରାଙ୍କ ରହିବା ବ୍ୟବସ୍ଥା ସହ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା ରହିଛି । ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ପରେ ସହରର ଡାକ୍ତରଖାନା ଛକରୁ ପଟାଭାଡି ରାମଜୀନଗର ରାସ୍ତା କଡରେ ଆଶ୍ରୟସ୍ଥଳୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ କୋଠାର ପ୍ଲିନ୍ଥ ପର୍ଯ୍ୟନ୍ତ କାର୍ଯ୍ୟ ଓ ୬୩ଟି କଲମ୍ ନିର୍ମାଣ ପରେ କାମ ବନ୍ଦ ରହିଛି । ନିର୍ମାଣଧୀନ କୋଠା ଉପରେ ୧୩୩ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ଭବିଷ୍ୟତରେ କୌଣସି ଦୁର୍ଘଟଣାର ଆଶଙ୍କା କରିଥିଲା ବିଦ୍ୟୁତ୍ ବିଭାଗ । ବିଭାଗର ପ୍ରତିବାଦ ପରେ ଜିଲା ପ୍ରଶାସନ ଏହାର ନିର୍ମାଣ କାର୍ଯ୍ୟ ପାଇଁ ବନ୍ଦ ନିର୍ଦ୍ଦେଶ ଦେଇଥିଲା । ତେବେ ନିର୍ମାଣ ପୂର୍ବରୁ ପୌର ପରିଷଦ ପକ୍ଷରୁ ସ୍ଥାନ ନିରୂପଣ ସମୟରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପରେ ଯାଇଥିବା ୧୩୩ କେଭି ବିଦ୍ୟୁତ୍ ତାର ସମ୍ପର୍କରେ କିଭଳି ଜାଣି ପାରି ନ ଥିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଧାପନ୍ତରିଆ ଅବସ୍ଥାରେ ଥିବା କୋଠା ନିର୍ମାଣରେ ପ୍ରାୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହୋଇଥିବା ବେଳେ ବାକି ଟଙ୍କା ପରିଷଦରେ ପଡିରହିଛି । ଏହି ଘଟଣାକୁ ନେଇ ରାଜ୍ୟସ୍ତରୀୟ ସେଲ୍‌ର ମନିଟରିଂ କମିଟିରେ ଆଲୋଚନା ହୋଇଥିଲା । ନଗର ଉନ୍ନୟନ ବିଭାଗର ଉପସଚିବ ତଥା ଷ୍ଟେଟ୍ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି(ସୁଡା)ର ଉପ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ଗତ ୨୧ ତାରିଖରେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଇଓଙ୍କୁ ଚିଠି କରିଛନ୍ତି । ସହରାଞ୍ଚଳ ବାସହରା ଆଶ୍ରୟସ୍ଥଳୀ ନିର୍ମାଣର ସ୍ଥିତି ଓ ଏହାର ଫଟୋ ସହିତ ୩ ଦିନ ମଧ୍ୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଚିଠି ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ଏ ସମ୍ପର୍କରେ ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟଙ୍କୁ ପଚାରିବାରୁ ଆମେ ସରକାରଙ୍କୁ ରିପୋର୍ଟ ଦେଇଛୁ । ସୁରକ୍ଷା ଦୃଷ୍ଟିରୁ ଅଲଗା ସ୍ଥାନରେ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ । ଏଥପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱରେ ସ୍ଥାନ ଚିହ୍ନଟ ହୋଇଛି। ସେହିପରି ଅଧାପନ୍ତରିଆ ଅବସ୍ଥାରେ ଥିବା ଆଶ୍ରୟସ୍ଥଳୀ ନିର୍ମାଣ ନ ହୋଇ ସେଠାରେ ୧ ମହଲା ବିଶିଷ୍ଟ ଷ୍ଟାଫ୍ କ୍ୱାଟର୍ସ ନିର୍ମାଣ ହେବ ବୋଲି କହିଥିଲେ ।

## ପରିବାର ବୋଝ ଉଠାଉଛନ୍ତି ନାବାଳିକା

### ପକ୍ଷାଘାତ ଆକ୍ରାନ୍ତ ବାପ, ପୁଅ ଶଯ୍ୟାଶାୟୀ


ବାପା ଓ ଭାଇଙ୍କ ଶଯ୍ୟା ନିକଟରେ ଝିଅ ।

**ନୂଆପଡା ଅଫିସ, ୭।୧୦**

ପକ୍ଷାଘାତରେ ବାପା ଏବଂ ପୁଅ ଶଯ୍ୟାଶାୟୀ। ଅର୍ଥାଭାବ ହେତୁ ଚିକିତ୍ସା ହୋଇପାରୁ ନାହିଁ। ଏକମାତ୍ର ଝିଅ ପରିବାର ପ୍ରତିପୋଷଣ ପାଇଁ ବାରଦୁଆର ହେଉଛନ୍ତି। ଏଭଳି ଏକ ଅବସ୍ଥା ଦେଖିବାକୁ ମିଳିଛି ନୂଆପଡା ଜିଲା ସିନାପାଲି ବ୍ଲକ ଗୋବିନ୍ଦପୁର ଗାଁରେ। ଗାଁର ବୁଦ୍ଧୁ ଜଗତ(୭୦)ଆଜିକୁ ଆଠବର୍ଷ ତଳେ ପକ୍ଷାଘାତ ରୋଗରେ ଅକ୍ରାନ୍ତ ହେଲେ। ସେ ଚିକିତ୍ସା ପାଇଁ ନୂଆପଡାରୁ ଆରମ୍ଭ କରି ବୁର୍ଲା, କଟକ ଯାଏ ଦୌଡି ମଧ୍ୟ କୌଣସି ସୁଫଳ ପାଇ ପାରି ନାହାନ୍ତି। ବାପାଙ୍କ ଅସୁସ୍ଥତା ପରେ ମୂଲ ମଜୁରୀ ଲାଗି ଘର ଚଳାଉଥିଲେ ପୁଅ ଦଳମତ(୨୫)। ହେଲେ ବର୍ତ୍ତମାନ ସେ ମଧ୍ୟ ପକ୍ଷାଘାତ ରୋଗରେ ପୀଡିତ। ରୋଜଗାରିଆ ଦୁଇଜଣ ଶଯ୍ୟାଶାୟୀ ହେବା ପରେ ପରିବାରର ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଏହି ସମୟରେ ବୁଦ୍ଧୁଙ୍କ ଏକମାତ୍ର ଝିଅ ଅହଲ୍ୟା(୧୬)ଉପରେ ପରିବାରର ବୋଝ ପଡିଛି। ବାପା ଓ ଭାଇଙ୍କ ଚିକିତ୍ସା ସହ ପରିବାର ପ୍ରତିପୋଷଣ ଚିନ୍ତାରେ ସେ ଭାଙ୍ଗିପଡିଛନ୍ତି। ବାପାଙ୍କୁ ମିଳୁଥିବା ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୧୫କେଜି ଚାଉଳ ଯାହା ଭରସା। ଶଯ୍ୟାଶାୟୀ ଭାଇଙ୍କୁ ଅଦ୍ୟାବଧି କୌଣସି ସରକାରୀ ସହାୟତା ମିଳିନାହିଁ। ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି କୋହଭରା କଣ୍ଠରେ କହନ୍ତି ଅହଲ୍ୟା। ପ୍ରଶାସନ ସହ କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢାଇଲେ ଏହି ପରିବାରର ଉପକାର ହୋଇ ପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

## ଡାକ ମଣ୍ଡଳ ଅଫିସ ସମ୍ମୁଖରେ ଧାରଣା

**ସମ୍ବଲପୁର, ୭।୧୦ (ବ୍ୟୁରୋ)**

ସମ୍ବଲପୁର ଡାକ ମଣ୍ଡଳ ଅଫିସ ସମ୍ମୁଖରେ ୯ ଦଫା ଦାବି ନେଇ ବୁଧବାର ଧାରଣା ଦିଆଯାଇଛି । ସର୍ବଭାରତୀୟ ଡାକ ସେବା କର୍ମଚାରୀ ସଂଘ ସମ୍ବଲପୁର ମଣ୍ଡଳ ପକ୍ଷରୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ମହାମାରୀ କରୋନା ସମୟରେ କାର୍ଯ୍ୟକରି ମୃତ୍ୟୁବରଣ କରିଥିବା କର୍ମଚାରୀମାନଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ, କରୋନାରେ ପ୍ରଭାବିତ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ଛୁଟି, ସ୍ଥାୟୀ ନିଯୁକ୍ତି ପାଇଁ ଆନ୍ଦୋଳନକାରୀମାନେ ଦାବି କରିଥିଲେ । ଏଥିସହ ସହଜ ସେବାକେନ୍ଦ୍ର ଓ ଅନ୍‌ଲାଇନ ଜରିଆରେ ସଭ୍ୟ ଯାଞ୍ଚ ପ୍ରଣାଳୀକୁ ସେମାନେ ବିରୋଧ କରିଛନ୍ତି । ସମ୍ବଲପୁର ଡାକ ମଣ୍ଡଳ ସଭାପତି ରୂପେଶ ଚନ୍ଦ୍ର ସାହୁ, ରାଜ୍ୟ ସଭାପତି ପ୍ରଦୀପ ଚନ୍ଦ୍ର ରାଉତ, ମଣ୍ଡଳ ସମ୍ପାଦକ ରୂପେଶ ବାଗ ଓ ଶଙ୍କର କର, କମଲଲୋଚନ ସାହୁ, ବିପ୍ରବନ୍ଧୁ ଡିଲା ଆନ୍ଦୋଳନର ନେତୃତ୍ୱ ନେଇଥିଲେ।


ବୁଧବାର ସମ୍ବଲପୁର ଡାକ ମଣ୍ଡଳ ଅଫିସ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଛନ୍ତି ।

## ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନକୁ ଏଆଇଡିଏସ୍‌ଓର ବିରୋଧ

**ବଲାଙ୍ଗୀର ଅଫିସ, ୭।୧୦**



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଓଡିଶା ବିଶ୍ୱବିଦ୍ୟାଳୟ ଆଇନ-୨୦୨୦କୁ ତୁରନ୍ତ ରଦ୍ଦ କରିବା ତଥା ବିଶ୍ୱବିଦ୍ୟାଳୟଗୁଡିକର ସ୍ୱୟଉତାକୁ ଅକ୍ଷୁର୍ଣ୍ଣ ରଖିବା ଦାବିରେ ମଙ୍ଗଳବାର ଅଲଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍(ଏଆଇଡିଏସଓ) ବଲାଙ୍ଗୀର ଜିଲା କମିଟି ପକ୍ଷରୁ ସ୍ଥାନୀୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନ ତରଫରୁ ଏହି କଳା ଆଇନର ନକଲକୁ ପୋଡା ଯାଇଥିଲା । ରାଜ୍ୟର ଛାତ୍ର, ଶିକ୍ଷକ, ଶିକ୍ଷାବିତ୍ ଓ ସାଧାରଣ ଲୋକଙ୍କ ବିରୋଧକୁ ଉପେକ୍ଷା କରି ରାଜ୍ୟ ସରକାର ଗତକାଲି ବିଧାନସଭାରେ ଓଡିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଧେୟକକୁ ପାରିତ କରିଛନ୍ତି । ଏହି ଆଇନରେ ବିଶ୍ୱବିଦ୍ୟାଳୟ ଆଇନ ୧୯୮୯କୁ ପରିବର୍ତ୍ତନ କରି ବିଶ୍ୱବିଦ୍ୟାଳୟର ଶିକ୍ଷକ ଚୟନ ପ୍ରକ୍ରିୟା ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓଡିଶା ପବ୍ଲିକ ସର୍ଭିସ କମିଶନ ହାତରେ ନ୍ୟସ୍ତ କରିବା, ସିନେଟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ହଟାଇବା, କୁଳପତି ଚୟନ କମିଟିରେ ସିଣ୍ଡିକେଟ ଦ୍ୱାରା ମନୋନୀତ ଜଣେ ପ୍ରତିନିଧି ରହିବାର ବ୍ୟବସ୍ଥା ହଟାଇ ରାଜ୍ୟ ସରକାରଙ୍କର ପ୍ରତିନିଧି ରହିବାର ବ୍ୟବସ୍ଥା କରାଯାଇଛି । ଏହି ସମସ୍ତ ନିଷ୍ପତ୍ତି ଅତ୍ୟନ୍ତ ଅଗଣତାନ୍ତ୍ରିକ, ଅନ୍ୟାୟ, ଛାତ୍ର-ଶିକ୍ଷକ ବିରୋଧୀ ବୋଲି ସଙ୍ଗଠନ ତରଫରୁ ଅଭିଯୋଗ କରାଯାଇଛି । ଏହି ଆଇନ ବିରୋଧରେ ଗଣଆନ୍ଦୋଳନ ଗଢି ତୋଳିବା ପାଇଁ ସଂଗଠନ ପକ୍ଷରୁ ଆହ୍ୱାନ କରାଯାଇଛି । ଆଜିର ବିକ୍ଷୋଭରେ ଜିଲା ସଭାପତି ରାଜେନ୍ଦ୍ର ରଣା, ଉପସଭାପତି ଲକ୍ଷ୍ମୀଧର ସାମଲ, ସର୍ବଭାରତୀୟ କାଉନସିଲ ସଭ୍ୟ ସୁନୀଲ ଭୋଇ, ବିକାଶ ଜେନା, ଯୁଗେଶ୍ୱର ରଣା, ସଂଗ୍ରାମ ପ୍ରଧାନ, ସୋହନ ମିଶ୍ର, ନିତୁ ପାତ୍ରଙ୍କ ସହ ଛାତ୍ରୀଛାତ୍ର ସାମିଲ ଥିଲେ ।

## ଅତାବିରାରେ ବିଗୁଡୁଛି ଆଇନ ଶୃଙ୍ଖଳା: ଭାଜପା

**ସରଣ୍ଡା,୭।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ବୋଲି ଭାଜପା ଅଭିଯୋଗ କରିଛି। ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳର ସ୍ଥାନୀୟ ଆବାହକ କୁଶ କୁମ୍ଭାର ଏଭଳି ଅଭିଯୋଗ କରିଛନ୍ତି। ରାଜ୍ୟରେ ଭୁଷୁଡ଼ି ପଡ଼ିଥିବା ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ମଧ୍ୟ ସେ ସୂଚନା ଦେଇଥିଲେ। ରାଜ୍ୟରେ ବେବିନା, ଇତିଶ୍ରୀ, କୁନ୍ଦୁଲି ଭଳି ବଳାତ୍କାର ଘଟଣା ଘଟିଥିବାବେଳେ ଉତ୍ତରପ୍ରଦେଶରେ ସଂଘଟିତ ବଳାତ୍କାର, ହତ୍ୟା ମାମଲାକୁ ନେଇ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଦେଇଥିବା ଟିପ୍ପଣୀକୁ ସେ ସମାଲୋଚନା କରିଥିଲେ । ବିଧାୟିକା ଛୁରିଆଙ୍କ ନିର୍ବାଚନ ମଣ୍ଡଳୀ ଅଧୀନ ଭେଡ଼େନର ମାଖନୁ ବାଗ ହତ୍ୟାକାଣ୍ଡ, ରୂପାପାଲି ହତ୍ୟାକାଣ୍ଡ ଭଳି ଅନେକ ଅପରାଧ ଘଟିଥିବାବେଳେ ସେଥିପ୍ରତି ସେ କାହିଁକି, କେବେ ମୁହଁ ଖୋଲି ନାହାନ୍ତି ବୋଲି କୁମ୍ଭାର ପ୍ରଶ୍ନ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଅତାବିରା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ଏନଏସି ସଭାପତି ଦଶରଥ ଭୁଏ, ଚନ୍ଦ୍ରଶେଖର ତାଣ୍ଡି, ହୃଷିକେଶ ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

## ହାଇଦ୍ରାବାଦ୍ ଚାଲାଣ ହେଉଥିବା ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ, ୭।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଚାଉଳବାଞ୍ଜି ଗ୍ରାମରୁ ହାଇଦ୍ରାବାଦ୍‌କୁ ଚାଲାଣ ହେଉଥିବା ୫ ଶିଶୁ ସମେତ ୬ ଜଣ ଦାଦନ ଶ୍ରମିକଙ୍କୁ ଖପ୍ରାଖୋଲ ଥାନା ପୋଲିସ ବୁଧବାର ଉଦ୍ଧାର କରିଛି। ଏକ ବୋଲେରୋରେ ଦାଦନ ସର୍ଦ୍ଦାର ଏମାନଙ୍କୁ ହାଇଦ୍ରାବାଦ୍ ନେଉଥିବାବେଳେ ଖପ୍ରାଖୋଲ ହରିଶଙ୍କର ଛକଠାରେ ପୋଲିସ ସନ୍ଦେହରେ ଏମାନଙ୍କ ବଲେରୋ ଗାଡିକୁ ଅଟକାଇ ଥିଲା । ଏହାପରେ ଦାଦନ ସର୍ଦ୍ଦାରମାନେ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ବୋଲେରୋ ଓ ଡ୍ରାଇଭରକୁ ଅଟକ ରଖିଛି। ଶ୍ରମିକ ଚାଲାଣ ସମ୍ପର୍କରେ ପୋଲିସ ଲାଠୋର ଗାଁର ସର୍ଦ୍ଦାର ଟଙ୍କ ରଣା ଓ ଜଲପାଙ୍କେଲ ଗ୍ରାମର ସର୍ଦ୍ଦାର ଲମ୍ବୋ ଦାସଙ୍କ ବିରୋଧରେ ଏକ ମାମଲା(ନଂ.୨୦୦/୨୦) ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ସୂଚନା ଦେଇଛନ୍ତି ।

## ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେଉନି

**ଦେଓଗାଁ, ୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ନବଗଠିତ ବଡବାହାଲ ପଞ୍ଚାୟତର ନୂତନ କୋଠା ନିର୍ମାଣରେ ଆହେତୁକ ବିଳମ୍ବ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବ୍ଲକରେ ପଞ୍ଚାୟତ ସଂଖ୍ୟା ୨୩ରୁ ୨୬ କୁ ବୃଦ୍ଧି ପାଇବା ପରେ ନବଗଠିତ ପଞ୍ଚାୟତ ମାନଙ୍କରେ ନୂତନ କୋଠା ନିର୍ମାଣ ଦାବି ଜୋର ଧରିଥିଲା। ହାତିସରା ଓ ଡୁମେରପିଟା ପଞ୍ଚାୟତ କୋଠା ନିର୍ମାଣ ସରିବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ବଡବାହାଲ ପଞ୍ଚାୟତର ନୂତନ କୋଠା ନିର୍ମାଣ ଆରମ୍ଭ ହୋଇପାରୁ ନାହିଁ। ବର୍ତ୍ତମାନ ଏକ ଅସ୍ଥାୟୀ କୋଠାରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଛି । ଏ ନେଇ ସରପଞ୍ଚ ଜୟ ରଣା ଓ ଜନପ୍ରତିନିଧିମାନେ ଶୁକ୍ରବାରଠାରୁ ବ୍ଲକ ପରିସରରେ ଆମରଣ ଅନଶନରେ ବସିବା ପାଇଁ ଲିଖିତ ଚେତାବନୀ ଦେଇଛନ୍ତି । ବିଡିଓ ନବୀନ କିଶୋର ପାଢ଼ୀଙ୍କୁ ପଚାରିବାରୁ ପଞ୍ଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ ଦିଗରେ କମ୍‌ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ସର୍ବଭାରତୀୟ ଜେଇଇ ପ୍ରବେଶିକା ପରୀକ୍ଷାରେ ବିରାଟ ଛାତ୍ରଙ୍କ ସଫଳତା

**ସମ୍ବଲପୁର, ୭।୧୦(ବ୍ୟୁରୋ)**

ସର୍ବଭାରତୀୟ ଜେଇଇ ଆଡଭାନ୍ସ (ଆଇଆଇଟି) ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି। ସମ୍ବଲପୁର ବିରାଟ ଶିକ୍ଷାନୁଷ୍ଠାନର ଦୁଇଜଣ ଛାତ୍ର ଏଥିରେ ସଫଳତା ହାସଲ କରିଛନ୍ତି। ଛାତ୍ର ଆୟୁଷ୍ମାନ ଅଗ୍ରୱାଲ ସାଧାରଣ ବର୍ଗରେ ୧୯୬୧ ର୍‍ୟାଙ୍କ ଓ ସମ୍ଭ୍ରାନ୍ତ ଦୋରା ୪୮୩୪ ର୍‍ୟାଙ୍କ ହାସଲ କରିଛନ୍ତି। ମଙ୍ଗଳବାର ଶିକ୍ଷାନୁଷ୍ଠାନ ପରିସରରେ ଅଧକ୍ଷ ରାହୁଲ ରାଜ ଏହି ଛାତ୍ର ଦ୍ୱୟଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ, ଆୟୁଷ୍ମାନ ଓ ସମ୍ଭ୍ରାନ୍ତ ଦେଶର ସର୍ବଶ୍ରେଷ୍ଠ ଆଇଆଇଟିରେ ପଢ଼ିବାର ଯୋଗ୍ୟତା ଅର୍ଜନ କରିଛନ୍ତି । ପୂର୍ବରୁ ଜେଇଇ ମେନ୍ ପରୀକ୍ଷାରେ ମଧ ଆୟୁଷ୍ମାନ ୯୯.୭୧ ପ୍ରତିଶତ ଓ ସମ୍ଭ୍ରାନ୍ତ ୯୯.୬୧ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଓ ଅଧାପକଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇଛି । କୋଭିଡ- ୧୯ର ଭୟାବହତା ସତ୍ତ୍ୱେ ଅନ୍‌ଲାଇନରେ ଶିକ୍ଷା ବ୍ୟବସ୍ଥା କରାଯାଇଥିବା ରାହୁଲ କହିଛନ୍ତି।


ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରଙ୍କୁ ବିରାଟ ଶିକ୍ଷାନୁଷ୍ଠାନରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଉଛି ।

# ନିୟନ୍ତ୍ରଣରେ ନାହିଁ ଆଳୁ, ପିଆଜ ଦର


ବରଗଡ଼ର ଦୈନିକ ବଜାରରେ ଏକ ଆଳୁ, ପିଆଜ ଷ୍ଟଲ ।

- ଅତ୍ୟାବଶ୍ୟକ ସାମଗ୍ରୀ ଆଇନରୁ ବାଦ୍ ପଡ଼ିଲା
- ବ୍ୟବସାୟୀଙ୍କ ସ୍ୱେଚ୍ଛାଚାରିତା ବୃଦ୍ଧି ପାଇଲା
- ଡାଲି, ତେଲ ଦର ମଧ ବଢୁଛି

**ବରଗଡ଼ ଅଫିସ୍,୭।୧୦**

କେନ୍ଦ୍ର ସରକାର ଆଳୁ, ପିଆଜକୁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରୁ ହଟାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ପରେ ଆଳୁ, ପିଆଜଠାରୁ ଆରମ୍ଭ କରି ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ମାତ୍ରାଧିକ ବଢ଼ିବାରେ ଲାଗିଛି । ଏହାକୁ ନେଇ ଗରିବ ଖାଉଟି ତଥା ସାଧାରଣ ଜନତାଙ୍କ ଚିନ୍ତା ବଢ଼ି ଯାଇଛି । ଦରଦାମ ଏଭଳି ବୃଦ୍ଧି ପାଇଛି ଯେ ଅତି ଆବଶ୍ୟକ ପଡୁଥିଲେ ମଧ୍ୟ ଲୋକେ ଆଳୁ, ପିଆଜ ଭଳି ସାମଗ୍ରୀ କିଣିପାରୁନାହାନ୍ତି । ଗତ ପ୍ରାୟ ସପ୍ତାହକ ତଳେ ଆଳୁ କିଲୋ ୩୦ଟଙ୍କାରେ ମିଳୁଥିଲା। କିନ୍ତୁ ଏବେ ତାହା ୪୦ରୁ ୪୫ ଟଙ୍କାକୁ ବୃଦ୍ଧି ପାଇଛି। ପିଆଜ କ୍ଷେତ୍ରରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି । ପିଆଜ ଦର ଦେଢ଼ଗୁଣା ବଢ଼ିଛି। ପୂର୍ବରୁ ପିଆଜ ମଧ୍ୟ କିଗ୍ରା ପ୍ରତି ୩୦ଟଙ୍କା ରହିଥିଲା । ମାତ୍ର ଏବେ କିଛିଦିନ ହେଲା ପିଆଜ ଦର କିଗ୍ରା ପ୍ରତି ୪୫ରୁ ୫୦ଟଙ୍କାରୁ ତଳକୁ ଖସୁନାହିଁ । କେବଳ ସେତିକି ନୁହେଁ, ବିଭିନ୍ନ କିସମର ଡାଲି, ତେଲଦର ମଧ୍ୟ ବୃଦ୍ଧି ପାଇଛି ।

### ଏମାନେ କୁହନ୍ତି...

**ପ୍ରଭାବିତ ହୋଇଛି ସାଧାରଣ ଜୀବନଯାପନ**



ମହାମାରୀ କରୋନା ଯୋଗୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏଭଳି ସ୍ଥଳେ ଆଳୁ, ପିଆଜର ଦରବୃଦ୍ଧି ପାଇବା ସାଧାରଣ ଜୀବନଯାପନକୁ ମଧ୍ୟ ପ୍ରଭାବିତ କରିଛି । ଗରିବ, ମଧ୍ୟବିତ୍ତ ଶ୍ରେଣୀର ଲୋକେ ତାକୁ କିଣି ଖାଇବା କଷ୍ଟକର ହୋଇ ପଡ଼ିଛି ।

-ପ୍ରତିମା ତ୍ରିପାଠୀ, ଗୃହିଣୀ

**କରୋନା ବେଳେ ଖାଉଟିଙ୍କୁ ମାଡ଼**



ଆଳୁ, ପିଆଜ, ଡାଲି, ତେଲ ସମସ୍ତଙ୍କ ପାଇଁ ଏହା ନିତ୍ୟ ବ୍ୟବହାର୍ଯ୍ୟ । ଗତ ୧୫ଦିନ ହେଲା ଏହି ସବୁ ସାମଗ୍ରୀର ଦରଦାମ ବଢ଼ି ଚାଲିଛି । ଦର ଦେଢ଼ଗୁଣା, ଦୁଇଗୁଣାକୁ ବଢ଼ିଥିବା ଯୋଗୁ କରୋନାବେଳେ ଗରାଖଙ୍କ ଉପରେ ତାହାର ପ୍ରଭାବ ପଡିଛି । ପ୍ରଶାସନ ଏହାର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବା ଜରୁରୀ ।

-ଶିବାନନ୍ଦ ମଟାରୀ, ଗରାଖ

**ଆଗକୁ ଆହୁରି ଦରବୃଦ୍ଧି ଆଶଙ୍କା**



କେନ୍ଦ୍ର ସରକାର ଆଳୁ, ପିଆଜ ଆଦିକୁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରୁ ହଟାଇବା ପାଇଁ ନିଷ୍ପତ୍ତି ନେବା ପରେ ଏଭଳି ଦରଦାମ ବଢ଼ିଛି । ଆଗକୁ ଏହି ଆଇନ କାର୍ଯ୍ୟକାରୀ ହେଲେ ଏଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରବୃଦ୍ଧି କିଭଳି ବେଲଗାମ ହୋଇ ପଡ଼ିବ, ତାହା ସହଜରେ ଅନୁମେୟ । ସରକାର ଏହାକୁ ହୃଦୟଙ୍ଗମ କରିବା ଦରକାର ।

-ରମେଶ ମହାପାତ୍ର, ସାମାଜିକ କର୍ମୀ

## ଖାଉଟି କାର୍ଡ ପାଇଁ ବିଡିଓଙ୍କୁ ଦାବିପତ୍ର

ରେଙ୍ଗାଲି, (ଡି.ଏନ.ଏ.)- ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ନିଶାନଭଙ୍ଗା ପଞ୍ଚାୟତ ଅଧୀନ ବାବୁଚକୁଳି ଏବଂ ପାଣ୍ଡଲୋଇ ଗ୍ରାମର ଗ୍ରାମବାସୀ ଖାଉଟି କାର୍ଡ ପାଇଁ ରେଙ୍ଗାଲି ବିଡିଓଙ୍କ ନିକଟରେ ଲିଖିତ ଦାବି କରଛନ୍ତି। କରୋନା ମହାମାରୀ ଯୋଗୁ ସବୁକିଛି ବନ୍ଦ ରହିଛି । ଲୋକେ କାମଧନ୍ଦା ନ ପାଇ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି। ଏପରି ସମୟରେ ସରକାର ମାଗଣା ଖାଦ୍ୟ ଯୋଗାଉଛନ୍ତି। କିନ୍ତୁ ରାସନ କାର୍ଡ ନ ଥିବା ଯୋଗୁ ବହୁ ଲୋକ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି । ସେଥିପାଇଁ ଏହି ଦୁଇ ଗ୍ରାମର ଗ୍ରାମବାସୀ ରାସନ କାର୍ଡ ଯୋଗାଇବା ପାଇଁ ବିଡିଓଙ୍କୁ ଲିଖିତ ଦାବି କରିଛନ୍ତି ।

## ସଂକ୍ଷେପରେ

### ୩ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୭।୧୦(ବ୍ୟୁରୋ): ସମ୍ବଲପୁର ହୀରାକୁଦ ଡ୍ୟାମର ଜଳସ୍ତର ବୁଧବାର ୬୨୯.୮୫ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୬୮ହଜାର ୫୮୧ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୧ଟି ଓ ବାମ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୬୮ ହଜାର ୫୮୧ କ୍ୟୁସେକ ଜଳ ନିଷ୍କାସନ ହେଉଛି। ରିପୋର୍ଟ ଅନୁସାରେ, ବେଲଗାଁରେ ୨୭ ହଜାର, ପଥର୍ଲାରେ ୬୪ ହଜାର ୬୨୦, ଖଇରମାଳରେ ୧ଲକ୍ଷ ୭୦ ହଜାର, ବରମୁଲାରେ ୧ ଲକ୍ଷ ୪୩ ହଜାର ୬୨୫, ମୁଣ୍ଡଳୀରେ ୮୫ ହଜାର ୪୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ଡକାୟତି ଅଭିଯୋଗରେ ୪ଗିରଫ

ସମ୍ବଲପୁର,୭।୧୦(ବ୍ୟୁରୋ): ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ଡକାୟତି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦନନଗରର ଛୋଟୁ ଯାଦବ, ଚାନ୍ଦ ଖାନ, ଶୁଭମ ଶର୍ମା ଓ ଗୋବିନ୍ଦପୁର ଥାନାର ସୁଜିତ ବଗାର । ଏ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ, ବ୍ୟାଗ, ନଗଦ ଏକ ହଜାର ଟଙ୍କା ଜବତ ହୋଇଛି। ମନ୍ଦଲିଆର ପ୍ରମୋଦ ସାଙ୍କ ଘରୁ ସୋମବାର ସନ୍ଧ୍ୟାରେ ଘରୁ ଅଭିଯୁକ୍ତମାନେ ୧୨ଶହ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ କରିଥିଲେ।

### ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର

କୁଆଁରମୁଣ୍ଡା, ୭।୧୦(ଡିଏନ.ଏ.): ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ତଥା କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଏକ ଗାଁରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀ ମଙ୍ଗଳବାର ବଳାତ୍କାରର ଶିକାର ହୋଇଛନ୍ତି। ଅଭିଯୋଗ ପରେ ଅଭିଯୁକ୍ତ ତଥା ପଡ଼ୋଶୀ ନରସିଂହ ତିର୍କୀ(୩୦)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ଦଫା ୪୫୦, ୩୭୬ରେ ଏକ ମାମଲା(ନଂ.୧୮୨/୨୦) ରୁଜୁ କରି ଯୁବତୀଙ୍କୁ ଡାକ୍ତରୀମାଇନା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଛନ୍ତି। ଫେରାର ଥିବା ଅଭିଯୁକ୍ତ ନରସିଂହଙ୍କୁ ବୁଧବାର ଗିରଫ କରି ପୋଲିସ ସୂଚନା ଅନୁଯାୟୀ, ଯୁବତୀଙ୍କ ପରିବାର କହିଲେ ସେ ଓ ତାଙ୍କ ବିଧବା ମା'। ମଙ୍ଗଳବାର ତାଙ୍କ ମା' ବିଲକୁ ଯାଇଥିଲେ। ସେ ଘରେ ଏକୁଟିଆ ଥିବା ସୁଯୋଗ ନେଇ ତାଙ୍କ ପଡ଼ୋଶୀ ଅଭିଯୁକ୍ତ ନରସିଂହ ଘରେ ପଶି ବଳାତ୍କାର କରିବା ପରେ ଫେରାର ହୋଇଯାଇଥିଲେ। ବିଲରୁ ଫେରି ଯୁବତୀଙ୍କ ମା' ଏହା ଜାଣିବା ପରେ ଗାଁର ମୁରବୀମାନଙ୍କୁ ଜଣାଇଥିଲେ। ଶେଷରେ ବୁଧବାର ମା'ଙ୍କ ସହ ଯୁବତୀ ଜଣକ ପୋଲିସ ନିକଟରେ ଅଭିଯୋଗ କରିଥିଲେ।

# ବୀମାରାଶି ପାଇଁ ରାସ୍ତାରେ ଚାଷୀ

- ପ୍ରଧାନମନ୍ତ୍ରୀ ଫସଲବୀମା ବିଭ୍ରାଟ
- ୧୫ ଦିନ ସମୟ ନେଲା ପ୍ରଶାସନ
- ଥାନାରେ ରୁଜୁ ହେଲା ମାମଲା

ସମ୍ବଲପୁର/ଧମା, ୭।୧୦ (ବ୍ୟୁରୋ/ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ଦାବିରେ ବୁଧବାର ସମ୍ବଲପୁର ଜିଲା ଡକରା ପଞ୍ଚାୟତର ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଛନ୍ତି। ସେମାନେ ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥର ଧମା ଥାନା ଧୁଲିଯୋର ପୋଲ ନିକଟରେ ପ୍ରାୟ ୨ ଘଣ୍ଟା ଧରି ରାସ୍ତାରୋକୋ କରିବା ସହ ଧାରଣାରେ ବସିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ଯାଇଥିଲା। ପୂର୍ବରୁ ସୂଚନା ଦିଆଯାଇଥିବାରୁ ଘଟଣାସ୍ଥଳରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ରାୟ, ମାନେଶ୍ୱର ତହସିଲଦାର ରଶ୍ମିତା ନାଥ, ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ଧମା ଥାନା ଅଧିକାରୀ ରଜେଶ୍ୱରୀ ଭୋଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀମାନେ ବୀମା ଟଙ୍କା ମିଳିଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଚାଷୀମାନେ ବିଶ୍ୱାସ କରି ନ ଥିଲେ। ପୂର୍ବରୁ ମଧ୍ୟ ଅନେକ ଥର ପ୍ରତିଶ୍ରୁତି ଦିଆଯାଇଛି। ହେଲେ ପାଳନ କରାଯାଇନାହିଁ। ଏବେ ଟଙ୍କା ଦିଅ, ପରେ ରାସ୍ତାରୋକୋ ହଟିବ ବୋଲି ସେମାନେ ଜିଦ୍ ଧରିଥିଲେ। ଶେଷରେ ପ୍ରଶାସନିକ ଅଧିକାରୀମାନେ ଆଉ ୧୫ଦିନ ସମୟ ମାଗିଥିଲେ। ଏହି ସମୟ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି ଅଧିକାରୀମାନେ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା। ଅଧିକାରୀମାନଙ୍କୁ ୨ ଘଣ୍ଟା ଧରି କସରତ କରିବାକୁ ପଡିଥିଲା। ଅନ୍ୟପକ୍ଷେ ରାସ୍ତାରୋକୋ କରିବା ଅଭିଯୋଗରେ ଚାଷୀମାନଙ୍କ ନାମରେ ଧମା ଥାନାରେ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ୨୦୧୮ ଖରିଫ ଋତୁରେ ଡକରା ପଞ୍ଚାୟତ ଚାଷୀଙ୍କୁ ଫସଲ କ୍ଷତି ବାବଦ ବୀମାରାଶି ପ୍ରଦାନ କରାଯାଇନାହିଁ। ବୀମା କମ୍ପାନୀ ଓ ସରକାରଙ୍କ ପକ୍ଷରୁ ଡକରା ପଞ୍ଚାୟତ ଚାଷୀଙ୍କ ନାମ ତାଲିକାରେ ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ଚାଷୀଙ୍କୁ ଟଙ୍କା ଦିଆଗଲାନାହିଁ। ଏହାକୁ ନେଇ ଦୁଇବର୍ଷ ହେଲା ଚାଷୀମାନେ ଜିଲାପାଳ, ଉପଜିଲାପାଳ, କୃଷି ବିଭାଗ, ସମବାୟ ବିଭାଗ, ସମବାୟ ବିଭାଗ ଭୁବନେଶ୍ୱର ମୁଖ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି। ୧୫ ଦିନ ତଳେ ସେମାନେ ଡକରା ପଞ୍ଚାୟତରୁ ପ୍ରାୟ ୩୫ କିମି ପଦଯାତ୍ରା କରି ମାନେଶ୍ୱର ତହସିଲ ଅଫିସକୁ ଆସି ସେଠାରେ ରିଲେ ଅନଶନରେ ବସିଥିଲେ। ସେହି ସମୟରେ କୋଭିଡ କଟକଣା ଆଳ ଦେଖାଇ ପ୍ରଥମ ଦିନରେ ଆନ୍ଦୋଳନ ବଳ ପୂର୍ବକ ବନ୍ଦ କରି ଦିଆଯାଇଥିଲା। ପରଦିନ ପୁଣି ଚାଷୀମାନେ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସେ ସମୟରେ ପ୍ରଶାସନ ସମସ୍ୟାର ସମାଧାନ ପାଇଁ ୧୫ ଦିନ ସମୟ ମାଗିଥିଲେ। ହେଲେ ସମସ୍ୟାର ସମାଧାନ ହେଲା ନାହିଁ। ତେଣୁ ଚାଷୀମାନେ ବୁଧବାର ପୁଣି ରାସ୍ତାରୋକୋ କରିଥିଲେ। ଯଦି ବୀମା ଟଙ୍କା ନ ମିଳେ ତେବେ ପୁଣି ରାସ୍ତାରୋକୋ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।


ମାନେଶ୍ୱର ତହସିଲଦାର ରଶ୍ମିତା ନାଥ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି ।

## ରିତେଶ ହତ୍ୟାକାଣ୍ଡ, ୫ ଗିରଫ


ଗିରଫ ୫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼ ଅଫିସ୍, ୭।୧୦

ବରଗଡ଼ ସହରର ବେହେରାଟିକ୍ରା ୱାର୍ଡ଼ ନଂ-୮ରେ ସଂଘଟିତ ରିତେଶ ଦାଶ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ସ୍ଥାନୀୟ ଟାଉନ ଥାନା ପୋଲିସ ଏହି ଘଟଣାରେ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ବେହେରାଟିକ୍ରାର କ୍ରିଷ୍ଣା ମହାପାତ୍ର, ବ୍ରହ୍ମଚାରୀର ଦୁଶ୍ଚୁ ଓରଫ ଦୁଷ୍ମନ୍ତ ମହାପାତ୍ର, ୱାର୍ଡ଼ ନଂ-୮ର ସଚିନ ମିଶ୍ର, ରୋନକ ଓରଫ୍ ଅବିନାଶ ପତି ଏବଂ ଅତାବିରା ଥାନା ସରଣ୍ଡାର ତାରସିଂ ପ୍ରଧାନ। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଦଫା ୩୦୨, ୨୦୧, ୩୪ ଆଇପିସିରେ ଏକ ମାମଲା(ନଂ.୪୦୫/୨୦) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୬ତାରିଖରେ ଅଭିଯୁକ୍ତ କ୍ରିଷ୍ଣା ମହାପାତ୍ରଙ୍କ ଭଡ଼ାଘରୁ ରିତେଶଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା। ଏ ନେଇ ମୃତ ରିତେଶଙ୍କ ଭାଇ ସୋକେଶ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅନୁସନ୍ଧାନରେ ଉକ୍ତ ଅଭିଯୁକ୍ତମାନେ ଧରାପଡ଼ିଥିଲେ ଏବଂ ସେମାନେ ବାଉଁଶ ବାଡ଼ି ଓ ଛୁରୀରେ ରିତେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି। ଏହାପରେ ପୋଲିସ ସେମାନଙ୍କୁ ଗିରଫ କରିବା ସହିତ ବ୍ୟବହୃତ ଛୁରୀ, ବାଉଁଶ ବାଡ଼ି, ୩ ବାଇକ୍ ଜବତ କରିଥିଲା ।

## ଦୋହରୀକରଣ କାର୍ଯ୍ୟର ନିରୀକ୍ଷଣ କଲେ ରେଳ ସୁରକ୍ଷା ଆୟୁକ୍ତ

ବଲାଙ୍ଗୀର ଅଫିସ, ୭।୧୦

ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଲୋଇସିଂହା-ବଲାଙ୍ଗୀର ସେକ୍ସନର ଦୋହରୀକରଣ ଓ ବିଦ୍ୟୁତିକରଣ କାର୍ଯ୍ୟକୁ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ସର୍କଲର ରେଳ ସୁରକ୍ଷା ଆୟୁକ୍ତ ଏ.କେ. ରାୟ ନିରୀକ୍ଷଣ କରିଛନ୍ତି । ନିରାପତ୍ତାଭିତ୍ତିକ ଓଭରହେଡ ଉପକରଣ, ପୋଲ, ମାନବଯୁକ୍ତ ରେଳପାଟକ, ରେଳଧାରଣ ନିରୀକ୍ଷଣ ଓ ଲୋଇସିଂହା-ବଲାଙ୍ଗୀର ଷ୍ଟେସନ୍ ମଧ୍ୟରେ ସ୍ପିଡ୍ ଟ୍ରାଏଲର ସେ ନିରୀକ୍ଷଣ କରିଥିଲେ। ରେଳମଣ୍ଡଳର ଏହି ସେକ୍ସନରେ ଦୋହରୀକରଣ ଓ ବିଦ୍ୟୁତିକରଣ ହେବା ଦ୍ୱାରା ରେଳ ଚଳାଚଳ ଆହୁରି ସୁଗମ ହୋଇପାରିବ। ଏହି ସମୟରେ ରେଳପ୍ରବନ୍ଧକ (ନିର୍ମାଣ) ଡିପି ଲାଲ, ପୂର୍ବତଟ ରେଳ ପ୍ରଦୀପ କୁମାର, ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ ମୁଖ୍ୟାଳୟ ଓ ସମ୍ବଲପୁର ମଣ୍ଡଳର ଅଧିକାରୀମାନେ ଉପସ୍ଥିତ ଥିଲେ ।


ବଲାଙ୍ଗୀର ସେକ୍ସନ୍‌ରେ ରେଳସୁରକ୍ଷା ଆୟୁକ୍ତ ଏ.କେ. ରାୟ ନିରୀକ୍ଷଣ କରୁଛନ୍ତି ।

## ଧରାପଡ଼ିଲେ ୫ ଲୁଟେରା

ଜୁନାଗଡ଼, ୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ପୋଲିସ ବୁଧବାର ଏକ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୫ ଜଣକୁ ଗିରଫ କରିଛି। ସେମାନେ ହେଲେ ଭବାନୀପାଟଣା ସଦର ଥାନା ନାସିଗାଁର କାଳିଆ ଓରଫ ହେମରାଜ ହରପାଲ(୨୭), ତେନ୍ତୁଳିଖୁଣ୍ଟିର ସୁବାସ ମଙ୍ଗରାଜ(୩୨), କେଗାଁ ଥାନା ବୋରମୁଣ୍ଡର ଭୁବନେ ବାଗ(୨୮), ଗୋଲାମୁଣ୍ଡା ଥାନା ଶଙ୍କରିପାଲିର ବେଦ ବାଗ (୩୫) ଓ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ମମିଆର ମନୋଜ ଦୀପ(୨୨)। ଏମାନଙ୍କଠାରୁ ୩ଟି ବାଇକ, ୬ଟି ମୋବାଇଲ ଫୋନ୍ ଓ ନଗଦ ୧୧ ହଜାର ୨୦ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ଭବାନୀପାଟଣା ସଦର ଥାନା ତେନ୍ତୁଳିଖୁଣ୍ଟିର ରାଜ କିଶୋର ବାଗ(୨୯) ଓ ଜଗନ୍ନାଥ ନାଏକ ଫେରାର ଅଛନ୍ତି। ଜୁନାଗଡ଼ ଥାନାରେ ଏକ ମାମଲା (ନଂ.୨୬୮/୨୦) ରୁଜୁ ହୋଇଛି। ଫେରାର ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଜୁନାଗଡ଼ ଭାରପ୍ରାପ୍ତ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ସେପ୍ଟେମ୍ବର ୨୪ ତାରିଖ ଅପରାହ୍ନରେ ଆରୋହଣ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ଶଙ୍କରିପାଲି ଗ୍ରାମର ରାହୁଲ ନାଗ ଟଙ୍କା ଆଦାୟକରି ଜୁନାଗଡ଼ରୁ ଫେରୁଥିଲେ। ପାଣିଗାଁ ଜଙ୍ଗଲ ନିକଟରେ ଏହି ୭ ଲୁଟେରା ତାଙ୍କୁ ଅଟକାଇ ୩୦ହଜାର ୪୫୦ ଟଙ୍କା, ଗୋଟିଏ ମୋବାଇଲ ଫୋନ, ମନି ରିସିଭ ବୁକ୍ ଓ ବାଇକର ଚାବି ନେଇଯାଇଥିଲେ।

## ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରକୁ ସ୍ୱଚ୍ଛତା ପୁରସ୍କାର

ସମ୍ବଲପୁର, ୭।୧୦ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଲଖନପୁର କ୍ଷେତ୍ରକୁ ୨୦୧୯ ବର୍ଷ ଲାଗି ସ୍ୱଚ୍ଛତା ପୁରସ୍କାର ମିଳିଛି। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ଲାଗି କୋଇଲା ମନ୍ତ୍ରଣାଳୟ ଲଖନପୁର କ୍ଷେତ୍ରକୁ ପ୍ରଥମ ପୁରସ୍କାର ପ୍ରଦାନ କରିଛି। ଏଥିପାଇଁ ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା ଲଖନପୁର କ୍ଷେତ୍ରର ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ କମ୍ପାନୀ ବୈଷୟିକ ସଞ୍ଚାଳନ ନିର୍ଦ୍ଦେଶକ ଓ.ପି ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସିଭିଓ ବି.ପି ଶର୍ମା, ବୈଷୟିକ ନିର୍ଦ୍ଦେଶକ ବବନ ସିଂ ଏବଂ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଲ ମନ୍ତ୍ରଣାଳୟ ଡେପୁଟି ଡାଇରେକ୍ଟର ଜେନେରାଲ ଅନୁପମ ଲାହିରୀ ଅତିଥି ଭାବେ ଯୋଗ ଦେଇଥିଲେ ।


ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ଅଧିକାରୀମାନେ ସ୍ୱଚ୍ଛତା ପୁରସ୍କାର ଗ୍ରହଣ କରୁଛନ୍ତି।

## ଧରାପଡ଼ିଲା ଚୋରା କିରୋସିନ କାରବାର

ସୁନ୍ଦରଗଡ,୭।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ପୋଲିସ ଚୋରା କିରୋସିନ କାରବାର ଉପରେ ଚଢ଼ାଉ କରିଛି। ଘଟଣାସ୍ଥଳରୁ ପ୍ରାୟ ୯ଲକ୍ଷ ଟଙ୍କା ମୂଲ୍ୟର ୫୫ ହଜାର ଲିଟର ପିଡିଏସ୍ କିରୋସିନ ସହ ଏକ ଟ୍ୟାଙ୍କର, ବୋଲେରୋ ଓ ବାଇକ୍ ଜବତ ହୋଇଛି। ଏହି କାରବାରରେ ଜଡ଼ିତ ଭଷ୍ମାର ମନୋଜ ନାଏକ ଗିରଫ ହୋଇଛନ୍ତି। ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ମୁତାବକ ଏହି ଚୋରା କିରୋସିନ କାରବାର ଖବର ମିଳିବା ପରେ ଭଷ୍ମା ଥାନା ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଭଷ୍ମା ଇବ୍ ନଦୀ ପୋଲ ନିକଟରେ ଏକ ନିର୍ମାଣକାରୀ ସଂସ୍ଥାର କ୍ୟାମ୍ପ ଉପରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେଠାରୁ ମନୋଜ ଖସି ପଳାବାକୁ ଚେଷ୍ଟା କରିଥିଲେ। ହେଲେ ପୋଲିସ ତାଙ୍କୁ କାବୁ କରିଥିଲା। ତାଙ୍କଠାରୁ ପୋଲିସ ଏହି କାରବାର ସମ୍ପର୍କରେ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ସେଠାରୁ ପ୍ରାୟ ୨୦୦ ଲିଟର ଲେଖାଏ ୯୦ଟି କିରୋସିନ ଭର୍ତ୍ତି ଡ୍ରମ ଜବତ କରିଥିଲା। ଝାରସୁଗୁଡାର ଅନ୍ୟ କେତେକଙ୍କ ସହ ମିଶି ମନୋଜ ଡିଜେଲରେ କିରୋସିନ ମିଶାଇ ଆଖପାଖ ଚାଷୀ ଓ ଗାଡି ମାଲିକଙ୍କୁ ଚଢ଼ାଦରରେ ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଛନ୍ତି। ପୋଲିସ ଝାରସୁଗୁଡା ଜିଲା ପଞ୍ଚପଡା ଶିଳ୍ପାଞ୍ଚଳରେ ଚଢ଼ାଉ କରି ଆଉ ୨୬ଟି କିରୋସିନ ଭର୍ତ୍ତି ଡ୍ରମ୍, ୨୦ଟି ଖାଲି ଡ୍ରମ୍, କିରୋସିନ ବୋଝେଇ ତେଲ ଟ୍ୟାଙ୍କର (ଓଆର ୧୫ବି ୦୭୨୨), ବୋଲେରୋ (ଓଡି୧୪ସି ୯୨୪୩), ଏକ ବାଇକ୍ (ଓଆର ୧୪ କେ ୦୫୮୨ ) ୨ଟି ଗୁଲୁ ପମ୍ପ, ପାଇପ୍, ୩ଟି ଆଲୁମିନିୟମ କିରୋସିନ ମାପକ, ୨ଟି ଛୋଟ ଖାଲି ଡ୍ରମ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଏ ନେଇ ଭଷ୍ମା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ବିଡିଓଙ୍କ ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଲୋଇସିଂହା,୭।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତରେ ସରକାରୀ ଯୋଜନାରେ ଅନିୟମିତତା ଅଭିଯୋଗରେ ପଞ୍ଚାୟତ ଅଫିସ ଆଗରେ ଚାଲିଥିବା ଅନଶନ ପ୍ରତ୍ୟାହୃତ ହୋଇଛି। ମଙ୍ଗଳବାର ଅନଶନସ୍ଥଳକୁ ବିଡିଓ ରାମଚନ୍ଦ୍ର ଖାଡିଆ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ଦାବି ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତଲିଉଡାରା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, ଗୁହାଳ ଓ ବାର୍ଦ୍ଧକ୍ୟ ଭତ୍ତା, ଜମି ଉନ୍ନତୀକରଣ ପ୍ରଭୃତି ସରକାରୀ ଯୋଜାନର ହିତାଧିକାରୀ ଚୟନରେ ପ୍ରାୟାପ୍ରତି ହେଉଥିବା ଅଭିଯୋଗ ହୋଇଥିଲା। ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କୁ ସରକାରୀ ଯୋଜନାରେ ସାମିଲ କରାଯାଉଛି । ହେଲେ ଯୋଗ୍ୟ ହିତାଧିକାରୀ ଉପେକ୍ଷିତ ହେଉଥିବା ଅଭିଯୋଗ ଆଣି ଗତ ଗାନ୍ଧୀ ଜୟନ୍ତୀରୁ କଳାକାହ୍ନୁ ସାହୁ, ଜୟରାମ ବିଶ୍ୱାଳ, ଖଗେଶ୍ୱର ବିଶ୍ୱାଳ, ଗୋପଳ ସାହୁ, ଶୁକ୍ରୁ ସାହୁଙ୍କ ନେତୃତ୍ୱରେ ଧାରଣା ଚାଲିଥିଲା ଉପଜିଲାପାଳ ସୁଧାକର ନାଏକ ଓ ଏବିଡିଓ ବିଜୟ କୁମାର ସେମାନଙ୍କୁ ବୁଝାସୁଝା କରି ବିଫଳ ହୋଇଥିଲେ । ଆନ୍ଦୋଳନକାରୀଙ୍କ ଦାବି ମଧ୍ୟରେ ୨୦୧୧ ଏସଇସିସି ତାଲିକାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କ ସମ୍ବନ୍ଧରେ ରାଜ୍ୟ ସସରକାରଙ୍କ ଦୃଷ୍ଟିକୁ ଆଣିବା, ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜାନରେ ସାମିଲ ପାଇଁ ପଦକ୍ଷେପ ଗ୍ରହଣ, ଡିଆରଡିଏରୁ ୩୦ ଗୁହାଳ ଓ ୨୦ଜଣ ଚାଷୀଙ୍କ ଜମି ଉନ୍ନତୀକରଣ ସକାଶେ ଶୀଘ୍ର ମଞ୍ଜୁର ଦିଗରେ ପଦକ୍ଷେପ ନେବା, ଯୋଗ୍ୟ ହିତାଧିକାରୀ ଚୟନରେ ସରପଞ୍ଚଙ୍କୁ କ୍ଷମତା ପ୍ରଦାନ, ପଞ୍ଚାୟତର ଯୋଗାଣ ସହାୟକ ଓ ଜିଓଟେକକୁ ଅନ୍ୟତ୍ର ବଦଳି କରାଯିବାକୁ ବିଡିଓ ସହମତି ପ୍ରକାଶ କରିଥିବା ଆନ୍ଦୋଳନକାରୀ ଜଣାଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

Hindustan Tower Group (ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ଫ୍ଲାଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ । 90 ଲକ୍ଷ ଆଡଭାନ୍ସ, 60,000 ଭଡ଼ା + ବାଇକ୍ + ଅନ୍ୟାନ୍ୟ ସୁବିଧା ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ
9473618663

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆବି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician
ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 904009727 (M)

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ ।
ଭାରତ ସରକାରଙ୍କ ଦ୍ୱାରା ସୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

A 2 Z ସବୁ ସମସ୍ୟାର ସମାଧାନ ମାତ୍ର ୩ ଘଣ୍ଟାରେ ।
ବିଶ୍ୱପ୍ରସିଦ୍ଧ ବାବା ଜାଫର ଖାନ
ବଶୀକରଣ, ପ୍ରେମ ବିବାହ, ସଉତୁଣୀ ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣି ଗାରେଡ଼ି, ଯାଦୁ-ଟୋନା, କୋର୍ଟ-କଚେରି, ବ୍ୟବସାୟ ଲାଭ କ୍ଷତି, ବିଦେଶ ଯାତ୍ରା ସମସ୍ୟାର
100% ଗ୍ୟାରେଣ୍ଟିଡ୍ ସମାଧାନ
କାହାର ପୁଅ କିମ୍ବା ସ୍ୱାମୀ କାହା ବଶରେ ଥିଲେ ନିଶ୍ଚୟ କଲ୍ କରନ୍ତୁ ।
8791155192
8791159152

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ । ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ । ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ । କାମ ନହେଲେ ପଇସା ଫେରନ୍ତ ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ପ୍ରସନ୍ନ ପାଢ଼ୀ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ

**କଟକ ଅଫିସ:** ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀ ହାଇକୋର୍ଟର ଓଡ଼ିଶା ବେଞ୍ଚ ପାଇଁ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଭାବେ ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଯୁକ୍ତିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଛି। ସେ ୧୯୯୨ ମସିହାଠାରୁ ଓଡ଼ିଶା ହାଇକୋର୍ଟରେ ଜଣେ ଆଇନଜୀବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛନ୍ତି। ସେ ୧୯୯୯ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଆଡିଶନାଲ ଷ୍ଟାଣ୍ଡିଂ କାଉନସିଲ ସଦସ୍ୟ, ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ପ୍ରସିକ୍ୟୁଟର ଭାବେ କାର୍ଯ୍ୟ କରିଥିଲେ। ଏହାଛଡ଼ା କେନ୍ଦ୍ର ସରକାରଙ୍କ ବହୁ ସଂସ୍ଥା ଯଥା ଭାରତୀୟ ବିମାନ ପ୍ରାଧିକରଣ, ଏମ୍‌ସିଏଲ୍, କେନ୍ଦ୍ର ଅବକାରୀ ବିଭାଗର ଅନୁବନ୍ଧିତ ଆଇନଜୀବୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

# ଜାତୀୟ ହାରଠୁ ଓଡ଼ିଶାରେ ୨୪% ଅଧିକ ବନାଞ୍ଚଳ

**୬୬ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ**

- ଗୃହପାଳିତ ପ୍ରାଣୀଙ୍କ ଭଳି ବନ୍ୟପ୍ରାଣୀଙ୍କୁ ସ୍ନେହ, ଆଦର କରିବା ଉଚିତ
- ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟକୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର
- ୱାଇଲ୍ଡଲାଇଫ୍ ଓଡ଼ିଶା ୨୦୨୦ର ଆନୁଆଲ ରିପୋର୍ଟ ଉନ୍ମୋଚିତ



ଭୁବନେଶ୍ୱର ପ୍ରକୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ, ବିଭାଗୀୟ ଶାସନ ସଚିବ ମୋନା ଶର୍ମା ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରିଶଙ୍କର ଉପାଧ୍ୟାୟ 'ଅନୁକମ୍ପା' ପୋର୍ଟାଲକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ଗୃହପାଳିତ ପ୍ରାଣୀଙ୍କୁ ଯେଉଁଭଳି ଭାବେ ଆମେ ସ୍ନେହ ଓ ଆଦର କରିଥାଉ, ବନ୍ୟପ୍ରାଣୀଙ୍କ ପ୍ରତି ସେହିଭଳି ଆଦର, ଦୟା, କରୁଣା ଭାବ ଆମ ଭିତରେ ରହିବା ଉଚିତ। ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ସମସ୍ତଙ୍କ ଧ୍ୟେୟ ହେଉ। ଆମର ବିରଳ ଜୈବବିବିଧତା ସୁରକ୍ଷିତ ରହୁ। ଏଥିପାଇଁ ଜନସାଧାରଣ ଆନ୍ତରିକ ଉଦ୍ୟମ ଓ ସହଯୋଗ କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୁଧବାର ୬୬ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆହ୍ୱାନ ଦେଇଛନ୍ତି। ପ୍ରକୃତି ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶା ଭୌଗୋଳିକ ଆୟତନର ୩୩.୧୫ ପ୍ରତିଶତ ବନାଞ୍ଚଳ ଦ୍ୱାରା ଆଚ୍ଛାଦିତ ହୋଇପାରିଛି, ଯାହା ଜାତୀୟ ହାରଠାରୁ ୨୪ ପ୍ରତିଶତରୁ ଯଥେଷ୍ଟ ଅଧିକ। ୩ ହଜାରରୁ ଅଧିକ ପ୍ରଜାତିର ଉଦ୍ଭିଦ ସହ ୧୧୪ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୫୩୭ ପ୍ରଜାତିର ପକ୍ଷୀ, ୨୯ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୧୨୯ ପ୍ରକାରର ସରୀସୃପ ଆମ ରାଜ୍ୟରେ ଦେଖାଯାଇଥାନ୍ତି। ବିଭିନ୍ନ ବନ୍ୟପ୍ରାଣୀ ଓ ଲୁପ୍ତପ୍ରାୟ ପ୍ରଜାତିଙ୍କୁ ସେମାନଙ୍କ ଆବାସସ୍ଥଳୀ ବାହାରେ ସଂରକ୍ଷଣ ନିମନ୍ତେ ୧୯ ଅଭୟାରଣ୍ୟ, ୩ ହସ୍ତୀ ପ୍ରକଳ୍ପ, ୨ ବ୍ୟାଘ୍ର ପ୍ରକଳ୍ପ, ଗୋଟିଏ ସଂରକ୍ଷିତ ଜୈବମଣ୍ଡଳ ଓ ଗୋଟିଏ ଜାତୀୟ ଉଦ୍ୟାନ ସ୍ଥାପନ କରାଯାଇଛି। ତେବେ ଅଧିକ ୩ ଅଭୟାରଣ୍ୟ ସ୍ଥାପନ ସହ ସୁନାବେଡ଼ା ଅଭୟାରଣ୍ୟର ପରିସୀମା ୧୧୧ ବର୍ଗ କିଲୋମିଟର ବୃଦ୍ଧି ପ୍ରସ୍ତାବ ବିଚାରାଧୀନ ରହିଛି। ଏସବୁ ବନ୍ୟପ୍ରାଣୀଙ୍କ ପାଇଁ ସମ୍ପୂର୍ଣ୍ଣ ସୁରକ୍ଷିତ ଅଞ୍ଚଳ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ ହୋଇଥିବାରୁ ରକ୍ଷଣାବେକ୍ଷଣ ଓ ଯତ୍ନ ନେବା ଆମର କର୍ତ୍ତବ୍ୟ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟକୁ ଚଳିତ ବର୍ଷର ରାଜ୍ୟସ୍ତରୀୟ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯାଇଛି। ଏଥିସହ ମନ୍ତ୍ରୀ 'ଅନୁକମ୍ପା' ପୋର୍ଟାଲକୁ ଉନ୍ମୋଚନ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ଅନୁକମ୍ପାମୂଳକ କ୍ଷତିପୂରଣ ପାଇଁ ପଞ୍ଜୀକରଣ କରାଯିବ। ସେହିଭଳି ୱାଇଲ୍ଡଲାଇଫ୍ ଓଡ଼ିଶା ୨୦୨୦ର ଆନୁଆଲ ରିପୋର୍ଟ, କଫି ଟେବୁଲ ବୁକ୍ ଅନ୍ ଇକୋଟୁରିଜମ୍, ଏନ୍‌ଡବ୍ଲ୍ୟୁସିଏସ୍‌ଓ ନ୍ୟୁଜ୍‌ଲେଟର ମଧ୍ୟ ଉନ୍ମୋଚିତ ହୋଇଥିଲା। କୁଇଜ୍ ଓ ଫଟୋଗ୍ରାଫି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରିଶଙ୍କର ଉପାଧ୍ୟାୟ ଓ ଅତିରିକ୍ତ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶି ପଲ ଉପସ୍ଥିତ ଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମାମଲା ରଦ୍ଦ କଲେ ହାଇକୋର୍ଟ

**ଜୁନାଗଡ଼ ବିଧାୟକଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ମାମଲା**



ଜୁନାଗଡ,୭।୧୦ (ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ ତଥା ରାଜ୍ୟ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ ଚାଲିଥିବା ମିଥ୍ୟା ସତ୍ୟପାଠ ମାମଲାକୁ ବୁଧବାର ହାଇକୋର୍ଟ ରଦ୍ଦ କରିଛନ୍ତି। ନିମ୍ନ ଅଦାଲତରେ ତାଙ୍କ ବିରୋଧରେ ଏହି ମାମଲା ଚାଲିପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନ ସମୟରେ କ୍ୟାପଟେନ ମିଶ୍ର ଦାଖଲ କରିଥିବା ସତ୍ୟପାଠରେ ନିଜର ସମ୍ପତ୍ତିଗତ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଗୋବର୍ଦ୍ଧନ ଦାଶ ଜୁନାଗଡ ଜେଏମ୍‌ଏଫସିଙ୍କ ନିକଟରେ ମାମଲା ରୁଜୁ କରିଥିଲେ। ମାଜିଷ୍ଟ୍ରେଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିଲେ। ତେବେ ନିମ୍ନ ଅଦାଲତଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କ୍ୟାପ୍‌ଟେନ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମିଶ୍ରଙ୍କ ପାଇଁ ଆଇନଜୀବୀ ଆର.କେ. ରଥ ଏହି ମାମଲା ପରିଚାଳନା କରୁଥିଲେ।

### ମ.ରାମପୁରକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ଦାବି

**କର୍ଲାମୁଣ୍ଡା, ୭।୧୦(ଡି.ଏନ.ଏ.)** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ଦାବି କରିଛି ମିଳିତ ଆଦିବାସୀ ସଂଗ୍ରାମ ମଞ୍ଚ ମଦନପୁର-ରାମପୁର। ମଞ୍ଚ କର୍ମକର୍ତ୍ତା କର୍ଲାମୁଣ୍ଡା ବ୍ଲକ ସଦର ଶିବ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କର୍ଲାମୁଣ୍ଡା ତହସିଲଦାର ବାସନ୍ତୀ ସେଠ୍‌ଙ୍କୁ ସେମାନେ ପ୍ରଦାନ କରିଥିଲେ। ଏଥିରେ ଆଦିବାସୀ ସଂଘ କର୍ଲାମୁଣ୍ଡା ବ୍ଲକ ସଭାପତି ସୁରେନ୍ଦ୍ର ଭୋଇ, ସଂଗ୍ରାମ ମଞ୍ଚ ସଭାପତି ପ୍ରକାଶ ମାଝୀ, ଉପସଭାପତି ପଦମନ ପାତ୍ର, ସମ୍ପାଦକ ଦ୍ରୋଣାଚାର୍ଯ୍ୟ ମାଝୀ, ନନ୍ଦି କିଶୋର ଭୋଇ, କନ୍ଧ ସମାଜ ବ୍ଲକ ସଭାପତି ଗିରର୍ଦ୍ଧନ ଭୋଇ, ସମ୍ପାଦକ ସଂକୀର୍ତ୍ତନ ଭୋଇ, ଲୋଚନ ଧରୁଆ, ଦୟାସାଗର ମାଝୀ, ହଳଦିଆ ତୈଳିକ ବୈଶ୍ୟ ସାହୁ ସମାଜ କର୍ଲାମୁଣ୍ଡା ମଣ୍ଡଳ ସଭାପତି ମୋହନ ସାହୁ ପ୍ରମୁଖ ସାମିଲ ଥିଲେ।

### ଗୋଆରୁ ଘରକୁ ଫେରୁଥିବା ଯୁବକଙ୍କ ବାଟରେ ମୃତ୍ୟୁ

ସୁନ୍ଦରଗଡ,୭।୧୦(ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ସବଡେଗା ବ୍ଲକ୍ ସୁବଳୟା ଗ୍ରାମର ଭେଷଜ ଗୁରୁଲିଆଙ୍କ ମୃତଦେହ ହାଇଦ୍ରାବାଦ-ସିକନ୍ଦରାବାଦ ରୋଡ୍ ମଧ୍ୟରେ ଥିବା ଏମ.ଜି. ନଗରରୁ ମିଳିଛି। ସେ କାମ କରିବାକୁ ଗୋଆ ଯାଇ ଘରକୁ ଫେରୁଥିଲେ। ପକେଟରେ ଥିବା କାଗଜପତ୍ରରୁ ସେଠାକର ପୋଲିସ ତାଙ୍କ ପରିବାରକୁ ଖବର ଦେଇଛି। ହେଲେ ମୃତଦେହ ଆଣିବାକୁ ପରିବାର ଲୋକଙ୍କ ପାଖରେ ଟଙ୍କା ନାହିଁ। ବିଜେଡି ନେତା ଜୟନାରାୟଣ ତ୍ରିପାଠୀଙ୍କ ସହିତ ପରିବାର ଲୋକେ ଜିଲାପାଳ ନିଖିଳ ପବନ କଲ୍ୟାଣକୁ ଏ ନେଇ ଜଣାଇଛନ୍ତି। ମୃତଦେହ ଆଣିବାକୁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି।

### ପୂର୍ବତନ କାଉନସିଲର ଗଣ୍ଡାରାମ ଗୁରୁଙ୍କ ପରଲୋକ

ତରଭା,୭।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଗଡଭିତର ନିବାସୀ ଗଣ୍ଡାରାମ ଗୁରୁ (୯୦)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ଗୁରୁ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ପାଳିତ ପୁତ୍ର ସିନ୍ଧୁଭୂଷଣ ଗୁରୁ ମୁଖାଗ୍ନି ଦେଇଥିଲେ।

## ସାଇରନ୍ ବାଜିବାରୁ ପଣ୍ଡ ହେଲା ଡକାୟତି ଉଦ୍ୟମ

ଦେବଗଡ଼,୭।୧୦(ଡ଼ି.ଏନ୍.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକର ବଳମ ଗ୍ରାମରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ମଙ୍ଗଳବାର ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ଡକାୟତମାନେ ଫେରାର ହୋଇଯାଇଛନ୍ତି। ଡକାୟତମାନେ ପ୍ରଥମେ ବ୍ୟାଙ୍କ ଆଗରେ ଲାଗିଥିବା ସିସି ଟିଭି କ୍ୟାମେରାକୁ ଭାଙ୍ଗି ଭିତରକୁ ପଶିଥିଲେ। ସେମାନେ ଷ୍ଟ୍ରଙ୍ଗରୁମର କବାଟ ସ୍ପର୍ଶ କରିବା ମାତ୍ରେ ସାଇରନ୍ ବାଜି ଉଠିଥିଲା। ଫଳରେ ସେମାନେ ଭୟଭୀତ ହୋଇ ସେଠାରୁ ଫେରାର ହୋଇ ଯାଇଥିଲେ। ବୁଧବାର ସକାଳେ ଏ ସମ୍ପର୍କରେ ଖବର ପାଇ ବ୍ୟାଙ୍କର ଶାଖା ପରିଚାଳକ ଜିତେନ୍ଦ୍ର ସାମଲ ଦେବଗଡ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଉକ୍ତ ଷ୍ଟ୍ରଙ୍ଗରୁମରୁ କୌଣସି ଟଙ୍କା ଚୋରି ନ ହୋଇ ଜଣାପଡିଥିଲା। ଉକ୍ତ ବ୍ୟାଙ୍କରେ ୧୫ ଲକ୍ଷ ଟଙ୍କା ରଖିବାର ବ୍ୟବସ୍ଥା ରହିଥିବା ବେଳେ ମଙ୍ଗଳବାର ବ୍ୟାଙ୍କରେ ପ୍ରାୟ ୧୨ରୁ ୧୩ ଲକ୍ଷ ଟଙ୍କା ରହିଥିବା ବ୍ୟାଙ୍କ ଶାଖା ପରିଚାଳକ ସାମଲ ପ୍ରକାଶ କରିଛନ୍ତି। ଦେବଗଡ ଥାନାଧିକାରୀ ପି. ପାତ୍ର କୁହନ୍ତି, ବ୍ୟାଙ୍କରେ ଲାଗିଥିବା ସିସି ଟିଭି ଫୁଟେଜ ଦେଖି ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।


ଭାଜପା କର୍ମକର୍ତ୍ତାମାନେ ବୁଧବାର ରାଜ୍ୟପାଳଙ୍କୁ ଭେଟିବାକୁ ଯାଉଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲା ଭାଜପା

**ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦ ବିଲ୍ ପାସ ପ୍ରସଙ୍ଗ**

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦କୁ ବିଧାନସଭାରେ ଉଭୟ ଭାଜପା ଓ କଂଗ୍ରେସର ବିରୋଧ ସତ୍ତ୍ୱେ ଏହି ବଲ୍ ପାସ୍ ହୋଇଛି। ଅନ୍ୟପଟେ ଭାଜପା ବର୍ତ୍ତମାନ ସୁଦ୍ଧା ଏହି ବିଲ୍‌କୁ ବିରୋଧ କରବା ସହିତ ଏହା ଏକ କଳା ଆଇନ ବୋଲି ଅଭିଯୋଗ ଆଣିଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟଗୁଡିକର ସ୍ୱତନ୍ତ୍ରତା ନଷ୍ଟ ହେବ ବୋଲି ଦାବି କରିଛି। ରାଜ୍ୟ ସରକାର କ୍ଷମତାର ଅପବ୍ୟବହାର କରି ବିଶ୍ୱବିଦ୍ୟାଳୟ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିବା ସାଙ୍ଗକୁ ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ରାଜ୍ୟପାଳଙ୍କୁ ଭେଟିଛନ୍ତି। ରାଜ୍ୟରେ ଉଚ୍ଚ ଶିକ୍ଷାର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟପାଳ ଏହି ଅଧିନିୟମକୁ ତୁରନ୍ତ ଫେରସ୍ତ କରନ୍ତୁ ବା ଉକ୍ତ ବିଲକୁ ରାଷ୍ଟ୍ରପତିଙ୍କ ନିକଟକୁ ମତ ପାଇଁ ପଠାଇବାକୁ ପ୍ରତିନିଧି ଦଳ ଦାବି କରିଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ନେତୃତ୍ୱରେ ଏହି ଟିମ୍ ରାଜ୍ୟପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି ଯେ, ରାଜ୍ୟରେ ୟୁଜିସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୧ ବିଶ୍ୱବିଦ୍ୟାଳୟ ରାଜ୍ୟ ସରକାରଙ୍କ ଅଧୀନରେ ରହିଛି। ଏହା ମଧ୍ୟରେ ଟେକ୍ନିକାଲ ଓ ମେଡିକାଲ ବିଶ୍ୱବିଦ୍ୟାଳୟ ଅର୍ନ୍ତଭୁକ୍ତ ନୁହେଁ। ସ୍ୱାଧୀନତା ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି। ୟୁଜିସି ଅଧିନିୟମ ଦ୍ୱାରା ପରିଚାଳିତ ହୋଇଥିବାରୁ ଏହା ସମ୍ଭବ ହୋଇପାରିଥିଲା। କିନ୍ତୁ ଗତ ୪ ତାରିଖରେ ରାଜ୍ୟ ସରକାର ତରବରିଆ ଭାବେ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ବିଲ ଦ୍ୱାରା ସିନେଟ ବ୍ୟବସ୍ଥା ଉଚ୍ଛେଦ କରି ଓପିଏସ୍‌ସି ଜରିଆରେ ଅଧ୍ୟାପକ ନିଯୁକ୍ତି କରାଯିବାର ବ୍ୟବସ୍ଥା ରହିଛି। ସିନେଟକୁ ଉଚ୍ଛେଦ କରି ସିଣ୍ଡିକେଟକୁ ମଜବୁତ କରାଯାଇଛି। ତେଣୁ ରାଜ୍ୟର ଉଚ୍ଚଶିକ୍ଷା ମାନର ସୁରକ୍ଷା ପାଇଁ ରାଜ୍ୟପାଳ ଏହି ବିଲ୍‌କୁ ଫେରାଇ ଦିଅନ୍ତୁ ବା ବିଚାର ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ଭାଜପା ପ୍ରତିନିଧି ଦଳ ଅନୁରୋଧ କରିଛନ୍ତି।

## 'ଅଖିଳ ଭାରତ କଂଗ୍ରେସ ୱାର୍କର୍ସ କମିଟିକୁ ବିଶ୍ୱାସ କରନାହିଁ'

**ଭୁବନେଶ୍ୱର, ୭।୧୦(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ ୱାର୍କର୍ସ କମିଟି ନାମରେ ବିଭିନ୍ନ ଜିଲାରେ ଲୋକଙ୍କୁ ନିଯୁକ୍ତି ଓ ଦାୟିତ୍ୱ ଦିଆଯାଉଥିବା ଓଡିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ଦୃଷ୍ଟିକୁ ଆସିଛି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି, ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧୀନରେ ସେଭଳି କୌଣସି କଂଗ୍ରେସ ୱାର୍କର୍ସ କମିଟି ନାମରେ ସଙ୍ଗଠନ ନାହିଁ। ନିଖିଳ ଭାରତ କଂଗ୍ରେସ କମିଟି ଏବଂ ଓପିସିସି ଅଧୀନରେ ମଧ୍ୟ ଉପରୋକ୍ତ ସଙ୍ଗଠନ ଭଳି କିଛି ବ୍ୟବସ୍ଥା ନାହିଁ। ଏହା ଦଳ ମଧ୍ୟରେ ବିଭ୍ରାନ୍ତ ସୃଷ୍ଟି କରିବା ପାଇଁ କରାଯାଇଛି। କଂଗ୍ରେସ କର୍ମୀମାନେ ଏଥିପ୍ରତି ଗୁରୁତ୍ୱ ନ ଦେବାକୁ ପ୍ରଦୀପ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଲ ଇଣ୍ଡିଆ କଂଗ୍ରେସ ୱାର୍କର୍ସ କମିଟି ନାମରେ ଦଳର କିଛି ଅସନ୍ତୋଷ ନେତା ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ପଞ୍ଜାବରୁ ଚିଠି ମାଧ୍ୟମରେ ନିୟନ୍ତ୍ରିତ କରାଯାଉଛି। ସବୁ ଜିଲା ଏବଂ ବ୍ଲକସ୍ତରରେ ଏହି କମିଟି ଜରିଆରେ ପିଲାଙ୍କୁ ନିଯୁକ୍ତି ଦିଆଯାଉଛି। ସବୁ ଜିଲାରେ କୋଡିନେଟର ନିଯୁକ୍ତ ହୋଇଛନ୍ତି। ସବୁବେଳେ ଏହି କମିଟିରେ ରଖାଯାଇଥିବା ପିଲାଙ୍କୁ ଦଳୀୟ ଚିଠି ବୋଲି କୁହାଯାଇ କିଛି ଚିଠି ପଠାଯାଉଛି। ଏହା ନଜରକୁ ଆସିବା ପରେ ଦଳୀୟ ନେତା ଓ କର୍ମୀମାନେ ଏହା ଉପରେ ବିଶ୍ୱାସ ନ କରିବା ଲାଗି ପ୍ରଦୀପ କହିଛନ୍ତି।

## ବନ୍ଧୁକ ଦେଖାଇ ନିର୍ବାହୀ ଯନ୍ତ୍ରୀଙ୍କୁ ଅପହରଣ

କେସିଙ୍ଗା,୭।୧୦(ଡି.ଏନ.ଏ.)


ଯନ୍ତ୍ରୀ ମନୋରଞ୍ଜନ ପଟ୍ଟନାୟକ

ଝାରସୁଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ(ଆର୍‌ଡି) ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ପଟ୍ଟନାୟକ (୫୮)ଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ବନ୍ଧୁକ ଦେଖାଇ ଅପହରଣ କରାଯାଇଛି। ଅପହରଣର କେଇଘଣ୍ଟା ପରେ ବୁଧବାର ସକାଳେ ଦୁର୍ବୃତ୍ତମାନେ ତାଙ୍କୁ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଉତ୍‌କେଲା ନିକଟ ଜାତୀୟ ରାଜପଥରେ ଛାଡ଼ି ପଳାଇଥିଲେ। ପରେ ଯନ୍ତ୍ରୀ ପଟ୍ଟନାୟକ ଜଣେ ବ୍ୟକ୍ତିଙ୍କ ସହ ଯାଇ ଏ ନେଇ କେସିଙ୍ଗା ଥାନାରେ ଜଣାଇଥିଲେ। ଖବର ପାଇ ସ୍ଥାନୀୟ ଆର୍‌ଡି ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ସେଠ୍ ଥାନାରେ ପହଞ୍ଚିଥିଲେ। ଥାନାରେ ଯନ୍ତ୍ରୀ ପଟ୍ଟନାୟକ ଅପହରଣର କାହାଣୀ ବର୍ଣ୍ଣନା କରିଥିଲେ। ତାଙ୍କ କହିବା ଅନୁସାରେ ରାତି ପ୍ରାୟ ଗୋଟାଏ ବେଳେ ୮ ଜଣ ଯୁବକ ତାଙ୍କ ସରକାରୀ ବାସଭବନରେ ପହଞ୍ଚି କବାଟ ବାଡେଇ ଥିଲେ। ସେ ନ ଖୋଲିବାରୁ ସେମାନେ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ବନ୍ଧୁକ ଓ ଭୁଜାଲି ଦେଖାଇ ତାଙ୍କୁ ଭୟଭୀତ କରିଥିଲେ। ଜୋରଜବରଦସ୍ତ ତାଙ୍କୁ ଉଠାଇ ନେଇ ସେମାନେ ଆସିଥିବା ବୋଲେରୋରେ ବସାଇଥିଲେ। ସେଠାରୁ ସମ୍ବଲପୁର, ବରଗଡ, ବରପାଲି, ବଲାଙ୍ଗୀର, କେସିଙ୍ଗା ଦେଇ ଭବାନୀପାଟଣା ପର୍ଯ୍ୟନ୍ତ ସେହି ଗାଡ଼ିରେ ନେଇଥିଲେ। ପୁଣି ଭବାନୀପାଟଣାରୁ ଫେରି ଉତ୍‌କେଲା ନିକଟ ଏକ ନିଛାଟିଆ ସ୍ଥାନରେ ଛାଡ଼ି ଦେଇ ପଳାଥିଲେ। ଗଲାବେଳେ ତାଙ୍କ ପାଖରେ ଥିବା ନଗଦ ୫ ହଜାର ଟଙ୍କା, ୨୦ ଗ୍ରାମର ଏକ ସୁନା ଚେନ୍ ଓ ଏକ ଚେକ୍ ବହି ଛଡ଼ାଇ ନେଇଥିଲେ। ଏପରି କି ଏକ ୩ ଲକ୍ଷ ଟଙ୍କାର ଏକ ଚେକ୍ କାଟି ନେଇଥିଲେ। ସେମାନେ ହିନ୍ଦୀରେ କଥା ହେଉଥିଲେ। ଗଲାବେଳେ କିନ୍ତୁ ନେଇଯାଇଥିବା ମୋବାଇଲ ଫୋନ୍ ଫେରାଇ ଦେଇଥିଲେ ବୋଲି ଯନ୍ତ୍ରୀ ପଟ୍ଟନାୟକ ପୋଲିସକୁ କହିଛନ୍ତି। ମୋର କେହି ଶତ୍ରୁ ନାହାନ୍ତି। ଏକୁଟିଆ ରହୁଥିବା ଜାଣି ଟଙ୍କା ଲୋଭରେ ମୋତେ ଅପହରଣ କରାଯାଇ ଥାଇ ପାରେ ବୋଲି ସେ କହିଛନ୍ତି। ଅଭିଯୋଗ ପରେ କେସିଙ୍ଗା ଥାନା ଆଇଆଇସି ଅଶୋକ କୁମାର ମହାପାତ୍ର ଝାରସୁଗୁଡ଼ା ପୋଲିସ ସହିତ ଯୋଗାଯୋଗ କରିଥିଲେ। ସନ୍ଧ୍ୟାରେ ସେମାନେ ଏଠାକୁ ଆସିଲା ପରେ ଯନ୍ତ୍ରୀଙ୍କୁ ନେଇ ଝାରସୁଗୁଡ଼ା ଫେରିଯାଇଛନ୍ତି। ଯନ୍ତ୍ରୀ ପଟ୍ଟନାୟକଙ୍କ ଘର କେନ୍ଦ୍ରାପଡାରେ ବୋଲି ଜଣାପଡ଼ିଛି।

# ଆଜିଠୁ ଜନ ଆନ୍ଦୋଳନ ଅଭିଯାନ

**ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ, ୭।୧୦(ପି.ଆଇ.ବି./ପି.ଟି.)

କୋଭିଡ୍-୧୯ ନିୟମାବଳୀ ପାଳନ କରିବା ପାଇଁ ଜନ ଆନ୍ଦୋଳନ ଆରମ୍ଭ କରାଯିବ। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଜନ ଆନ୍ଦୋଳନ ଅଭିଯାନ ଶୁଭାରମ୍ଭ କରିବେ। ଆଗକୁ ଆସୁଥିବା ପାର୍ବଣ ଓ ଶୀତ ଋତୁକୁ ଦୃଷ୍ଟିରେ ରଖି ଏହି ଅଭିଯାନ କରାଯିବ। ଏଥିରେ ଲୋକମାନେ ସାମିଲ ହେବେ। ସଂକ୍ରମିତ ଜିଲାଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯିବ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଓ ହାତ ସଫାସୁତୁରା କରିବା ବାର୍ତ୍ତା ଏହି ଅଭିଯାନ ଜରିଆରେ ଦିଆଯିବ। ଜନସାଧାରଣ ବୁଝିବା ଭଳି ସହଜ ବାର୍ତ୍ତା ପ୍ରେରଣ କରାଯିବ। ଏଥିସହିତ ସମଗ୍ର ଦେଶରେ ଏହି ଅଭିଯାନକୁ ବ୍ୟାପକ କରାଯିବ। ସର୍ବସାଧାରଣ ସ୍ଥାନରେ ହୋର୍ଡିଂ, ପୋଷ୍ଟର ଓ ବ୍ୟାନର ଲଗାଯାଇ ଲୋକମାନଙ୍କୁ ସଚେତନ କରାଯିବ। ମୋବାଇଲ ଭ୍ୟାନ୍ ଯୋଗେ ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯିବ।

## ୱେସ୍କୋ ଘରୋଇକରଣ ବିରୋଧରେ ଆନ୍ଦୋଳନ

ବଡଗାଁ, ୭।୧୦(ଡି.ଏନ.ଏ.)

ୱେଷ୍ଟର୍ଣ୍ଣ ଓଡିଶା ବିଦ୍ୟୁତ ଶ୍ରମିକ ମହାସଂଘ ଏବଂ ଓଏସଇବି ଏମ୍ପଲଇଜ ୟୁନିୟନ ରାଉରକେଲାଙ୍କ ଆହ୍ୱାନକ୍ରମେ ୱେସ୍କୋକୁ ଘରୋଇକରଣକୁ ବିରୋଧ କରଯାଇଛି। ଏହିକ୍ରମରେ ସୁନ୍ଦରଗଡ ଜିଲା ବଡଗାଁ ବିଦ୍ୟୁତ କର୍ମଚାରୀମାନେ ବୁଧବାରଠାରୁ କଳାବ୍ୟାଜ ପରିଧାନ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ରାଜଗାଙ୍ଗପୁର ବିଦ୍ୟୁତ୍ ଡିଭିଜନ ଅଧିନ ବିଦ୍ୟୁତ୍ କର୍ମଚାରୀ ସଂଘର ସୁରେନ୍ଦ୍ର କୁମାର ଭୋଇ, ରଜନୀକାନ୍ତ ତ୍ରିପାଠୀ, ପାର୍ଥସାରଥି ଗୁପ୍ତା, ଜଗଦୀଶ ଚନ୍ଦ୍ର ପ୍ରଧାନ, ରଘୁନନ୍ଦନ ନାୟକ ପ୍ରମୁଖଙ୍କ ସହିତ ଇଞ୍ଜିନିୟର ଆସୋସିଏଶନ୍‌ର ରାଜେଶ ପାଣ୍ଡେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ୱେସ୍କୋକୁ ଘରୋଇକରଣ ନକରିବା ଏବଂ ଆଉଟ୍ ସୋର୍ସ କର୍ମଚାରୀଙ୍କୁ ରେଗୁଲାର କରିବା ଦାବି ୭ ଦିନ ମଧ୍ୟରେ ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ପ୍ରତୀକ ଆନ୍ଦୋଳନ କରିବେ ବୋଲି କହିଛନ୍ତି ।

# ଦଳୀୟ ଶୃଙ୍ଖଳାକୁ ଚେଲ୍ଲାକୁମାରଙ୍କ ଗୁରୁତ୍ୱ



ନବନିଯୁକ୍ତ ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

- ବିଧାୟକ ଦଳ ବୈଠକରେ ଯୋଗଦାନ
- ତିର୍ତ୍ତୋଲ, ବାଲେଶ୍ୱର ଉପନିର୍ବାଚନ ଉପରେ ଗୁରୁତ୍ୱ
- ରାଜ୍ୟରେ ଦଳ କେତେ ନମ୍ବରରେ ଅଛି ଗୁରୁତ୍ୱପୂର୍ଣ୍ଣ ନୁହେଁ

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

କଂଗ୍ରେସ ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାର ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାର ଦଳୀୟ ନେତାଙ୍କ ସହ ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ଗତ ନିର୍ବାଚନରେ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ହୋଇଥିବା ନେତା ଏବଂ ଜିଲା ସଭାପତିମାନଙ୍କ ସହ ସେ କଥା ହୋଇଛନ୍ତି। ତାମିଲନାଡୁରେ କଂଗ୍ରେସର ସ୍ଥିତି ଅତ୍ୟନ୍ତ ଖରାପ ଥିବା ସତ୍ତ୍ୱେ ଦଳ କାମ କରୁଛି। ଦୀର୍ଘ ୫୦ ବର୍ଷ ହେଲା ତାମିଲନାଡୁରେ କଂଗ୍ରେସ ସରକାରକୁ ଆସିନାହିଁ। ତଥାପି ଦଳକୁ ସେଠାରେ ମଜଭୁତ କରିବାକୁ କାର୍ଯ୍ୟ କରାଯାଉଥିଲା ବେଳେ ଓଡ଼ିଶାର ସ୍ଥିତି ତା'ଠାରୁ ଭଲ ଅଛି। ତେବେ ଏଠାରେ କାମ କରିବାରେ ଅସୁବିଧା ନାହିଁ। ଆଗକୁ ଦଳ ଓଡ଼ିଶାରେ ଭଲ ସ୍ଥିତିରେ ପହଞ୍ଚିବ ବୋଲି ଚେଲ୍ଲାକୁମାର ଦଳୀୟ ନେତୃବୃନ୍ଦଙ୍କୁ କହିଛନ୍ତି।

ଦଳକୁ କିପରି ମଜଭୁତ ଏବଂ ଶୃଙ୍ଖଳିତ କରିହେବ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନକୁ କିଭଳି ସମସ୍ତେ ଏକାଠି ହୋଇ ଲଢ଼ିବା ସହ ଭଲ ପ୍ରଦର୍ଶନ କରି ହେବ ସେ ଉପରେ ଧ୍ୟାନଦେବାକୁ ଆହ୍ୱାନ ଦେଇଛନ୍ତି। ବୈଠକ ଶେଷରେ ଚେଲ୍ଲାକୁମାର କହିଛନ୍ତି, ଓଡ଼ିଶାରେ ତ୍ୟାଗ ଏବଂ ପ୍ରତିବଦ୍ଧତା ରଖିଥିବା ନେତାମାନେ ଅଛନ୍ତି। ତଥାପି କାହିଁକି ଓଡ଼ିଶାରେ ଦଳ ସରକାରକୁ ଆସୁନାହିଁ। ସେନେଇ ଦଳୀୟ ନେତାମାନେ ଆତ୍ମସମୀକ୍ଷା କରିବା ଦରକାର। ରାଜ୍ୟରେ ଦଳ ୩, ୪ ବା ୫ ନମ୍ବରରେ ଅଛି। ୨୦୨୪ରେ ଦଳ କିପରି ସରକାରକୁ ଆସିବ ତାହା ଗୁରୁତ୍ୱପୂର୍ଣ୍ଣ ବୋଲି ଚେଲ୍ଲାକୁମାର କହିଛନ୍ତି। ଦଳ ନେତୃବୃନ୍ଦ ଚେଲ୍ଲାକୁମାରଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି। ଆହୁରି କେତେଜଣ ନେତା ଦଳକୁ ଅଧିକ ଆର୍ଥିକ ସହଯୋଗ, ଜିଲା ଓ ବ୍ଲକସ୍ତରରେ ସଭାପତି ଚୟନ ଏବଂ ଯୁବ ନେତୃତ୍ୱଙ୍କୁ ପିସିସି ସଭାପତି ଦାୟିତ୍ୱ ପ୍ରଦାନ କଥା ଉଠାଇଛନ୍ତି। ସେହିପରି ୯ଜଣ ବିଧାୟକ, ୨ ପିସିସି କାର୍ଯ୍ୟକାରୀ ସଭାପତିଙ୍କୁ ଧରି କିଭଳି ୨ଟି ବିଧାନସଭା ଆସନରେ ଉପନିର୍ବାଚନ ଲଢ଼ାଯିବ ସେନେଇ ମଧ୍ୟ ଅନେକ ନେତା ପ୍ରସଙ୍ଗ ଉଠାଇଛନ୍ତି। ଅନ୍ୟପଟେ ସନ୍ଧ୍ୟାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବାସଭବନରେ ବିଧାୟକମାନଙ୍କୁ ନେଇ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଦୀର୍ଘ ସମୟ ଧରି ଆଲୋଚନାରେ ହୋଇଥିଲା। ରାଜ୍ୟରେ ଦଳର ଦୁର୍ବଳ ସ୍ଥିତି ନେଇ ବିଧାୟକମାନଙ୍କଠାରୁ ସେ ବୁଝିଛନ୍ତି। ଜିଲା ଓ ବ୍ଲକ ସଭାପତି ଚୟନ କିପରି ହେବ ଏବଂ ରାଜ୍ୟରେ କେଉଁସବୁ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ରହିଛି ସେ ବାବଦରେ ମଧ୍ୟ ଆଲୋଚନା କରିଛନ୍ତି। ଏନେଇ ବିଧାୟକ ଦଳ ନେତା ମିଶ୍ର କହିଛନ୍ତି, ବିଧାନସଭାରେ ଦଳର କାର୍ଯ୍ୟକ୍ରମ କିପରି ରହିଲା ତା'ର ଏକ ରିପୋର୍ଟ ପ୍ରଦାନ କରିଛୁ। ଆଗକୁ ରାଜ୍ୟରେ ଦଳର ସାଙ୍ଗଠନିକ ସ୍ଥିତି କିଭଳି ମଜଭୁତ ହେବ ତା'ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି।

# ବନ୍ୟପ୍ରାଣୀଙ୍କ ସୁରକ୍ଷା କବଚ 'ରସିଲା'

**ଜୁନାଗଡ଼(ଗୁଜରାଟ):** ମନୁଷ୍ୟ, ପରିବେଶ ଓ ବନ୍ୟଜୀବ କୌଣସି ନା କୌଣସି ରୂପରେ ପରସ୍ପର ଉପରେ ନିର୍ଭରଶୀଳ। ମାନବ ଶରୀର ଓ ମସ୍ତିଷ୍କକୁ ସୁସ୍ଥ ରଖିବାକୁ ହେଲେ ଶୁଦ୍ଧ ବାୟୁ ଏବଂ ଶକ୍ତିର ଆବଶ୍ୟକତା ରହିଛି। ଏହା ପରିବେଶରୁ ହିଁ ମିଳିଥାଏ। ତେଣୁ ପରିବେଶର ସୁରକ୍ଷା ଜରୁରୀ। ସେହିପରି ପରିବେଶକୁ ସୁସ୍ଥ ରଖିବାକୁ ହେଲେ ବନ ଏବଂ ବନ୍ୟଜୀବଙ୍କ ସୁରକ୍ଷାର ଆବଶ୍ୟକତା ରହିଛି। ପରିବେଶର ସୁରକ୍ଷା ପାଇଁ ୧୯୫୫ ଜୁଲାଇ ୭ରେ ପ୍ରଥମଥର ପାଇଁ ବନ୍ୟପ୍ରାଣୀ ଦିବସ ପାଳନ କରାଯାଇଥିଲା। ଏଥିସହ ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ପ୍ରତ୍ୟେକ ବର୍ଷ ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି। ବନ୍ୟଜୀବଙ୍କ ସଂରକ୍ଷଣ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ପରିବେଶବିତ୍ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ତେବେ ଜଙ୍ଗଲ ଓ ବନ୍ୟଜୀବଙ୍କ ସୁରକ୍ଷା ଦିଗରେ ବନ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଗୁଜରାଟର ଗିର୍ ଜାତୀୟ ଉଦ୍ୟାନରେ ଏଭଳି

## ୧୧ଶହରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରିଛନ୍ତି



ରସିଲା ଭଧେର

ଜଣେ ମହିଳା ବନ କର୍ମଚାରୀ ରହିଛନ୍ତି; ଯିଏକି ବନ୍ୟପ୍ରାଣୀଙ୍କ ସୁରକ୍ଷା କବଚ ସାଜିଛନ୍ତି। ପୁରୁଷଙ୍କ ତୁଳନାରେ ସେ କୌଣସି କାର୍ଯ୍ୟରେ କମ୍ ନୁହନ୍ତି। ସେ ହେଉଛନ୍ତି ଗିର୍ ଉଦ୍ୟାନର ଉଦ୍ଧାର ବିଭାଗ ମୁଖ୍ୟ ରସିଲା ଭଧେର। ଏଠାରେ ସେ ଭାରତର ପ୍ରଥମ ମହିଳା ବନରକ୍ଷୀ(ଫରେଷ୍ଟ ଗାର୍ଡ)ଭାବେ ୨୦୦୮ରେ ଯୋଗଦେଇ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ସାହସ ଏବଂ ବନ୍ୟପ୍ରାଣୀଙ୍କ ପ୍ରତି ଭଲପାଇବା ପାଇଁ ତାଙ୍କୁ ଉଦ୍ୟାନର ଉଦ୍ଧାର ବିଭାଗ ମୁଖ୍ୟ ଭାବେ ପଦୋନ୍ନତି ମିଳିଥିଲା। ଏହାମଧ୍ୟରେ ସେ ୧୧ଶହରୁ ଊର୍ଦ୍ଧ୍ୱ ପଶୁଙ୍କୁ ଉଦ୍ଧାର କରିଛନ୍ତି। ସେଥିମଧ୍ୟରେ ୩୦୦ ସିଂହ, ୫୦୦ ଚିତା, କୁମ୍ଭୀର, ଅଜଗର ରହିଛନ୍ତି। ଏପରିକି କୂଅ ମଧ୍ୟରୁ ବନ୍ୟଜୀବଙ୍କୁ ଉଦ୍ଧାର କରିବା ଏବଂ ସେମାନଙ୍କ ଚିକିତ୍ସା କରିବା ଭଳି କାର୍ଯ୍ୟ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୨୦୧୫ରେ ପ୍ରସ୍ତୁତ ଆନିମଲ୍ ପ୍ଲାନେଟ୍ ଡକ୍ୟୁମେଣ୍ଟାରି 'ଦି ଲାୟନ୍ କୁଇନ୍ସ ଅଫ୍ ଇଣ୍ଡିଆ'ରେ ଗିର୍ ଜାତୀୟ ଉଦ୍ୟାନର କିରନ୍ ପିଥିୟା ଏବଂ ଦର୍ଶନା କାଗଡ଼ାଙ୍କ ସହ ରସିଲା ମଧ୍ୟ ସ୍ଥାନ ପାଇଥିଲେ।

# ବିକିନି ପିନ୍ଧି ରୋଷେଇ

**ମୁମ୍ବାଇ:** ୨୦୧୧ରେ ରିଲିଜ ହୋଇଥିବା ଫିଲ୍ମ 'ରକ୍‌ଷ୍ଟାର'ରେ ରଣବୀର କପୁରଙ୍କ ସହ ଅଭିନୟ କରିଥିବା ଆମେରିକୀୟ ଅଭିନେତ୍ରୀ ନର୍ଗିସ ଫକ୍ରି ଏବେ ଏକ ଫଟୋକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନର୍ଗିସ ଏହି ଫଟୋରେ ବିକିନି ପିନ୍ଧିଥିବା ନଜର ଆସୁଛନ୍ତି। ସେ ବାର୍ବେକ୍ୟୁରେ କିଛି କରୁଥିବା ଦେଖିବାକୁ ମିଳିଛି। ନର୍ଗିସଙ୍କ ଫିଟ୍‌ନେସ୍‌କୁ ନେଇ ଅନେକ ଫ୍ୟାନ୍ ଇମ୍ପ୍ରେସ୍ଡ ହୋଇଛନ୍ତି। ଆଉ କମେଣ୍ଟ ବକ୍ସରେ ନର୍ଗିସଙ୍କ ଢେର୍ ପ୍ରଶଂସା ମଧ୍ୟ କରିଛନ୍ତି। ନର୍ଗିସ ଏହି ଫଟୋକୁ ଶେୟାର କରି କ୍ୟାପ୍ସନରେ ଲେଖିଛନ୍ତି, 'ବାର୍ବେକ୍ୟୁ ଲାଇଫ'। ଏହା ଏକ ଥ୍ରୋବ୍ୟାକ୍ ଫଟୋ, ଯାହାକୁ ସେ ଗ୍ରୀସ୍‌ରେ ଉଠାଇଥିଲେ। ପ୍ରଶଂସା କରିବାକୁ ଯାଇ ଜଣେ ୟୁଜର କମେଣ୍ଟରେ ଲେଖିଛନ୍ତି, କ'ଣ ତୁମେ ଏହି ଦୁନିଆର ନା ଅନ୍ୟ କୌଣସି ଦୁନିଆର? ଆମ ଦୁନିଆ ହିସାବରେ ତୁମେ ବହୁତ ସୁନ୍ଦରୀ। କହି ରଖୁଛୁ ଯେ, ଇମ୍ତିଆଜ ଅଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଫିଲ୍ମ 'ରକ୍‌ଷ୍ଟାର' ହିଟ୍ ହୋଇଥିଲା। ଫିଲ୍ମରେ ନର୍ଗିସ ରଣବୀରଙ୍କ ନାୟିକା ସାଜିଥିଲେ। ନର୍ଗିସଙ୍କ ଅଭିନୟର କଥା ଉଠିଲେ ସେ 'ରକ୍‌ଷ୍ଟାର' ବ୍ୟତୀତ 'ମଦ୍ରାସ କାଫେ', 'ଫଟା ପୋଷ୍ଟର ନିକଲା ହିରୋ' ଓ 'ମେ ତେରା ହିରୋ' ଭଳି ଫିଲ୍ମରେ ଅଭିନୟ କରିସାରିଛନ୍ତି। ଆଗାମୀ ଦିନରେ ନର୍ଗିସ୍ ସଞ୍ଜୟ ଦତ୍ତ ଅଭିନୀତ 'ତୋରବାଜ'ରେ ନଜର ଆସିବେ। ଏହା ଏକ ଆକ୍ସନ ଫିଲ୍ମ। ଯାହାର ନିର୍ଦ୍ଦେଶନା ଦେଉଛନ୍ତି ଗିରୀଶ ମଲିକ। ସଞ୍ଜୟ ଏଥିରେ ଜଣେ ଆର୍ମି ଅଫିସର ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମକୁ ଭିଡିଓ ଷ୍ଟ୍ରିମିଂ ପୋର୍ଟାଲ ନେଟ୍‌ଫ୍ଲିକ୍ସରେ ରି ଲି ଜ୍ କରାଯିବ।



ନର୍ଗିସ ଫକ୍ରି

# ପୁଅ ପାଇଁ ବାପା ରାସ୍ତାରେ ନାଚିଲେ

**ନୂଆଦିଲ୍ଲୀ:** ପିଲାଙ୍କ ମୁହଁରେ ଟିକେ ହସ ଦେଖିବା ପାଇଁ ମା'ବାପାମାନେ କ'ଣ ବା ନ କରନ୍ତି! ନିଜ ଜୀବନର ସବୁ ଖୁସିକୁ ଜଳାଞ୍ଜଳି ଦେଇ ସେମାନେ ପିଲାଙ୍କ ସ୍ୱପ୍ନ ପୂରା କରିବାର ପ୍ରୟାସ କରିଥାନ୍ତି। ଏମିତି ଏକ ଭାବମୟ ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଡାକ୍ତରଖାନାରେ କ୍ୟାନ୍ସର ଚିକିତ୍ସା ହେଉଥିବା ନିଜ ପୁଅକୁ ଖୁସି କରିବା ପାଇଁ ଡାକ୍ତରଖାନା ଝରକା ସିଧା ରାସ୍ତା ଉପରେ ଜଣେ ବାପା ନାଚ କରିବାକୁ ବି ପଛାଉ ନାହାନ୍ତି। ଏମିତି ଏକ ଭିଜୁଆଲ ଏବେ ଲୋକଙ୍କ ହୃଦୟ ସ୍ପର୍ଶ କରିପାରିଛି।



କୁକ୍ ଚିଲ୍‌ଡ୍ରେନ୍ ମେଡିକାଲ୍ ସେଣ୍ଟର ପକ୍ଷରୁ ଫେସ୍‌ବୁକ୍ ଆକାଉଣ୍ଟରେ ଏଭଳି ଏକ ଭିଜୁଆଲ୍ ଶେୟାର କରାଯାଇଛି। ଏହି ଡାକ୍ତରଖାନାରେ ଆଡେନ୍ ନାମକ ୧୪ ବର୍ଷର ଜଣେ ବାଳକ ଚିକିତ୍ସିତ ହେଉଛନ୍ତି। ଆଡେନ୍‌ଙ୍କୁ ଆକ୍ୟୁଟ୍ ଲିମ୍ଫୋସାଇଟିକ୍ ଲ୍ୟୁକୋମିଆ ହୋଇଛି। ବର୍ତ୍ତମାନ କୋଭିଡ୍ କଟକଣା ପାଇଁ ଆଡେନ୍‌ଙ୍କ ସହ କେବଳ ଜଣେ ବ୍ୟକ୍ତିଙ୍କୁ ରହିବାକୁ ଅନୁମତି ମିଳିଛି। ତେଣୁ ମା'ତାଙ୍କ ପାଖରେ ରହୁଛନ୍ତି। ଆଡେନ୍‌ଙ୍କ ବାପା ଚୁକ୍ ପୁଅ ରହୁଥିବା ୱାର୍ଡ ଝରକା ପାଖରେ ରହି ଦେଖାକରୁଛନ୍ତି। ପୁଅ ମୁହଁରେ ଟିକେ ହସ ଫୁଟାଇବା ପାଇଁ ସେ ନିଜେ ରାସ୍ତା ଉପରେ ନାଚ କରିବାକୁ ବି ପଛାଉ ନାହାନ୍ତି। ଚୁକ୍‌ଙ୍କ ନାଚ ଦେଖି ଆଡେନ୍ ବେଶ୍ ଖୁସି ହୋଇ ସେ ମଧ୍ୟ ନାଚି ବାପାଙ୍କୁ ଉତ୍ସାହିତ କରୁଛନ୍ତି। ବାପପୁଅଙ୍କର ଏହି ଭିଜୁଆଲଟିକୁ ଏବେ ସୋସିଆଲ ମିଡିଆରେ ଢେର୍ ଲୋକେ ପସନ୍ଦ କରିଛନ୍ତି। ୬.୨ ମିଲିୟନରୁ ଅଧିକ ଲୋକ ଏହାକୁ ଦେଖିସାରିଲେଣି। ଆଡେନ୍ ଭଲ ହୋଇ ତାଙ୍କ ବାପାଙ୍କ ପାଖକୁ ଶୀଘ୍ର ଫେରି ଆସିବାକୁ ଲୋକେ ସୋସିଆଲ ମିଡିଆରେ କମେଣ୍ଟ ଦେଇଛନ୍ତି।

# ମପେଟ୍ ମାସ୍କ

**ନୂଆଦିଲ୍ଲୀ:** ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ସମସ୍ତଙ୍କୁ ମାସ୍କ ପିନ୍ଧି ବାହାରିବାକୁ ପଡୁଛି। ସେଥିପାଇଁ ଏବେ ଅନେକ ଫେସ୍ ମାସ୍କକୁ ବିଭିନ୍ନ ଡିଜାଇନରେ କରି ପିନ୍ଧୁଛନ୍ତି। କିଛି ଲୋକ ମଜା କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ପ୍ରିଣ୍ଟର ଫେସ୍ ମାସ୍କ ବି ବ୍ୟବହାର କରୁଛନ୍ତି। ତେବେ ଏଭଳି ଏକ ଫେସ୍ ମାସ୍କକୁ ନେଇ ଏବେ ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା ହେଉଛି। ଜଣେ ବ୍ୟକ୍ତି ମପେଟ୍ ଫେସ୍ ମାସ୍କ ପିନ୍ଧିଥିବାର ଭିଡିଓ ଏବେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି।



ମପେଟ୍ ଫେସ୍ ମାସ୍କ ପିନ୍ଧିଥିବାର ଭିଜୁଆଲକୁ ପ୍ରଥମେ ଟୁଇଟରରେ ଶେୟାର କରିଥିଲେ ଶାମ୍ ରାଓ ନାମକ ଜଣେ ବ୍ୟକ୍ତି। ମାତ୍ର ୧୯ ସେକେଣ୍ଡର ଏହି ଭିଜୁଆଲରେ ଜଣେ ବ୍ୟକ୍ତି ଏକ ମପେଟ୍ ଫେସ୍ ମାସ୍କ ପିନ୍ଧିଥିଲେ, ଯାହା ଅତ୍ୟନ୍ତ ଆକର୍ଷଣୀୟ। ତେବେ ଭିଜୁଆଲର କ୍ୟାପ୍‌ସନରେ ସେ କେବଳ ଫାଷ୍ଟ ଇନିଙ୍ଗ୍‌ରେ ଥିବା ଲେଖିଛନ୍ତି। ଭିଜୁଆଲରେ ଫେସ୍ ମାସ୍କଟି ପିନ୍ଧି ବ୍ୟକ୍ତିଜଣକ ଯେତେବେଳେ କଥାବାର୍ତ୍ତା ଆରମ୍ଭ କରୁଥିଲେ ସେତେବେଳେ ତାହା ଏକ ଚଢେଇର ଥଣ୍ଟ ଭଳି ଖୋଲି ପୁଣି ବନ୍ଦ ହେଉଥିବା ଦେଖିବାକୁ ମିଳୁଛି। କଳା ଓ ନାଲି ରଙ୍ଗର ଏହି ମାସ୍କଟି ପିନ୍ଧି କଥା କହିବାବେଳେ ଏଭଳି ଥଣ୍ଟ ଭଳି ଦେଖାଯିବା ବେଶ୍ ମଜାଦାୟକ ମନେହେଉଛି। ସେଥିପାଇଁ ଲୋକେ ଏହି ମାସ୍କ ଦେଖି ସୋସିଆଲ ମିଡିଆରେ ଢେର୍ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅଧିକାଂଶ ଏଭଳି ମାସ୍କ କେଉଁଠାରେ ମିଳୁଛି ଜାଣିବା ପାଇଁ ଇଚ୍ଛା କରିଛନ୍ତି। ଆଉ କେତେଜଣ ମପେଟ୍ ମାସ୍କ ଥିବା ଭିଜୁଆଲର ପ୍ରତିକ୍ରିୟାରେ ବିଭିନ୍ନ ପ୍ରକାରର ଇମୋଜି ଓ ଜିଫ୍ ପୋଷ୍ଟ କରିଛନ୍ତି।

## ROURKELA DEVELOPMENT AUTHORITY

UDITNAGAR, ROURKELA-769012

**INVITATION FOR BIDS (IFB)**

No.1943 Dt.06.10.2020

| Sl. No. | Name of work | Estimated cost | Tender paper cost | Available of tender online for bidding | | Last date and time for seeking tender clarification | Date & time of opening of tender |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair and renovation of Tapaswini Market Complex (Double Storied) at Uditnagar, Rourkela. | 7.32 lakhs (Approx.) | 4,000.00 | 08.10.20 | 20.10.20 | 14.00 hrs of 19.10.20 | 11.00 hrs of 22.10.20 |
| 2 | Repair and renovation of staff qtr. No.3R/1, 3R/2 & 2R/1 at Uditnagar, Rourkela. | 7.72 lakhs (Approx.) | 4,000.00 | 08.10.20 | 20.10.20 | 14.00 hrs. of 19.10.20 | 11.00 hrs. of 22.10.20 |

Sd./- Secretary
Rourkela Development Authority
Rourkela

## ODISHA COOPERATIVE TASAR & SILK FEDERATION LTD. (SERIFED)

Sahid Nagar, Janpath, Bhubaneswar-751007,
Tel : 0674-2545586 / 2545852(O),
email- serifedodisha@gmail.com, website- www.serifedodisha.in

Bid identification no:- VI-29(29)/SERIFED/2020-21/824/Dt.07.10.2020

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only for the "**Construction works for Establishment of Permanent Tasar Nursery" - 2nos.** in Keonjhar dist. The bid documents such as DTCN / BOQ etc. can be seen/downloaded from the government website : **www.tendersodisha.gov.in.** during the period from 12.10.2020 to 17.00 hours up to 06.11.2020. Online bids shall be received till 17.00 hours on 06.11.2020 & shall be opened at 11.30 AM on 07.11.2020. Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

## TENDER CALL NOTICE

No.MM-76:- Sealed tenders are invited for auction sale of the following confiscated seized vehicles involved in forest offence Cases of Dhenkanal Forest Division as is where is basis to be opened on 10th November at 11.00 AM in the Office of the undersigned. The tender form along with the detailed list of vehicles location of storage and terms and conditions for auction through tender will also be available in the Office of the Divisional Forest Officer, Dhenkanal Division and the same can be obtained by the intending tenderers on payment of Rs.100/- (One hundred) only in any working day during working hours from 22.10.2020 to 09.11.2020-1.00 PM.

**LIST OF VEHICLES**

| | | |
|---|---|---|
| 1. | Tempo | 01 No |
| 2. | Mini Truck | 01 No. |
| 3. | Pick up Van | 01 No. |
| 4. | Trekker | 01 No. |
| 5. | Marshal Jeep | 03 Nos. |
| 6. | TVS Super XL | 01 No. |
| 7. | Maruti Van | 02 Nos. |
| 8. | TATA ACE | 01 No. |
| 9. | Truck | 01 No. |
| Total= | | 12 Nos. |

Sd./- Divisional Forest Officer, Dhenkanal Division
At/PO/Dist.-Dhenkanal
OIPR-08037/11/0006/2021

## GOVERNMENT OF ODISHA
## OFFICE OF THE EXECUTIVE ENGINEER SAMBALPUR (R&B) DIVISION NO. II, SAMBALPUR

E-mail: eesbprnbdivision2@gmail.com, Phone: 0663-2410104
BID IDENTIFICATION No. EE / R and B / SBP II /06(Online)/2020-21

**E-Procurement Notice**

No. 2857 Dated.05.10.2020

No. B-324: The Executive Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in single cover System in ONLINE MODE.

1. No. of Work : 02 (Two) Nos. Road Work
2. Tender Cost : Rs.6000/- & Rs.4000/-
3. Class of Contractor : "D" & "C" Class Contractors
4. Availability of bid document in the website : 18.00 hours of 19.10.2020 to 17.00 hours of 05.11.2020
5. Date of opening of Tenders : 11.30 hours on Dt.06.11.2020
6. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the said website only.

Sd./- Executive Engineer
Sambalpur (R&B) Division No. II
OIPR-34136/11/0007/2021

## PANCHAYAT SAMITI, DANAGADI

**DETAILED TENDER CALL NOTICE**

No. 4083 Dt.06.10.2020

1. Sealed percentage rate bids are invited by Panchayat Samiti, Danagadi, in single cover from contractors registered with the State Government and Contractors of equivalent Grade/Class registered with other State Government/Central Government/MES/Railways mentioned in column No. 5 in Tender Call Notice for execution of civil works on production of definite proof from the appropriate authority in prescribed form for following works as mentioned below.

| Sl. No. | Name of the Work | Approx. Estimated Cost (In Rs.) | EMD (In Rs.) | Class of Contractor | Cost of Tender Paper (In Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Model Anganwadi Centre Building at Chitri-I, G.P.- Chitri | 1220008.00 | 12200.00 | 'C' & 'D' | 6000.00 | Six Calendar Months |
| 2 | Construction of Model Anganwadi Centre Building at Mathasahi, G.P.- Dhuligarh | 1212910.00 | 12200.00 | 'C' & 'D' | 6000.00 | Six Calendar Months |
| 3 | Construction of CC Road from Kailash Dalei Ghar to Hanuman Chhaka, G.P.- Kumbhirigadia | 2653016.00 | 26500.00 | 'B' & 'C' | 6000.00 | Four Calendar Months |
| 4 | Construction of CC Road from Hetagadia to Kailash Dalei Ghar, G.P.- Kumbhirigadia | 3327340.00 | 33300.00 | 'B' & 'C' | 6000.00 | Four Calendar Months |

2. The sale of the Bid document shall start from the date of publication in **http://www.jajpur.nic.in** during office hours in the Office of the Panchayat Samiti, Danagadi, Jajpur from 11.03.2020.
3. Bids shall be received in the Office of the Panchayat Samiti, Danagadi, Jajpur till Dt.20.10.2020 upto 5.00 P.M. through Registered Post/Speed Post. The authority will not be held responsible for postal delay in the delivering of the documents or non-receipt of the same.
4. The tender will be opened in the Office of the Panchayat Samiti, Danagadi, Jajpur at 11.00 A.M. on 21.10.2020 in presence of the bidders or their authorized representatives. In case of holidays, next working day will be considered.
5. The bid documents can be obtained from the Office of the Panchayat Samiti, Danagadi, Jajpur in person on application and payment of cost of bid documents in **Demand Draft/ Bankers Cheque drawn in favour of B.D.O., Danagadi, Jajpur payable at S.B.I. Duburi Project, Danagadi**. The bid document can be downloaded from the official website of Jajpur district **(http://www.jajpur.nic.in)**. In case of downloaded bid document the cost of bid document should be attached with the bid. The cost of bid document is not refundable. The envelope containing bid document should be superscribed with **"Tender Call Notice Number - 4083 / 06.10.2020**.

Sd./- BDO, Danagadi

## ZILLA SWASTHYA SAMITI, KEONJHAR
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR

(NPCB KEONJHAR)

**TENDER CALL NOTICE**

Advt. No.4288 Date:5.10.2020

No.E-294:- Sealed TENDERs are invited from the Private Individual/Tour Operator/Travel Agencies/Society for hiring of vehicles on monthly hire basis for SUNETRA (UEHP), O/o-CDM&PHO, Keonjhar. The detail TENDER documents may be downloaded from district NIC website i.e. www.kendujhar.nic.in. The TENDER document must be submitted to the O/o CDM&PHO, Keonjhar (SUNETRA), Pin-758001 through Regd. Post/Speed Post/Courier only. The bidder should subscribe 'TENDER for hiring of vehicle for MVC, SUNETRA (UEHP), Keonjhar" on the top of the envelope.

**Last date of submission of TENDER: 02.11.2020 at 5.00 P.M.**
**Date of opening of TENDER: 03.11.2020 at 11.00 P.M.**

The authority reserves the right to accept or reject any proposals without assigning any reason thereof.

Sd./- Chief District Medical & Public Health Officer, Keonjahr
OIPR-10033/11/0022/2021

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, GUNUPUR

No. O-440

E-mail ID: eerwgunupur@gmail.com

Lr. No. 3291 Dated: 05.10.2020

**"e" Procurement Notice for Maintenance of Roads in Odisha**

**(Tender eerwgnp-Online-05/2020-21 (Lr. No. 3291, Dtd.05.10.2020)**

1. Name of the Work : Maintenance of Roads
2. Total No. of Works : 11 (Eleven) Nos.
3. Estimated Cost : Varies from Rs.13.39 lakhs to Rs.44.64 lakhs
4. Class of Contractor : "D", "C", "B" & "A" Class as applicable
5. Period of Completion : As mentioned in Col. 4 of TCN Annexure
6. Other Details :

| Procurement Officer | Bid Identification | No. of Road Works | Availability of Tender Online for Bidding | | Date & time of Tender Opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERWGNP Online-05/2020-21 | 11 (Eleven) Nos. | 09.10.2020 at 10.00 A.M. | 19.10.2020 upto 5.00 P.M. | 20.10.2020 at 12.00 hrs. |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website **www.tendersorissa.gov.in**. Any subsequent addendum or corrigendum will be made available in the above website.

Sd./- Executive Engineer, Rural Works Division, Gunupur
OIPR-25170/11/0005/2021

## ପେଟ୍ରୋଲ ପମ୍ପ ବିସ୍ଫୋରଣ ପରର ଦୃଶ୍ୟ


ବିସ୍ଫୋରଣ ପରେ ଛିନ୍ନଛତ୍ର ହୋଇଥିବା ଏଲ୍‌ପିଜି ଟାଙ୍କି।


ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରୁଛନ୍ତି।


ଏଲ୍‌ପିଜି ଟାଙ୍କିରେ ଲାଗିଥିବା ସିଲିଣ୍ଡର ୮୦୦ ମିଟର ଦୂରରେ ଛିଟିକି ପଡ଼ିଛି।


ବିସ୍ଫୋରଣସ୍ଥଳରେ ପଡ଼ିଥିବା ଗାଡ଼ି


ଜଣେ ଆହତଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ୍ ନିଆଯାଉଛି।

# ଏସ୍‌ସିବିରେ ୨ ଚିକିତ୍ସାଧୀନଙ୍କ ଅବସ୍ଥା ସଙ୍କଟାପନ୍ନ

**କଟକ ଅଫିସ, ୭।୧୦**

ଭୁବନେଶ୍ୱର ରାଜଭବନ ନିକଟ ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାରେ ଏସ୍‌ସିବିକୁ ସ୍ଥାନାନ୍ତରିତ ହୋଇଥିବା ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କ ମଧ୍ୟରୁ ସତ୍ୟ ନାୟକ(୩୭)ଙ୍କ ଶରୀରର ୬୦ ପ୍ରତିଶତ ଅଂଶ ପୋଡ଼ି ଯାଇଥିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କ ଘର ଗଞ୍ଜାମ ଜିଲା ଆସିକାର ରଘୁନାଥନଗର ଅଞ୍ଚଳରେ ହୋଇଥିବାବେଳେ ସେ ଗ୍ୟାସଟାଙ୍କି କାର୍ଯ୍ୟ ପାଇଁ ଆସିଥିଲେ। କାମ ସାରି ବୁଧବାର ହିଁ ଘରକୁ ଫେରିଯିବା ନେଇ ଫୋନ୍ କରି ଜଣାଇଥିଲେ ବୋଲି ତାଙ୍କ ଭଣଜା ଦେବାଶିଷ ପ୍ରଧାନ କହିଛନ୍ତି। ଏସ୍‌ସିବିରେ ମାମୁଁ ସତ୍ୟଙ୍କ ଚିକିତ୍ସା ଚାଲିଥିବାବେଳେ ଭୁବନେଶ୍ୱରରେ ରହୁଥିବା ଦେବାଶିଷ ଏଠାକୁ ଧାଇଁଆସିଛନ୍ତି। ସେହିପରି ରିପୁ ଦାମନ(୩୨)ଙ୍କ ଶରୀରର ୪୦ ପ୍ରତିଶତ ପୋଡ଼ିଥିବାବେଳେ ଦୁଇଟି ଯାକ ଆଖିରେ ଆଘାତ ଲାଗିଛି। ବାମ ପଟ ଆଖିରେ ଗଭୀର ଆଘାତ ଲାଗିଥିବାବେଳେ ଡାହାଣ ପଟ ଆଖି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି। ସେ ଉକ୍ତ ପେଟ୍ରୋଲ ପମ୍ପର କର୍ମଚାରୀ। ତାଙ୍କ ପରିବାର ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ରହନ୍ତି। ପରିବାରବର୍ଗ ଏହି ଖବର ପାଇ ଏଠାରେ ରହୁଥିବା ତାଙ୍କର ଦୂର ସମ୍ପର୍କୀୟା ଅଭୀପସା ସାହୁଙ୍କୁ ପଠାଇ ସ୍ୱାସ୍ଥ୍ୟବସ୍ଥା ବିଷୟରେ ବୁଝୁଛନ୍ତି। ଗୁରୁବାର ରିପୁଙ୍କ ପରିବାର ଲୋକେ କଟକ ଆସିବେ ବୋଲି ଜଣାପଡ଼ିଛି। ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି ଯେ, ସତ୍ୟ ଏବଂ ରିପୁଙ୍କ ଶରୀରର ଅନେକ ଅଂଶ ପୋଡ଼ିଯିବା ସହ ମୁଣ୍ଡ ଓ ଆଖିରେ ଗଭୀର ଆଘାତ ଲାଗିଛି। ଉଭୟଙ୍କୁ ଏସ୍‌ସିବି ଟ୍ରମା କେୟାର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ପ୍ଲାଷ୍ଟିକ ସର୍ଜରି, ନ୍ୟୁରୋ ସର୍ଜରି, ଚକ୍ଷୁ ବିଭାଗ, ଶଲ୍ୟ ବିଭାଗ ଏବଂ କାଜୁଆଲଟିର ମେଡିକାଲ ଅଫିସରଙ୍କୁ ନେଇ ଗଠିତ ଏକ ଟିମ୍ ଏମାନଙ୍କ ଚିକିତ୍ସାରେ ନିୟୋଜିତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଆହତ ଦ୍ୱୟଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ।

# ମୋତିଝରନରେ ଉତ୍ତେଜନା

**ସମ୍ବଲପୁର,୭।୧୦(ବ୍ୟୁରୋ)**

ସମ୍ବଲପୁର ଧନୁପାଲି ଥାନା ମୋତିଝରନ ଅଞ୍ଚଳରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। ମଙ୍ଗଳବାର ରାତିରେ ଘଟିଥିବା ଏକ ଗୁଳିକାଣ୍ଡ ଘଟଣାକୁ ନେଇ ଏଭଳି ପରିସ୍ଥିତି ଉପୁଜିଛି । ଅଭିଯୁକ୍ତ ମହମ୍ମଦ ସାମଦ ଓ ତାଙ୍କ ଭାଇ ମହମ୍ମଦ ୱାସିମଙ୍କ ନାଁରେ ଧନୁପାଲି ଥାନା ପୋଲିସ ମାମଲା ରୁଜୁ କରିଛି। ଘଟଣାସ୍ଥଳରୁ ଗୋଟିଏ ଜୀବନ୍ତ ଗଳି ଓ ଖୋକା, ମୋପେଡ ଜବତ ହୋଇଛି । ଘଟଣା ପରେ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ପୋଲିସ ଅଭିଯୁକ୍ତଙ୍କୁ ଜାଣି ଶୁଣି ଛାଡି ଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରି ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଦାୟିତ୍ୱରେ ଥିବା ଅଧିକାରୀ ସୁବାଶ ମିଶ୍ରଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗ କ୍ରମେ ଅଭିଯୁକ୍ତ ସାମଦଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି। ପୋଲିସ ତାଙ୍କୁ ଆଶ୍ରୟ ଦେଉଥିବା ଓ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅଭିଯୁକ୍ତ ବାରମ୍ବାର ଅପରାଧିକ କାର୍ଯ୍ୟ କରୁଥିବା ପଡାବାସୀ ଅଭିଯୋଗ କରିଛନ୍ତି। ପଡାର ସୋନୀ ବେଗମଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ରାତି ପ୍ରାୟ ସାଢେ ୧୧ଟା ସମୟରେ ଅଭିଯୁକ୍ତ ସାମଦ ତାଙ୍କ ଘରେ ପଶି ଆକ୍ରମଣ ସହ ଗୁଳି ଚଳାଇଥିଲେ। ପରିବାରର ସମସ୍ତଙ୍କୁ ଗାଳିଗୁଲଜ କରିବା ସହ ମାଡପିଟ୍ କରିଥିଲେ। ସାମଦଙ୍କ ଭାଇ ୱାସିମ ମଧ୍ୟ ଘରକୁ ଆସି ଧମକାଇଥିଲେ। ପୋଲିସ ନିକଟରେ ଅଭିଯୋଗ କଲେ ମାରିଦେବାକୁ ଧମକ ଦେଇଥିଲେ।

# ସୁକତେଲ ନଦୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ତରଭା,୭।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ଖାରୀ ଗ୍ରାମ ନିକଟ ଦେଇ ପ୍ରବାହିତ ସୁକତେଲ ନଦୀର ବିଜାପଦର ଖଲିଆପାଲି ଘାଟରୁ ପୋଲିସ ବୁଧବାର ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି । ମୃତ ଯୁବତୀ ଜଣକ ହେଲେ ଖାରୀ ନିବାସୀ ଶ୍ରୀବନ୍ତ ଭୋଇଙ୍କ ଝିଅ ସ୍ୱର୍ଣ୍ଣପ୍ରଭା (୧୯) । କୌଣସି ରୋଗରେ ପୀଡିତ ହୋଇ ଗତ ୪ ତାରିଖ ଦିନ ତାଙ୍କର ମୃତ୍ୟୁ ଘଟିଥିଲା। ମାତ୍ର ତାଙ୍କୁ ହାଡଫୁଟି ହୋଇଥିବା ଭାବି ପରିବାର ଲୋକେ ଦାହ ସଂସ୍କାର ନ କରି ନିକଟସ୍ଥ ସୁକତେଲ ନଦୀପଠାରେ ପୋତି ଦେଇଥିଲେ। ନିକଟରେ ଲଘୁଚାପଜନିତ ପ୍ରବଳ ବର୍ଷା ହୋଇଥିଲା । ଫଳରେ ନଦୀରେ ପ୍ରଖର ସ୍ରୋତ ଆସିବା ଯୋଗୁ ମାଟି ଖୋଳି ହୋଇ ମୃତଦେହ ଭାସି ଆସି ଉକ୍ତ ଘାଟରେ ଲାଗିଥିଲା । ସ୍ଥାନୀୟ ଲୋକେ ନଦୀରେ ମୃତଦେହ ଭାସୁଥିବାର ଦେଖି ତରଭା ଥାନାରେ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ କରିଥିଲା । ତଦନ୍ତରୁ ପ୍ରକୃତ ଘଟଣା ଜଣାପଡିବା ପରେ ସ୍ୱର୍ଣ୍ଣପ୍ରଭାଙ୍କ ମାମୁଁ ଲଳିତ ମଲ୍ଲିକ ଆସି ମୃତଦେହ ଚିହ୍ନଟ କରିଥିଲେ। ପରେ ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ପୁନର୍ବାର ଘଟଣାସ୍ଥଳରେ ଗଭୀର ଗାତ ଖୋଳି ମୃତଦେହ ପୋତି ଦେଇଥିଲେ ।

# ଦେଶରେ ୨୪, ଓଡ଼ିଶାରେ ୨ ଜାଲ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ଶିକ୍ଷା ନାଁରେ ଚାଲିଛି ଠକେଇ। ଅନୁମତି ନ ପାଇ ଶିକ୍ଷା ପ୍ରଦାନ କରୁଛନ୍ତି ବହୁ ଜାଲ୍ ବିଶ୍ୱବିଦ୍ୟାଳୟ। ଏନେଇ ଛାତ୍ରୀଛାତ୍ରଙ୍କୁ ଆଗୁଆ ସତର୍କ କରିଛି ୟୁନିଭର୍ସିଟି ଗ୍ରାଣ୍ଟ୍ କମିଶନ (ୟୁଜିସି)। ବୁଧବାର ୟୁଜିସି ପକ୍ଷରୁ ବୁଧବାର ଏସବୁ ଜାଲ୍ ବିଶ୍ୱବିଦ୍ୟାଳୟର ତାଲିକା ପ୍ରକାଶ କରାଯାଇଛି। ସାରା ଦେଶରେ ୨୪ଟି ‘ଆତ୍ମଘୋଷିତ’ ଓ ‘ଅଣସ୍ୱୀକୃତ’ ବିଶ୍ୱବିଦ୍ୟାଳୟ ସରକାରଙ୍କୁ ଭୁଆଁବୁଲାଇ ଶିକ୍ଷା ବ୍ୟବସାୟ ଚଳାଇଥିବା ୟୁଜିସି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

### ତାଲିକା ପ୍ରକାଶ ସହ ସତର୍କ କଲା ୟୁଜିସି

ଏଥିସହ ଏହି ସମସ୍ତ ଜାଲ୍ ବିଶ୍ୱବିଦ୍ୟାଳୟର ତାଲିକା ମଧ୍ୟ ପ୍ରକାଶ କରାଯାଇଛି। ଏଥିରେ ଓଡ଼ିଶାର ୨ଟି ବିଶ୍ୱବିଦ୍ୟାଳୟ ରହିଥିବାବେଳେ ଉତ୍ତରପ୍ରଦେଶରେ ସର୍ବାଧିକ ୮ଟି ରହିଛି। ସେହିପରି ଦିଲ୍ଲୀରେ ୭, ପଶ୍ଚିମବଙ୍ଗରେ ୨, କେରଳ, କର୍ନାଟକ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରିରେ ଗୋଟିଏ ଲେଖାଏ ଜାଲ୍ ବିଶ୍ୱବିଦ୍ୟାଳୟ ରହିଥିବା ଦର୍ଶାଯାଇଛି। ଓଡ଼ିଶାର ୨ ଜାଲ୍ ବିଶ୍ୱବିଦ୍ୟାଳୟ ହେଲା ରାଉରକେଲାସ୍ଥିତ ନବଭାରତ ଶିକ୍ଷା ପରିଷଦ ଏବଂ ମୟୂରଭଞ୍ଜରେ ଥିବା ନର୍ଥ ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲଚର ଆଣ୍ଡ୍ ଟେକ୍ନୋଲୋଜି। ୟୁଜିସି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଦେଶର ବିଭିନ୍ନ ପ୍ରାନ୍ତରେ ୨୪ଟି ଜାଲ୍ ବିଶ୍ୱବିଦ୍ୟାଳୟ ରହିଛି। ଏମାନେ ୟୁଜିସି ଦ୍ୱାରା ପଞ୍ଜୀକୃତ ହୋଇନାହାନ୍ତି କି ଏମାନଙ୍କର ଡିଗ୍ରୀ ଦେବାର କୌଣସି ଅଧିକାର ନାହିଁ। ତେଣୁ ଏହି ସମସ୍ତ ଜାଲ୍ ବିଶ୍ୱବିଦ୍ୟାଳୟରେ ନାମ ନ ଲେଖାଇବା ପାଇଁ ୟୁଜିସି ଛାତ୍ରୀଛାତ୍ରଙ୍କୁ ସାବଧାନ କରି ଦେଇଛି।

# ଥରି ଉଠିଲା ରାଜଧାନୀ

ରାଜଭବନ ଛକ ପେଟ୍ରୋଲ ଟାଙ୍କି ବିସ୍ଫୋରଣ କିଛି ସମୟ ପାଇଁ ପୂରା ଅଞ୍ଚଳକୁ ଥରାଇ ଦେଇଥିଲା। ଘଟଣା ପରେ ସହରବାସୀଙ୍କ ଛାତି ବି ଥରି ଉଠିଥିଲା। ଯେଉଁମାନେ ମରଣ ମୁହଁରୁ ବର୍ତ୍ତି ଆସିଥିଲେ, ସେମାନେ ମଧ୍ୟ ଘଟଣାବେଳର କଥା କହିବାବେଳେ ଥରି ଉଠୁଥିଲେ। ସେମାନଙ୍କ ଲୋମ ଟାଙ୍କୁରି ଯାଇଥିବାବେଳେ ମୁହଁରେ ଭୟ ଓ ଆତଙ୍କର ଚିହ୍ନ ଦେଖିବାକୁ ମିଳିଥିଲା। କେହି ଏହାକୁ ପରମାଣୁ ବୋମା ବିସ୍ଫୋରଣ ପରି ଅନୁଭବ କରୁଥିବା କହିଥିଲେ ତ ଆଉ କିଏ ଆତଙ୍କବାଦୀ ଆକ୍ରମଣ ହୋଇଥିବା ଭାବିଥିଲେ। ବିସ୍ଫୋରଣର ବହୁ ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର ଆକାଶ ପୂରା ଧୂଆଁ ଓ ଧୂଳିମୟ ହୋଇଯାଇଥିଲା।

### ବର୍ତ୍ତିଗଲେ ଟ୍ରାନ୍ସପୋର୍ଟ କମିଶନରଙ୍କ ଝିଅ ଶ୍ରେୟା

ବିସ୍ଫୋରଣର ଭୟଙ୍କର ରୂପ ବଖାଣିଛନ୍ତି ଟ୍ରାନ୍ସପୋର୍ଟ କମିଶନର ସଞ୍ଜୀବ ପଣ୍ଡା। ସେ କହିଛନ୍ତି, ରାଜଭବନ ନିକଟରୁ ମାତ୍ର କିଛି ମିଟର ଦୂରରେ ତାଙ୍କ ଘର। ଦିନ ପାଖାପାଖି ୧ଟା ୧୦ ମିନିଟ ହେବ। ସେହି ସମୟରେ ତାଙ୍କ ଝିଅ ଶ୍ରେୟା ପାଠ ପଢୁଥିଲେ। ହଠାତ୍ ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ତାଙ୍କ ଘର ଥରି ଉଠିଥିଲା। ଘର ଝରକାରେ ଲାଗିଥିବା କାଚ ଭାଙ୍ଗି ତାଙ୍କ ଝିଅ ଉପରେ ପଡିଥିଲା। ସୌଭାଗ୍ୟବଶତଃ ଶ୍ରେୟାଙ୍କର କିଛି କ୍ଷତି ହୋଇନାହିଁ ବୋଲି ସଞ୍ଜୀବ କହିଛନ୍ତି।

### ହେଉ ନ ଥିଲା ଏସ୍‌ଓପି ପାଳନ

ଉକ୍ତ ପେଟ୍ରୋଲ ପମ୍ପ ସରକାରଙ୍କ ଏସ୍‌ଓପି ପାଳନ କରୁ ନ ଥିଲା। ପୂର୍ବରୁ ଉକ୍ତ ପେଟ୍ରୋଲ ପମ୍ପରେ ଦୁଇଥର ନିଆଁ ଲାଗିଥିଲେ ମଧ୍ୟ ସେପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏପରିକି ଅପମିଶ୍ରଣ ଅଭିଯୋଗରେ ଧରାପଡ଼ି ଉକ୍ତ ପେଟ୍ରୋଲପମ୍ପ କିଛିଦିନ ଧରି ବନ୍ଦ ରହିବା ପରେ ପୁଣି ଚାଲିଥିଲା। ହେଲେ ଏହାପରେ ବି ସୁରକ୍ଷା ବ୍ୟବସ୍ଥା ନିୟମ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା।

### ବିସ୍ଫୋରଣସ୍ଥଳରେ ୧୫ ଫୁଟ୍ ଗାତ

ମାଟି ତଳେ ଥିବା ଏଲ୍‌ପିଜି ଗ୍ୟାସ୍ ଟାଙ୍କି ଫାଟିବା ପରେ ମାଟି ତଳୁ ଖୋଳି ହୋଇଯାଇଥିଲା। ମାଟି ତଳୁ ପ୍ରାୟ ୧୫ ଫୁଟର ଗଭୀର ଗାତ ହୋଇଯାଇଥିଲା। ଏପରିକି ଟାଙ୍କିର ଭଗ୍ନାବଶେଷ ଖଣ୍ଡଖଣ୍ଡ ହୋଇ ଚାରିଆଡେ ଛିଟିକି ପଡିଥିଲା। ଟାଙ୍କି ନିକଟରେ ଥିବା ପାଚେରିର ଅଂଶକୁ ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ଉଡାଇ ନେଇଥିଲା। ଘଟଣାସ୍ଥଳରେ ଖଣ୍ଡ ବିଖଣ୍ଡିତ ହୋଇ ମାଂସ ଓ ଶରୀର ଅଂଶବିଶେଷ ପଡିଥିଲା। କେତେଜଣ ପେଟ୍ରୋଲ ପମ୍ପ୍ କର୍ମଚାରୀ ନିଖୋଜ ଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା।

### ସିସିଟିଭି ଖୋଲିବ ବିସ୍ଫୋରଣର କାରଣ

କର୍ମଚାରୀଙ୍କ ଅସାବଧାନତା ନା ଅନ୍ୟ କେଉଁ କାରଣ ପାଇଁ ଏଭଳି ଭୟଙ୍କର ବିସ୍ଫୋରଣ ଘଟିଲା ତାହାର ଖୁଲାସା କରିବ ପେଟ୍ରୋଲ ପମ୍ପରେ ଲାଗିଥିବା ସିସି ଟିଭି। କାରଣ ବିସ୍ଫୋରଣ ପରେ ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି ଫୁଟେଜ ଉଡି ଯାଇଛି। କିନ୍ତୁ ବିସ୍ଫୋରଣର କିଛି ସେକେଣ୍ଡ ପୂର୍ବରୁ କ୍ୟାମେରାର ସବୁ ଦୃଶ୍ୟ କଏଦ ହୋଇ ହାର୍ଡଡିସ୍କରେ ସୁରକ୍ଷିତ ଅଛି। ପୋଲିସ ତାହାକୁ ଜବତ କରିଛି। ଇଣ୍ଡିଆନ୍ ଅଏଲର ସ୍ୱତନ୍ତ୍ର ଟିମ୍ ଗୁରୁବାର ଆସିବା ପରେ ବିସ୍ଫୋରଣର କାରଣ ଖୋଜି ବାହାର କରିବେ ବୋଲି ଜଣାପଡିଛି।

### ଭଗବାନ ମୋ ଜୀବନ ବଞ୍ଚାଇଦେଲେ

ୟୁନିଟ-୪ ଶାସ୍ତ୍ରୀନଗର ଅଞ୍ଚଳରେ ରହୁଥିବା ଜିତେନ୍ଦ୍ର ଦାସ ପେଟ୍ରୋଲ ପମ୍ପ୍ ବିସ୍ଫୋରଣକୁ ଅତି ନିକଟରୁ ଦେଖିଥିଲେ। ଏଥିରେ ସେ ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ଭୟରେ ସେ ଥରୁଥିଲେ। ଜିତେନ୍ଦ୍ର ପେଟ୍ରୋଲ ପମ୍ପରେ ତେଲ ପକାଇ ପର୍ସରୁ ଟଙ୍କା ଦେଉଥିବାବେଳେ ବିସ୍ଫୋରଣ ହୋଇଥିଲା। ଭୟଙ୍କର ଶବ୍ଦ ଶୁଣିବା ପରେ ହଠାତ ତାଙ୍କୁ ସବୁକିଛି ଅନ୍ଧାର ଦେଖାଯିବା ସହ ସେ ବାଇକ ଉପରୁ ଦୂରକୁ ଛିଟିକି ପଡ଼ିଥିଲେ। ତାଙ୍କ ପଛରେ ଥିବା ୩ଜଣ ବ୍ୟକ୍ତି ନିଆଁ ଓ ବିସ୍ଫୋରଣରେ ଜଳୁଥିବାବେଳେ ସେ କିନ୍ତୁ ନିକଟରେ ଥିବା ଏଟିଏମ୍ ଆଡକୁ ଦୌଡ଼ି ପଳାଇବାରୁ ରକ୍ଷା ପାଇଯାଇଥିଲେ। ପଛକୁ ବୁଲି ଚାହିଁବାବେଳକୁ ଉପରୁ ଲୁହା, ମାଟିପଥର ଖଣ୍ଡ ପଡୁଥିଲା। ଏଥିସହ ପେଟ୍ରୋଲ ପମ୍ପର ବିଭିନ୍ନ ଅଂଶ ସେ ତେଲ ପକାଉଥିବା ସ୍ଥାନରେ ଖସି ପଡିଥିଲା। ଭଗବାନ ତାଙ୍କୁ ବଞ୍ଚାଇ ଦେଇଥିବା ଜିତେନ୍ଦ୍ର କହିଛନ୍ତି।

### ବଡ଼ଧରଣର ଭୂମିକମ୍ପ ଭାବି ଆତଙ୍କିତ ହୋଇପଡ଼ିଲୁ

ବିସ୍ଫୋରଣ ହୋଇଥିବା ପେଟ୍ରୋଲ ପମ୍ପର ପଛପାର୍ଶ୍ୱ କଲୋନୀରେ ଆମ ଘର। ବିସ୍ଫୋରଣ ଶବ୍ଦ ଏତେ ଜୋର୍‌ରେ ହୋଇଥିଲା ଯେ ଘର ସହ ସମସ୍ତ ଜିନିଷପତ୍ର ଥରି ଉଠିଥିଲା। ଆମ ଘର ସହ ସରକାରୀ କ୍ୱାର୍ଟର୍ସ ଫାଟିଯିବା ସହ ବହୁ ଘରର ଝରକା କାଚ ଓ ଆସବାବପତ୍ର ଖସି ପଡିଥିଲା। ଆମେ ଭାବିଲୁ ବଡ଼ଧରଣର ଭୂମିକମ୍ପ ହେଲା। କୋଠା ଭୁଶୁଡି ଏପରି ଶବ୍ଦ ହୋଇଛି। ପରିବାର ଲୋକେ ମଧ୍ୟ ଏଥିରେ ଆତଙ୍କିତ ହୋଇ ବାହାରକୁ ଦୌଡ଼ିଥିଲେ ବୋଲି କଲୋନୀ ବାସିନ୍ଦା ଅଭିଷେକ ମାରାଣ୍ଡି କହିଛନ୍ତି।

### ରାଜଭବନ ସହ ଏକାଧିକ ଘର କ୍ଷତିଗ୍ରସ୍ତ

ଜନବସତି ଅଞ୍ଚଳରେ ପେଟ୍ରୋଲ ପମ୍ପଟି ରହିଛି। ପଶ୍ଚିମ ପାର୍ଶ୍ୱରେ ଓମ୍‌ଫେଡ୍ ସହ ଅନ୍ୟାନ୍ୟ ଦୋକାନ ରହିଥିବାବେଳେ ଦକ୍ଷିଣ ଓ ପୂର୍ବରେ ଘର ଏବଂ ସମ୍ମୁଖ ଭାଗ ବା ଉତ୍ତର ପାର୍ଶ୍ୱରେ ଟିକିଏ ଦୂରରେ ରାଜଭବନ ରହିଛି। ତେବେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ରାଜଭବନ ସମେତ ବହୁ ଘର କ୍ଷତିଗ୍ରସ୍ତ ହୋଇଛି। ଏକାଧିକ ଦୋକାନ ଛିନ୍ନଛତ୍ର ହୋଇଯାଇଛି। ପେଟ୍ରୋଲ ପମ୍ପ କଡ଼ରେ ରହୁଥିବା ବନବିଭାଗ କର୍ମଚାରୀ ମହେନ୍ଦ୍ର କୁମାର ନାୟକଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ଘରେ ଥିବା ଜିନିଷପତ୍ର ମଧ୍ୟ ନଷ୍ଟ ହୋଇଯାଇଛି। ଘର ଚାରିପଟ ଗଛ ଭାଙ୍ଗି ପଡିବା ସହ ଉପରୁ ବଡ଼ ବଡ଼ ଲୁହାଖଣ୍ଡ ଓ ଅନ୍ୟାନ୍ୟ ସମାଗ୍ରୀ ତାଙ୍କ ଘରେ ଉପରେ ପଡ଼ିଥିଲା। ଘଟଣା ସମୟରେ ଘରେ ଏକୁଟିଆ ଥିବା ତାଙ୍କ ମା’ ମନୋରମା ଭୟରେ ଥରିଉଠିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇଥିବାବେଳେ ତାଙ୍କ ପରିବାର ସହ ଅନ୍ୟ କେତେଜଣ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

### ୧୧ କେଭି ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ

ପେଟ୍ରୋଲ ପମ୍ପ୍ ପଛପାର୍ଶ୍ୱରେ ଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇ ଧରାଶାୟୀ ହୋଇପଡିଥିଲା। ବିଦ୍ୟୁତ୍ ତାର ତଳେ ପଡିଯାଇଥିଲେ ମଧ୍ୟ ସୌଭାଗ୍ୟବଶତଃ ବିଦ୍ୟୁତ୍ ସରବରାହ କଟିଯିବାରୁ ଆଉଏକ ବଡ଼ଧରଣର ବିପଦ ଟଳିଯାଇଥିଲା। ଘଟଣା ପରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପହଞ୍ଚି ତୁରନ୍ତ ମରାମତି କରିଥିଲେ।

### ୮ଶହ ମିଟର ଦୂରକୁ ଉଡ଼ିଲା ଲୁହା ଟାଙ୍କି, ନାବାଳକ ଗୁରୁତର

ବିସ୍ଫୋରଣ ସମୟରେ ଫାଟିଯାଇଥିବା ବଡ଼ ବଡ଼ ଲୁହାଖଣ୍ଡ ସହ ଏକ ବଡ଼ ଗ୍ୟାସ୍ ସିଲିଣ୍ଡର ପ୍ରାୟ ୮ଶହ ମିଟର ଦୂରକୁ ଉଡିଯାଇ ପଡ଼ିଥିଲା। ଏଥିଯୋଗୁ ଅନେକ ଆହତ ହୋଇଥିବାବେଳେ ଘର ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏଲ୍‌ଆଇସି କାର୍ଯ୍ୟାଳୟ ନିକଟରେ ଜଣେ ନାବାଳକ ଖେଳୁଥିବାବେଳେ ତାଙ୍କ ମୁଣ୍ଡରେ ଲୁହାଖଣ୍ଡ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

### ଜୀବନକୁ ବାଜି ଲଗାଇ ଆଉଏକ ବିପଦ ଟାଳିଦେଲେ ଡ୍ରାଇଭର

ନିଜ ଜୀବନକୁ ବାଜି ଲଗାଇ ଆଉଏକ ବଡ଼ ବିପଦକୁ ଏଡ଼ାଇ ଦେଇଥିଲେ ସିଏନ୍‌ଜି ଗ୍ୟାସ୍ ଟ୍ୟାଙ୍କର ଡ୍ରାଇଭର ମାଧବ ସ୍ୱାଇଁ। ଘଟଣା ପୂର୍ବରୁ ସେ ସିଏନ୍‌ଜି ଭର୍ତ୍ତି ଟ୍ୟାଙ୍କର ଧରି ସେଠାରେ ଅନ୍‌ଲୋଡ଼ ପାଇଁ ଅପେକ୍ଷାରେ ଥିଲେ। ବିସ୍ଫୋରଣ ଶବ୍ଦ ଶୁଣିବା ମାତ୍ରେ ମାଧବ କାଳବିଳମ୍ବ ନ କରି ସିଧା ଟ୍ୟାଙ୍କରକୁ ଦୂରକୁ ନେଇଆସିଥିଲେ। ଚାରିଆଡେ ଚିତ୍କାର ଶୁଭୁଥିଲେ ମଧ୍ୟ ସେ ଆଗପଛରେ କ’ଣ ଘଟୁଛି, ତାଙ୍କର କ’ଣ ହେବ, ତାହାକୁ ନେଇ କିଛି ବି ଚିନ୍ତା କରିବାକୁ ସମୟ ପାଇ ନ ଥିଲେ ବୋଲି ସେ କହିଛନ୍ତି ଯଦି ଉକ୍ତ ଗ୍ୟାସ୍ ଭର୍ତ୍ତି ଟ୍ୟାଙ୍କରକୁ ଦୂରକୁ ନ ଆଣିଥାନ୍ତେ, ନିଶ୍ଚିତ କ୍ଷୟକ୍ଷତି ପରିମାଣ ଆହୁରି ଅଧିକ ହୋଇଥାନ୍ତା।

### ନିଜେ ପୋଡ଼ିଯାଇ ଅନ୍ୟଜଣଙ୍କୁ ଉଦ୍ଧାର କରିଥିଲେ ଗୋକୁଳ

ପେଟ୍ରୋଲ ପମ୍ପରେ କାର୍ଯ୍ୟରତ କର୍ମଚାରୀ ଗୋକୁଳ ଚନ୍ଦ୍ର ନାୟକ କହିଛନ୍ତି, ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିଲା। ନିଆଁରେ ଗୋକୁଳଙ୍କ ଗୋଡ଼, ହାତ ସହ ଶରୀର ପୋଡ଼ିଯାଉଥିବା ସେ ଅନୁଭବ କରିଥିଲେ। ହେଲେ ସେ ନିଜ ଜୀବନକୁ ବଞ୍ଚାଇ ବାହାରି ଆସୁଥିବାବେଳେ ତେଲ ପକାଉଥିବା ଜଣେ ଲୋକଙ୍କୁ ମଧ୍ୟ ଟାଣିନେଇ ଉଦ୍ଧାର କରିଥିଲେ।

ଲଘୁଗଳ୍ପ

# ଗାମୁଛା

ଡ. ନରେନ୍ଦ୍ର କୁମାର ସେଠୀ

ଓଳି ନଡ଼ାରୁ ଟପ୍‌ଟପ୍ ବର୍ଷା ପାଣି ତଳେ ପଡ଼ି ନାଲି ରଙ୍ଗ ହେଇଯିବା ବେଳେ ଲାଗେ ଯେମିତି ବାପାଙ୍କ ଗାମୁଛା ରଙ୍ଗ ଉଧାର ନେଇ ପଳେଇ ଯାଉଛି। ଗାମୁଛାକୁ ପିଠି ପଟେ ଗୁଡ଼େଇ ଦୁଇ ହାତରେ ଦୁଇ କାନିକୁ ଆଗ ଆଡ଼କୁ ଟାଣି ଧରି ଛିଡ଼ା ହେଲେ ଯୋଉ ରାଜା ଠାଣି ପ୍ରାପ୍ତ ହୁଏ, ତାହା କୋଉ ପୋଷାକରେ ନ ଥାଏ।

ବାଁ କାନ୍ଧରେ ପଡ଼ିଥିବା ଗାମୁଛାକୁ ଝଟ୍‌କିନା ନେଇ ଡାହାଣ କାନ୍ଧରେ ପକେଇ ବାପା ଧଡ଼ପଡ଼ ହେଇ ପ୍ରସ୍ତୁତ ହେଇଯାନ୍ତି। କୌଣସି କାମକୁ ଯିବା ପୂର୍ବରୁ ଏ ତାଙ୍କର ଗତାନୁଗତିକ ଅଭ୍ୟାସ। ଗାମୁଛାରେ ବାପା ପୋଛି ଦିଅନ୍ତି ସବୁତକ ହତାଶ। ଦିନ ଯାକର ହାଲିଆ ପଣ। ମେଞ୍ଚା ମେଞ୍ଚା ଝାଳ। ଠେକା ବାନ୍ଧି ଗାମୁଛାରେ ବୋହି ନିଅନ୍ତି ଜୀବନର ବିଡ଼ା ବିଡ଼ା ବୋଝ। ନଇଁପଡ଼ି ବିଲରେ ମାଟି ହାଣିଲାବେଳେ ଅଣ୍ଟାରେ ପିନ୍ଧିଥିବା ଲୁଗାକୁ ସୁରକ୍ଷିତ କରି ଜାବୁଡ଼ି ଧରେ ଗାମୁଛା। ଓଳି ନଡ଼ାରୁ ଟପ୍‌ଟପ୍ ବର୍ଷା ପାଣି ତଳେ ପଡ଼ି ନାଲି ରଙ୍ଗ ହେଇଯିବା ବେଳେ ଲାଗେ ଯେମିତି ବାପାଙ୍କ ଗାମୁଛା ରଙ୍ଗ ଉଧାର ନେଇ ପଳେଇ ଯାଉଛି। ଗାମୁଛାକୁ ପିଠି ପଟେ ଗୁଡ଼େଇ ଦୁଇ ହାତରେ ଦୁଇ କାନିକୁ ଆଗ ଆଡ଼କୁ ଟାଣି ଧରି ଛିଡ଼ା ହେଲେ ଯୋଉ ରାଜା ଠାଣି ପ୍ରାପ୍ତ ହୁଏ, ତାହା କୋଉ ପୋଷାକରେ ନ ଥାଏ।

ବାପାଙ୍କ ସବୁ ଗାମୁଛାର ଲମ୍ବ ଚାରିହାତ। ଛୋଟ ନୁହେଁ କି ବଡ଼ ନୁହେଁ। ରଙ୍ଗ ଗୋଟିଏ। ବ୍ରାଣ୍ଡ୍ ଗୋଟିଏ। ସବୁ ଧୂସର ଲାଲ ଖୋର୍ଦ୍ଧା ଗାମୁଛା। ଗାମୁଛା ଖଣ୍ଡକୁ ଏତେ ଭଲ ପାଇବା ଦେଖି ମୁଁ ଭାବିଲି ମୋର ମଧ୍ୟ ଗୋଟିଏ ଦରକାର। ଠିକ୍ ବାପାଙ୍କ ଗାମୁଛା ପରି। ଚାରିହାତ। ଲାଲ୍ ଧୂସର ଖୋର୍ଦ୍ଧା ଗାମୁଛା। ମୁଁ ବିଲକୁ ଯାଏନି। ମାଟି ହାଣେନି। ମୋ' ମଥାରୁ ଝାଳ ବାହାରେନି। ଯୋଉ ବୋଝ ସବୁ ମୋ' ମୁଣ୍ଡ ଉପରେ ଥିଲା ତା' ପାଇଁ ଠେକା ଦରକାର ନ ଥିଲା। ମୋ' ଶୀତତାପ ନିୟନ୍ତ୍ରିତ ଅଫିସ୍‌ରେ ଗାମୁଛାର ଆବଶ୍ୟକତା ନ ଥିଲା।

ଟିଭିରେ ହେଉଥିବା ଏକ ବିତର୍କ ଉପରେ ଅଟକି ଗଲି। ଜଣେ ସମାଜସେବୀ କୃଷକ ଆତ୍ମହତ୍ୟା ବିଷୟରେ ତର୍କ କରୁଥିଲେ। ସେ ମହଙ୍ଗା ଜ୍ୟାକେଟ୍ ଓ କଳା ଚଷମା ପିନ୍ଧିଥିଲେ। କଥା କଥାକେ ଇଂରାଜୀ ଓ ହାତରେ ପିନ୍ଧିଥିବା ସ୍ମାର୍ଟ ଘଡ଼ି ତାଙ୍କ ପାରିବାପଣିଆ ସାବ୍ୟସ୍ତ କରୁଥିଲା। କିନ୍ତୁ ତାଙ୍କ କାନ୍ଧରେ ଗାମୁଛା! ସେଇ ଖୋର୍ଦ୍ଧା ଗାମୁଛା। ଲାଲ୍ ଧୂସର ରଙ୍ଗ ଗାମୁଛା। ଠିକ୍ ବାପାଙ୍କ ଗାମୁଛା ଭଳି। ଗରିବ ଖଟିଖିଆ ମଲିମୁଣ୍ଡିଆଙ୍କ ଗାମୁଛା ଭଳି।

ମୁଁ ହେଜିଲି। ମୋର ହୃଦୟଙ୍ଗମ ହେଲା। ଗାମୁଛା ମଲିମୁଣ୍ଡିଆଙ୍କ କାନ୍ଧରୁ ଡିଆଁ ମାରି ସ୍ୱେଚ୍ଛାସେବୀଙ୍କୁ ଜୀବିକା ଦେଲାଣି। ମୁହଁରୁ ଝାଳ ଓ ହତାଶ ପୋଛିବା ବଦଳରେ କାନ୍ଧରେ ବସି ଟିଭିରେ ଆସିଲାଣି। ମୋତେ ଖୁସି ଲାଗିଲା। ବାପାଙ୍କ ଗାମୁଛାର ପଦୋନ୍ନତି ହେଇଥିବାର ଦେଖି ମୋ' ଗୋଡ଼ ତଳେ ଲାଗୁ ନ ଥିଲା।

ମୋ–୭୦୦୪୦୬୮୧୧୦

## କାଳକାଳକୁ

"ଭାଗ୍ୟ ସେଇମାନଙ୍କର ପକ୍ଷ ନିଏ, ଯେଉଁମାନେ ସତ୍‌ସାହସୀ"

– ଭର୍ଜିଲ୍



ଭର୍ଜିଲ୍‌ଙ୍କ ଜନ୍ମ ଇଟାଲୀରେ, ୧୫ ଅକ୍ଟୋବର ଖ୍ରୀ.ପୂ. ୭୦ରେ ଏବଂ ପରଲୋକ ୨୧ ସେପ୍ଟେମ୍ବର ଖ୍ରୀ.ପୂ. ୧୯ରେ। ଅଗଷ୍ଟାନ୍‌ଙ୍କ ସମକାଳୀନ ଓ ରୋମ୍‌ର ସବୁଠୁଁ ମହତ୍ତମ କବି। ତାଙ୍କ ସାହିତ୍ୟ ଦାନ୍ତେଙ୍କ 'ଡିଭାଇନ୍ କମେଡ଼ି' ସମେତ ପାଶ୍ଚାତ୍ୟ ସାହିତ୍ୟକୁ ବ୍ୟାପକ ଭାବେ ପ୍ରଭାବିତ କରିଥିଲା। ତାଙ୍କ ରଚିତ 'Aeneid' କାବ୍ୟକୁ ରୋମ୍‌ର ଜାତୀୟ ମହାକାବ୍ୟ ଭାବେ ବିବେଚନା କରାଯାଏ।

## ପୁସ୍ତକ ପରିଚୟ

### ଆଧୁନିକ କାବ୍ୟଧାରା: ଅନ୍ୱେଷା ଓ ଜିଜ୍ଞାସା




**ଲେଖକ:** ଡ. ଭଗବାନ ପଟେଲ
**ପ୍ରକାଶକ:** କାବ୍ୟଲୋକ, ଜଟଣୀ, ପୁରୀ–୫୦
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୩୦୦/–

କବିତା ସମ୍ପର୍କରେ ସମୀକ୍ଷାତ୍ମକ ୧୬ଟି ପ୍ରବନ୍ଧ ଆଲୋଚ୍ୟ ସମାଲୋଚନା-ଗ୍ରନ୍ଥରେ ସ୍ଥାନିତ। ସତ୍ୟବାଦୀ କାବ୍ୟକବିତାଠୁଁ ଆରମ୍ଭ କରି ସାମ୍ପ୍ରତିକ କାଳର କବିତା ପର୍ଯ୍ୟନ୍ତ କ୍ରିୟାଶୀଳ କବିମାନଙ୍କର ରଚନା ହୋଇଛି ଲେଖକଙ୍କ ସମୀକ୍ଷାର ଆଧାର। ପ୍ରାକ୍ କଥନରେ ଲେଖକ କହିଛନ୍ତି: "ମୋର ପ୍ରବନ୍ଧ ସଂକଳନ ଭିତରେ ମୁଁ ସାମ୍ପ୍ରତିକ ସମୟଖଣ୍ଡର ସ୍ୱରକୁ ସ୍ଥାନିତ କରିବା ପାଇଁ ଅଧିକ ମାତ୍ରାରେ ପସନ୍ଦ କରିଥାଏ। ଯାହା ପ୍ରାୟତଃ ଆଲୋଚିତ ହୋଇ ନ ଥାଏ, ସେ ଉପରେ ପ୍ରଥମେ ଆଲୋଚନା କରିବା ପାଇଁ ମତେ ବହୁତ ଭଲ ଲାଗେ।" ସମାଲୋଚନାକୁ ନେଇ ଡ. ପଟେଲଙ୍କର ଏହି ଇସ୍ତାହାର ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ। ଗ୍ରନ୍ଥରେ ସ୍ଥାନିତ ବିନୋଦ ଚନ୍ଦ୍ର ନାୟକ, ବେଣୁଧର ରାଉତ, ପ୍ରମୋଦ ମହାନ୍ତି ଓ ନିତ୍ୟାନନ୍ଦ ନାୟକଙ୍କ ଭଳି ସ୍ୱଳ୍ପାଲୋଚିତ କବିଙ୍କ କବିତା ସମ୍ପର୍କୀୟ ଆଲୋଚନା କବିତାନୁରାଗୀ ତଥା ଗବେଷକମାନଙ୍କ ପାଇଁ ସହାୟକ ହେବ। ବହିଟିରେ ଅଭିମତ ଲେଖିଛନ୍ତି ବିଶିଷ୍ଟ କବି ଓ ସମାଲୋଚକ ଡ. ହୃଷୀକେଶ ମଲ୍ଲିକ, ଯାହା ଦିଶାଦର୍ଶୀ।

### ଅବୁଝା ପକ୍ଷୀର ଗୀତ




**କବି:** ରବି ଶତପଥୀ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୭୫/–

କବିତା ସଂକଳନଟି କବିଙ୍କର ପ୍ରଥମ କବିତା ବହି ଓ ଏଥିରେ ମୋଟ ୫୮ଟି କବିତା ସ୍ଥାନ ପାଇଛି। 'ମନ କଥା' ଶୀର୍ଷକ ଗଦ୍ୟରେ କବି ଲେଖିଛନ୍ତି: "ଭଲ କବିତାଟିଏ ଲେଖି ନ ପାରିବାର ଅବସୋସ ନେଇ ମୁଁ ଏବେ ବି କବିତା ପଛରେ ପଡ଼ିଛି। x x କବିତା ପଢ଼ିବାର ପ୍ରେମ, ଭୋଗୀଚାଲିଥିବା ଜୀବନ ଓ ଦୃଶ୍ୟମାନ ଜଗତର ଚିତ୍ରକୁ ନେଇ ମୋ' କବିତାର ସୃଜନଯାତ୍ରା।" ସ୍ୱାଭାବିକତା ହେଉଛି ଶତପଥୀଙ୍କ କବିତାର ସବୁଠୁଁ ବଡ଼ ଗୁଣ। ଏ ସ୍ୱାଭାବିକତା ଅନୁଭବର ଯେତିକି, ଅଭିବ୍ୟକ୍ତିର ବି ସେତିକି। ଏଇ ଉକ୍ତିଟିକୁ ପ୍ରମାଣ ଭାବେ ନିଅନ୍ତୁ: "ମୁଣ୍ଡରେ ପାଗ ବାନ୍ଧୁ ବାନ୍ଧୁ / ସିଂହାସନ ତଳକୁ ଖସି ପଡ଼ିଥିବା / ସମ୍ରାଟମାନେ କ'ଣ ବିଚାରୁଥିବେ ମନରେ / ଚନ୍ଦ୍ରକୁ ହାତ ବଢ଼ଉଥିବା / ବାମନମାନେ କ'ଣ କହି / ବୁଝଉଥିବେ ନିଜ ନିଜର ଭାଗ୍ୟକୁ / ମେଘକୁ ଡାକିଡାକି / ଏବେ କେଉଁଠି ବିଶ୍ରାମ ନେଇଥିବେ / ଚାତକ ପକ୍ଷୀମାନେ / ଚୁଲିରେ ନିଆଁ ଜଳୁ ନ ଥିବା ଭୋକିଲାମାନେ / ଏବେ କେଉଁ ଗଛରୁ ତୋଳୁଥିବେ / ପତ୍ର, ଫୁଲ କି ଫଳ।" ('ଏବେ କ'ଣ କରୁଥିବେ ସେମାନେ'– ପୃ: ୪୯–୫୦)। ବହିଟି କବିଙ୍କୁ ଯଶସ୍ୱୀ କରିବ।

# କାବ୍ୟପ୍ରାଣତାର ଅଭିନବ ଉଦ୍ୟମ 'ନବୋଦ୍ୟମ'

ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

ଓଡ଼ିଆ ସାହିତ୍ୟର ଜଣେ ଅନବଦ୍ୟ ସଂସ୍କାରକ, ସଂଗଠକ, ବ୍ୟାକରଣବିତ୍ ଓ ଶିକ୍ଷକ ଚନ୍ଦ୍ରମୋହନ ମହାରଣା (୧୮୭୦–୧୯୨୯)ଙ୍କ ସାରସ୍ୱତ କୃତିତ୍ୱର ଅଭିନବ ଉଦ୍ୟମ କବିତା ସଂକଳନ 'ନବୋଦ୍ୟମ'। ଚନ୍ଦ୍ରମୋହନ ବାଲେଶ୍ୱର ଜିଲାର ରେମୁଣା ନିକଟବର୍ତ୍ତୀ ପୁରୁଷୋତ୍ତମପୁର ଗ୍ରାମରେ ଅନାଦି ମହାରଣା ଓ ଦେବକୀଙ୍କ ଦ୍ୱିତୀୟ ସନ୍ତାନ ରୂପେ ୬ ଏପ୍ରିଲ ୧୮୭୦ରେ ଜନ୍ମଗ୍ରହଣ କରିଥିଲେ। ଶୈଶବରୁ ପିତୃମାତୃହୀନ ଚନ୍ଦ୍ରମୋହନ ପିତାମହୀ ଅହଲ୍ୟାଙ୍କ ତତ୍ତ୍ୱାବଧାନରେ ଉଚ୍ଚଶିକ୍ଷା ପାଇଥିଲେ। ୧୮୮୫ରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ଲାଭ କରିଥିଲେ ଓ କଟକ ରେଭେନ୍ସା କଲେଜରେ ଅଧ୍ୟୟନ କରିଥିଲେ। ୧୮୮୭ରେ ଉକ୍ତ କଲେଜରୁ ଏକମାତ୍ର ଛାତ୍ର ରୂପେ ଏଫ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ରେଭେନ୍ସାରେ ଅଧ୍ୟୟନ କଲାବେଳେ ୧୮୮୬–୮୭ରେ ସେ କେତୋଟି କବିତା ରଚନା କରିଥିଲେ। ସେହି କବିତାଗୁଡ଼ିକ କଟକରୁ ପ୍ରକାଶିତ 'ସଂସ୍କାରକ' ପତ୍ରିକାରେ ପ୍ରକାଶ ଲଭିଥିଲା। ୧୮୮୮ରେ 'ନବୋଦ୍ୟମ' ଶୀର୍ଷକରେ ୧୫ଟି କବିତା ପୁସ୍ତକାକାରେ ଓଡ଼ିଶା ପ୍ରିଣ୍ଟିଂ କର୍ପୋରେଶନର ଭିକ୍ଟୋରିଆ ପ୍ରେସ୍, କଟକରୁ ପ୍ରକାଶ ପାଇଥିଲା।

**ଅତୀତର ବହି**




୫୮ ପୃଷ୍ଠାର ଏହି ପୁସ୍ତକରେ 'ବସନ୍ତ', 'ମାତୃପିତୃହୀନ ବାଳକର ଜନନୀ ପ୍ରତି', 'ନିୟତି ପ୍ରତି', 'ସମୁଦ୍ର ପ୍ରତି', 'ମଲ୍ଲିକା', ବିଦେଶରୁ ସ୍ୱଗୃହାଭିମୁଖରେ ବାଲେଶ୍ୱର ପ୍ରତ୍ୟାଗମନ କାଳରେ କୌଣସି ସମୁଦ୍ର ପୋତରେ ଦୁଇ ସହୋଦରଙ୍କ ବିନାଶ, 'ଶରଦୁଷା ପ୍ରାକ୍‌କାଳ', 'ଶଯ୍ୟାସ୍ଥ ଆଶା ମୁଗ୍ଧ ବ୍ୟକ୍ତି', 'ଶିଶୁ ବିୟୋଗ', 'ଅପୂର୍ବ କାରାବଦ୍ଧ ପୁରୁଷର ପତ୍ର', 'ଝିଟିକା', 'ପର୍ବତ', 'ଶରତ ଓ ମଳୟାନିଳ ପ୍ରତି' ପ୍ରଭୃତି ୧୫ଟି କବିତା ସ୍ଥାନିତ।

ଏହି କବିତାଗୁଡ଼ିକରୁ କିଛି ୧୮୮୬ ଓ ୧୮୮୭ର 'ସଂସ୍କାରକ'ରେ ପ୍ରକାଶ ପାଇ ଅପୂର୍ବ ପାଠକୀୟତା ଅର୍ଜନ କରିଥିଲା। ନବୋଦ୍ୟମର ପ୍ରଥମ କବିତା 'ବସନ୍ତ' ଏକ ପ୍ରକୃତି ବର୍ଣ୍ଣନାମୂଳକ ଉତ୍କୃଷ୍ଟ କବିତା। ଏହାର ରଚନାକାଳ ତା୨୪।୫।୧୮୮୬ (ଗ୍ରନ୍ଥାବଳୀ), କିନ୍ତୁ କବିତାଟି ସଂସ୍କାରକ ୨୪।୩।୧୮୮୭, ୨୮।୪।୧୮୮୭ ଓ ୧୨।୫।୧୮୮୭ ସଂଖ୍ୟାରେ ଧାରାବାହିକ ପ୍ରକାଶିତ। ପ୍ରକାଶକାଳ ଅନୁସାରେ ସଂସ୍କାରକ ୨୭।୧୦।୧୮୮୬ରେ ସ୍ଥାନିତ 'ସମୁଦ୍ର ପ୍ରତି' ପ୍ରଥମ ପ୍ରକାଶିତ କବିତା। ସେ ଯାହାହେଉ ପାଠକଙ୍କ କବିତା ପଠନେଚ୍ଛାକୁ ସମ୍ମାନ ଜଣାଇ ପ୍ରଥମ କବିତା 'ବସନ୍ତ'ର ଗୋଟିଏ ପଦ ଉଦ୍ଧୃତ ହେଲା– "ଅତି ଭୟଙ୍କର ଲୋକ ଅନାଦର / ଶୀତ ଋତୁ ଯେବେ ହୁଅଇ ଅନ୍ତର / ମୁକୁଟର ମଣି ଋତୁମାନଙ୍କର / ରଚିର ବସନ୍ତ ରାଜତ୍ୱ କରେ।/ ତରୁ, ଲତା, ଗୁଳ୍ମ, ପଶୁ, ପକ୍ଷୀ, ଜନ–/ ଯେଉଁ ଦିଗେ ଦୃଷ୍ଟି ପକାଅ ଜୀବନ ବିରାଜ କରଇ ସର୍ବତ୍ର ଯେସନ–/ ଯଥାର୍ଥ ବସନ୍ତ ପ୍ରିୟ ଲୋକରେ।"

'ନବୋଦ୍ୟମ'ର କବିତାଗୁଡ଼ିକରେ ମୁଖ୍ୟତଃ ପ୍ରକୃତି ବର୍ଣ୍ଣନା ଓ ମାନବୀୟ ଦୁଃଖାର୍ତ୍ତ ପରିବେଶ ପ୍ରତି କବିଙ୍କ ସଂବେଦନଶୀଳ ଦୃଷ୍ଟିଭଂଗୀ ପ୍ରକାଶିତ। 'ସମ୍ବାଦବାହିକା' ୧୦।୧।୧୮୮୯ରେ ଏହି ପୁସ୍ତକର ସମାଲୋଚନା କରାଯାଇ ଚନ୍ଦ୍ରମୋହନଙ୍କ ଆଦ୍ୟ ଉଦ୍ୟମକୁ ଭୂୟସୀ ପ୍ରଶଂସା କରାଯାଇଛି।

ଚନ୍ଦ୍ରମୋହନ ମହାରଣା ଜଣେ ଅନନ୍ୟ ଓ ନିଷ୍ଠାପର ଶିକ୍ଷକ ରୂପେ ସ୍ୱୀକୃତ। ତାଙ୍କରି ମାର୍ଗଦର୍ଶନ ଫଳରେ ଓଡ଼ିଆ ସାହିତ୍ୟରେ ତାଙ୍କର ଯଶସ୍ୱୀ ଛାତ୍ର ନୀଳକଣ୍ଠ ଦାସ, କୃପାସିନ୍ଧୁ ମିଶ୍ର, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ନିଜର ଆସନ ସୁଦୃଢ଼ କରିଛନ୍ତି। ଚନ୍ଦ୍ରମୋହନଙ୍କ ଲେଖା ସଂସ୍କାରକ, ନବସମ୍ବାଦ, ସମ୍ବଲପୁର ହିତୈଷିଣୀ, ଉତ୍କଳ ସାହିତ୍ୟ, ଶିକ୍ଷାବନ୍ଧୁ, ଉତ୍କଳ ପ୍ରଭା, ପ୍ରଜାବନ୍ଧୁ ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶିତ। ତାଙ୍କ ରଚିତ କଥାବଳୀ (୧ମ ଓ ୨ୟ ଭାଗ), ଓଡ଼ିଆ ବ୍ୟାକରଣ (୧ମ ଓ ୨ୟ ଭାଗ) ଓ ରଚନା ଶିକ୍ଷା ଅନେକ ଦିନ ଧରି ପାଠ୍ୟପୁସ୍ତକ ରୂପେ ପ୍ରଚଳିତ ଥିଲା। କଟକଠାରେ ପ୍ରତିଷ୍ଠିତ 'ଆଲୋଚନା ସଭା' (୧୮୯୩)ର ସେ ପ୍ରଥମ ସମ୍ପାଦକ ଥିଲେ। ଏହି ଅନୁଷ୍ଠାନ ପରବର୍ତ୍ତୀ କାଳରେ 'ଉତ୍କଳ ସାହିତ୍ୟ ସମାଜ' (୧୯୦୩)ରେ ରୂପାନ୍ତରିତ ହୋଇଥିଲା। 'ଉତ୍କଳ ସାହିତ୍ୟ ସମାଜ'ର ୨୧ଶ ବାର୍ଷିକ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ୧୯୧୩–୧୪ର ସର୍ବଶ୍ରେଷ୍ଠ ପ୍ରବନ୍ଧ ଭାବରେ ତାଙ୍କର 'ସାହିତ୍ୟ ଦର୍ପଣାକାର' ପ୍ରବନ୍ଧ ପୁରସ୍କୃତ ହୋଇଥିଲା।



'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦନାରେ ସେ ବିଶ୍ୱନାଥ କରଙ୍କୁ ପ୍ରାଣଭରି ସାହାଯ୍ୟ କରୁଥିଲେ। ତାଙ୍କର ଅବର୍ତ୍ତମାନରେ ବିଶ୍ୱନାଥ କର 'ଉତ୍କଳ ସାହିତ୍ୟ' (୩୩/୧) ପୃଷ୍ଠାରେ ଶୋକ ପ୍ରକାଶ କରି କୁହନ୍ତି– "ଆଜି ଉତ୍କଳର ସୁପରିଚିତ ପ୍ରବୀଣ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ ବିୟୋଗ ବାର୍ତ୍ତା ଶୁଣି ଆମ୍ଭେମାନେ ପ୍ରାଣ ମଧ୍ୟରେ ଗୋଟାଏ ଗଭୀର ଶୂନ୍ୟତା ଅନୁଭବ କରୁଅଛୁଁ। ଚନ୍ଦ୍ରମୋହନଙ୍କ ପରି ସୁପଣ୍ଡିତ, ସୁକବି, ସୁନିପୁଣ ସମାଲୋଚକ, ସୁଗଭୀର ଚିନ୍ତାଶୀଳ ବ୍ୟକ୍ତି ସମଗ୍ର ଉତ୍କଳ ଖଣ୍ଡରେ ବିରଳ। ତାଙ୍କପରି ସୁଶିକ୍ଷକ ଓ ସୁଦକ୍ଷ ପରିଦର୍ଶନ କର୍ମଚାରୀ ମଧ୍ୟ ଅଳ୍ପ ଦେଖାଯାଇଛନ୍ତି। x x x ଯେଉଁ ୭ ଜଣଙ୍କୁ ଘେନି 'ଉତ୍କଳ ସାହିତ୍ୟ' ପତ୍ରିକାର ସୂତ୍ରପାତ ହୋଇଥିଲା, ତନ୍ମଧ୍ୟରେ ଚନ୍ଦ୍ରମୋହନ ଥିଲେ ଅନ୍ୟତମ।"

ଚନ୍ଦ୍ରମୋହନଙ୍କ କାବ୍ୟପ୍ରାଣତାର ଅଭିନବ ସ୍ୱାକ୍ଷର 'ନବୋଦ୍ୟମ'। ଆଧୁନିକ ଓଡ଼ିଆ ସାହିତ୍ୟରେ ଏକ ସାବଲୀଳ ଛନ୍ଦୋବଦ୍ଧ ପ୍ରାରମ୍ଭିକ କବିତା ପୁସ୍ତକ ଭାବରେ ଏହା ପ୍ରଶଂସାର୍ହ।

ମୋ: ୯୪୩୭୨୫୬୧୭୬

## କବିତା

### ଅଧାଗଢ଼ା ଦିଅଁଙ୍କ ଚିତ୍ର

ସୁଶାନ୍ତ କୁମାର ନାୟକ

ଦିନସାରା ଶୁଭୁଛି
ପବନର ପାଟିତୁଣ୍ଡ
ମଝିରେ ମଝିରେ
ନଈ ପହଁରୁଚି
ଛାଇର ଢେଉ।

ଖରାର ମାଲିକାନାରେ
ମାଟି କଣ୍ଢେଇ ଆଖିରୁ
ନିଗୁଡୁଚି ବୁନ୍ଦାବୁନ୍ଦା ଜ୍ୱଳନ୍ତ ଲୁହ
ହାତ ବଢ଼ାଇଲେ
ଘୁଞ୍ଚିଘୁଞ୍ଚି ଯାଉଚି
ନିରିମାଖି ସମୁଦ୍ର
ଜୀବନର ଜାତକରେ
ଖୋଜା ଚାଲିଚି
ମୃତ୍ୟୁର ଜନ୍ମ ରହସ୍ୟ।

ସାମ୍ନା ନଳକୂଅରୁ ପାଣି କାଢ଼ି
ଅନ୍ତର୍ଘାତୀ ରାତି ପିଇଯାଉଚି
ପୋଷପୋଷ ସ୍ୱପ୍ନ
ଇଉକାଲିପଟାସ ଗଛ ଦେହରେ
ଦେହ ଘଷି
ସାରା ରାତି ଅନିଦ୍ରା ରହିଛି
ଦିବଂଗତ ପବନ
ମୁଁ ଯୁଆଡ଼େ ଗଲେ ବି
ପିଛା ଛାଡୁନି ଧୂଳିର ପାହାଡ଼।

ଏବେ ନିଜ ଅସ୍ତିତ୍ୱକୁ ନେଇ
ମୋ' ସହ ଝଗଡ଼ା କରୁଚି
ମମତାର ଲୁହ।
ସମୟର ସରହଦ ଡେଇଁ
ଝରଣାର କୁଳୁକୁଳୁରେ
ବହି ଯାଉଛି
ଦୁଃଖର ସ୍ୱର।

ପୃଥିବୀ ହଜିଯିବାର ଦୃଶ୍ୟ ଭିତରେ
ପଛକୁ ଫେରୁଚି ସମୟ
ଉପରକୁ ଉଠୁଚି ସମୁଦ୍ର
ମୃତ୍ୟୁର କାନ୍‌ଭାସ୍‌ରେ ଅଂକା ହେଉଚି
ମାଟିକାମୁଡ଼ି ପଡ଼ି ରହିଥିବା
ଅଧାଗଢ଼ା ଦିଅଁଙ୍କ ଚିତ୍ର।

ମୋ: ୯୪୩୭୧୧୮୮୨୨

### ଲାଗୁଛି ଅଛି ଅଛି !

ରାଜେଶ ପୂଜାରୀ

ହଜେଇ ଦେଇଛି ଯେପରି
ଆପଣାର କିଛି
ଅଧାଅଧି ସାରିଲିଣି ହଜି
ଖୋଜୁ ଖୋଜୁ କ'ଣ ଯେ ହଜିଛି..

ଭରସି ହେଉନାହିଁ
କାମଦୂତ ସ୍ୱନ ଭାସିବା କାରଣ
ଅବସନ୍ତେ ନୀରବ ବେଳାରେ
ଆକସ୍ମିକ ଗଜୁରିଥିବା ବିଷାଦ ଘା'ରେ
ଆନନ୍ଦ ଲେପନ
ଜୁଆରିଆ ନଈ ଆରପାରେ।

ଦୈବାତ୍ ସଂଯୋଗରେ
ଅପହଞ୍ଚ ହୋଇ
ଯେବେ ଆଖି ଚିଠି ଫେରେ
ପ୍ରେରକ ପାଖକୁ
ସିଏ କି' ପ୍ରବୋଧି ପାରେ ନିଜକୁ
ତ୍ରୁଟି ରହିଗଲା ଭାବି ସଞ୍ଚାର ମାର୍ଗରେ !

ଏହି କି' ସେ ବତୁରା ସକାଳର
ଧବଳ ଆକାଶ ଆଉ
ପଦ୍ମ ପାଖୁଡ଼ାରେ ଫୁଟିଥିବା
କଳାଜହ୍ନର ପ୍ରଭାବି ଉଲ୍ଲାସ,

ସତେ କି' ମହୁଆବତୀର ଗୁଣି
ଥାପିଥିଲା ପାଦ ଥରେ
ମୋ' ପୃଥିବୀରେ
ଗୁମାନ ନ ତେଜି ରୋଷ–
କଲା ଯେ ବରଷାରାଣୀ ??

ଅହରହ ଭାବନାର ମହନୀକୁଞ୍ଜରେ
ନୂପୁର ନାଚୁଛି, ବଇଁଶୀ ଶୁଭୁଛି
ଜାଣିନାହିଁ, ଥିଲା କି' ନଥିଲା ପୂର୍ବରୁ
ମୋ' ପାଖରେ ମନ ପରି କିଛି
ଏଇ ଏଇ ଲାଗୁଛି ଅଛି ଅଛି !

ମୋ: ୯୭୭୭୨୮୦୫୯୪

ଗଳ୍ପ

# ରୁଟି

ଜିତେନ୍ଦ୍ର କୁମାର ନାୟକ

ମୁଁ ପଚାରିଲି– ରାତିରେ ତୁମେ କ'ଣ ଭାତ ଖାଅ ନାହିଁ? ବାବୁ, ଦୁଇ ବକ୍ତ କ'ଣ ଆମେ ଭାତ ଖାଇପାରିବୁ! ବେଶି ଦର। ରୁଟି କମ୍ ପଇସା।

ମୋତେ ସେତେବେଳେ ବୋଧେ ମୋତେର କି ଚଉଦ ବର୍ଷ। ପାଖ ଗାଁରୁ ଲୋକମାନେ ଆସି ଆମ ବିଲରେ ବଛାବଛି କାମ କରୁଥାଆନ୍ତି। ଦୁଇ ଓଉତା କାମ ହେଉଥାଏ। ଆଠଟାରୁ ସାଢ଼େ ବାରଟା ଓ ଖାଇସାରି ତିନିଟାରୁ ସାଢ଼େ ପାଞ୍ଚଟା ଯାଏ ସେମାନେ କାମ କରନ୍ତି। ବିଲରେ କେମିତି କାମ ହେଉଛି ଦେଖିବାକୁ ଗଲାବେଳେ ଜଣଙ୍କ ସହ କଥା ହେଲି। ସେ ନିଜର ଦୁଃଖ ବଖାଣୁଥାଆନ୍ତି। ଶେଷକୁ କହିଲେ, କାମ ସାରି ଦୋକାନରୁ ଅଟା ନେଇ ଗଲେ ପିଲାମାନେ ଖାଇବେ।

ମୁଁ ପଚାରିଲି– ରାତିରେ ତୁମେ କ'ଣ ଭାତ ଖାଅ ନାହିଁ? ବାବୁ, ଦୁଇ ବକ୍ତ କ'ଣ ଆମେ ଭାତ ଖାଇପାରିବୁ! ବେଶି ଦର। ରୁଟି କମ୍ ପଇସା। ସେହି ଲୋକ ଜଣକ ଯେଉଁଠୁ ଆସିଥିଲେ, ସେହି ଗାଁ ପାଖ ହାଇସ୍କୁଲରେ ବାପା ଶିକ୍ଷକ ଥିବାରୁ ସେଠାକାର ବୟସ୍କ ଲୋକେ ବାପାଙ୍କୁ 'ମାଷ୍ଟ୍ରେ' ବୋଲି ସମ୍ବୋଧନ କରିଥାଆନ୍ତି। ସନ୍ଧ୍ୟା ହେଲେ ବାପାଙ୍କ ପାଖରେ ପଢ଼ିବାକୁ ପଡୁଥିଲା। ସେଦିନ ପାଖାପାଖି ନ'ଟା ବେଳେ ବାପାଙ୍କ ପାଠଶାଳା ସରିଗଲା ଓ ସମସ୍ତେ ଖାଇବସିଲୁ। ଏତିକିବେଳେ ମନେପଡ଼ିଲା ଆମ କାମକୁ ଆସିଥିବା ଲୋକଟି କଥା।

ବୋଉକୁ ପଚାରିଲି– ସେ ଲୋକମାନେ ରାତିରେ କାହିଁକି ରୁଟି ଖାଉଛନ୍ତି, ଆମେ ଭାତ!

ବୋଉ କହିଲା– ଗରିବ ଲୋକ ତ! ଏଥିସହିତ ଯୋଡ଼ିଲା ବଡ଼ଭାଇଙ୍କ କଥା। ବାପାଙ୍କର ମୁଁ ବଡ଼ ପୁଅ, କିନ୍ତୁ ମୋ' ବଡ଼ବାପାଙ୍କ ବଡ଼ପୁଅକୁ ଆମେ ବଡ଼ଭାଇ ଡାକୁ। ସେ ବ୍ୟାଙ୍କ୍‌ରେ ଚାକିରି କରୁଥିଲେ। ମୋ' ବାପା ଓ ବୋଉ ବଡ଼ଭାଇଙ୍କୁ ବାବନ ଡାକନ୍ତି। ବୋଉ କହିଲା, ଶୁଣ୍...

ଏମିତି ଅନେକ ମହାଭାରତ ଓ ରାମାୟଣ, ବାଘ, ଭୂତ ଗପ ବୋଉ ଆମକୁ ଶୁଣାଇଥାଏ। ଯେତେବେଳେ ଶୁଣ୍ କହେ, ଆମେ ଫେରିଯାଉ ଭିନ୍ନ ଏକ ରାଇଜକୁ। କିନ୍ତୁ ଏଥର ଖାଇବାବେଳେ ସେ ଆମ ସମୟର ଗପ କହିବସିଲା ଭଳି ଭାଇଙ୍କୁ ସେଥିରେ ଚରିତ୍ର କରିଦେଲା। ଅନ୍ୟ ଚରିତ୍ରରେ ରହିଲେ ଆମ ବୁଢ଼ୀମା' ଓ ସାଆନ୍ତ (ବାପାଙ୍କ ବୋଉ ଓ ବାପା)।

ଆମ ସହ ବାପା ମଧ୍ୟ ଖାଉଥାଆନ୍ତି ଓ ସବୁ ଶୁଣୁଥାଆନ୍ତି। ବୋଉ କହିଲା– ଥରେ ବାବନ ଆରପଟ ସାହିକୁ ବାପା (ଯାହାଙ୍କୁ ବାପା କହୁଥିଲା ସେ ଥିଲେ ବୋଉର ଶ୍ୱଶୁର)ଙ୍କ ସହ ସନ୍ଧ୍ୟା ବେଳେ ମୂଲିଆ ଠିକ୍ କରିବାକୁ ଯାଇଥିଲା। ସେ ଯାଇ ସେହି ଲୋକର ଘର ଭିତର ଭାଆର (ଚାଳ ଘର ମଝିରେ ଆଲୋକ ଓ ପବନ ଯିବାଆସିବା ପାଇଁ ଫାଙ୍କା ରଖାଯାଇଥିବା ଖୋଲା ସ୍ଥାନ) ତଳକୁ ଅନାଇଲା। ଦେଖିଲା ସେହି ଲୋକର ସ୍ତ୍ରୀ ଗୋଟେ କୁଲା ଉପରେ ପିଠା ଭଳି ଦିଶୁଥିବା ଗୋଲ୍‌ଗୋଲ୍ ପଦାର୍ଥକୁ ରଖି ନିଆଁରେ ସେକୁଥିଲା। ସେଠୁ ଫେରିଆସି ବାବନ ବୋଉ (ବୁଢ଼ୀମାକୁ ମୋ' ବୋଉ ତା'ର ଶାଶୁ ଭାବେ ସେଭଳି ଡାକେ)ଙ୍କ ପାଖକୁ ଯାଇ ସେହି ଜିନିଷ ବିଷୟରେ ପଚାରନ୍ତେ, ସେ ତାକୁ ରୁଟି ବୋଲି କହିଲେ।

ଭାଇ କହିଲେ– ବୁଢ଼ୀମା', ଆମର ସେମିତି କରୁନ। ରାତିରେ ଖାଇବୁ। ପୁରି ଭଳି ବଡ଼ ହେଇ ଫୁଲୁଥିଲା।

ବୁଢ଼ୀମା' ସଙ୍ଗେ ସଙ୍ଗେ ତାଗିଦ୍ କରି କହିଲେ– ଆସ୍ତେ କହ, ସାଆନ୍ତ ଓ ତୋ' ବାପା, ଦାଦା ଶୁଣିଲେ ପାଟିକରିବେ। ଗୋଟେ ଜିନିଷ ଖାଇବାରେ ଅସୁବିଧା କ'ଣ, ଭାଇ ପଚାରିଥିଲେ। ବୁଢ଼ୀମା' କହିଲା, ସେଇଟା ଗରିବ ଲୋକଙ୍କ ଖାଦ୍ୟ। ସେମାନଙ୍କର ଦୁଇ ବକ୍ତକୁ ଖୋରାକ ନ ଥାଏ। ରାତିରେ ରୁଟି ଖାଆନ୍ତି, କମ୍ ଦାମ୍। ମୋ' ବୋଉର ଏଭଳି ବର୍ଣ୍ଣନା ଭିତରେ ଆମ ଖାଇବା ସରିଯାଇଥାଏ, ଅବଶ୍ୟ ବୁଢ଼ୀମା'ର ଆଶ୍ଚର୍ଯ୍ୟଜନକ ଉତ୍ତର କଥା ବୋଉ କହୁଥିବାବେଳେ ଥାଳିରେ ଭାତକୁ ମୁଠେଇ ରଖିଥାଉ। ବୋଉ କହିସାରିବା ପରେ ବାପା ହସିକି ତା' କଥାକୁ ସମର୍ଥନ କରିଥିଲେ।

କଲେଜ ପଢ଼ାଠାରୁ ଦୀର୍ଘ ତିରିଶ ବର୍ଷ ସହରରେ କଟାଇବା ପରେ ଆମେ ସମସ୍ତେ ଏବେ ରାତିରେ ରୁଟି ଖାଉଛୁ। ଅର୍ଥ ଅଭାବଜନିତ ଖାଦ୍ୟ ଭାବେ ନୁହେଁ, ଶରୀରକୁ ହାଲୁକା ରଖିବା ଲାଗି ସମସ୍ତେ ପ୍ରୟାସରତ। ଅତ୍ୟାଧୁନିକ ଭାଷାରେ ଜିରୋ ଫିଗର ହେଉ ବା ସିକ୍ସ ପ୍ୟାକ୍



କିମ୍ବା ଓଜନ କମାଇବା, ଡାଇବେଟିସ୍ ବା ମଧୁମେହ ପୀଡ଼ିତ ବ୍ୟକ୍ତି ସମସ୍ତେ ରୁଟି ପଛରେ ବାୟା।

ଅବଶ୍ୟ ରୁଟି ଖାଉଥିବା ବ୍ୟକ୍ତି ଯେ ମଧୁମେହର ଶିକାର ହେବେ ନାହିଁ, ତାହାର କୌଣସି ନିଶ୍ଚିତତା ନାହିଁ ବୋଲି ଜଣେ ଡାକ୍ତର କହୁଥିବାର ମୁଁ ଶୁଣିଥିଲି। ସେ କହିଲେ, ରୁଟି ଯଦି ଏହି ରୋଗକୁ କମାଇ ଦିଅନ୍ତା, ତେବେ ପଞ୍ଜାବରେ କାହାରିକୁ ଡାଇବେଟିସ୍ ହୁଅନ୍ତା ନାହିଁ। ସତକଥା ତ, ମୁଁ କ'ଣ, ସମସ୍ତେ ଭାବୁଥିବେ।

ଏଇଠି ମନେପଡ଼େ ଭାଇଙ୍କ ତଳ ଶ୍ରେଣୀରେ ପଢୁଥିବା ଗାଁର ଆଉ ଜଣେ ବଡ଼ବାପାଙ୍କ ପୁଅ ମାଧଭାଇଙ୍କ କଥା। ସେତେବେଳେ ଭୁବନେଶ୍ୱରରେ ରହି ସେ ଲ' ପଢୁଥିଲେ, ଗାଁକୁ ଗଲେ ମୋଟାମୋଟା ବହି ଧରି ଯାଆନ୍ତି। ଆଇନ ପାଠରେ ଅନେକ ମନେରଖିବାକୁ ପଡ଼େ ବୋଲି କହନ୍ତି। ଦିନକରେ ସେ ତିନି ବକ୍ତ ରୁଟି ଖାଉଥିଲେ। ବଡ଼ବୋଉକୁ ଥରେ ପଚାରିଲି– ମାଧଭାଇ କାହିଁକି ଭାତ ଖାଉନାହାନ୍ତି। ଉତ୍ତର ମିଳିଥିଲା– ସେ ବେଶି ସମୟ ପଢ଼ିବା ପାଇଁ ରୁଟି ଖାଉଛି। ବର୍ତ୍ତମାନ ମୁଁ ବୁଝୁଛି ଦେହ ହାଲୁକା ରହିବା ପାଇଁ ରୁଟି ଉତ୍ତମ।

ଏବେ ଯେତେବେଳେ ବଡ଼ଭାଇ ଓ ଆମେ ସମସ୍ତେ ଘରେ ରୁଟି ଖାଉଛୁ ଏବଂ ରାତିରେ କିଏ କେତେ କମ୍ ରୁଟି ଖାଇପାରିବ ବୋଲି ପ୍ରତିଦ୍ୱନ୍ଦ୍ୱିତା କରୁଛୁ, ସେତେବେଳେ ବୁଢ଼ୀମା'ର ଭାଇଙ୍କୁ ତାଗିଦ୍ କରିବା କଥା ମନେପଡ଼ିଯାଏ। ଆମ ଘରର ଅଙ୍ଗେନିଭା କଥା ମୁଁ ଯେତେବେଳେ ମୋ' ଝିଅକୁ କହିଲି, ସେ କହିଲା, ବାବା– ତୁମେ କାହାଣୀର ଗନ୍ତାଘର। ଏତେ କାହାଣୀ ଜାଣିଛ, କାହିଁକି କହୁନ।

ସେ ଇଂଲିଶ୍ ଷ୍ଟୋରି ସହ ଅଧିକ ଅଭ୍ୟସ୍ତ। ପିଲାଟେ ହେଲେ ମଧ୍ୟ କହେ– ତୁମ ବୁଢ଼ୀମା'ଙ୍କ ଥଟ୍ ପୁରୁଣା। ବାବା, ସମୟ ବଦଳୁଛି। କରୋନା ସମୟରେ ଗୋଟେ ଶବ୍ଦକୁ ବାରମ୍ବାର ମିଡିଆରେ ପ୍ରଚାର କରାଯାଉଛି– ନ୍ୟୁ ନର୍ମାଲ। ଏବେ ନୂଆ ପରିବେଶ ଓ ସମୟରେ ସ୍ୱାଭାବିକତାରେ ବଞ୍ଚିବାକୁ ହେବ ବୋଲି କହିବା ତା' ଇଂଲିଶ୍ ଶବ୍ଦର ମାନେ।

ଝିଅ ଡୁଗୁଲକୁ କହିଲି– ଥ୍ୟାଙ୍କ୍ ୟୁ। ତୁ' ବହୁ ଉପରକୁ ଚିନ୍ତା କରୁଛୁ। ସେଦିନ ବାପଝିଅ ମାର୍କେଟ ଯାଇଥିଲୁ। ମିକ୍ସଚର ବିସ୍କୁଟ୍ ଦୋକାନକୁ ଯାଇ ଜିନିଷ କିଣିଲାବେଳେ ଝିଅ କହିଲା, ବାବା ଅଟାରେ ପ୍ରସ୍ତୁତ ବିସ୍କୁଟ୍ ନିଅ। ଦେହ ପାଇଁ ଭଲ ବୋଲି କହୁଥିଲ। ଝିଅ ରାଗିଗଲେ ଏମିତି କହେ। କାରଣ ତେଲଭାଜି ଜିନିଷ ବା ନୁଡୁଲ୍ସ ହେଉ କିମ୍ବା ଚିପ୍ସ ପାଇଁ ଅଡ଼ି ବସିଲେ ମୁଁ ତାକୁ ବେଶି ତେଲ ନ ଥିବା ଜିନିଷ କଥା ବୁଝାଇଥାଏ। ଅବଶ୍ୟ ସେ ବୋର୍ ହୋଇ କହେ– ଚାଲ, ମୋର କିଛି ନବାର ନାହିଁ।

ତଥାପି ସେଥିରୁ ଗୋଟେ ଦି'ଟା ଆଣିବାକୁ ବାଧ ହୁଏ। ମୋତେ ଚିଡ଼ାଇବା ପାଇଁ କହେ– ଆଜିଆଉ ଦି' ଚାରି ପ୍ୟାକେଟ୍ ଅଟା ତିଆରି ବିସ୍କୁଟ୍ ନେଇଯାଉନ! ତୁମ ଅଫିସ୍‌ରେ କୋଉ ଅଙ୍କଲ କହୁଥିଲେ ପରା– ମଇଦା ଦେହ ପାଇଁ ଭଲ ନୁହେଁ। ପୁଣି କହେ– ବାବା, ତୁମ ବୁଢ଼ୀମା' ଥିଲେ ଏ ବିସ୍କୁଟ୍ ଖାଇ ନ ଥା'ନ୍ତେ। କାହିଁକି ନା ଏହା ଗରିବ ଲୋକ ଖାଇବା କଥା। କିନ୍ତୁ ଦେଖ, ଏହାର ଦାମ୍ ମଇଦା ତିଆରି ବିସ୍କୁଟ୍‌ଠାରୁ କେତେ ଅଧିକ। ମୋ' ପାଖରେ ଉତ୍ତର ନ ଥାଏ। କହେ– ଶୁଣ୍, ତୋ' ଜେଜେଙ୍କ ମା' ସେ। ସେମିତି କୁହନ୍ତିନି। ସେ ଯଦି ସେତେବେଳେ ସେମିତି କହି ନ ଥାନ୍ତା, ଆଉ ଏ ସତ କଥା କ'ଣ କାହାଣୀ ହୋଇପାରିଥାଆନ୍ତା? ସବୁ ଯୁଗରେ ଜେଜେମା', ବୁଢ଼ୀମା'ମାନେ ଗୋଟେ ଗୋଟେ କାହାଣୀ ଛାଡ଼ିଯାଇଥାଆନ୍ତି।

ଡୁଗୁଲ କହିଲା, ଆଉ ଗୋଟେ ସେମିତି କେଉଁ ବୁଢ଼ୀମା' ଗପ କହିବ। ଭଲ ଲାଗୁଛି। ଏଥର କିନ୍ତୁ ମୁଁ କହିଲି, ସୁଧାମୂର୍ତ୍ତିଙ୍କ 'ଗ୍ରାଣ୍ଡମା ବ୍ୟାଗ୍ ଅଫ୍ ଷ୍ଟୋରିଜ୍'ରୁ ତୁ କିଛି କହ।

ବାବା, ଆଜି ରାତିରେ ଖାଇସାରିବା ପରେ ଭଲ ଷ୍ଟୋରିଟେ ଶୁଣେଇବି।

ମୋ: ୭୯୭୮୬୫୯୨୮୫



ଫ୍ରେଞ୍ଚ ଓପନ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ରିଟର୍ନ ଶଟ୍ ଖେଳୁଛନ୍ତି ଚେକ୍ ରିପବ୍ଲିକ୍‌ର ପେଟ୍ରା କ୍ୱିଟୋଭା।

# ସେମିରେ କ୍ୱିଟୋଭା, କେନିନ୍

**ଫ୍ରେଞ୍ଚ୍ ଓପନ୍ ଟେନିସ୍**

ପ୍ୟାରିସ୍,୭।୧୦(ଏପି)

ଦୁଇଥର ୱିମ୍ବେଲଡନ ଟାଇଟଲ ହାସଲ କରିଥିବା ଚେକ୍ ଗଣରାଜ୍ୟର ଅଭିଜ୍ଞ ଖେଳାଳି ପେଟ୍ରା କ୍ୱିଟୋଭା ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସପ୍ତମ ସିଡ୍ ମାନ୍ୟତା ପାଇଥିବା କ୍ୱିଟୋଭା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଜର୍ମାନୀ ଲାଉରା ସିଗେମଣ୍ଡଙ୍କୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ହରାଇ ସେମିକୁ ଉଠିଛନ୍ତି। କ୍ୱିଟୋଭା ଏଥିସହିତ ଦ୍ୱିତୀୟଥର ପାଇଁ ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସପ୍ତମ ସିଡ କ୍ୱିଟୋଭା ସେମିରେ ଅଷ୍ଟ୍ରେଲିଆ ଓପନ୍ ଚାମ୍ପିୟନ ଆମେରିକାର ସେଫିଆ କେନିନଙ୍କୁ ଭେଟିବେ। ଚତୁର୍ଥ ସିଡ୍ କେନିନ୍ ବୁଧବାର ଅନ୍ୟଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ନିଜ ଦେଶର ଡାନିଏଲେ କଲିନ୍ସଙ୍କୁ ୬-୪, ୪-୬, ୬-୦ ସେଟ୍‌ରେ ପରାସ୍ତ କରି ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ସେମିରେ ପ୍ରବେଶ କରିଛନ୍ତି।

ଅନ୍ୟପଟେ ଅନ୍ୟଏକ ସେମିଫାଇନାଲରେ ଆର୍ଜେଣ୍ଟିନାର ନାଡିଆ ପୋଡୋରୋସ୍କା ଓ ପୋଲାଣ୍ଡର ଇଗା ସ୍ୱିଟେକ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ପୋଡୋରୋସ୍କା ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ସେମିଫାଇନାଲକୁ ଉଠିଥିଲେ। ସେହିପରି ସ୍ୱିଟେକ କ୍ୱାର୍ଟର ଫାଇନାଲରେ ଇଟାଲୀର ମାର୍ଟିନା ଟ୍ରେଭିସିଆନଙ୍କୁ ୬-୩, ୬-୧ ସେଟ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ତୃତୀୟ ଜନ୍ମଦିନର ଶୁଭେଚ୍ଛା



ଦିକ୍ଷିତା କାନୁନ୍‌ଗୋ (ରିଧି)
ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ସଦା ମଥା ପରେ ଝରୁଥାଉ। ତାରିଣୀ ମାତାଙ୍କ କୃପାରୁ 'ରିଧି'ର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଜେଜେ, ମା, ବାପା, ମାମା, ଅପା, ଦାଦା, ବନ୍ଧୁ ଓ ପରିବାରବର୍ଗ
ଧ-୬୫୯୦୭

# ଡିଡିସିଏ ଅଧ୍ୟକ୍ଷ ପଦ ଲାଗି ରୋହନ ଜେଟ୍‌ଲୀଙ୍କ ନାମାଙ୍କନ

ନୂଆଦିଲ୍ଲୀ,୭।୧୦ (ପି.ଟି.)

ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ପୁଅ ରୋହନ ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)ର ପରବର୍ତ୍ତୀ ଅଧ୍ୟକ୍ଷ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଏଥିପାଇଁ ସେ ନୋମିନେଶନ ଫାଇଲ କରିଛନ୍ତି। ଡିଡିସିଏକୁ ବିବାଦ ଓ ଦୁର୍ନୀତି ମୁକ୍ତ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ପୂର୍ବତନ ଭାରତୀୟ କ୍ରିକେଟର ତଥା ଏମ୍‌ପି ଗୌତମ ଗମ୍ଭୀରଙ୍କ ମାମୁ ପବନ ଗୁଲାଟି ଖାଲି ପଡିଥିବା କୋଷାଧ୍ୟକ୍ଷ ପଦ ପାଇଁ ନୋମିନେଶନ ଫାଇଲ କରିଛନ୍ତି। ନାମାଙ୍କନ ଦାଖଲର ଶେଷ ତାରିଖରେ ରୋହନ ପିତାଙ୍କ ପଦାନୁସରଣ କରି କାଗଜପତ୍ର ଦାଖଲ କରିଛନ୍ତି। ପିତା ଅରୁଣ ଜେଟଲୀ ଗତବର୍ଷ ପରଲୋକ ଗମନ କରିଥିଲେ। ଆସୋସିଏଶନର ସବୁ ଗୋଷ୍ଠୀ ଅରୁଣଙ୍କୁ ସମର୍ଥନ କରୁଥିଲେ। ଡିଡିସିଏର ଉନ୍ନତି ଲାଗି କାର୍ଯ୍ୟ କରିବି ବୋଲି ୩୧ ବର୍ଷୀୟ ରୋହନ କହିଛନ୍ତି। ଜଣେ ଯୁବ ଆଇନଜୀବୀ ଭାବେ ଜଣାଶୁଣା ଥିବା ରୋହନଙ୍କୁ ସବୁ ଗୋଷ୍ଠୀ ସର୍ବସମ୍ମତିକ୍ରମେ ସମର୍ଥନ କରୁଛନ୍ତି। ଅଧ୍ୟକ୍ଷ ପଦ ପାଇଁ ଅନ୍ୟତମ ପ୍ରାର୍ଥୀ ସୁନୀଲ ଗୋଏଲ ତାଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ରୋହନଙ୍କୁ ସବୁ ସଦସ୍ୟ ସମର୍ଥନ କରୁଛନ୍ତି ବୋଲି ଡିଡିସିଏ ଯୁଗ୍ମ ସମ୍ପାଦକ ରାଜନ ମନ୍‌ଚନ୍ଦା କହିଛନ୍ତି।

# ଜର୍ମାନ ଫୁଟ୍‌ବଲ ଫେଡେରେଶନ ଉପରେ ଚଢ଼ାଉ

**ଟ୍ୟାକ୍ସ ଫାଙ୍କିବା ଅଭିଯୋଗ**

**ଫ୍ରାଙ୍କଫର୍ଟ,୭।୧୦(ଏପି):** ଟ୍ୟାକ୍ସ ଫାଙ୍କିବା ଅଭିଯୋଗରେ ଜର୍ମାନ ଫୁଟବଲ ଫେଡେରେଶନ ଓ ତା'ର କେତେଜଣ କର୍ମକର୍ତ୍ତାଙ୍କ ଘର ଉପରେ ଆୟକର ବିଭାଗ ଚଢ଼ାଉ କରିଛି। ଚଢ଼ାଉର ଏହି ପ୍ରକ୍ରିୟାରେ ୨୦୦ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ ବୋଲି ଫ୍ରାଙ୍କଫର୍ଟର ପବ୍ଲିକ ପ୍ରସେକ୍ୟୁଟର କହିଛନ୍ତି। ଜର୍ମାନୀର ବାଭାରିଆ, ନର୍ଥ ରାଇନ୍- ୱେଷ୍ଟଫାଲିଆ, ହେସେ, ଲୋୟର ସାକ୍ସୋନି ଓ ରିନ୍‌ଲାଣ୍ଡ- ପାଲଟିନେଟ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ କରାଯାଇଛି।

ଫେଡେରେଶନର ୬ଜଣ ପୂର୍ବତନ ଓ ଏବେକାର ଅଫିସିଆଲଙ୍କ ବିରୋଧରେ କର୍ପୋରେଟ୍ ଓ ଟ୍ରେଡ୍ ଟ୍ୟାକ୍ସ ଫାଙ୍କିଥିବାର ଅଭିଯୋଗ ଆସିଛି। ଏହି ଅଧିକାରୀମାନେ ଜାଣଶୁଣି ଅର୍ଥ ଉପାର୍ଜନ ନେଇ ଭୁଲ୍ ତଥ୍ୟ ପ୍ରଦାନ କରିଥିଲେ। ୨୦୧୪ରୁ ୨୦୧୫ ମଧ୍ୟରେ ଜର୍ମାନୀ ସବୁ ଘରୋଇ ମ୍ୟାଚ୍‌ର ବିଜ୍ଞାପନ ସମ୍ପର୍କିତ ଆୟ ନେଇ ମିଛି ତଥ୍ୟ ପ୍ରଦାନ କରାଯିବାର ଅଭିଯୋଗ ଆସିଥିଲା। ଏହି ସମୟ ଅବଧିରେ ଜର୍ମାନ ଫେଡେରେଶନ ୪.୭ ମିଲିୟନ ୟୁରୋ ବା ୫.୫ ମିଲିୟନ ଆମେରିକୀୟ ଡଲାରର ଟ୍ୟାକ୍ସ ଫାଙ୍କିଥିବାର ସନ୍ଦେହ କରାଯାଉଛି। ଏହି ମାମଲାରେ କୌଣସି ବ୍ୟକ୍ତିଙ୍କ ନାମକୁ ସାର୍ବଜନୀନ କରାଯାଇନାହିଁ। ଏହି ସମୟରେ ଉଲ୍ଫଗ୍ୟାଙ୍ଗ୍ ନିଏର୍ସବାକ ଫେଡେରେଶନର ଅଧ୍ୟକ୍ଷ ଥିଲେ। ଅବଶ୍ୟ ୨୦୦୬ ବିଶ୍ୱକପ୍ ବିଡିଂ ପ୍ରକ୍ରିୟାରେ ତାଙ୍କର ଭୂମିକା ନେଇ ସେ ୨୦୧୫ରେ ପଦରୁ ଇସ୍ତଫା ଦେଇଥିଲେ। ଟ୍ୟାକ୍ସ ଫାଙ୍କିବା ନେଇ ଅଧିକାରୀମାନେ ଭଲଭାବେ ଅବଗତ ଥିଲେ ବୋଲି ପୂର୍ବରୁ କରାଯାଇଥିବା ତଦନ୍ତରୁ ଜଣାପଡିଥିଲା।

# ନାଡାଲ-ସ୍ୱାର୍ଜମ୍ୟାନ ସେମିଫାଇନାଲ

ପ୍ୟାରିସ୍,୭।୧୦(ଏପି)



ରାଫାଲ ନାଡାଲ

କ୍ଲେ କୋର୍ଟର ରାଜା କୁହାଯାଉଥିବା ସ୍ପେନ ଅଭିଜ୍ଞ ଟେନିସ ଖେଳାଳି ରାଫାଲ ନାଡାଲ ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ମଧ୍ୟରାତ୍ରି ପରେ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୧୨ଥର ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଥିବା ନାଡାଲ ଇଟାଲୀର ୧୯ ବର୍ଷୀୟ ଖେଳାଳି ଜାନିକ ସିନରଙ୍କୁ ୭-୬, ୬-୪, ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ୭୫ମ ର୍ୟାଙ୍କର ସିନର ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ ଖେଳିଥିଲେ। ଏଥିସହିତ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ନାଡାଲ ରେକର୍ଡ ୧୩ଥର ପାଇଁ ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍ ରାତି ୧.୩୦ରେ ଶେଷ ହୋଇଥିଲା। ପ୍ୟାରିସ୍‌ର ପାଗ ଏବେ ବେଶ୍ ଥଣ୍ଡା ରହିଛି। ଫଳରେ ସମସ୍ୟା ସୃଷ୍ଟି ହୋଇଛି ବୋଲି ନାଡାଲ କହିଛନ୍ତି। ଏଥର ସଫଳ ହେଲେ ନାଡାଲ କ୍ୟାରିୟରର ୧୩ତମ ଫ୍ରେଞ୍ଚ୍ ଓପନ ଓ ୨୦ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ସହିତ ରୋଜର ଫେଡରରଙ୍କ ସମକକ୍ଷ ହେବେ। ଫ୍ରେଞ୍ଚ୍ ଓପନ୍‌ରେ ନାଡାଲ ୯୮ଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ବେଳେ ମାତ୍ର ୨ଟି ରେ ପରାସ୍ତ ହୋଇଛନ୍ତି। ପୁଣି ସେମିଫାଇନାଲ ଓ ଫାଇନାଲ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନାଡାଲ ସବୁ ୨୪ଟି ମୁକାବିଲାରେ ବିଜୟୀ ହୋଇଥିବା ବେଳେ ଆଦୌ ପରାସ୍ତ ହୋଇନାହାନ୍ତି। ତେବେ ସିନରଙ୍କ ପ୍ରଦର୍ଶନକୁ ନାଡାଲ ପ୍ରଶଂସା କରିଛନ୍ତି। ସେ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ଓ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଛନ୍ତି।

ନାଡାଲ ସେମିଫାଇନାଲରେ ଆର୍ଜେଣ୍ଟିନାର ଦ୍ୱାଦଶ ସିଡ୍ ଖେଳାଳି ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ଭେଟିବେ। ସ୍ୱାର୍ଜମ୍ୟାନ ଅନ୍ୟଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରିଆର ତୃତୀୟ ସେଟ୍ ଖେଳାଳି ଡୋମିନିକ୍ ଥିମ୍‌ଙ୍କୁ ମରାଥନ ୭-୬, ୫-୭, ୬-୭, ୭-୬, ୬-୨ ସେଟ୍ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସ୍ୱାର୍ଜମ୍ୟାନ ତାଙ୍କ କ୍ୟାରିୟରର ପ୍ରଥମ ସେମିରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ତାଙ୍କ ୫ ଘଣ୍ଟା ସମୟ ଲାଗିଥିଲା। ପୂର୍ବରୁ କୌଣସି ଗ୍ରାଣ୍ଡସ୍ଲାମରେ ୨୮ ବର୍ଷୀୟ ସ୍ୱାର୍ଜମ୍ୟାନ କୌଣସ ଟପ୍-୫ ଖେଳାଳିଙ୍କୁ ପରାସ୍ତ କରି ନ ଥିଲେ। ପୂର୍ବରୁ ସେ ବିଭିନ୍ନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ୩ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ। ଜବରଦସ୍ତ ଫର୍ମରେ ଥିଲେ ମଧ୍ୟ ଥିମ୍ ବିଜୟୀ ହେବାକୁ ସକ୍ଷମ ହୋଇ ନ ଥିଲେ। ବିଜୟୀ ହୋଇପାରି ନ ଥିବାରୁ ସେ ନୈରାଶ୍ୟ ଜାହିର କରିଛନ୍ତି। ସେମିଫାଇନାଲରେ ଅଭିଜ୍ଞତା ଦୃଷ୍ଟିକୋଣରୁ ନାଡାଲ ଫେଭରାଇଟ୍ ବିବେଚିତ ହେଉଛନ୍ତି।

# ଆଇପିଏଲ୍‌ରୁ ଓହରିଲେ ଆମେରିକା ଦ୍ରୁତ ବୋଲର

**ଦୁବାଇ, ୭।୧୦ (ପି.ଟି.):** ପ୍ରଥମ ଆମେରିକୀୟ କ୍ରିକେଟରଭାବେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସାମିଲ ହୋଇଥିବା ଅଲୀ ଖାଁ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। କୋଲକାତା ନାଇଟ ରାଇଡର୍ସର ଏହି ଦ୍ରୁତ ବୋଲର ଆହତ ସମସ୍ୟା ଯୋଗୁ ଏପରି ନିଷ୍ପତ୍ତି ନେଇଛନ୍ତି। ଆହତ ସମସ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯାଇ ନ ଥିଲେ ହେଁ ସେ ଓହରିଯିବା ନେଇ ଆଇପିଏଲ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଟୁର୍ନାମେଣ୍ଟ ପୂର୍ବରୁ ଇଂଲଣ୍ଡ ସିମର ହ୍ୟାରି ଗୁର୍ନେ ଆହତ ହେବାରୁ ବଦଳ ଖେଳାଳିଭାବେ ଅଲୀଙ୍କୁ ନିଆଯାଇଥିଲା। କୌଣସି ମ୍ୟାଚ ଖେଳିବା ପୂର୍ବରୁ ଅଲୀ ଖାଁ ଦୁର୍ଭାଗ୍ୟବଶତଃ ଆହତ ହୋଇ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି ବୋଲି ଏକ ବିବୃତିରେ ପ୍ରକାଶ କରାଯାଇଛି। କାରିବିୟନ ପ୍ରିମିୟର ଲିଗ୍‌ରେ ୨୯ ବର୍ଷୀୟ ଅଲୀ ଟାଇଟଲ ବିଜୟୀ ତ୍ରିନବାଗୋ ନାଇଟ ରାଇଡର୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ୮ଟି ଉଇକେଟ ନେଇଥିଲେ।



ଅଲୀ ଖାଁ

# ଅଷ୍ଟ୍ରେଲିଆ ମହିଳା ଦଳର କ୍ରମାଗତ ୨୧ତମ ବିଜୟ

**ବ୍ରିସ୍‌ବେନ୍,୭।୧୦(ଏପି):** ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ବୁଧବାର ନ୍ୟୁଜିଲାଣ୍ଡକୁ ୨୩୨ ରନରେ ପରାସ୍ତ କରି ଏକ ବିରଳ ରେକର୍ଡର ସମକକ୍ଷ ହୋଇଛି। ଅଷ୍ଟ୍ରେଲିଆ ମହିଳା ଦଳ ଏଥିସହ ଦିନିକିଆ ଫର୍ମାଟରେ କ୍ରମାଗତ ୨୧ତମ ବିଜୟ ହାସଲ କରି ରିକି ପଣ୍ଟିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପୁରୁଷ ଦଳର ବିଶ୍ୱ ରେକର୍ଡର ସମକକ୍ଷ ହୋଇଛି। ୨୦୦୩ରେ ପଣ୍ଟିଂ ଦଳ ଏହି ବିରଳ ସଫଳତା ହାସଲ କରିଥିଲା।

ବୁଧବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଇଞ୍ଜୁରି କାରଣରୁ ଅଧିନାୟିକା ମେଗ୍ ଲାନିଂ ଓ ତାରକା ଅଲରାଉଣ୍ଡର ଏଲିସ୍ ପେରିଙ୍କ ଅନୁପସ୍ଥିତି ସତ୍ତ୍ୱେ ଅଷ୍ଟ୍ରେଲିଆ ବୃହତ୍ ବ୍ୟବଧାନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଏହି ମାଇଲଖୁଣ୍ଟ ସ୍ଥାପନ କରିଛି। ପ୍ରଥମେ ବ୍ୟାଟିଂକରି ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୩୨୫ ରନ ସଂଗ୍ରହ କରିଥିଲା। ଜବାବରେ ୨୭ ଓଭରରେ ୯୩ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା। ଅଷ୍ଟ୍ରେଲିଆ ମହିଳା ଦଳର ଏହି ବିଜୟଧାରା ୨୦୧୮ ମାର୍ଚ୍ଚରେ ଭାରତ ବିପକ୍ଷରୁ ଆରମ୍ଭ ହୋଇଥିଲା।

# ସ୍ମିଥ୍‌ଙ୍କୁ ୧୨ ଲକ୍ଷ ଜରିମାନା

ଆବୁଧାବି,୭।୧୦(ପି.ଟି.)

ମନ୍ଥର ବୋଲିଂ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଜରିମାନାର ସମ୍ମୁଖୀନ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍‌ରେ ରାଜସ୍ଥାନ ବେଶ୍ ମନ୍ଥର ବୋଲିଂ କରିଥିଲା। ଏଥିରେ ଗତଥରର ଚାମ୍ପିୟନଠାରୁ ରାଜସ୍ଥାନ ୫୭ ରନରେ ପରାସ୍ତ ହୋଇଥିଲା।

ଚଳିତ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ପ୍ରଥମଥର ପାଇଁ ଏହି ତ୍ରୁଟି କରିଥିବାରୁ ଆଇପିଏଲ୍ ଆଚରଣ ବିଧି ଅନୁସାରେ ୧୨ ଲକ୍ଷ ଟଙ୍କା ଜରିମାନାର ସମ୍ମୁଖୀନ ହୋଇଛି। ରାଜସ୍ଥାନ ମିନିମମ୍ ଓଭର ରେଟ୍ ନିୟମର ଉଲ୍ଲଂଘନ କରିଛି ବୋଲି ଆଇପିଏଲ୍ ତରଫରୁ କୁହାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୪ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଜବାବରେ ରାଜସ୍ଥାନ ମାତ୍ର ୧୩୬ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲି ମଧ୍ୟ ମନ୍ଥର ବୋଲିଂ କାରଣରୁ ୧୨ ଲକ୍ଷ ଟଙ୍କା ଜରିମାନର ସମ୍ମୁଖୀନ ହୋଇଥିଲେ।



ଷ୍ଟିଭ୍ ସ୍ମିଥ୍

# ବୋଲିଂ ବିଭାଗକୁ ନେଇ ଚିନ୍ତା

ଦୁବାଇ, ୭।୧୦

ଇଣ୍ଡିଆନପ୍ରିମିୟରଲିଗ୍(ଆଇପିଏଲ୍)ରେ ଗୁରୁବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଦୁଇଟି ଯାକ ଦଳ ଚଳିତ ଆଇପିଏଲରେ ପ୍ରଦର୍ଶନରେ ସ୍ଥିରତା ରକ୍ଷାକରିପାରି ନାହାନ୍ତି। ଉଭୟ ଦଳରେ ପାୱାର ହିଟର ବ୍ୟାଟ୍ସମ୍ୟାନ ଥିଲେ ହେଁ ବୋଲିଂ ବିଭାଗ ଫର୍ମପାଇଁ ସଂଘର୍ଷ କରୁଛନ୍ତି। ହାଇଦ୍ରାବାଦ ଦଳ ଖେଳିଥିବା ୫ ମ୍ୟାଚ ମଧ୍ୟରୁ ୨ଟିରେ ବିଜୟୀ ହୋଇଥିବାବେଳେ ୩ ମ୍ୟାଚ ହାରି ସାରିଛି। କ୍ରମାଗତ ୨ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଏହି ଦଳ ପରେ ଲଗାତର ୨ଟି ମ୍ୟାଚ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ୪ ତାରିଖରେ ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଦଳ ୩୪ ରନରେ ପୁଣି ପରାଜିତ ହୋଇଛି। ପଞ୍ଜାବ ଅବସ୍ଥା କହିଲେ ନ ସରେ। ଦଳ ୫ ମ୍ୟାଚରୁ ୪ଟିରେ ପରାଜିତ ହୋଇଛି। କ୍ରମାଗତ ୩ ପରାଜୟ ଲଭିଥିବାରୁ ଦଳର ମନୋବଳ ମଧ୍ୟ ହ୍ରାସ ପାଇଛି। ପଏଣ୍ଟ ଟେବୁଲର ନିମ୍ନରେ ଥିବାରୁ ଅଗାମୀ ମ୍ୟାଚ ଏହି ଦଳପାଇଁ ବହୁ ଗୁରୁତ୍ୱ ରଖୁଛି।

**ଆଇପିଏଲ୍**
(ଗୁରୁବାର ମ୍ୟାଚ୍)
**ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ**
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ





ରବି ବିଷ୍ଣୋଇଙ୍କ ବୋଲିଂ ଉପରେ କୋଚ୍ ଅନିଲ କୁମ୍ବଲେଙ୍କ ନଜର। ଅଭ୍ୟାସ ଅବସରରେ ଟି.ନଟରାଜନ ଓ ସନ୍ଦିପ ଶର୍ମା।

ଅଧିନାୟକ ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲଙ୍କୁ ନେଇ ପଞ୍ଜାବ ଟପ୍ ଅର୍ଡର ଏପର୍ଯ୍ୟନ୍ତ ଭଲ ଖେଳି ଆସିଛି। ଦୁଇ ଖେଳାଳି ଶତକ ହାସଲ କରି ସାରିଛନ୍ତି। ନିକୋଲାସ ପୁରନ ଉପଯୋଗୀ ଅବଦାନ ଦେଉଥିଲେ ହେଁ ଗ୍ଲେନ ମ୍ୟାକ୍ସୱେଲଙ୍କ ବିସ୍ଫୋରକ ବ୍ୟାଟିଂ ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ପ୍ରାୟତଃ ସବୁ ମ୍ୟାଚରେ ଦଳ ଭଲ ବ୍ୟାଟିଂ କରୁଥିଲେ ହେଁ ବୋଲିଂ ବିଭାଗର ନୈରାଶ୍ୟ ଯୋଗୁ ଦଳ ଜିତି ପାରୁନାହିଁ। ମହମ୍ମଦ ସାମିଙ୍କୁ ଛାଡ଼ିଦେଲେ ଅନ୍ୟ ବୋଲରମାନେ ଉଇକେଟ ନେବାରେ ସଫଳ ହେଉ ନାହାନ୍ତି। ଡେଥ୍ ଓଭର ଗୁଡ଼ିକରେ ଅତ୍ୟଧିକ ରନ ବ୍ୟୟ ମଧ୍ୟ ଦଳପାଇଁ ମହଙ୍ଗା ପଡୁଛି। ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ଦଳ ୨୨୩ ରନ କରିଥିଲେ ହେଁ ବୋଲରମାନେ ତାହାକୁ ଡିଫେଣ୍ଡ କରିପାରି ନ ଥିଲେ। ସେହିପରି ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ୧୭୪ ରନ ହୋଇଥିଲେ ହେଁ ପ୍ରତିପକ୍ଷ ଦଳ ୧୪ଟି ବଲ୍ ବାକିଥାଇ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ବୋଲିଂ ବିଭାଗ ଦୁର୍ବଳ ଥିବାରୁ ପଞ୍ଜାବ ପାଇଁ ସନ୍‌ରାଇଜର୍ସର ଜନି ବେୟାରଷ୍ଟୋ, ଡେଭିଡ ୱାର୍ନର, ମନୀଷ ପାଣ୍ଡେ ଓ କେନ୍ ୱିଲିୟମସନଙ୍କୁ ନେଇ ଗଠିତ ଟପ୍ ଅର୍ଡରକୁ ନିୟନ୍ତ୍ରଣରେ ରଖିବା କଷ୍ଟକର ହୋଇପଡ଼ିବ।

ଆରମ୍ଭରେ ମିଡଲ ଅର୍ଡର ଦୁର୍ବଳ ଥିବାରୁ ହାଇଦ୍ରାବାଦ ଦଳ ପ୍ରଥମ ୨ଟି ମ୍ୟାଚ ହାରି ଯାଇଥିଲା। ତେଣୁ ଜଣେ ଅଲରାଉଣ୍ଡରଙ୍କ ସ୍ଥାନରେ କେନ୍ ୱିଲିୟମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବାକୁ ପଡ଼ିଲା। ଅଧିନାୟକ ୱାର୍ନର ୫ମ ବୋଲର ସ୍ଥାନ ପାଇଁ ଅଭିଷେକ ଶର୍ମା ଓ ଅବଦୁଲ ସମଦଙ୍କ ଉପରେ ଭରସା କରି ରିସ୍କ ନେଲେ। ଏହା କାମଦେଲା ଏବଂ ଦଳ କ୍ରମାଗତ ୨ଟି ମ୍ୟାଚରେ ବିଜୟୀ ହେଲା। ଶକ୍ତିଶାଳୀ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ଦଳକୁ ପରାଜୟ ସ୍ୱାଦ ଚାଖିବାକୁ ପଡ଼ିଥିବାବେଳେ ଏବେ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ଅନୁପସ୍ଥିତି ବୋଝ ଉପରେ ନଳିତା ବିଡ଼ା ପରି ହୋଇଛି। ଭୁବନେଶ୍ୱର ଆହତ ସମସ୍ୟା ଯୋଗୁ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ଟି. ନଟରାଜଙ୍କୁ ଛାଡ଼ିଦେଲେ ଦ୍ରୁତ ବୋଲର ସନ୍ଦୀପ ଶର୍ମା ଓ ସିଦ୍ଧାର୍ଥ କାଉଲ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ସମଦ ଅଧିକ ରନ ଦେବାରୁ ଗତ ମ୍ୟାଚରେ ୱିଲିୟମସନଙ୍କୁ ୨ ଓଭର ବୋଲିଂ ସୁଯୋଗ ଦେଇଥିଲେ ୱାର୍ନର। ଏପରି ସ୍ଥିତିରେ ୟର୍କର ସ୍ପେଶାଲିଷ୍ଟ ନଟରାଜନ ଓ ସ୍ପିନର ରଶିଦ ଖାଁଙ୍କ ଉପରେ ଚାପ ବଢୁଛି। ମିଡଲ ଅର୍ଡରକୁ ସ୍ଥିର ରଖାଯିବ କିମ୍ବା ବୋଲିଂ ବିଭାଗକୁ ଶକ୍ତିଶାଳୀ କରାଯିବ ଏହାକୁ ନେଇ ଚିନ୍ତାରେ ରହିଛି ସନ୍‌ରାଇଜର୍ସ। ବୋଲିଂ ବିଭାଗରେ ଦୁଇ ବିକଳ୍ପଭାବେ ଆଫଗାନିସ୍ତାନ ଅଲରାଉଣ୍ଡର ମହମ୍ମଦ ନବି ଓ ୱେଷ୍ଟଇଣ୍ଡିଜର ଫାବିଆନ ଆଲେନ ଅଛନ୍ତି। ମାତ୍ର ଏମାନଙ୍କ ମଧ୍ୟରୁ ଜଣକୁ ଚୟନ କରାଗଲେ ୱିଲିୟମସନଙ୍କୁ ବାହାରେ ବସିବାକୁ ପଡ଼ିବ।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



୰ଡା. ନବୀନ ଚନ୍ଦ୍ର ବେହେରା
ଆବିର୍ଭାବ: ୧୭।୦୬।୧୯୫୧
(ବେଲଟିକିରି, ଢେଙ୍କାନାଳ)
ତିରୋଧାନ: ୩୦।୦୯।୨୦୨୦
(ଭଦ୍ରକ)
ଡାକ୍ତର ହୋଇ 'ଜ୍ଞ'ର ନିଯୁକ୍ତିକୁ ଉପେକ୍ଷା କରି, ଓଡ଼ିଶା ମାଟିର ଦୁଃସ୍ଥ, ଗରିବ ଲୋକଙ୍କ ସେବା କରିବାରେ ତୁମର ପରମ ତୃପ୍ତି ଥିଲା। ପରମାଣୁ ସଂଘଟିତ ପୀଡ଼ିତ ଲୋକମାନଙ୍କ ଆଶୁ ଚିକିତ୍ସା ସମ୍ବନ୍ଧେ ବକ୍ତବ୍ୟ ରଖି ପ୍ରଫେସରମାନଙ୍କ ମନ ଜିଣି 'ନବୀନ' ନାମ ସାର୍ଥକ କରିଥିଲ। ତୁମ ମିଷ୍ଟଭାଷା, ସ୍ନେହ, ଶ୍ରଦ୍ଧା, ଧର୍ମ ପରାୟଣତା ଅନନ୍ୟ।
ସ୍ୱର୍ଗୀୟ ଆତ୍ମାର ନିର୍ବାଣ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାର, ବନ୍ଧୁ ଓ ପ୍ରିୟଜନ
ଧ-୧୮୫୦୩

ଦଶାହ ତିଥିରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶଶୀକଳା ପତି
ଗଙ୍ଗେଶ୍ୱରପୁର ଶାସନ, ଭୁବନେଶ୍ୱର
ଆବିର୍ଭାବ: ୧୯୩୩
ତିରୋଧାନ: ୨୯।୦୯।୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭମାନଙ୍କ ପ୍ରେରଣାର ଉତ୍ସ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ବାବୁଲା, ପ୍ରଶାନ୍ତ, ପ୍ରକାଶ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୧୮୫୨୯



ଦିଶା ପଟାନି

# ସଲ୍ଲୁଙ୍କ ପ୍ରଶଂସାରେ ଦିଶା

ଦିଶା ପଟାନିଙ୍କ ଖୁସି କହିଲେ ନ ସରେ। କାରଣ ନିକଟରେ ସେ ଅଭିନୟ କରୁଥିବା ଆକ୍ସନ-ଥ୍ରୀଲର 'ରାଧେ : ଇୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ର ଶୁଟିଂ ଆରମ୍ଭ ହୋଇଯାଇଛି। ଖାସ୍ କଥା ହେଲା, ଏହି ଫିଲ୍ମର ନାୟକ ସାଜିଛନ୍ତି ସଲମାନ ଖାଁ। ଅସଲ କଥା ହେଲା ଏବେ ସଲମାନ ଓରଫ ସଲ୍ଲୁଙ୍କ ପ୍ରଶଂସାରେ ଦିଶା ଶତମୁଖ। ଅର୍ଥାତ୍, ଯୁଆଡେ ଗଲେ ସେ ତାଙ୍କୁ ପ୍ରଶଂସା କରିବାକୁ ପଛାଉ ନାହାନ୍ତି। ଏ ସମ୍ପର୍କରେ ଦିଶା କହନ୍ତି, 'ସଲମାନଙ୍କ ପରି ଅଭିନେତାଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ମୋତେ ଯେତେବେଳେ ଏହି ଅଫର ମିଳିଲା ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। କରୋନା ପୂର୍ବରୁ ଏହି ଫିଲ୍ମର ଅଳ୍ପ ଶୁଟିଂ ହୋଇଥିଲା। ଆଉ ଏବେ କୋଭିଡ୍ କଟକଣା ଭିତରେ ପୁଣି ଥରେ ନନ୍‌ଷ୍ଟପ ଶୁଟିଂ ଚାଲିଛି। ଶୁଟିଂ ସେଟ୍‌ରେ ସଲମାନଙ୍କ ନିକଟରୁ ଅଭିନୟ ବିଷୟରେ ଅନେକ କଥା ଶିଖିପାରୁଛି। ସତ କହିବାକୁ ଗଲେ ମୋର ଅଭିନୟ ଜୀବନର ଏକ ବଡ ଆଶା ପୂରଣ ହୋଇଛି।' ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ପ୍ରଭୁଦେବା।

# ଦିନ ଗଣୁଛନ୍ତି ନବୀନ

ଖୁବ୍ ଶୀଘ୍ର ଓଲିଉଡ୍‌ରେ ଆଉ ଜଣେ ନବାଗତ ନାୟକ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ ନବୀନ। ଅବଶ୍ୟ ଏହାପୂର୍ବରୁ ସେ ୩ଟି ଭୋଜପୁରୀ ଫିଲ୍ମ ଏବଂ କେତୋଟି ଓଡ଼ିଆ ଆଲବମ୍‌ରେ ଅଭିନୟ କରିସାରିଛନ୍ତି। ହେଲେ ବଡ଼ପରଦାରେ ତାଙ୍କୁ ଏବେ ମିଳିଛି ଏକ ବଡ଼ ବ୍ରେକ୍। କେବଳ ସେତିକି ନୁହେଁ ନିଜର ଡେବ୍ୟୁ ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ସେ। ଫିଲ୍ମଟି ହେଲା 'ଅଫିସର'। ଫିଲ୍ମର କାହାଣୀ ଅନୁସାରେ ଏକ ରାଜ୍ୟରେ ପାଞ୍ଚଜଣ ଅଫିସରଙ୍କ ଭିତରେ ଥାଏ ଅତୁଟ ବନ୍ଧୁତା। ସତେଯେମିତି ସେମାନେ ଗୋଟିଏ ରଜ୍ଜୁରେ ବନ୍ଧା। କାହାର ଅସୁବିଧା ପଡ଼ିଲେ ଏକାଠି ହୋଇ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି। ହେଲେ ହଠାତ୍ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଜୀବନ ଆକାଶରେ କଳା ବାଦଲ ମାଡ଼ିଆସେ। ସେତେବେଳେ ସେମାନଙ୍କ ବନ୍ଧୁତା ଏହାଦ୍ୱାରା ପ୍ରଭାବିତ ହୁଏ କି? ଏହା ପରେ ରାଜ୍ୟ ଚଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପାଞ୍ଚଜଣ ଅଫିସର ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇ ପାରନ୍ତି ତ? ଏସବୁ ପ୍ରଶ୍ନର ଉତ୍ତରକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ଭିନ୍ନ ଧରଣର କାହାଣୀ, ଯାହାକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅଫିସର'। ଅନୀତା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରଭାକର ମହାନ୍ତି। ଡ. ନିର୍ମଳ ନାୟକ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯଜ୍ଞ ଦାଶ। ଫିଲ୍ମର ମେଲ୍ ଲିଡ୍‌ରେ ନବୀନଙ୍କ ନାୟିକା ସାଜିଛନ୍ତି ନଗଜା ନିରଞ୍ଜନା। ଏହି ଯୋଡି ବ୍ୟତୀତ ରୁଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ, ଜଗା, ପ୍ରିନ୍ସ, ରାମ, ନଗଜା ନିରଞ୍ଜନା, ଜିନା, ସୁନୟନା, ସୋନୁ, ଦେବୀ ବାରିକ, ଦେବୁ ବ୍ରହ୍ମା, ଥନ୍, ପ୍ରିୟ ମିଶ୍ର, ପ୍ରିୟଙ୍କା, ରତନ ମେହେର, ମିଟୁ ମିଥୁନ୍ ପ୍ରମୁଖ କଳାକାର ଅଭିନୟ କରିବେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ ନାରାୟଣ ଘଡ଼େଇ। ଫିଲ୍ମର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ନବୀନ-ନଗଜା

# ଭାବପ୍ରବଣ ହୋଇ ପଡ଼ିଥିଲେ ସୁନୀଲ

ସୁନୀଲ ଦତ୍ତ। ନିଜର ଅଭିନୟ ଦକ୍ଷତା ବଳରେ ସେ ଏପର୍ଯ୍ୟନ୍ତ ସିନେପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହିଛନ୍ତି। ବିଶେଷଭାବରେ ଡକାୟତ ଭୂମିକାରେ ତାଙ୍କର ଗେଟ୍‌ଅପ୍ ଏବଂ ଅଭିନୟ ଅନେକଙ୍କ ମନରେ ଏବେ ମଧ୍ୟ ସ୍ମୃତି ହୋଇ ରହିଛି। ଅଭିନୟ କରିବା ପୂର୍ବରୁ ସୁନୀଲ ରେଡିଓ ସିଲୋନ୍‌ରେ ରେଡିଓ ଜକି ଭାବରେ କାମ କରୁଥିଲେ। ସେ ସମୟର ବଲିଉଡ୍ ନାୟିକା ନର୍ଗିସ୍ ଥିଲେ ତାଙ୍କର ମନ ପସନ୍ଦର ଅଭିନେତ୍ରୀ। ଏକଦା ରେଡିଓ ସିଲୋନ୍ ପକ୍ଷରୁ ତାଙ୍କୁ ନର୍ଗିସଙ୍କର ଇଣ୍ଟରଭ୍ୟୁ କରିବାକୁ କୁହାଯାଇଥିଲା। ହେଲେ ଯେତେବେଳେ ନର୍ଗିସଙ୍କୁ ସେ ଦେଖିଲେ ଏତେ ଭାବପ୍ରବଣ ହୋଇପଡିଥିଲେ ଯେ ତାଙ୍କ ପାଟିରୁ କଥା ବାହାରି ନ ଥିଲା। ଫଳରେ ଉକ୍ତ ଇଣ୍ଟରଭ୍ୟୁକୁ ବାତିଲ୍ କରାଯାଇଥିଲା। ପରେ ଏପରି ସମୟ ଆସିଲା ନର୍ଗିସଙ୍କ ସହ ସେ ଅଭିନୟ କରିବାର ସୁଯୋଗ ପାଇଥିଲେ। ବଲିଉଡ୍‌ର ବ୍ଲକ ବଷ୍ଟର ଚଳଚ୍ଚିତ୍ର 'ମଦର ଇଣ୍ଡିଆ'ରେ ନର୍ଗିସଙ୍କ ସହ ଅଭିନୟ କରିବା ସମୟରେ ସେ ତାଙ୍କ ପ୍ରେମରେ ପଡିଯାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିଥିଲେ ସୁନୀଲ।



ସୁନୀଲ ଦତ୍ତ

## ରିଲିଜ ଅପେକ୍ଷାରେ..



ସମ୍ବିତ-ଦେବଯାନୀ

# ଇନ୍ଦ୍ରଜାଲ

ମଣିଷ ଜୀବନରେ ଅନେକ ଘଟଣା ଘଟିଥାଏ। ବେଳେବେଳେ ସେହି ଘଟଣା ମଧ୍ୟରୁ କେତେକ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରେ। ଆଉ ତାହାର ଆଶାତୀତ ଦଣ୍ଡ ଭୋଗିବାକୁ ମଧ୍ୟ ପଡ଼ିଥାଏ। ସେପରି ଏକ ରହସ୍ୟମୟ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଇନ୍ଦ୍ରଜାଲ'। ଆର୍.ଆର୍. ଇଭେଣ୍ଟ୍ସ ବ୍ୟାନରରେ ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପିନୁ ନାୟକ। ଅପରପକ୍ଷରେ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। 'ଇନ୍ଦ୍ରଜାଲ'ର ମୁଖ୍ୟ ଭୂମିକାରେ ସମ୍ବିତ ଆଚାର୍ଯ୍ୟ ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦେବଯାନୀ। ଅନ୍ୟପକ୍ଷରେ ପ୍ରଦ୍ୟୁମ୍ନ ଲେଙ୍କା, ଟୋପି ମିଶ୍ର, ସୁଜିତ ପାଇକରାୟ, ମୁନମୁନ୍, ବନ୍ଦନା, ରାଜଲକ୍ଷ୍ମୀ, ମାନସ, କମଲ ଏବଂ ପୃଥ୍ୱୀରାଜ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟି କେବେ ରିଲିଜ ହେବ ସେ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ଖୁବ୍ ଶୀଘ୍ର ସୂଚନା ଦିଆଯିବ ବୋଲି କହିଛନ୍ତି ଏହାର ପ୍ରଯୋଜକ ରମେଶ ବାରିକ।

# ଜୁଜି ହେଲେଣି ପରିଣିତି



ପରିଣିତି ଚୋପ୍ରା

ପରିଣିତି ଚୋପ୍ରା ନିଜ ବଲିଉଡ୍ କ୍ୟାରିୟରକୁ ନେଇ ବେଶ୍ ସଚେତନ। ଏଣିକି ଯେଉଁ ସିନେମା ସାଇନ୍ କରିବେ ତା' ପୂର୍ବରୁ ସେ ନେଇ ଭଲ ଭାବରେ ଚିନ୍ତା କରିବେ। ଏଣୁତେଣୁ ଗୁଡାଏ ଫିଲ୍ମରେ କାମ କରିବା ଅପେକ୍ଷା ବାଛି ବାଛି ଭଲ ସିନେମାରେ ଅଭିନୟ କରିବାକୁ ସେ ମାଇଣ୍ଡ ମେକ୍‌ଅପ୍ କରିଛନ୍ତି। ଏ ନେଇ ପରିଣିତି କହନ୍ତି, 'ମୋ ଆକ୍ଟିଂ କ୍ୟାରିୟର ପ୍ରତି ମୁଁ ବେଶ୍ ସଚେତନ। ଏଣିକି ଦେଖିଚାହିଁ ଫିଲ୍ମ ସାଇନ୍ କରିବି। ଅସଲ କଥା ହେଲା, ଭଲ କାହାଣୀକୁ ନେଇ ପ୍ରସ୍ତୁତ ହେଉଥିବା ସିନେମା ଏବଂ ସେଥିରେ ମୋ ରୋଲ୍ ଯେପରି ଦମଦାର ହୋଇଥିବ ସେଥିପ୍ରତି ନଜର ଦେବି।' ପରିଣିତିଙ୍କର ଏକ ଅଜବ ସଉକ ରହିଛି। ସେ ନୂଆ ଡିଜାଇନ୍‌ର ଜୋତା ଦେଖିଲେ ତାକୁ କିଣିବାକୁ ପଛାଇ ନ ଥାନ୍ତି। ଆଉ ଏକ କଥା। ସେ କ'ଣ ଖାଇବାକୁ ଭଲ ପାଆନ୍ତି ଜାଣନ୍ତି ? ପିଜା। ଯୁଆଡ଼େ ଗଲେ ସେ ଦୁଇଟି ଜିନିଷ-ଲିପ୍ ବାମ୍ ଏବଂ ଫେସ୍ ୱାସ୍ ନିଜ ବ୍ୟାଗ୍‌ରେ ନେବାକୁ ଭୁଲି ନ ଥାନ୍ତି। ତାଙ୍କର ମନ ପସନ୍ଦର ଅଭିନେତା ହେଲେ ସୈଫ୍ ଅଲ୍ଲୀ ଖାଁ। ଏରୋପ୍ଲେନ୍ ଲ୍ୟାଣ୍ଡିଂ କରିବା ସମୟରେ ତାଙ୍କୁ ଭାରି ଭୟ ଲଗିଥାଏ।

# ଗୋଟିଏ ବର୍ଷରେ ୯୨ଟି ପୁରସ୍କାର



ହ୍ରିତିକ-ଅମିଷା

ରାକେଶ ରୋଶନଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଫିଲ୍ମ 'କହୋନା ପ୍ୟାର୍ ହୈ'ରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ତାଙ୍କର ପୁତ୍ର ହ୍ରିତିକ। ଏହି ସିନେମାଟି ମଧ୍ୟ ଅମିଷା ପଟେଲଙ୍କର ଡେବ୍ୟୁ ସିନେମା ଥିଲା। ୨୦୦୨ରେ ମୁକ୍ତିଲାଭ କରିଥିବା ଏହି ଚିତ୍ର ବଲିଉଡ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ସେହି ବର୍ଷ ଉକ୍ତ ସିନେମା ୯୨ଟି ପୁରସ୍କାର ହାସଲ କରି ରେକର୍ଡ ସୃଷ୍ଟି କରିଥିଲା। ଫିଲ୍ମର କାହାଣୀ, ଉପସ୍ଥାପନା, ସଙ୍ଗୀତ ଏବଂ କଳାକାରଙ୍କର ମନଛୁଆଁ ଅଭିନୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ଏହି ସିନେମା ପୂର୍ବରୁ ବଲିଉଡ୍‌ରେ କୌଣସି ସିନେମା ଗୋଟିଏ ବର୍ଷରେ ଏତେ ସଂଖ୍ୟକ ପୁରସ୍କାର ହାସଲ କରି ନଥିଲା। ଏପରି ସଫଳତା ପାଇଁ 'କହୋନା ପ୍ୟାର୍ ହୈ' ସିନେମାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ପରିସରଭୁକ୍ତ କରାଯାଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅକ୍ଟୋବର ୮/୨୦୨୦ Sambalpur, Thursday, October 8/ 2020




# ବିଜୟ ସହ ତୃତୀୟରେ କୋଲକାତା

**ଆବୁଧାବି, ୭।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବୁଧବାର ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୧୦ ରନରେ ଚେନ୍ନାଇ ସୁପରକିଙ୍ଗ୍ସକୁ ପରାସ୍ତ କରିଛି। କୋଲକାତା ପ୍ରଥମେ ବ୍ୟାଟିଂ କରି ୧୬୭ ରନରେ ଅଲଆଉଟ ହୋଇଥିବାବେଳେ ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୫୭ ରନ କରିବାକୁ ସକ୍ଷମ ହୋଇଥିଲା। ଶେଷ ଓଭରରୁ ବିଜୟ ପାଇଁ ୨୬ ରନ ଆବଶ୍ୟକ ହେଉଥିବାବେଳେ ଚେନ୍ନାଇ ୧୫ ରନ କରିପାରିଥିଲା। ବିଜୟ ସହ କୋଲକାତା ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ପୂର୍ବ ମ୍ୟାଚକୁ ୧୦ ଉଇକେଟରେ ଜିତିଥିବା ଚେନ୍ନାଇ ଏଠାରେ ୩୦ ରନରେ ଓପନର ଫାଫ୍ ଡୁପ୍ଲେସି(୧୭ରନ, ୧୦ ବଲ, ୩ ଚୌକା)ଙ୍କ ଉଇକେଟ ହରାଇଥିଲେ ହେଁ ଶେନ ୱାଟସନ ଓ ଅମ୍ବାତି ରାୟୁଡୁ ଦ୍ୱିତୀୟ ଉଇକେଟରେ ୬୯ ରନର ଭାଗୀଦାରି ଗଢ଼ି ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାରେ ମ୍ୟାଚର ମୋମେଣ୍ଟମରେ ପରିବର୍ତ୍ତନ ହୋଇଥିଲା। ୧୩ତମ ଓଭରରେ ବୋଲିଂ କରିବାକୁ ଆସିଥିବା କମଲେଶ ନାଗରକୋଟି ପ୍ରଥମ ବଲ୍‌ରେ ରାୟୁଡୁଙ୍କୁ ଆଉଟ କରି ଦଳକୁ ବଡ଼ ବ୍ରେକ୍‌ଥ୍ରୁ ଦେଇଥିଲେ। ୨୭ ବଲ୍ ଖେଳିଥିବା ରାୟୁଡୁ ୩ ଚୌକା ସହ ୩୦ ରନ କରିଥିଲେ। ପରେ ୱାଟସନ(୫୦ ରନ, ୪୦ ବଲ, ୬ ଚୌକା, ୧ ଛକା) ଅର୍ଦ୍ଧଶତକ ହାସଲ କରି ଆଉଟ ହେବାରୁ ଚେନ୍ନାଇ ଉପରେ ଚାପ ପଡ଼ିଥିଲା। ଧୋନୀ ୧୨ ବଲ୍‌ରୁ ମାତ୍ର ୧୧ ରନ କରି ପାରିଥିଲେ। କେଦାର ଯାଦବଙ୍କ ଖରାପ ଫର୍ମ ମଧ୍ୟ ଦଳ ପରାଜୟର ଅନ୍ୟତମ କାରଣ ସାଜିଥିଲା। ଡେଥ୍ ଓଭରରେ ସେ ୧୨ ବଲ୍ ଖେଳିଥିଲେ ହେଁ ମାତ୍ର ୭ ରନ ସ୍କୋର କରିଥିଲେ। କୋଲକାତା ପକ୍ଷରୁ କମଲେଶ ନାଗରକୋଟି, ଶିବମ୍ ମାଭି, ସୁନୀଲ ନାରିନ, ବରୁଣ ଚକ୍ରବର୍ତ୍ତୀ ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା କୋଲକାତା। ଏହା ପୂର୍ବରୁ ୨୦୧୫ ମେ'ରେ କୋଲକାତା ଟସ୍ ଜିତି ଶେଷଥରପାଇଁ ବ୍ୟାଟିଂ ନେଇଥିଲା। ଇତିମଧ୍ୟରେ ୩୩ଥର ଟସ୍ ଜିତିଥିଲେ ହେଁ ପ୍ରଥମଥରପାଇଁ ପୁଣି ସେହି ନିଷ୍ପତ୍ତି ନେଇଥିଲା। ଦଳରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲେ ହେଁ ବ୍ୟାଟିଂ କ୍ରମରେ ଅନେକ ପରିବର୍ତ୍ତନ ହୋଇଥିଲା। ଶୁବମନ୍ ଗିଲ୍‌ଙ୍କ ସହ ଓପନ କରିବାକୁ ଆସିଥିଲେ ରାହୁଲ ତ୍ରିପାଠୀ। ପୂର୍ବ ମ୍ୟାଚଗୁଡ଼ିକରେ ଓପନର ଦାୟିତ୍ୱ ତୁଲାଇଥିବା ସୁନୀଲ ନାରିନ ୪ ନମ୍ବରରେ ଆସିଥିଲେ। ଓପନିଂ ଯୋଡ଼ିରେ ୨୬ ବଲ୍‌ରୁ ୩୭ ରନ ଯୋଗ ହେବାପରେ ଶୁବମନ ମାତ୍ର ୧୧ ରନ କରି ଆଉଟ ହୋଇଥିଲେ। ଫର୍ମରେ ଥିବା ନୀତୀଶ ରାଣା ୯, ନାରିନ ୧୭ ଓ ୫ ନମ୍ବରରେ ବ୍ୟାଟିଂ କରିଥିବା ଇଅନ ମୋର୍ଗାନ ୭ ରନରେ ଆଉଟ ହୋଇଥିଲେ। ବିସ୍ଫୋରକ ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ ୨ ରନରେ ଆଉଟ ହେବା ଦଳକୁ ବଡ଼ ଝଟ୍‌କା ପହଞ୍ଚାଇଥିଲା। ଟପ୍ ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ରାହୁଲ ତ୍ରିପାଠୀଙ୍କ ଉପରେ ଚାପ ବଢ଼ାଇଥିଲା। ତେବେ ସେ ଦୃଢ଼ ବ୍ୟାଟିଂ ଜାରିରଖି ଦଳକୁ ସମ୍ମାନଜନକ ସ୍କୋର ପଥରେ ଆଗେଇ ନେଇଥିଲେ। ୫୧ ବଲ୍‌ରୁ ୮ ଚୌକା ଓ ୩ ଛକା ସହାୟତାରେ ୮୧ ରନ କରିଥିବାବେଳେ ରାହୁଲ ଡ୍ୱେନ ବ୍ରାଭୋଙ୍କ ଏକ ୟର୍କର ଖେଳିବାକୁ ଯାଇ ଶର୍ଟ ଥାର୍ଡମ୍ୟାନ ଅଞ୍ଚଳରେ ଶେନ ୱାଟସନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଆଇପିଏଲ୍-୨୦୨୦ରେ ବ୍ରାଭୋଙ୍କର ଏହା ପ୍ରଥମ ଉଇକେଟ ଥିଲା। ଅଧିନାୟକ ଦୀନେଶ କାର୍ତ୍ତିକ ଖରାପ ଫର୍ମ ଜାରି ରଖି ୧୧ ବଲ୍‌ରୁ ମାତ୍ର ୧୨ ରନ କରିପାରିଥିଲେ। ପ୍ୟାଟ୍ କୁମିନ୍ସ ୯ ବଲ୍‌ରୁ ୧୭(୧ ଚୌକା, ୧ ଛକା) ରନରେ ଅପରାଜିତ ରହିବାରୁ କୋଲକାତା ସ୍କୋର ୧୬୭ରେ ପହଞ୍ଚିଥିଲା। ଶେଷ ଓଭରରେ ନାଇଟ ରାଇଡର୍ସ ୩ ଉଇକେଟ ହରାଇଥିଲା। ଚେନ୍ନାଇ ସୁପରକିଙ୍ଗ୍ସ ବୋଲରଙ୍କ ମଧ୍ୟରେ ଡ୍ୱେନ ବ୍ରାଭୋ ସର୍ବାଧିକ ୩ଟି ଏବଂ ଶାର୍ଦ୍ଦୁଲ ଠାକୁର, କର୍ନ ଶର୍ମା ଓ ସାମ୍ କୁରାନ ୨ଟି ଲେଖାଏ ଉଇକେଟ ନେଇଥିଲେ।




ଚେନ୍ନାଇ ସୁପର୍‌କିଙ୍ଗ୍ସ ପକ୍ଷରୁ ପ୍ରଭାବୀ ବୋଲିଂ କରିଥିବା ଶାର୍ଦ୍ଦୁଳ ଠାକୁର ଓ ଡ୍ୱେନ ବ୍ରାଭୋ।

## ରାହୁଲ ତ୍ରିପାଠୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୭/ଅଲଆଉଟ (ରାହୁଲ ତ୍ରିପାଠୀ-୮୧, ବ୍ରାଭୋ-୩/୩୭, କର୍ନ-୨/୨୫, ଶାର୍ଦ୍ଦୁଳ-୨/୨୮, ସାମ୍ କୁରାନ-୨/୨୬)। ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୫୭/୫(ୱାଟସନ-୫୦, ରାୟୁଡୁ-୩୦, ମାଭି-୧/୩୨, ନାଗରକୋଟି-୧/୨୧, ନାରିନ-୧/୩୧, ବରୁଣ-୧/୨୮, ରସେଲ-୧/୧୮)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | +୧.୪୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୬୦ |
| ନାଇଟ ରାଇଡର୍ସ | ୫ | ୩ | ୨ | ୬ | +୦.୦୦୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୩ | ୨ | ୬ | -୧.୩୫୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୨ | ୪ | ୪ | -୦.୩୭୧ |
| ସନ୍‌ରାଇଜର୍ସ | ୫ | ୨ | ୩ | ୪ | -୦.୪୧୭ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୮୨୬ |
| କିଙ୍ଗ୍ସ ଇଲେଭେନ | ୫ | ୧ | ୪ | ୨ | +୦.୧୭୮ |




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ